(ପୃଷ୍ଠା–୧୨+୮)

# ଧରିତ୍ରୀ
# DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, October 20/2023 | Page 20 | ₹ 7.00

୪୯ଶ ଭାଗ ୩୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 326 | ମୂଲ୍ୟ ₹୭/-



50 years of Trust

No.1 Odisha RETAIL Chain Brand

GD Symbol of Trust

# GUPTA DISTRIBUTORS

MOBILE, CAMERA, LAPTOP, ELECTRONICS, HOME APPLIANCES & FURNITURES

FESTIVE SALE

HURRY LIMITED PERIOD OFFER

COST TO COST DHAMAKA

CHECK OUR PRICE, BEFORE YOU BUY

PICK ANY GIFT ON PURCHASE OF Rs.10,000/- AND ABOVE

DOUBLE BED SHEET MRP - 1999/- @500/-

ELECTRIC KETTLE 1.8ltr MRP - 1399/- @500/-

EGG BOILER MRP - 699/- @300/-

ADDITIONAL ASSURED GIFT ON EVERY PURCHASE

FREE GIFT: SAMSUNG* TOP LOAD 10KG | SAMSUNG* GALAXY S23 | VIP* STROLLEY | SOUND BAR* | BOROSIL DINNER SET | Buy an OLED & Bring Home a 43 inch Google TV* | & MANY MORE OFFER

0 EASY FINANCE DOWN PAYMENT INTEREST | 1 EMI OFF | 5 YEAR ASK FOR EXTENDED WARRANTY | EXCHANGE OFFER | UPTO 15 YEAR WARRANTY* | ASSURED CASHBACK OF UP TO 1,00,000/-* | ASSURED EXCLUSIVE GIFT COUPONS WORTH AROUND Rs. 25,000/-

ADDITIONAL GIFT TO ALL EMI CARD HOLDER | HDFC BANK We understand your world 0 DOWN PAYMENT 30 EMI | IDFC FIRST Bank 10% CASHBACK UPTO Rs.15,000/- | HDB FINANCIAL SERVICES 10% CASHBACK UPTO Rs.10,000/-

LED TV PRICE START ₹7490/- | REFRIGERATOR PRICE START ₹11190/- | AIR CONDITION PRICE START ₹28900/- | WASHING MACHINE PRICE START ₹7990/- | MICROWAVE OVEN PRICE START ₹6990/- | MOBILE Smartphones at EASY no cost EMI | LAPTOP PRICE START ₹29990/- | CAMERA PRICE START ₹42990/- | ACCESSORIES | HOME APPLIANCES

## HOME & OFFICE FURNITURE

UPTO........... 60% OFF*

HYDRAULIC STORAGE BEDS | 4 SEATER DINING | LCD UNITS | CENTER TABLES WITH MARBLE TOP | WITHOUT STORAGE BEDS | CUSHION HEAD BOARD BEDS | OFFICE TABLE | SPD DINING SETS | DRESSING TABLES | DIWANS | SIDE BOARD UNITS | PREMIUM DINING SETS | SHOE RACKS | STUDY TABLES | LCD UNITS | COFFEE SETS

FREE DELIVERY WITHIN 20 KMS | EASY FINANCE AVAILABLE | GIFT ON EVERY PURACHASE | EXCHANGE FACILITY AVAILABLE
MARRIAGE EXCLUSIVE OFFER ALSO AVAILABLE | FREE INSTALLATION WITHIN MUNICIPALITY AREA

Furniture Available at PATRAPARA (BBSR), CDA (CUTTACK), KALAPATHAR, JAGATSINGHPUR, NIMAPADA, NAYAGARH, BALUGAON, PARADEEP, ATHAGARH, JAJPUR TOWN, ANGUL, PURI & CHANDIKHOLE

FINANCE PARTNER: BAJAJ FINSERV | IDFC FIRST Bank | HDFC BANK We understand your world | HDB FINANCIAL SERVICES

ALL CREDIT & DEBIT CARDS ACCEPTABLE

UP TO 5% INSTANT DISCOUNT* SBI card

*Min. Trxn.: ₹25,000; Max. Discount: ₹4,000 per card. Also valid on EMI Trxns. Validity: 15 Oct - 13 Nov 2023. T&C Apply.

WIDECARE SECURE YOUR PRODUCT WITH EXTENDED WARRANTY

LG | SONY | SAMSUNG | Panasonic | Kelvinator | Godrej | Whirlpool | HITACHI Inspire the Next | VOLTAS | BLUE STAR | DAIKIN | Haier | Carrier | LLOYD | IFB | ONEPLUS | oppo | vivo | DELL | hp | ASUS | EUREKA FORBES | BAJAJ | BOSCH | KUTCHINA | CG Cine Gold | HAVELLS | Nikon | Canon

BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, HANSPAL, Puri Canal Road, Near Hanuman Mandir, Mob: 7735455009, SAMANTARAPUR - NEAR Sanjeevani Medicare Hospital, ASIDE HANUMAN MANDIR, Mob: 9692316302, PATRAPARA – Plot No: 283/2979, Near ICICI Bank, Mob: 7008989313, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Square,Grand Road, Mob: 7008989310, JATNI- Near Axis bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301, ATHAGARH – Birakishorpur, Athagarh, Mob: 9692316303

*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK/CREDIT CARD, Depending on Purchase Value/Under Extended Warranty Scheme*

| | |
|---|---|
| ✷ ଗୁପ୍ତା ଡ଼ିଷ୍ଟ୍ରିବ୍ୟୁଟର୍ସ ର ଶୁଭାରମ୍ଭ କେଉଁ ମସିହାରେ ହୋଇଥିଲା ? | ☐୧୯୭୦ ☐୧୯୮୩ ☐୧୯୭୨ |
| ✷ ଅନୁଷ୍ଠାନର ମୁଖ୍ୟ ପରିଚାଳକଙ୍କ ନାମ କ'ଣ ? | ☐ପି. ଗୁପ୍ତା ☐ଆର୍. ଗୁପ୍ତା ☐ଡି. ଗୁପ୍ତା |
| ✷ ସାରା ଓଡ଼ିଶାରେ କେତେଗୋଟି ଶାଖା ରହିଅଛି ? | ☐୧୫ ☐୨୮ ☐୨୨ |
| ✷ ଗୁପ୍ତାର ପ୍ରଥମ ଷ୍ଟୋର କେଉଁଠାରେ ହୋଇଥିଲା ? | ☐କଟକ ☐ଭୁବନେଶ୍ୱର ☐ନୟାଗଡ଼ |

ଏହି କୁପନଟି ସଠିକ୍ ଉତ୍ତର ସହିତ ପୂରଣ କରି, ନିକଟତମ ଗୁପ୍ତା ଡ଼ିଷ୍ଟ୍ରିବ୍ୟୁଟର ଶାଖାରେ ଥିବା LUCKY DRAW BOX ରେ ପକାଇ ଉପହାର ମାନ ଜିତନ୍ତୁ ।

Mob: ..........................................

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ | Bhubaneswar, Friday, October 20/2023 | ପୃଷ୍ଠା-୧


ଘରୋଇ ବସ୍ ସଂଘ ପକ୍ଷରୁ ବନ୍ଦ ଡାକରା ଦେବା ପରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଗୁରୁବାର ଗନ୍ତବ୍ୟସ୍ଥଳକୁ ଯିବା ଲାଗି ଯାତ୍ରୀଙ୍କ ପ୍ରବଳ ଭିଡ଼।

## ପାଣି ଡେକ୍‌ଚିରେ ପଡ଼ି ଶିଶୁକନ୍ୟାର ମୃତ୍ୟୁ

ରେଢ଼ାଖୋଲ,୧୯।୧୦
(ଅଚ୍ୟୁତାନନ୍ଦ ପୁରୋହିତ)

ଏକ ଅଭାବନୀୟ ଘଟଣାକ୍ରମେ ଗୁରୁବାର ପାଣିଡେକ୍‌ଚିରେ ପଡ଼ି ୨ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲା ରେଢ଼ାଖୋଲ ସହରରେ ଘଟିଛି ଏହି ଘଟଣା। ସୂଚନାକ୍ରମେ ରେଢ଼ାଖୋଲ ସହର ଦେହୁରିସାହିର ବିବେକା ବେଉରାଙ୍କ ୨ବର୍ଷର ଶିଶୁକନ୍ୟା ନବ୍ୟା ନିବେଦିତା ସକାଳେ ଘରେ ଖେଳୁଥିବା ବେଳେ ଏକ ପାଣିଡେକ୍‌ଚି ଭିତରେ ପଡିଯାଇଥିଲା। ସେତେବେଳେ କେବଳ ☞ପୃଷ୍ଠା-୨




# ଗଠନ ହେବ ୩ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

ପୁରାତନ ଐତିହ୍ୟ, ସଂସ୍କୃତି, ବିଭିନ୍ନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ତଥା ଗ୍ରନ୍ଥାଗାରଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାର ୩ଟି ନୂତନ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରିବେ। ସେଗୁଡ଼ିକ ହେଲା ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ, ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ। ଉକ୍ତ ନିର୍ଦ୍ଦେଶାଳୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ଉକ୍ତ ନିର୍ଦ୍ଦେଶାଳୟ ଗଠନକୁ ଅନୁମୋଦନ କରାଯାଇଛି।

ଐତିହ୍ୟ କ୍ୟାବିନେଟ୍‌ର ପ୍ରଥମ ବୈଠକ ନିଷ୍ପତ୍ତି ଅନୁଯାୟୀ ସର୍ବସାଧାରଣ ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ ଗଠନକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଦେଶର ବିଭିନ୍ନ ରାଜ୍ୟରେ ଗ୍ରନ୍ଥାଗାରଗୁଡ଼ିକର ପରିଚାଳନା ନିମିତ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ରହିଛି। ରାଜ୍ୟ ସର୍ବସାଧାରଣ ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ ଗଠନ ହେଲେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ବିଭିନ୍ନ ଜିଲାରେ ଥିବା ଜିଲା ଗ୍ରନ୍ଥାଗାର ଓ ବ୍ଲକସ୍ତରୀୟ ବିଭିନ୍ନ ଗ୍ରାମୀଣ ଗ୍ରନ୍ଥାଗାରଗୁଡ଼ିକର ସୁପରିଚାଳନା ହୋଇପାରିବ।

ଏହି ନୂତନ ନିର୍ଦ୍ଦେଶାଳୟ ନିମନ୍ତେ ଆବଶ୍ୟକ ପଦବୀ ସୃଷ୍ଟିକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ନିର୍ଦ୍ଦେଶାଳୟ ପାଇଁ ଗ୍ରନ୍ଥାଗାରିକ ସେବା ସଂବର୍ଗ ସୃଷ୍ଟି ସହିତ ସହକାରୀ ଗ୍ରନ୍ଥାଗାରିକ, ଉପଗ୍ରନ୍ଥାଗାରିକ, ସହନିର୍ଦ୍ଦେଶକ/ଗ୍ରନ୍ଥାଗାରିକ, ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ତଥା ମୁଖ୍ୟ ଗ୍ରନ୍ଥାଗାରିକ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଓ ସର୍ବସାଧାରଣ ଗ୍ରନ୍ଥାଗାର ନିର୍ଦ୍ଦେଶକ ଇତ୍ୟାଦି ପଦବୀ ସୃଷ୍ଟି କରାଯାଇଛି।

ଦ୍ୱିତୀୟ ଐତିହ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଗଠନ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଓଡ଼ିଶାର ବହୁ ପୁରାତନ ମନ୍ଦିର ଓ ବିଭିନ୍ନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ଆବିଷ୍କୃତ ହୋଇସାରିଥିବା ବେଳେ ଏବେ ମଧ୍ୟ ବିଭିନ୍ନ କୀର୍ତ୍ତିରାଜି ଆବିଷ୍କୃତ ହେଉଛି। ସ୍ୱତନ୍ତ୍ର ରାଜ୍ୟ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ସ୍ଥାପନ ହେଲେ ଓଡ଼ିଶାର କୋଣ ଅନୁକୋଣରୁ ଆବିଷ୍କୃତ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିଗୁଡିକର ସଂରକ୍ଷଣ ହୋଇପାରିବ। ଏହି ନୂତନ ନିର୍ଦ୍ଦେଶାଳୟ ନିମନ୍ତେ ଆବଶ୍ୟକ ପଦବୀ ସୃଷ୍ଟି ପାଇଁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ନିର୍ଦ୍ଦେଶାଳୟ ପାଇଁ ସହକାରୀ ସଂଗ୍ରାହକ, ସଂଗ୍ରାହକ/ସହନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ତଥା ଅଧୀକ୍ଷକ, ରାଜ୍ୟ ପ୍ରତ୍ନତତ୍ତ୍ୱ ଓ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ଏହି ନିର୍ଦ୍ଦେଶାଳୟ ନିମନ୍ତେ ଏକ ସ୍ୱତନ୍ତ୍ର ଯାନ୍ତ୍ରିକ ଶାଖା ମଧ୍ୟ ସୃଷ୍ଟି ହୋଇଛି। ଓଡ଼ିଶାରେ ବହୁ ପୁରାତନ ମନ୍ଦିର ତଥା ବିଭିନ୍ନ ସମୟର ପ୍ରତ୍ନତତ୍ତ୍ୱ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି ଓ ବର୍ତ୍ତମାନ ମଧ୍ୟ ବିଭିନ୍ନ କୀର୍ତ୍ତିରାଜିର ଆବିଷ୍କାର ହେବାକୁ ଅଛି। ସେସବୁର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ନିମିତ୍ତ ଏହି ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ।

ସେହିପରି ତୃତୀୟ ଐତିହ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ସ୍ୱତନ୍ତ୍ର ସଂଗ୍ରହାଳୟ (ମ୍ୟୁଜିୟମ) ନିର୍ଦ୍ଦେଶାଳୟ ଗଠନ କରିବା ପ୍ରସ୍ତାବକୁ ମଧ୍ୟ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟରେ ସଂଗ୍ରହାଳୟଗୁଡ଼ିକର ପରିଚାଳନା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ରହିଛି। ସେହିପରି ଓଡ଼ିଶାର ବିଭିନ୍ନ ସମୟରେ ଆବିଷ୍କୃତ ସମୃଦ୍ଧ ☞ପୃଷ୍ଠା-୨

### କ୍ୟାବିନେଟ ନିଷ୍ପତ୍ତି

ଐତିହ୍ୟ, ସଂସ୍କୃତି, ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ହେବ ସୁରକ୍ଷା

### ଆଜିର ସମ୍ପାଦକୀୟ

ପୃଥିବୀ ବଞ୍ଚିରହୁ






**ଆଜିର ମନ୍ତବ୍ୟ**
ନିର୍ବାଚନ ସମୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ଆୟକର ବିଭାଗ ପକ୍ଷରୁ ବିପକ୍ଷ ନେତାଙ୍କ ବିରୋଧରେ ଚଢ଼ାଉ ବେଳେ ଆଦର୍ଶ ଆଚରଣବିଧି ପାଳନ କରାଯିବା ଉଚିତ୍। ପ୍ରଧାନମନ୍ତ୍ରୀ ଓ ନିର୍ବାଚନ କମିଶନ ୨ଏଜେନ୍ସିକୁ ରୋକନ୍ତୁ। **-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡର କାହାକୁ ଭୟ କାହାକୁ**
**ଠାକୁର ଅଛନ୍ତି ଚଉ ବାହାକୁ।**

ଈଶ୍ୱର ସର୍ବତ୍ର ବିଦ୍ୟମାନ। ଈଶ୍ୱରଙ୍କଠାରେ ଆସ୍ଥା ରଖିଥିବା ବ୍ୟକ୍ତି ତାଙ୍କର ସାନ୍ନିଧ ଓ କୃପା ଲାଭ କରୁଥିବାବେଳେ ସେ ଆଶ୍ରିତ ପ୍ରାଣୀଙ୍କୁ ସକଳ ବିପଦରୁ ଉଦ୍ଧାର କରିଥାନ୍ତି। ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡରୁ ଯଦି କରୁ କାହିଁକି ?**
**କରୁ ଯଦି ଡରୁ କାହିଁକି ?**

କାମ ଆରମ୍ଭ କରିବା ପୂର୍ବରୁ ବା କରିସାରିବା ପରେ ମନରେ ଯଦି ଫଳାଫଳକୁ ନେଇ ସେଭଳି କିଛି ଡର ବା ଭୟ ରହୁଥାଏ, ତେବେ ସେପରି କାମରୁ ନିବୃତ୍ତ ରହିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କାରଣ ଡରି ଡରି କାମ କରିବା ବା କାମ କରିସାରିବା ପରେ ଡରିବାର ମାନେ କିଛି ରହି ନ ଥାଏ। ଅବସ୍ଥା ଚକ୍ରରେ ଭୟର ସମ୍ମୁଖୀନ ହୋଇ ଦ୍ୱନ୍ଦ୍ୱରେ ପଡ଼ିଥିବା ବ୍ୟକ୍ତିର ଦୟନୀୟ ସ୍ଥିତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ୪ ଦିନର ଶିଶୁ ବଞ୍ଚାଇଲା ୬ ଜୀବନ




# କଟକ, କେନ୍ଦ୍ରାପଡ଼ା ଜିଲାର ୮,୭୦୪ ପ୍ରକଳ୍ପ ପାଇଁ ୩୧୧ କୋଟି ମଞ୍ଜୁର

**ଭୁବନେଶ୍ୱର,୧୯।୧୦(ଅନିଲ ଦାସ)**

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଓ କେନ୍ଦ୍ରାପଡ଼ା ଜିଲାରେ ଶୁଭାରମ୍ଭ କରିଛନ୍ତି। କଟକ ଏବଂ କେନ୍ଦ୍ରାପଡ଼ା ଜିଲାର ୧୩ ନିର୍ବାଚନମଣ୍ଡଳୀର ୮,୭୦୪ ପ୍ରକଳ୍ପ ପାଇଁ ୩୧୧କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଜନ ଅଭିଯୋଗ ଶୁଣାଣି ଭିତ୍ତିରେ ଏହି ଦୁଇ ଜିଲାର ୫୩ ବିକାଶମୂଳକ ପ୍ରକଳ୍ପ ପାଇଁ ୩୫୬କୋଟି ଟଙ୍କା ମଞ୍ଜୁର କରାଯାଇଛି। ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ହିସାବରେ କଟକ ଜିଲାର ୮ଟି ନିର୍ବାଚନମଣ୍ଡଳୀକୁ ମିଳିଛି ୧୮୬ କୋଟି ୫୦ ଲକ୍ଷ ଟଙ୍କା। ବଡ଼ମ୍ବା, ଚୌଦ୍ୱାର-କଟକ, ବାଙ୍କୀ, ଆଠଗଡ଼, ନିଆଳି, କଟକ ସଦର, ସାଲେପୁର ଓ ମାହାଙ୍ଗା ନିର୍ବାଚନମଣ୍ଡଳୀର ୩୭୩ ଗ୍ରାମ ପଞ୍ଚାୟତରେ ୫,୩୫୧ଟି ପ୍ରକଳ୍ପ ହେବ। ସେହିପରି କେନ୍ଦ୍ରାପଡ଼ା ଜିଲାର ୫ଟି ନିର୍ବାଚନମଣ୍ଡଳୀ ପାଇଁ ୧୨୪ କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ମହାକାଳପଡ଼ା, କେନ୍ଦ୍ରାପଡ଼ା, ପାଟକୁରା, ରାଜନଗର ଓ ଆଳି ନିର୍ବାଚନମଣ୍ଡଳୀର ୨୪୯ ଗ୍ରାମପଞ୍ଚାୟତରେ ୩,୩୫୩ଟି ପ୍ରକଳ୍ପ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଗାଁରେ ଇଣ୍ଟରନେଟ୍ ସଂଯୋଗ ସହ ବିଜ୍ଞାନ ପାର୍କ ହେବ। ଦକ୍ଷତା ବିକାଶ କେନ୍ଦ୍ର ଏବଂ ୱାର୍କସ ହବ୍ ହେବ। ଏଥିସହ ବ୍ୟାଙ୍କିଂ ସୁବିଧା ମିଳିବ। ଏହି କାର୍ଯ୍ୟକ୍ରମରେ ଗାଁର ପ୍ରାଥମିକ ସ୍କୁଲଗୁଡ଼ିକ ମଧ୍ୟ ସାମିଲ ହେବ। ଏହା ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡ଼ିଶାର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର

## ଆମ ଓଡ଼ିଶା ନବୀନ ଓଡ଼ିଶା

### ଗ୍ରାମାଞ୍ଚଳ ପାଇଁ ଅପାର ସୁଯୋଗ ଆଣିବ 'ଆମ ଓଡ଼ିଶା ନବୀନ ଓଡ଼ିଶା': ମୁଖ୍ୟମନ୍ତ୍ରୀ




ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୫-ଟି ସଚିବ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଯୋଗୁ ଓଡ଼ିଶାର ଗାଁଗୁଡ଼ିକ ବିକାଶର କେନ୍ଦ୍ର ହେବ। ଗାଁ ଲୋକଙ୍କୁ ଆଉ ସହର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ତାଙ୍କ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳ ପାଇଁ ଯେଉଁ ଯେଉଁ ପ୍ରକଳ୍ପ ସବୁ ମଞ୍ଜୁର କରିଛନ୍ତି, ସେ ସମ୍ପର୍କରେ ପାଣ୍ଡିଆନ ସୂଚନା ଦେଇଥିଲେ।

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଲୋକଙ୍କ ପ୍ରସ୍ତାବିତ ପ୍ରକଳ୍ପ ଓ ଆବଶ୍ୟକତାକୁ ଦେଖି ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। କଟକ ଜିଲାର ବଡ଼ମ୍ବା ଅଞ୍ଚଳରେ ସାତକୋଶିଆ ଜୈବବିବିଧତା ପର୍ଯ୍ୟଟନ କେନ୍ଦ୍ର ପାଇଁ ୯.୮୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ମା' ପ୍ରଗଳା ପୀଠ ପାଇଁ ୫.୨୭ କୋଟି, ମା' ଭଟ୍ଟାରିକା ପୀଠ ପାଇଁ ୮.୫୭ କୋଟି, ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଡାଏଲିସିସ୍ କେନ୍ଦ୍ର ପାଇଁ ୧୫.୬୬ କୋଟି, ବଡ଼ମ୍ବା ମୋହନ ସୁବୁଦ୍ଧି ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ନରସିଂହପୁର ଜୁନିୟର କଲେଜ ପାଇଁ ୧.୨୫ କୋଟି, କାନପୁର ଆଞ୍ଚଳିକ ମହାବିଦ୍ୟାଳୟ ପାଇଁ ୧.୨୫ କୋଟି, ବାଣେଶ୍ୱରୀ ପର୍ଯ୍ୟଟନ କ୍ଷେତ୍ର ପାଇଁ ୧.୮୦ କୋଟି, ନରସିଂହପୁର ଆମ ହସ୍ପିଟାଲ ପାଇଁ ୪.୧୬ କୋଟି ଟଙ୍କା ମଞ୍ଜୁର ହୋଇଛି । ସେହିପରି ବାଙ୍କୀ ଅଞ୍ଚଳରେ ମା' ଚର୍ଚ୍ଚିକା ପୀଠ ଉନ୍ନତୀକରଣ ପାଇଁ ୧୧.୦୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ବାଙ୍କୀ ସ୍ୱୟଂଶାସିତ ଡିଗ୍ରୀ କଲେଜ ପାଇଁ ୧.୫୦ କୋଟି, କଳାପଥର ଧଳାପଥର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୦.୫୦ କୋଟି, ଅଂଶୁପା ଡିଗ୍ରୀ କଲେଜ ପାଇଁ ୦.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଆଠଗଡ଼ ଅଞ୍ଚଳରେ ବାବା ଧବଳେଶ୍ୱର ମନ୍ଦିର ପାଇଁ ୧୭.୫୦ କୋଟି, ସାପୁଆ ନଦୀର ସେତୁ ପାଇଁ ୬.୧୪ କୋଟି, ଗୋପବନ୍ଧୁ ଡିଗ୍ରୀ ବିଜ୍ଞାନ କଲେଜ ପାଇଁ ୧ କୋଟି, ନୂଆପାଟଣା ଚୈତନ୍ୟ ସାହୁ ଯୁକ୍ତ୨ କଲେଜ ପାଇଁ ୦.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି । ନିଆଳି ଅଞ୍ଚଳରେ ମାଧବାନନ୍ଦ ଜୀଉ ମନ୍ଦିର ପାଇଁ ୪.୮୪ କୋଟି, ଗୋବିନ୍ଦପୁର ଡିଗ୍ରୀ କଲେଜ ପାଇଁ ୧.୫୦ କୋଟି, ବ୍ରାହ୍ମଣଝରିଲୋ ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ଦୋଳଗୋବିନ୍ଦ ବ୍ରଜ କିଶୋର ଡିଗ୍ରୀ କଲେଜ କସର୍ଦ୍ଦା ପାଇଁ ୧ କୋଟି, ଅଡ଼ଶପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଇଁ ୧.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। କଟକ ସଦର ଅଞ୍ଚଳରେ ନେମାଳ ଅଚ୍ୟୁତାନନ୍ଦ ଦାସ ପୀଠ ପାଇଁ ୨୩.୦୩ କୋଟି, ପରମହଂସ ପୀଠର ଉନ୍ନତୀକରଣ ପାଇଁ ୪.୯୬ କୋଟି, ଚିତ୍ରୋତ୍ପଳା ନଦୀ ଉପରେ ସେତୁ ପାଇଁ ୫୩.୦୪ କୋଟି, କନ୍ଦରପୁର ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଛି । ସେହିପରି ସାଲେପୁର ଅଞ୍ଚଳରେ ମଧୁବାବୁଙ୍କ ଜନ୍ମସ୍ଥଳୀର ବିକାଶ ପାଇଁ ୨୧.୦୨ କୋଟି, ସାଲେପୁର ସ୍ୱୟଂଶାସିତ କଲେଜ ପାଇଁ ୧.୫୦ କୋଟି, ବହୁଗ୍ରାମ କଲେଜ ପାଇଁ ୨ କୋଟି, ଟାଙ୍ଗୀ ମହାବିଦ୍ୟାଳୟ ପାଇଁ ୦.୫୦ କୋଟି, ଟାଙ୍ଗୀଠାରେ ଆମ ହସ୍ପିଟାଲ ପାଇଁ ୩.୬୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଏହିପରି କଟକ ଜିଲାରେ ସମୁଦାୟ ୩୨ଟି ପ୍ରକଳ୍ପ ପାଇଁ ୨୧୩.୫୫ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ୫-ଟି ସଚିବ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳରେ ମା' ରାମଚଣ୍ଡୀ ମନ୍ଦିର ପାଇଁ ୫.୮୭ କୋଟି, ଜମ୍ବୁ ଲକ୍ ଏରିଆ ସୌନ୍ଦର୍ଯ୍ୟକରଣ ପାଇଁ ୭.୫୦ କୋଟି, ମାର୍ଶାଘାଇ ଡିଗ୍ରୀ କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲ ପାଇଁ ୨ କୋଟି, ବାୟାବାବା ଡିଗ୍ରୀ କଲେଜ ପାଇଁ ୧ କୋଟି, ହୁକିଟୋଲା ପର୍ଯ୍ୟଟନ କ୍ଷେତ୍ର ପାଇଁ ୧.୮୭ କୋଟି ଟଙ୍କା ମଞ୍ଜୁର ହୋଇଛି। କେନ୍ଦ୍ରାପଡ଼ା ଅଞ୍ଚଳରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲ ପାଇଁ ୨.୭୫ କୋଟି, ତୁଳସୀ ମହିଳା ମହାବିଦ୍ୟାଳୟ ପାଇଁ ୧.୭୫ କୋଟି, ବିରୂପା କଲେଜ ପାଇଁ ୧ କୋଟି, ବଳଦେବ ଜୀଉ ମନ୍ଦିର ପାଇଁ ୫.୯୫ କୋଟି ଟଙ୍କା ମଞ୍ଜୁର ହୋଇଛି। ପାଟକୁରା ଅଞ୍ଚଳରେ ଦଧିବାମନ ଜୀଉ ପାଇଁ ୪.୯୬ କୋଟି, ଲୋକନାଥ ଡିଗ୍ରୀ କଲେଜ ଓ ଉଚ୍ଚମାଧ୍ୟମିକ ସ୍କୁଲ ପାଇଁ ୨ କୋଟି, କରିଲୋପାଟଣା ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, କରିଲୋପାଟଣା ଉଚ୍ଚମାଧ୍ୟମିକ ସ୍କୁଲ ପାଇଁ ୧ କୋଟି, ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପ୍ ଲାଗି ୦.୨୫ କୋଟି ଟଙ୍କା ମଞ୍ଜୁର ହୋଇଛି । ରାଜନଗର ଅଞ୍ଚଳରେ ସାତଭାୟା ଲୋକଙ୍କ ଥଇଥାନ ପାଇଁ ୨୨.୫୨ କୋଟି, କେରଡ଼ାଗଡ଼ ବାୟାବାବା ମଠ ପାଇଁ ୪.୯୬ କୋଟି, ବଗପାଟିଆ ପଞ୍ଚୁବରାହୀ ମନ୍ଦିର ପାଇଁ ୪.୯୪ କୋଟି, କେରଡ଼ାଗଡ଼ ଜଗନ୍ନାଥ ମନ୍ଦିର ପାଇଁ ୩.୦୩ କୋଟି, ବ୍ରାହ୍ମଣୀ ସେତୁ ପାଇଁ ୫୯.୮୭ କୋଟି ଟଙ୍କା ମଞ୍ଜୁର ହୋଇଛି। ଆଳି ଅଞ୍ଚଳରେ ଲକ୍ଷ୍ମୀବରାହ ଜୀଉ ମନ୍ଦିର ପାଇଁ ୭.୯୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି କେନ୍ଦ୍ରାପଡା ଜିଲାରେ ୨୧ଟି ପ୍ରକଳ୍ପ ପାଇଁ ୧୪୨.୪୩ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ୫-ଟି ସଚିବ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲାର ସିକିମ୍ ରୟତମାନଙ୍କୁ ଖୁବ୍‌ଶୀଘ୍ର ଜମିପଟ୍ଟା ଦିଆଯିବ । ଏହା ଦ୍ୱାରା ଜିଲାର ୫୦ ହଜାର ପରିବାର ଉପକୃତ ହେବେ। ସେମାନଙ୍କ ଦୀର୍ଘଦିନର ସମସ୍ୟା ଦୂର ହେବ ବୋଲି ପାଣ୍ଡିଆନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଶଶିଭୂଷଣ ବେହେରା, ସାବିତ୍ରୀ ଅଗ୍ରୱାଲ, ଧ୍ରୁବଚରଣ ସାହୁ, ଦେବୀ ପ୍ରସାଦ ମିଶ୍ର, ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ପ୍ରମୋଦ ମଲ୍ଲିକ, ଚନ୍ଦ୍ର ସାରଥି ବେହେରା, ପ୍ରଶାନ୍ତ ବେହେରା, ପ୍ରତାପ ଜେନା, ଜିଲା ପରିଷଦ ସଭାପତି, ସଦସ୍ୟଗଣ, ବ୍ଲକ ଚେୟାରମ୍ୟାନ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗନେଇ ଗାଁ ଗାଁରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଛନ୍ତି। ସେମାନେ କହିଥିଲେ, ଗତ ୨୩ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଓଡ଼ିଶାରେ ନିରନ୍ତର ବିକାଶ ଚାଲିଛି। ଏହି କାର୍ଯ୍ୟକ୍ରମରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ ଭଉଣୀଙ୍କ ଆଶୀର୍ବାଦ ନେଲେ ରାଜ୍ୟପାଳ ରଘୁବର ଦାସ



**ଭୁବନେଶ୍ୱର,୧୯।୧୦(ବ୍ୟୁରୋ)**

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ରଘୁବର ଦାସ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସ୍ଥାନରେ ରଘୁବରଙ୍କୁ ଅବସ୍ଥାପିତ କରାଯାଇଛି। ରଘୁବରଙ୍କୁ ରାଜ୍ୟପାଳଭାବେ ନିଯୁକ୍ତ କରାଯିବା ପରେ ତାଙ୍କୁ ସବୁଆଡ଼ୁ ଶୁଭେଚ୍ଛା ଏବଂ ଅଭିନନ୍ଦନର ସୁଅ ଛୁଟୁଛି। ଝାଡ଼ଖଣ୍ଡର ଭାଜପା ନେତାମାନେ ରଘୁବରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅପରପକ୍ଷରେ ପରମ୍ପରା ଅନୁଯାୟୀ ରଘୁବର ଗୁରୁବାର ବଡ଼ଭଉଣୀଙ୍କଠାରୁ ଆଶୀର୍ବାଦ ନେଇଛନ୍ତି। ସାନ ଭାଇର ମଥାରେ ଚନ୍ଦନ, ସିନ୍ଦୂର ଲଗାଇ ଦୀପ ବନ୍ଦାପନା କରିଛନ୍ତି ବଡ଼ ଭଉଣୀ।

ଏହି ଅବସରରେ ରଘୁବର ପୁରୁଣା ଦିନର ସଂଘର୍ଷମୟ ସ୍ମୃତିକୁ ମନେ ପକାଇଛନ୍ତି। ଏଥିସହ ସେ ନିଜକୁ ଭାଗ୍ୟବାନ ବୋଲି ମନେ କରିଛନ୍ତି। ଟାଟା ଷ୍ଟିଲରେ ଜଣେ ସାଧାରଣ କର୍ମଚାରୀ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ରଘୁବର ପରବର୍ତ୍ତୀ ସମୟରେ ରାଜନୀତିରେ ପ୍ରବେଶ କରିବା ସହ ବିଭିନ୍ନ ଦାୟିତ୍ୱ ତୁଲାଇଛନ୍ତି। ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଝାଡ଼ଖଣ୍ଡବାସୀଙ୍କ ସେବା କରିବା ତାଙ୍କ ପାଇଁ ଏକ ବରଦାନ ଥିଲା। ତାଙ୍କୁ ରାଜ୍ୟପାଳ ଭଳି ଏକ ସାମ୍ବିଧାନିକ ପଦବୀରେ ଅବସ୍ଥାପିତ କରିଥିବାରୁ ସେ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେବ ଜଣେ ଲୋକପ୍ରିୟ ନେତା ଭାବେ ଓଡ଼ିଶାବାସୀଙ୍କ ସେବା କରୁଛନ୍ତି। ତେଣୁ ଓଡ଼ିଶାର ବିକାଶ ପାଇଁ ସେ ସବୁ ପ୍ରକାର ଚେଷ୍ଟା କରିବେ ବୋଲି ରଘୁବର କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଗଠନ ହେଲା...

ଐତିହାସିକ, ସାଂସ୍କୃତିକ, କଳା କୀର୍ତ୍ତିରାଜିଗୁଡିକର ସଂରକ୍ଷଣ ଏବଂ ଏହା ଉପରେ ଗବେଷଣା ଓ ପ୍ରଚାର ନିମିତ୍ତ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ସଂଗ୍ରହାଳୟ ନିମିତ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ନିର୍ଦ୍ଦେଶାଳୟ ନିମନ୍ତେ ନୂତନ ପଦବୀ ସୃଷ୍ଟି ପାଇଁ ମଧ୍ୟ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ନିର୍ଦ୍ଦେଶାଳୟ ସହକାରୀ ସଂଗ୍ରାହକ, ସଂଗ୍ରାହକ/ ସହ-ନିର୍ଦ୍ଦେଶକ, ଉପ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ତଥା ଅଧୀକ୍ଷକ, ରାଜ୍ୟ ସଂଗ୍ରହାଳୟ ଓ ସଂଗ୍ରହାଳୟ ନିର୍ଦ୍ଦେଶକ ପଦବୀ ସୃଷ୍ଟି ହେବ। ଏହା ଦ୍ୱାରା ରାଜ୍ୟର କଳା, ଭାସ୍କର୍ଯ୍ୟ ଓ ଐତିହ୍ୟଗୁଡିକର ସୁଚାରୁରୂପେ ସଂରକ୍ଷଣ, ପରିଚାଳନା ଓ ଗବେଷଣା ସହ ଉପଯୁକ୍ତ ପ୍ରଚାର ହୋଇପାରିବ।

ଏଥିସହିତ ରାଜ୍ୟ ସରକାର ରାଜ୍ୟରେ ସାର ସଂଗ୍ରହ ଓ ଆଗୁଆ ମହଜୁଦ ପାଇଁ କର୍ପସ ପାଣ୍ଠିର ପରିମାଣ ବୃଦ୍ଧି କରିଛନ୍ତି। ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ଏବଂ ଓଡ଼ିଶା କୃଷି ଶିଳ୍ପ ନିଗମ ଜରିଆରେ ରାଜ୍ୟର ମୋଟ ଆବଶ୍ୟକତାର ପ୍ରାୟ ୨୦ରୁ ୨୫ ପ୍ରତିଶତ ସାର ମହଜୁଦ କରାଯାଉଛି। ଏଥିପାଇଁ ଏହି ଦୁଇ ସଂସ୍ଥାକୁ ପ୍ରତି ବର୍ଷ ଯଥାକ୍ରମେ ୯୦ କୋଟି ଟଙ୍କା ଏବଂ ୧୦ କୋଟି ଟଙ୍କାର କର୍ପସ ପାଣ୍ଠି ବିନା ସୁଧରେ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି। ରାଜ୍ୟରେ ସାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୪-୨୫ ବର୍ଷଠାରୁ ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ପାଇଁ ଥିବା କର୍ପସ ପାଣ୍ଠିର ପରିମାଣ ପ୍ରତି ବର୍ଷ ୯୦ କୋଟିରୁ ୧୫୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସମବାୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏଥିସହିତ ଓଡ଼ିଶା କୃଷି ଶିଳ୍ପ ନିଗମ ପାଇଁ ଥିବା କର୍ପସ ପାଣ୍ଠିର ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ଏହି ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍ ଆସନ୍ତା ୫ବର୍ଷ (୨୦୨୩-୨୪ରୁ ୨୦୨୭-୨୮) ପାଇଁ ୭୦୦ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଧ୍ୟ ମଞ୍ଜୁରୀ ଦେଇଛି। କର୍ପସ ପାଣ୍ଠି ବୃଦ୍ଧି ଦ୍ୱାରା ରାଜ୍ୟର ସମୁଦାୟ ଆବଶ୍ୟକତାର ୫୦ ପ୍ରତିଶତ ସାର ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ଜରିଆରେ ପ୍ରତି ବର୍ଷ ଆଗୁଆ ମହଜୁଦ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ସାରକୁ ରାଜ୍ୟର ଚାଷୀମାନଙ୍କୁ ଠିକ୍ ସମୟରେ ଏବଂ ଉପଯୁକ୍ତ ମୂଲ୍ୟରେ ପଞ୍ଜୀକୃତ ଖୁଚୁରା ବ୍ୟବସାୟୀ, ମୁଖ୍ୟତଃ ସମବାୟ ସମିତି ମାଧ୍ୟମରେ ଯୋଗାଇ ଦିଆଯାଇପାରିବ।

ଆଗାମୀ ୫ ବର୍ଷ ପାଇଁ ସଘନ କୃଷି କାର୍ଯ୍ୟକ୍ରମ ସହିତ ବିଲୁପ୍ତପ୍ରାୟ ଫସଲର ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ୪୮୧୯୪.୦୮ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି। କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ଏହି ଯୋଜନାକୁ ବୈଜ୍ଞାନିକ ଏବଂ ପ୍ରଗତିଶୀଳ ଉପାୟରେ କାର୍ଯ୍ୟକାରୀ କରାଯିବ। ଏହା ଡାଲି, ତୈଳବୀଜ, ଫାଇବର (କପା ଓ ଝୋଟ) ଓ ମକା ଫସଲର ଆୟତନ, ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧିରେ ସହାୟକ ହେବ। ଏହା କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଗ୍ରହୀ କୃଷକ ଗୋଷ୍ଠୀ ମାଧ୍ୟମରେ ଉତ୍ପାଦର ବଜାରରେ ବିକ୍ରିବଟା, ଏକକୀକରଣ, ପ୍ରାଥମିକ ପ୍ରକ୍ରିୟାକରଣ ଏବଂ ବଜାର ସଂଯୋଗୀକରଣ ଦ୍ୱାରା କୃଷିକୁ ଲାଭଜନକ କରିବା ସହ କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବାରେ ସହାୟକ ହେବ। ନୂତନ ଭାବେ କାର୍ଯ୍ୟକାରୀ କରାଯାଇଥିବା 'ମୁଖ୍ୟମନ୍ତ୍ରୀ ମକା ମିଶନ'କୁ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ରାଜ୍ୟରେ ମକାର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇବ। ଏହାକୁ ମୂଲ୍ୟଯୁକ୍ତ କରାଯିବା ସହ ବଜାରୀକରଣର ସୁବିଧା ଉପଲବ୍ଧ କରାଯାଇପାରିବ। ଏହା ଗ୍ରାମାଞ୍ଚଳରେ ରୋଜଗାର ଯୋଗାଇବା ସହ କୃଷି ଓ ସହଯୋଗୀ କ୍ଷେତ୍ରରେ ରାଜ୍ୟର କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବ। ଏହାଦ୍ୱାରା କୃଷି କ୍ଷେତ୍ରର ଦ୍ରୁତ ଆଧୁନିକୀରଣ ହେବ ଏବଂ କୃଷି କ୍ଷେତ୍ରରେ ନୂତନ ପ୍ରଯୁକ୍ତି ପଦ୍ଧତିର ବିନିଯୋଗ ହେବ। ଏଥିସହିତ କ୍ୟାବିନେଟ୍ ବୈଠକରେ ମୋଟ ୧୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

## ପାଣି ଡେକ୍‌ଚିରେ...

ଶିଶୁର ମା' ଘରେ ଥିଲେ ମଧ୍ୟ କାମ ବ୍ୟସ୍ତତା ଯୋଗୁ ଜାଣିପାରି ନ ଥିଲେ। ଶିଶୁକୁ ଦେଖି ନ ପାରି ସେ ଘର ବାହାରେ ଖୋଜାଖୋଜି କରିଥିଲେ। ପରେ ଡେକ୍‌ଚିରେ ଥିବା ପାଣିରେ ବୁଡିଯାଇଥିବା ଦେଖିଥିଲେ। ସେଠାରୁ ତାକୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନା ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିବେକାଙ୍କ ୨ଝିଅ ମଧ୍ୟରୁ ନବ୍ୟା ସାନ ଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ଲ-ନାମାକ୍ଷର ବ୍ୟକ୍ତିଙ୍କର ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ବିବାଦୀୟ ଘଟଣାରେ ପାଟି ଖୋଲିବା ଠିକ୍ ହେବନାହିଁ। ବନ୍ଧୁମାନଙ୍କ ସାହାଯ୍ୟ କାରଣରୁ ଆର୍ଥିକ ସମସ୍ୟାକୁ ସୁଧାରି ନେବେ।

**ବୃଷ** ସମୟ ଓ ପରିସ୍ଥିତି ବଶତଃ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗିରହିବ। କର୍ମ କ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ମଧ୍ୟ ବଢ଼ିଯିବ। ବ-ନାମାକ୍ଷର ବ୍ୟକ୍ତି ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** ସମସ୍ତ ସୁବିଧା ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ କାମଗୁଡ଼ିକ ନ ହୋଇପାରିବା କାରଣରୁ ବ୍ୟସ୍ତ ହେବେ। ଋଣ ଭାରରେ ଅତିଷ୍ଠ ହେବାକୁ ପଡିବ ଓ ତାହା ହିଁ ଦୁଶ୍ଚିନ୍ତାର କାରଣ ହେବ। ହଠାତ୍ କୌଣସି ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲିତ ରହିବ। ଘ-ନାମାକ୍ଷର ବ୍ୟକ୍ତିମାନେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**କର୍କଟ** ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବା ବ୍ୟତୀତ କିଛି ଲାଭ ହେବନି। ହେ-ନାମାକ୍ଷର ଅନ୍ୟମନସ୍କ ରହି ବିଭିନ୍ନ ସମସ୍ୟାକୁ ଡାକି ଆଣିପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** କୌଣସି ନୂତନ କାମର ଯୋଜନା କରିବେ ଓ ସଫଳତା ମଧ୍ୟ ପାଇବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇପାରେ। ମ-ନାମାକ୍ଷର ବ୍ୟକ୍ତି ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ପାରିବାରିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**କନ୍ୟା** ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ନିଜ ପରିସରର ବ୍ୟକ୍ତିମାନଙ୍କ ଦ୍ୱାରା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବେ କିନ୍ତୁ ବିବାଦୀୟ ଘଟଣରେ ଚିନ୍ତିତ ରହିବେ। ପୂ-ନାମାକ୍ଷର ବ୍ୟକ୍ତିମାନଙ୍କ ସକାଶେ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର ପ୍ରାପ୍ତି ଯୋଗ ରହିଛି।

**ତୁଳା** କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ସହଯୋଗ ଅବଶ୍ୟ ମିଳିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ତ-ନାମାକ୍ଷର ବ୍ୟକ୍ତିମାନେ ନୂତନ ଘର ସାଜସଜ୍ଜାରେ ମଜିରହିପାରନ୍ତି।

**ବିଛା** କୌଣସି କାମରେ ବ୍ୟସ୍ତତା ବଢିଯାଇପାରେ କିନ୍ତୁ କୌଣସି ଅସୁବିଧା ହେବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ। ନ-ନାମାକ୍ଷର ବ୍ୟକ୍ତିମାନେ ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ।

**ଧନୁ** ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କର୍ମକ୍ଷେତ୍ରରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି। ଭ-ନାମାକ୍ଷର ବ୍ୟକ୍ତି ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ମକର** ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ଖ-ନାମାକ୍ଷର ବ୍ୟକ୍ତି ନିକଟ ସମ୍ପର୍କୀୟମାନଙ୍କ ସହ କଳହରେ ଲିପ୍ତ ରହିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗିରହିବ। କଳା, ସାହିତ୍ୟ, କ୍ରୀଡା, ସଙ୍ଗୀତ ଓ ସଭାସମିତି କ୍ଷେତ୍ରରୁ ମନ ଖୁସି ରହିବ।

**କୁମ୍ଭ** ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ଶ-ନାମାକ୍ଷର ବ୍ୟକ୍ତି କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଗତକାଲିର ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ।

**ମୀନ** ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଦ-ନାମାକ୍ଷର ବ୍ୟକ୍ତିମାନଙ୍କୁ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଅସୁବିଧାରେ ପଡିବେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

ଆଜି ଆଶ୍ୱିନ ଶୁକ୍ଳ ଷଷ୍ଠୀ ଶୁକ୍ରବାର, ମୃଣ୍ମୟୀ ଦେବୀଙ୍କ ବିଲ୍ୱାଧିବାସ, ପୀଠେ ମହାସପ୍ତମୀ ପୂଜା, ଅକ୍ଟୋବର୨୦ତାରିଖ, ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ, ଆନ୍ତର୍ଜାତିକ ଶିଶୁ ଦିବସ, ଯୋଗେଶ ଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ମୂଳା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୬ ଗତେ ଘ.୦୬।୩୨ ମଧ୍ୟେ, ଘ.୦୭।୧୮ ଗତେ ଘ.୦୮।୩୮ ମଧ୍ୟେ ଶୁଭାଶୁଭ ବେଳା। ଦିବା ୧୦।୦୫ ଗତେ ଘ.୧୧।୩୧ ମଧ୍ୟେ ରାହୁକାଳ।

# ମିଳିଲାନି ଲିଖିତ ପ୍ରତିଶ୍ରୁତି: ଆଜିଠୁ ବସ୍ ଧର୍ମଘଟ

**ଭୁବନେଶ୍ୱର,୧୯।୧୦ (ଅନିଲ ଦାସ)**

ରାଜ୍ୟ ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ମିଳିଲା ନାହିଁ। ଘରୋଇ ବସ୍ ମାଲିକ ସଂଘ ଡାକରାରେ ଶୁକ୍ରବାରଠାରୁ ସମଗ୍ର ରାଜ୍ୟରେ ବସ୍ ଧର୍ମଘଟ କରାଯିବ। ସରକାର ଲିଖିତ ପ୍ରତିଶ୍ରୁତି ନ ଦେବାରୁ ମାଲିକ ସଂଘ ବସ୍ ଧର୍ମଘଟ ନିଷ୍ପତ୍ତିରେ ଅଟଳ ରହିଛି। ସକାଳ ୬ଟାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସ୍ ଧର୍ମଘଟ ଜାରିରହିବ ବୋଲି ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି। ସେ କହିଛନ୍ତି, ଅନିଚ୍ଛା ସତ୍ତ୍ୱେ ବାଧହୋଇ ଧର୍ମଘଟ କରୁଛୁ। ପୂଜା ସମୟରେ ଯାତ୍ରୀଙ୍କୁ ହଇରାଣ କରିବା ଉଦ୍ଦେଶ୍ୟ ନୁହେଁ। ଏଥିପାଇଁ ଯାତ୍ରୀଙ୍କଠାରେ କ୍ଷମାପ୍ରାର୍ଥନା କରୁଛୁ।

ଘରୋଇ ବସ୍ ମାଲିକ ସଂଘର ଏହି ନିଷ୍ପତ୍ତି ଫଳରେ ଯାତ୍ରୀ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଦଶହରା ପାଇଁ ଶୁକ୍ରବାରଠାରୁ ସ୍କୁଲ ଓ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଯେଉଁମାନେ ଗାଁକୁ କିମ୍ବା ବନ୍ଧୁବାନ୍ଧବ ଘରକୁ ଯିବା ପାଇଁ ବାହାରିଛନ୍ତି ସେମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। ଅନେକ ଲୋକ ଆଗୁଆ ସିଟ୍ ବୁକ୍ କରିଛନ୍ତି। ବସ୍ ଧର୍ମଘଟ ଖବର ସମସ୍ତଙ୍କୁ ନିରାଶ କରିଛି।

ଧର୍ମଘଟ କଥା ଶୁଣି ଗୁରୁବାର ରାଜ୍ୟର ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଦୂରଦୂରାନ୍ତ ଯିବାକୁ ଥିବା ଯାତ୍ରୀମାନେ ବସ୍‌ଷ୍ଟାଣ୍ଡ ମୁହାଁ ହୋଇଛନ୍ତି। ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ କଟକର ନେତାଜୀ ଟର୍ମିନାଲରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଟିକେଟ ଖଣ୍ଡେ ପାଇବାକୁ ଯାତ୍ରୀମାନେ କାକୁତିମିନତି ହେଉଛନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳ ବସ୍‌ଷ୍ଟାଣ୍ଡରେ ସମାନ ଅବସ୍ଥା ଦେଖିବାକୁ ମିଳିଛି।

ଜିଲା ମୁଖ୍ୟାଳୟକୁ ସରକାରଙ୍କ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ଏଭଳି ଚରମ ନିଷ୍ପତ୍ତି ନେଇଛି। ଘରୋଇ ବସ୍‌ଗୁଡ଼ିକରେ ଦୈନିକ ପ୍ରାୟ ୭ରୁ ୧୦ ଲକ୍ଷ ଲୋକ ଯାତାୟାତ କରନ୍ତି। ବନ୍ଦ ଡାକରା ଯୋଗୁ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଏହା ରାଜ୍ୟର ପରିବହନ ସେବାକୁ ଗୁରୁତର ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି ହୋଇଛି।

ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ମୁଖ୍ୟାଳୟକୁ ବସ୍ ଚଳାଚଳକୁ ବିରୋଧ କରି ଅକ୍ଟୋବର ୧୦ ତାରିଖରେ ଘରୋଇ ବସ୍ ମାଲିକ ସଂଘ ଧର୍ମଘଟ ଡାକରା ଦେଇଥିଲା। ତେବେ ଏହାକୁ ଏଡ଼ାଇବା ପାଇଁ ଅକ୍ଟୋବର ୯ ତାରିଖରେ ସଂଘର କର୍ମକର୍ତ୍ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଲୋଚନା କରି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଅବିଭକ୍ତ କୋରାପୁଟ ଜିଲାରେ ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ସଦର ମହକୁମାକୁ ବସ୍ ଚଳାଚଳ କରୁଛି। ଏହାକୁ ଘରୋଇ ବସ୍ ମାଲିକମାନେ ବିରୋଧ କରି ଧର୍ମଘଟ ଡାକରା ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି।




# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଓଡ଼ିଶା ବିଭାଗୀୟ ମୁଖ୍ୟ ଦପ୍ତର କର୍ମଚାରୀ

**ଭୁବନେଶ୍ୱର,୧୯।୧୦ (ଅନୁରାଧା ମହାରଣା)**

ଓଡିଶା ବିଭାଗୀୟ ମୁଖ୍ୟ ଦପ୍ତର ସେକ୍ସନ ଅଫିସର ସଂଘ ଓ ଅମଲା ସଂଘ କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଭେଟିଛନ୍ତି। ୨୦୧୮ରୁ କ୍ୟାଡର ପୁନର୍ଗଠନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ପାଇଥିବା ମୂଳ ପଦବୀକୁ ଏଏସ୍‌ଓ ଭାବେ ଘୋଷଣା କରିବା, ପ୍ରତିଷ୍ଠାନ ଅଧିକାରୀ ପଦବୀକୁ କନିଷ୍ଠ ପ୍ରଥମ ଶ୍ରେଣୀ ମାନ୍ୟତା ଦେବା ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ (ଲେଭଲ – ୧) ପଦବୀ ସୃଷ୍ଟି କରିବା ଆଦି ବିଭିନ୍ନ ଦାବି ନେଇ ସଂଘ ପକ୍ଷରୁ ଆଲୋଚନା କରାଯାଇଛି। ମୁଖ୍ୟ ଶାସନ ସଚିବ ଏ ବିଷୟଟିକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି। ଆଲୋଚନାରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିନିଧିମଣ୍ଡଳୀରେ ସଂଘର ବରିଷ୍ଠ ଉପଦେଷ୍ଟା ପ୍ରଭାତ ମହାନ୍ତି, ଶିଶିର କୁମାର ମିଶ୍ର, ସେକ୍ସନ ଅଫିସର ସଂଘର ସାଧାରଣ ସମ୍ପାଦକ ଭୁବନ ବିହାରୀ ମହାପାତ୍ର, ଅମଲା ସଂଘର ଉପସଭାପତି ସମରେଶ ମହାନ୍ତି ଓ ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ ପାଢ଼ୀ ପ୍ରତିନିଧିତ୍ୱ କରିଥିଲେ।

# 'ମୋ ସରକାର' ଅଭିଯୋଗର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯।୧୦ (ଅସମାପିକା ସାହୁ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ 'ମୋ ସରକାର' ପ୍ରକୋଷ୍ଠରେ କାର୍ଯ୍ୟରତ କେତେଜଣ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଉକ୍ତ ଅଭିଯୋଗଗୁଡ଼ିକୁ ଅନୁଧ୍ୟାନ କଲା ପରେ ଜଣାପଡ଼ିଲା ଯେ, ଏଗୁଡ଼ିକ ମୁଖ୍ୟତଃ ଶିକ୍ଷକମାନଙ୍କର ପେନ୍‌ସନ୍, ଅବସରକାଳୀନ ପ୍ରାପ୍ୟ ଓ ସରକାରୀ କାର୍ଯ୍ୟରେ ଅବହେଳା ସମ୍ବନ୍ଧୀୟ ଥିଲା। ଏହି ଆଧାରରେ ବିଭାଗ ତରଫରୁ ବିଭାଗୀୟ ଅଧିକାରୀଙ୍କୁ ସମ୍ପୃକ୍ତ ଜିଲା କାର୍ଯ୍ୟାଳୟ(ଭଦ୍ରକ, କଳାହାଣ୍ଡି ଓ ଯାଜପୁର)ଗୁଡ଼ିକୁ ତଦନ୍ତ ନିମନ୍ତେ ପଠାଯାଇଥିଲା। ତଦନ୍ତରୁ ଜଣାପଡ଼ିଲା ଯେ, ଅଭିଯୋଗଗୁଡ଼ିକର ସତ୍ୟତା ରହିଛି। ତେଣୁ ଉକ୍ତ ତଦନ୍ତ ରିପୋର୍ଟ ଆଧାରରେ ବିଭାଗ ତରଫରୁ ସମ୍ପୃକ୍ତ ବିଭାଗୀୟ ନିର୍ଦ୍ଦେଶକମାନଙ୍କୁ ଏହି କର୍ମଚାରୀଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

## ସରକାରୀ ଡାକ୍ତରଙ୍କ ଘରୋଇ ଚିକିତ୍ସା ବନ୍ଦ ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନ

**କଟକ,୧୯।୧୦ (କାର୍ତ୍ତିକ ସାହୁ)**

ସରକାରୀ ଡାକ୍ତର ଘରୋଇ ଚିକିତ୍ସା କରିବା ଚାକିରି ନିୟମ ବହିର୍ଭୂତ। ସରକାରୀ ମେଡିକାଲର ଡାକ୍ତରଙ୍କ ଏହି ଘରୋଇ ଚିକିତ୍ସା ବନ୍ଦ ପାଇଁ ଯେତେ ଉଦ୍ୟମ କରାଗଲେ ବି ଫଳ ଶୂନ। ଡାକ୍ତରମାନେ ଏହାକୁ ମାନୁ ନ ଥିବାରୁ ସରକାରୀ ଡାକ୍ତରଖାନାରେ ରୋଗୀମାନେ ଅବହେଳାର ଶିକାର ହେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ସରକାରୀ ଡାକ୍ତରଖାନାରୁ ରୋଗୀଙ୍କୁ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ସେଠାରେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ଶୋଷଣର ଶିକାର ହେଉଛନ୍ତି। ତେଣୁ ସରକାରୀ ଚାକିରି କରିଥିବା ଡାକ୍ତରଙ୍କୁ ଘରୋଇ ଚିକିତ୍ସା ବନ୍ଦ ଲାଗି ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ଜେନା ହାଇକୋର୍ଟରେ ଗୁରୁବାର ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଓ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।






"କିନ୍ତୁ ହେ ମାନବାତ୍ମା ! ତୁମେ ଦୁଃଖକୁ ଖୋଜିଲୋଡି ଡାକିଆଣନା। କାରଣ, ଦୁଃଖ କାମ୍ୟ ନୁହେଁ। କେବଳ ସେହି ଦିବ୍ୟ ଆନନ୍ଦର ଅନୁସନ୍ଧାନ କରି ଚାଲ। ଦୁଃଖକଷ୍ଟ ତ ଆସିବ ତୁମ ପାଖକୁ ଦିବ୍ୟ ବିଧାନ ଅନୁସାରେ କିନ୍ତୁ ତାହା ଆସିବ ତୁମ ଲାଗି ପ୍ରୟୋଜନ ହିସାବରେ। ସେହି ଦୁଃଖ ବେଦନାର ଅନ୍ତର ଭିତରେ ତୁମେ ଆବିଷ୍କାର କରିବ ସୁଖର ସାରସତ୍ତ୍ୱ। -ଶ୍ରୀଅରବିନ୍ଦ



# ପୃଥିବୀ ବଞ୍ଚିରହୁ



ଡିକେନ୍ସ କାମୁଗିଶା

ମାନବ ଓ ପରିବେଶ ଅଧିକାର ପାଇଁ ଦୀର୍ଘଦିନ ହେଲା ସ୍ୱର ଉଠାଇ ଆସୁଥିଲେ ବି ଏବକାର ଚରମ ପାଣିପାଗ ଘଟଣାଗୁଡ଼ିକର ତୀବ୍ରତାକୁ ନେଇ ମୁଁ ଅତ୍ୟନ୍ତ ଭୟଭୀତ। ଆମେ ଏକ ଜଳବାୟୁ ଜରୁରୀ ସ୍ଥିତି ମଧ୍ୟରେ ରହିଥିବା ସ୍ପଷ୍ଟ ହେଉଛି। ଅତୀତର ପିଢ଼ି ଦେଖୁଥିବା ସର୍ବନାଶକ ବିପର୍ଯ୍ୟୟସବୁ ଏବେ ଆମ ପାଇଁ ସାଧାରଣ ହୋଇଯାଇଛି। ପ୍ରଳୟଙ୍କରୀ ବନ୍ୟା ଏବଂ ଗମ୍ଭୀର ମରୁଡ଼ି ଉଗାଣ୍ଡା ଓ ଆଫ୍ରିକା ମହାଦେଶର ଉତ୍ତର-ପୂର୍ବାଞ୍ଚଳରେ ଅନେକ ଶହ ଲୋକଙ୍କ ଜୀବନ ନେବା ସହ ଲକ୍ଷାଧିକ ଲୋକଙ୍କୁ ବିସ୍ଥାପିତ କରିଛି। ନିକଟରେ ଭୀଷଣ ବନ୍ୟା ଲିବ୍ୟାର ସହରଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଏହି ଘଟଣାଗୁଡ଼ିକ କେବଳ ପ୍ରକୃତି ଯୋଗୁ ହେଉଛି ତାହା ନୁହେଁ, ଏହା ପଛରେ ଅନେକ କାରଣ ରହିଛି। ଅର୍ଦ୍ଧଶତାବ୍ଦୀ ହେଲା ଆମେ ଜାଣୁଛୁ ଯେ, ଜୀବାଶ୍ମ ଇନ୍ଧନ ବ୍ୟବହାର ପୃଥିବୀର ତାପମାତ୍ରା ବୃଦ୍ଧି କରୁଛି ଏବଂ ଜଳବାୟୁ ପରିବର୍ତ୍ତନର ବିନାଶକାରୀ ପରିଣାମ ଅଛି। ହେଲେ ତାହାକୁ ନିରନ୍ତର ବ୍ୟବହାର କରିଆସୁଛୁ। ନିକଟରେ ଦକ୍ଷିଣ ଫ୍ରାନ୍ସରେ ହୋଇଥିବା ଜଳବାୟୁ ପ୍ରତିବାଦର ଏକ ଆକର୍ଷଣୀୟ ଛବିରେ ଜଳବାୟୁ ଆକ୍ଟିଭିଷ୍ଟମାନେ ଅଗ୍ଲୀ ନଦୀର ଶୁଷ୍କ ଶଯ୍ୟାରେ ଫ୍ରାନ୍ସର ବୃହତ୍ ତୈଳ କମ୍ପାନୀ ଟୋଟାଲ ଏନର୍ଜିକୁ ଦାୟୀ କରି ସ୍ଲୋଗାନ୍ ଲେଖିଥିଲେ। ଏବକାର ସ୍ଥିତି ପାଇଁ ବିଶେଷକରି ବିଶ୍ୱରେ ସର୍ବାଧିକ ସବୁଜଗୃହ ବାଷ୍ପ ନିର୍ଗମନ କରୁଥିବା କେତୋଟି ହାତଗଣତି ଧନୀ ଦେଶ ବେଶି ଦାୟୀ ବୋଲି ଏହି ସ୍ଲୋଗାନ ସ୍ପଷ୍ଟ ସୂଚିତ କରିଛି।

କିନ୍ତୁ ଜୀବାଶ୍ମ ଇନ୍ଧନ କମ୍ପାନୀଗୁଡ଼ିକ ବାସ୍ତବରେ ଦୋଷୀ। ଏହିସବୁ କମ୍ପାନୀ ପୃଥିବୀର ସମ୍ପଦକୁ ଲୁଟୁଛନ୍ତି। ତୈଳ କମ୍ପାନୀଗୁଡ଼ିକ ୧୯୭୦ ଦଶନ୍ଧିରୁ ସେମାନଙ୍କ କାର୍ଯ୍ୟକଳାପର ପରିବେଶ ଉପରେ କ'ଣ ପ୍ରଭାବ ରହିଛି, ସେ ସମ୍ପର୍କରେ ଜାଣିଥିଲେ। କିନ୍ତୁ ସେମାନେ ଏହି ନିଷ୍କର୍ଷକୁ ଲୁଚାଇ ରଖି ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଭୁଲ୍ ତଥ୍ୟ ପ୍ରକାଶ କରୁଥିଲେ। ସାରା ବିଶ୍ୱରେ ଆମେ ଦେଖୁଥିବା ଅତ୍ୟଧିକ ତାପମାତ୍ରା ଓ ଅପ୍ରତ୍ୟାଶିତ ବିପର୍ଯ୍ୟୟଗୁଡ଼ିକ ହିଁ ସେମାନଙ୍କ କାର୍ଯ୍ୟକଳାପର ପରିଣାମ। ବିଶ୍ୱ ତାପନକୁ ରୋକିବାକୁ ହେଲେ ଜୀବାଶ୍ମ ଇନ୍ଧନ ବ୍ୟବହାର କମାଇବାକୁ ହେବ ଏବଂ ତା' ଉପରେ ନିର୍ଭରଶୀଳତାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିବ। ଉଭୟ ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ୍ (ଆଇପିସିସି) ଏବଂ ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଇଏ) ଏହା କରିବାକୁ ଏକ ଉପାୟ ଉପରେ ଗୁରୁତ୍ୱ ଦେଇଛନ୍ତି, ଯେଉଁଥିରେ ତୁରନ୍ତ ଜୀବାଶ୍ମ ଇନ୍ଧନ ଉତ୍ତୋଳନ ଶେଷ କରିବା ଆବଶ୍ୟକ। ଏହା ସ୍ପଷ୍ଟ ଯେ, ନିର୍ଗମନ ହ୍ରାସ କରିବା ଲାଗି ଅଧିକ ସମୟ ଅପେକ୍ଷା କଲେ ସମସ୍ତେ ଅଧିକ ଦୁଃଖ ଭୋଗିବା। କିନ୍ତୁ ଜୀବାଶ୍ମ ଇନ୍ଧନ କମ୍ପାନୀଗୁଡ଼ିକର ଏକ ଭିନ୍ନ ଦୃଷ୍ଟିକୋଣ ଥିବା ଦେଖାଯାଏ। ନିୟାମକ ଅଥରିଟିରେ ଦାଖଲ କରିଥିବା ତଥ୍ୟରେ ଆକ୍ସନ ମୋବିଲ କମ୍ପାନୀ ସ୍ପଷ୍ଟ କରିଛି, ଶୂନ୍ୟ ନିର୍ଗମନ ସ୍ତର ହାସଲ କରିବା ସକାଶେ ବଞ୍ଚିବା ପାଇଁ ଆବଶ୍ୟକ ବୈଶ୍ୱିକ ମାନକର ଅଧୋଗତିକୁ ସମାଜ ଗ୍ରହଣ କରିବା ସମ୍ଭାବନା ବହୁତ କମ୍। ସେମାନଙ୍କ କାର୍ଯ୍ୟକଳାପର ଜଳବାୟୁଗତ ପ୍ରଭାବ ସମ୍ପର୍କରେ ଭଲ ଭାବେ ଅବଗତ ଥିଲେ ବି ସେହି କମ୍ପାନୀଗୁଡ଼ିକ ବିପୁଳ ଲାଭ ପାଇବା ଲାଗି ନିଜ ଜଳବାୟୁ ବିଜ୍ଞାନୀମାନଙ୍କ କଥା ବି ଶୁଣୁନାହାନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ୍ସନ ମୋବିଲ ୨୦୨୨ରେ ୫୬ ବିଲିୟନ ଡଲାର ଲାଭ କରିଥିଲା, ଯାହାର ସିଇଓ ପାଇଥିଲେ ୩୬ ମିଲିୟନ ଡଲାର। ଉଗାଣ୍ଡାରେ ଟୋଟାଲ ଏନର୍ଜିର ଟଲେଙ୍ଗା ପ୍ରୋଜେକ୍ଟ ସ୍ଥାନୀୟ ଲୋକଙ୍କର ବ୍ୟାପକ କ୍ଷତି କରିଥିଲା ଏବଂ କୃଷି କ୍ଷେତ୍ରରେ ଦୂଷିତ ଜଳର ବନ୍ୟା ସୃଷ୍ଟି କରିଥିଲା। ଏହା କରି କମ୍ପାନୀ ଗତବର୍ଷ ୩୬ ବିଲିୟନ ଡଲାର ପାଇଥିଲା। ସେଥିପାଇଁ ଫ୍ରେଞ୍ଚ ରିଭର ପେଣ୍ଟିଂରେ ଥିବା ଆପ୍ତବାକ୍ୟ 'ଯଦି ପାଣି ନାହିଁ, ତେବେ ସେମାନଙ୍କୁ ତେଲ ପିଇବାକୁ ଦିଆଯାଉ' ଏକ ବିଚାରଧାରା ଯାହା ଲୋକମାନଙ୍କୁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ଉତ୍ସାହିତ କରେ। ହେଲେ ଜୀବାଶ୍ମ ଇନ୍ଧନ ଶିଳ୍ପର କାର୍ଯ୍ୟକଳାପ ସମସ୍ତଙ୍କୁ ପ୍ରଭାବିତ କରୁଥିଲେ ମଧ୍ୟ ସେମାନେ କ୍ଷମତା ଓ ପ୍ରଭାବ ତ୍ୟାଗ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି।



ଶୂନ୍ୟ ନିର୍ଗମନ ସ୍ତରକୁ ପରିବର୍ତ୍ତନ ହେଲେ ଜୀବନ ମାନରେ ଅତ୍ୟଧିକ ହ୍ରାସ ହେବ ବୋଲି ଯାହା ଜୀବାଶ୍ମ ଇନ୍ଧନ ଶିଳ୍ପଗୁଡ଼ିକ ଦାବି କରନ୍ତି, ତାହା ବାସ୍ତବରେ ଘଟିବ ନାହିଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଜୀବାଶ୍ମ ଇନ୍ଧନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କେହି ବି ଦାବି କରୁନାହାନ୍ତି। ଜଳବାୟୁ ମଡେଲଗୁଡ଼ିକ ପ୍ରକାଶ କରନ୍ତି ଯେ, ଏହାକୁ ସମାଧାନ କରିବା ଲାଗି ସବୁଠୁ ଭଲ ଉପାୟ ହେଉଛି ନୂତନ ଅନୁସନ୍ଧାନକୁ ବନ୍ଦ କରି ଅଧିକ ପ୍ରଭାବୀ ପଦ୍ଧତିକୁ ପରିବର୍ତ୍ତନ କରିବା, ଯାହା ଏବକାର ଗଚ୍ଛିତ ସଂସାଧନର ଖୁବ୍ କମ୍ ବ୍ୟବହାର କରିବ। ସ୍ୱଚ୍ଛ ଶକ୍ତି ମାଧ୍ୟମରେ ସାମ୍ପ୍ରତିକ ଜୀବନ ମାନ ବଜାୟ ରଖିବା ପାଇଁ ଆବଶ୍ୟକ ଭିତ୍ତିଭୂମି ଗଢ଼ାଯାଉଥିବାବେଳେ ଏଭଳି ପଦ୍ଧତି ଆପଣାଇବାକୁ ପଡ଼ିବ। ସବୁଜ କ୍ଷେତ୍ରକୁ ପରିବର୍ତ୍ତନ ଏକ ସମାଧାନ ନୁହେଁ, ବରଂ ଏହା ଏକ ପ୍ରତିବଦ୍ଧତା। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଅକ୍ଷୟଶକ୍ତି ଓ କମ୍ ଶକ୍ତିରେ ଅଧିକ ଲାଭ ପାଇବା ଭଳି ପଦ୍ଧତି ଦ୍ୱାରା ଘର, ଅଫିସ, ସହର ଓ ଶିଳ୍ପଗୁଡ଼ିକ ସହ ବିକାଶଶୀଳ ଦେଶରେ ଅନେକ କୋଟି ଲୋକଙ୍କ ଶକ୍ତି ଚାହିଦା ପୂରଣ କରିପାରିବା। ସବୁଜ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ହେଲେ ତାହା ନୂତନ ନିଯୁକ୍ତି ସୃଷ୍ଟି କରିବ, ବାୟୁ ଓ ଜଳର ମାନରେ ଉନ୍ନତି ଆଣିବ ଏବଂ ଜଳବାୟୁ ପରିବର୍ତ୍ତନର ସବୁଠୁ ଖରାପ ପ୍ରଭାବ କମାଇବାରେ ସାହାଯ୍ୟ କରିବ। ଏହା ବିପଦରେ ଥିବା ଦେଶ ଓ ଜନସମୁଦାୟଗୁଡ଼ିକୁ ଗମ୍ଭୀର ପାଣିପାଗ ଘଟଣାଗୁଡ଼ିକର ମୁକାବିଲା କରିବାକୁ ସକ୍ଷମ କରାଇବ।

ଏହା ନିଶ୍ଚିତ ଯେ, ଶକ୍ତି କ୍ଷେତ୍ରରେ ଏଭଳି ପରିବର୍ତ୍ତନ ପାଇଁ ପାଣ୍ଠି ଯୋଗାଣ ଏକ କଠିନ ଆହ୍ୱାନ। ଏଥିପାଇଁ ସମ୍ମିଳିତ ରଣନୀତି ଓ ପ୍ରକ୍ରିୟା ଆବଶ୍ୟକ। ଉଦାହରଣ ସ୍ୱରୂପ, ବାର୍ବାଡସ ପ୍ରଧାନମନ୍ତ୍ରୀ ମିୟା ଅମୋର ମୋଟଲେଙ୍କ ବ୍ରିଜ୍‌ଟାଉନ ଇନିସିଏଟିଭ (ଜଳବାୟୁ ପ୍ରଭାବକୁ ମୁକାବିଲା କରିବାରେ ନୂଆ ପଦ୍ଧତି ଲାଗି ପଦକ୍ଷେପ) ବୈଶ୍ୱିକ ପାଣ୍ଠି ଯୋଗାଣରେ ଜରୁରୀ ସୁଧାର ଉପରେ ଜୋର ଦିଏ। ସେହିପରି ନିକଟରେ ନାଇରୋବିରେ ଆଫ୍ରିକା ଜଳବାୟୁ ସମ୍ମିଳନୀ ବିଶ୍ୱ ସ୍ତରରେ କାର୍ବନ ଟାକ୍ସ (ଅତ୍ୟଧିକ ସବୁଜ ବାଷ୍ପ ନିର୍ଗମନ କରୁଥିବା ଶିଳ୍ପ ଉପରେ ଲଗାଯାଉଥିବା ଜରିମାନା) ପାଇଁ ସହମତିଭିତ୍ତିକ ପ୍ରସ୍ତାବରେ ଶେଷ ହୋଇଛି।

ଭବିଷ୍ୟତର ସଫଳତା ପାଇଁ ଆଉ ଏକ ବିଚାରକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଏବଂ ଅନେକ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ ଓ ଜଳବାୟୁ କାର୍ଯ୍ୟକର୍ତ୍ତାମାନେ ସାମ୍ନାକୁ ଆଣିଛନ୍ତି। ଜଳବାୟୁ ପରିବର୍ତ୍ତନଜନିତ କ୍ଷତି ପୂରଣ କରିବା ଏବଂ ଅତ୍ୟଧିକ କାର୍ବନ ନିର୍ଗମନ କରୁଥିବା ଜୀବାଶ୍ମ ଇନ୍ଧନକମ୍ପାନୀଗୁଡ଼ିକର ପ୍ରଚୁର ଲାଭ ଅର୍ଥରେ ସବୁଜ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ପାଇଁ ଏହି ବିଚାର ଉତ୍ସାହିତ କରେ। ନଭେମ୍ବରରେ ସଂଯୁକ୍ତ ଆରବ ସଂଘ (ୟୁଏଇ)ରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍୨୮) ପାଇଁ ବିଶ୍ୱ ପ୍ରସ୍ତୁତ ହେଉଥିବାବେଳେ ଏହି ପ୍ରସ୍ତାବ ଉପରେ ଗମ୍ଭୀରତାର ସହ ବିଚାର କରିବା ଉଚିତ। ବିଶ୍ୱର ସର୍ବବୃହତ୍ ପ୍ରଦୂଷଣକାରୀଙ୍କୁ ଦାୟୀ କରିବା ଉଭୟ ନୈତିକତା ଦୃଷ୍ଟିରୁ ନ୍ୟାୟସଙ୍ଗତ ଓ ଆର୍ଥିକ ଦଗିରୁ ବି ସମ୍ବେଦନଶୀଳ।

ସାମ୍ପ୍ରତିକ ସମୟରେ ଅସଂଖ୍ୟ ରାଜନୈତିକ ଓ ଆର୍ଥିକ ଉତ୍ଥାନପତନ ମଧ୍ୟରେ ଅଗ୍ଲି ନଦୀରେ କରାଯାଇଥିବା ଜଳବାୟୁ ଚିତ୍ରକଳା ସେଭଳି ଦୃଷ୍ଟି ଆକର୍ଷଣ କରିପାରିନାହିଁ। କିନ୍ତୁ ମୁଁ ଆଶାକରେ, ଏହି ଶକ୍ତିଶାଳୀ ଛବିର ବିଚାର ଯେଭଳି ମୋତେ ପ୍ରଭାବିତ କରିଛି ତାହା ଅନ୍ୟମାନଙ୍କ ମଧ୍ୟରେ ପ୍ରତିଧ୍ୱନିତ ହେଉ। ଶେଷରେ କୁହାଯାଇପାରେ ଯେ, ଏହି ଗ୍ରହ ଆମର ଏକମାତ୍ର ଘର। ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହେଉଥିବା ଏବକାର ବିପଦକୁ ଦେଖିଲେ ଆମ ପାଖରେ ଆଉ କୌଣସି ବିକଳ୍ପ ନାହିଁ, କେବଳ ପୃଥିବୀକୁ ବଞ୍ଚାଇ ରଖିବା ଲାଗି ଆମକୁ ସଂଗ୍ରାମ କରିବାକୁ ହେବ।

**ମୁଖ୍ୟ କାର୍ଯ୍ୟନିର୍ବାହୀ,**
**ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏନର୍ଜି ଗଭର୍ନାନ୍ସ**

## ଏଇ ଭାରତରେ

ବର୍ଜ୍ୟର ପୁନଃ ଉପଯୋଗ ଏବେ ପରିବେଶ ସୁରକ୍ଷାର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଏ କ୍ଷେତ୍ରରେ ଭାରତରେ ଯେଉଁ କେତେଜଣ ପ୍ରୟାସ କରୁଛନ୍ତି, ସେମାନଙ୍କ ମଧ୍ୟରେ ମୁମ୍ବାଇର ମା'ପୁଅଙ୍କର ଏକ ଟିମ୍ ଅନ୍ୟତମ। ନାଓମି ଓ ୟୋହନା ପରେରା ଭଙ୍ଗା ଟାଇଲ ଓ ସମୁଦ୍ରରେ ଭାସି ଆସି ବେଳାଭୂମିରେ ପଡ଼ିଥିବା କାଠ ସଂଗ୍ରହ କରି ସେଥିରେ ଆକର୍ଷଣୀୟ ଫର୍ଣ୍ଣିଚର ତିଆରି କରୁଛନ୍ତି। ସେମାନେ ୨୦୧୮ରେ ଦି ଡ୍ରୁଇଡ ଗାର୍ଡେନ ସଂସ୍ଥା ଗଢ଼ି ତା' ମାଧ୍ୟମରେ ଏହି କାର୍ଯ୍ୟ ଚଳାଇଛନ୍ତି। ଏଥିପାଇଁ ସେମାନେ ଏକ ଟିମ୍ ଗଢ଼ିଛନ୍ତି। ପ୍ରତି ମାସରେ ୟୋହନା ଓ ତାଙ୍କ ଟିମ୍ ଗୋରାଇ ମାଛଧରା ଗାଁ ନିକଟ ବେଳାଭୂମିକୁ ଯାଇ ସେଠାରୁ ବର୍ଜ୍ୟକାଠ ସଂଗ୍ରହ କରୁଛନ୍ତି। ଏହାସହ ମୁମ୍ବାଇର ବିଭିନ୍ନ ସ୍ଥାନରୁ ଭଙ୍ଗା ଟାଇଲ ସଂଗ୍ରହ କରୁଛନ୍ତି। ସଂଗୃହୀତ କାଠରେ ବହିଥାକ, ମିରର ଷ୍ଟାଣ୍ଡ,ସାଇଡ୍ ଟେବୁଲ, ୱାଲ୍ ଆର୍ଟ, ବେଞ୍ଚ, ଚେୟାର, ଷ୍ଟୁଲ୍, ନେମ୍ ପ୍ଲେଟ, କ୍ୟାଣ୍ଡେଲ ହୋଲ୍‌ଡର ଏବଂ ସୁଇଂ ସେଟ୍ ଆଦି ତିଆରି କରୁଛନ୍ତି। ଏଗୁଡ଼ିକୁ ସେମାନେ ବିଭିନ୍ନ ହୋଟେଲ, ହସ୍ପିଟାଲ ଓ ସଂସ୍ଥାଗୁଡ଼ିକୁ ଯୋଗାଉଛନ୍ତି। ଭଙ୍ଗା ଟାଇଲ ଉପଯୋଗ କରି ସେଥିରେ ବିଭିନ୍ନ ମୋଜାଇକ ଆର୍ଟ କରାଯାଉଛି।

## ଚିରନ୍ତନୀ

କାଟି ବିଶ୍ୱର ସକଳ ନିଗଡ଼ ବନ୍ଧନ
ଶତ ଆଶା ପୀରତିର ମଧୁ ନିବନ୍ଧନ
ସକଳ ସ୍ନେହ ମମତା
ମରମ ନିଭୃତ କଥା,
କରିବି ଏ କୋଣେ ତାର ସମାଧି ସାଧନ,
ସକଳ ମଧୁର ସ୍ମୃତି ପ୍ରୀତି ଆରାଧନ। -(ବନ୍ଦୀର ବିଳାପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | 2 | | | | | |
| | | | | | 9 | 8 | 7 | 3 |
| | | 9 | | | 7 | | 4 | |
| | | | | 2 | 1 | | | |
| 1 | | 7 | 4 | | | | | |
| | | | 7 | 9 | | | 2 | |
| | | | 3 | | | 5 | | 4 |
| | 8 | | | 1 | 2 | 6 | | |
| | 6 | | | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 7 | 4 | 6 | 2 | 9 | 5 |
| 2 | 4 | 6 | 5 | 8 | 9 | 1 | 7 | 3 |
| 9 | 5 | 7 | 1 | 2 | 3 | 6 | 4 | 8 |
| 1 | 3 | 4 | 6 | 9 | 5 | 7 | 8 | 2 |
| 6 | 9 | 8 | 3 | 7 | 2 | 5 | 1 | 4 |
| 5 | 7 | 2 | 8 | 1 | 4 | 9 | 3 | 6 |
| 7 | 2 | 3 | 9 | 5 | 8 | 4 | 6 | 1 |
| 8 | 1 | 5 | 4 | 6 | 7 | 3 | 2 | 9 |
| 4 | 6 | 9 | 2 | 3 | 1 | 8 | 5 | 7 |

ଗତକାଲିର ଉତ୍ତର

# ଭାରତର ଦୁଇ ପଡ଼ୋଶୀ ଦେଶ



ବୈକୁଣ୍ଠନାଥ ମିଶ୍ର

ପଡ଼ୋଶୀଟିଏ ଉତ୍ତମ ବନ୍ଧୁତ୍ୱର ନିଦର୍ଶନ ହୋଇପାରେ କିମ୍ବା ଶତ୍ରୁତା ଆଚରଣ ବି କରିପାରେ। ଏହା ପରିବାର, ଗୋଷ୍ଠୀ, ସମାଜ ଏବଂ ସର୍ବୋପରି ଦେଶ ଦେଶ ମଧ୍ୟରେ ଦେଖାଯାଏ। ଜଣେ ଉତ୍ତମ ପଡ଼ୋଶୀ ସେହି ଯେ ସୁଖଦୁଃଖରେ ଆନ୍ତରିକତାର ସହଭାଗିତା ସ୍ଥାପନ କରେ। ଗୋଟିଏ ଦେଶର ପଡ଼ୋଶୀ ଯଦି ଉକ୍ତ ଶତ୍ରୁତା ଆଚରଣ କରେ ତେବେ ଦୁଇଦେଶ ମଧ୍ୟରେ ତିକ୍ତତା ବୃଦ୍ଧିପାଏ ଓ ଉଭୟ ଦେଶର ସାଧାରଣ ଜନତା ଏଥିରେ ଦୁଃଖ ଭୋଗ କରନ୍ତି। ଭାରତର ଦ୍ରୁତ ବିକାଶ ତା'ର ପଡ଼ୋଶୀ ଦେଶ ବିଶେଷ ଭାବେ ପାକିସ୍ତାନକୁ ଈର୍ଷାନ୍ୱିତ କରିଛି। ଫଳ ସ୍ୱରୂପ ପାକିସ୍ତାନ ପ୍ରତ୍ୟକ୍ଷ ବା ପରୋକ୍ଷରେ ଭାରତରେ ଆତଙ୍କୀ କାର୍ଯ୍ୟକଳାପ ଜାରିରଖିଛି। ପାକିସ୍ତାନର ସାଧାରଣ ଜନତା ମଧ୍ୟ ସେ ଦେଶର ସରକାରୀ ବ୍ୟବସ୍ଥାକୁ ବିରୋଧ କରିବା ଆରମ୍ଭ କଲେଣି। ଭାରତ ପରି ପାକିସ୍ତାନ କାହିଁକି ସଫଳତା ଅର୍ଜନ କରି ପାରୁନାହିଁ ବୋଲି ସେ ଦେଶର ଶିକ୍ଷିତ ନାଗରିକ ପ୍ରଶ୍ନ ଉଠାଇଲେଣି। ଏପରି କି ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ମଧ୍ୟ ଏ ବିଷୟରେ ପ୍ରଶ୍ନ ଉଠାଇଛନ୍ତି। ସମ୍ପ୍ରତି ଲଣ୍ଡନରେ ଥିବା ସରିଫ୍ ପ୍ରଶ୍ନ କରିଛନ୍ତି ଭାରତ ପରି ପାକିସ୍ତାନ କାହିଁକି ସଫଳତା ହାସଲ କରିପାରୁନାହିଁ- ଏ ବିଷୟରେ ପାକିସ୍ତାନ ନେତୃମଣ୍ଡଳୀ ସମୀକ୍ଷା କରିବା ଆବଶ୍ୟକ। ଚନ୍ଦ୍ରୟାନ-୩ର ସଫଳତା ଓ ଜି-୨୦ ସମ୍ମିଳନୀରେ ସଫଳ ଆୟୋଜନ ପରେ ପାକ୍ ଗଣମାଧ୍ୟମଗୁଡ଼ିକ ଭାରତକୁ ପ୍ରଶଂସା କରିଛନ୍ତି, ଯାହା ସେ ଦେଶର ଶାସକଙ୍କୁ ବିବ୍ରତ କରିଛି। ବଡ଼କଥା ହେଲା, ପାକିସ୍ତାନ ଜନ୍ମିତ ସ୍ୱିଡେନ ରାଜନୀତି ବିଶେଷଜ୍ଞ ଭାବେ ସୁପରିଚିତ ଇସ୍ତିଆଜ ଅହମ୍ମଦ କହିଛନ୍ତି ଯେ, ଭାରତରେ ବସବାସ କରୁଥିବା ମୁସଲମାନମାନେ ପାକିସ୍ତାନ ମୁସଲମାନଙ୍କ ତୁଳନାରେ ଯଥେଷ୍ଟ ଭଲରେ ଅଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ ଏତେ ସଂଖ୍ୟକ ମୁସଲମାନ ଯଦି ଭାରତରେ ସୁଖରେ ରହି ପାରୁଛନ୍ତି, ତେବେ ପାକିସ୍ତାନରେ ଏହା କାହିଁକି ସମ୍ଭବ ହେଉନାହିଁ ? ଇସ୍ତିଆଜ ଭାରତର ସମାନ ନାଗରିକ ସଂହିତା (ୟୁସିସି)କୁ ସମର୍ଥନ କରି କହିଛନ୍ତି ଯେ ଏହାଦ୍ୱାରା ସବୁ ସମ୍ପ୍ରଦାୟ ସମାନଭାବେ ଆଇନଗତ ସୁବିଧା ପାଇବେ, ଯାହାଫଳରେ ବିକାଶ ଅବଶ୍ୟମ୍ଭାବୀ। ଇସ୍ତିଆଜ ପୁଣି କହିଛନ୍ତି ଭାରତଠାରୁ ଅଲଗା ହେବା ଥିଲା ଏକ ଭୁଲ୍ ନିଷ୍ପତ୍ତି। ଅବଶ୍ୟ ବିଭାଜନ ପରେ ଆମେରିକା ଓ ବିଶ୍ୱବ୍ୟାଙ୍କ ସହାୟତାରେ ପାକିସ୍ତାନ ଆର୍ଥିକ ପ୍ରଗତି ହାସଲ କରିଥିଲା। କିନ୍ତୁ ୧୯୬୫ର ଯୁଦ୍ଧ ପାକିସ୍ତାନକୁ ପ୍ରଭୂତ କ୍ଷତି ପହଞ୍ଚାଇଲା ଓ ପାକ୍ ଅର୍ଥନୀତି ଭୟଙ୍କର ପ୍ରଭାବିତ ହେଲା। ବିଶେଷକରି ୧୯୭୧ରେ ବାଂଲାଦେଶ ପାକିସ୍ତାନଠାରୁ ଅଲଗା ହେବାପରେ ପାକିସ୍ତାନର ଆର୍ଥିକ ଅଧୋଗତି ତୀବ୍ରତର ହେଲା। ବାଂଲାଦେଶ ଶିଳ୍ପ ସମୃଦ୍ଧ ହୋଇ ବିକାଶ ପଥରେ ଅଗ୍ରସର ହେଲା। ବାଂଲାଦେଶର ବୟନଶିଳ୍ପ ଉତ୍ପାଦ ବିଶ୍ୱବିଖ୍ୟାତ। ପାକିସ୍ତାନ ପ୍ରାୟତଃ ଶିଳ୍ପଶୂନ୍ୟ ହୋଇଗଲା। ଇସ୍ତିଆଜ କହିଛନ୍ତି ଆତଙ୍କବାଦ ପ୍ରୋତ୍ସାହନ ବ୍ୟୟଭାର ପାକିସ୍ତାନର ଆର୍ଥିକ ଦୁର୍ଗତିର ଅନ୍ୟତମ କାରଣ। ଉଦ୍‌ବେଗର କଥା ପାକିସ୍ତାନର ଗଣତାନ୍ତ୍ରିକ ସରକାର ପରିବର୍ତ୍ତେ ଶାସନ ବ୍ୟବସ୍ଥା ଅଙ୍କୁଶ ସେନାହାତକୁ ଚାଲିଯିବା ଦ୍ୱାରା ପାକିସ୍ତାନରେ ଅରାଜକତା ବ୍ୟାପିଗଲା। ମୋଟାମୋଟି ଇସ୍ତିଆଜଙ୍କ ମତହେଲା ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ବନ୍ଦକଲେ ଭାରତ ସହ ସମ୍ପର୍କ ସୁଧୁରିବାର ସୁଯୋଗ ସୃଷ୍ଟିହେବ ଓ ଦୁଇଦେଶ ମଧ୍ୟରେ ଉତ୍ତମ ବୁଝାମଣା ସ୍ଥାପିତ ହୋଇ ପ୍ରଗତିର ପଥ ଉନ୍ମୁକ୍ତ ହେବ। ଇସ୍ତିଆଜଙ୍କ ସର୍ବଶେଷ ମତହେଲା ଯେ ଭାରତରେ ସାମାଜିକ ସୁରକ୍ଷା ଓ ବିଶେଷକରି ମହିଳାମାନଙ୍କର ସ୍ୱାଧୀନତା ସେ ଦେଶକୁ ଆଗକୁ ନେଇଥିବା ବେଳେ, ପାକିସ୍ତାନ ଏ କ୍ଷେତ୍ରରେ ବହୁ ପଛରେ ପଡ଼ିଛି।

ଅପରପକ୍ଷେ ଅନ୍ୟତମ ଦକ୍ଷିଣ ଏସୀୟ ପଡ଼ୋଶୀ ଦେଶ ଭୁଟାନ କଥା ଚିନ୍ତା କରାଯାଉ। ଭୁଟାନର ସମୁଦାୟ ବାଣିଜ୍ୟିକ କାରବାରର ଦୁଇ/ତୃତୀୟାଂଶ କେବଳ ଭାରତ ସହ ହୋଇଥାଏ। ଭୁଟାନ ଜଳବିଦ୍ୟୁତ ଉତ୍ପାଦନରେ ପୃଥିବୀ ବିଖ୍ୟାତ। ବଳକା ଜଳବିଦ୍ୟୁତ ଭାରତ ସମେତ ପୃଥିବୀର ଅନେକ ଦେଶକୁ ଯୋଗାଇଦିଏ ଭୁଟାନ। ଯଦିଓ ଚାଇନା ଭାରତ ବିରୋଧରେ ଭୁଟାନକୁ ଉସୁକାଉଛି, ଭୁଟାନ କିନ୍ତୁ ଭାରତ ସହ ତା'ର ବନ୍ଧୁଭାବାପନ୍ନ ମନୋଭାବକୁ ପରିହାର କରିନାହିଁ। ଭୁଟାନର ପ୍ରଧାନମନ୍ତ୍ରୀ ଲୋଟେ ସେରିଂ ନିକଟରେ ସୂଚନା ଦେଇଛନ୍ତି ଯେ, ଯେଉଁ ବିଶ୍ୱସ୍ତରୀୟ କମ୍ପାନୀମାନେ ଭାରତରେ ପୁଞ୍ଜିନିବେଶ କରୁଛନ୍ତି ଓ ଅନ୍ୟ ଯେଉଁମାନେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ସେମାନଙ୍କୁ ଭୁଟାନ ପ୍ରତି ଆକର୍ଷିତ କରିବା ପାଇଁ ନୂଆଦିଲ୍ଲୀକୁ ଅନୁରୋଧ କରାଯାଇଛି। ଭୁଟାନର ପର୍ଯ୍ୟଟନ ଶିଳ୍ପ ଅତ୍ୟନ୍ତ ବ୍ୟବସ୍ଥିତ। ଅନ୍ୟ ଦେଶ ତୁଳନାରେ ଭାରତୀୟ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ ଖର୍ଚ୍ଚର ଏକ ବଡ଼ ରିହାତି ଘୋଷଣା ଭାରତୀୟଙ୍କୁ ସେ ଦେଶପ୍ରତି ଆକୃଷ୍ଟ କରିବ ବୋଲି ଭୁଟାନ ଆଶାବାଦୀ। ଭୁଟାନ ସମ୍ପ୍ରତି ଉକ୍ତ ବେକାରିକୁ ସାମନା କରୁଥିବା ବେଳେ ଖୁବ୍‌ଶୀଘ୍ର ଏଥିରୁ ମୁକ୍ତିଲାଭ କରିବା ପାଇଁ ଆଶାବାଦୀ। ବଡ଼କଥା ହେଲା ଭୁଟାନ ପାକିସ୍ତାନ ପରି ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦିଏନାହିଁ। ଚାଇନାର ବିସ୍ତାରବାଦୀ ରାଜନୀତିକୁ ଭୁଟାନ ଭଲଭାବରେ ବୁଝିସାରିଛି। ନେପାଳପରି ଚାଇନାକୁ ସେ ସମର୍ଥନ କରିନାହିଁ। ଭୁଟାନ ଦୃଷ୍ଟିରେ ଭାରତ ହିଁ ଏକମାତ୍ର ନିର୍ଭରଯୋଗ୍ୟ ପଡ଼ୋଶୀ ଦେଶ। ବିଗତ ୨୦୦୦ ମସିହାଠାରୁ ୨୦୨୩ ମଧ୍ୟରେ ଭାରତ ଭୁଟାନରେ ୮୬ ନିୟୁତ ଡଲାର ପୁଞ୍ଜି ନିବେଶ କରିସାରିଛି, ଯାହା ଭୁଟାନର ପ୍ରଗତି ପ୍ରତି ଭାରତର ଏକ ବଡ଼ ଅବଦାନ। ଭୁଟାନ ବୁଝିସାରିଛି ଯେ ଭାରତର ସେପରି କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ଭାରତ ମଧ୍ୟ ଭୁଟାନର ବିକାଶରେ ସହଭାଗିତା ପାଇଁ ହାତ ବଢ଼ାଇଛି।



**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

# କାଳିଦାସ ଓ ନବରାତ୍ରି



ଅନୀତା ପଟ୍ଟନାୟକ

ମୋର ଜଣେ ନାତି ପଚାରିଲା ନବରାତ୍ରିରେ କ'ଣ ହୁଏ? ମୁଁ କହିଲି ନବରାତ୍ରିର ପ୍ରଥମ ତିନି ଦିନ ମହାକାଳୀଙ୍କର ପୂଜା କରାଯାଏ। ଦ୍ୱିତୀୟ ତିନି ଦିନ ମହାଲକ୍ଷ୍ମୀଙ୍କର ପୂଜା କରାଯାଏ ଓ ତୃତୀୟ ତିନି ଦିନ ମା'ସରସ୍ୱତୀଙ୍କର ପୂଜା କରାଯାଏ। ତୁମେ କାଳିଦାସଙ୍କ ନାମ ଶୁଣିଥିବ। ସେ ସୁନ୍ଦର ସୁନ୍ଦର ନାଟକ ଓ ମହାକାବ୍ୟ ରଚନା କରିଛନ୍ତି। ସେଥିମଧ୍ୟରୁ ରଘୁବଂଶମ୍, ମେଘଦୂତମ୍, ଅଭଧାନ ଶକୁନ୍ତଳମ୍, ବିକ୍ରମ ଉର୍ବଶୀୟମ୍, ଋତୁସଂହାର ଇତ୍ୟାଦି ସର୍ବାଜନ ଆଦୃତ। ଲୋକମତ ଅନୁସାରେ କାଳିଦାସ ଉଜ୍ଜୟିନୀରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନୁ ସେ ତାଙ୍କର ମାତାପିତାଙ୍କୁ ହରାଇଥିଲେ। ତାଙ୍କର ସାଧାରଣ ଜ୍ଞାନ ନ ଥିଲା। ସେ ମହାକାଳୀଙ୍କୁ ପୂଜା କରୁଥିଲେ ଓ କାଳୀଙ୍କୁ ଆରାଧନା କରୁଥିଲେ। ଅନେକଙ୍କ ମତରେ କାଳୀଙ୍କର ଭକ୍ତ ଥିବାରୁ ତାଙ୍କର ନାମ କାଳିଦାସ ହୋଇଥିଲା। ଅନ୍ୟ ଅର୍ଥରେ ସେ କାଳୀଙ୍କ ଦାସ ହୋଇଥିବାରୁ ତାଙ୍କ ନାମ କାଳିଦାସ ହୋଇଥିଲା।

ମନୁଷ୍ୟର ତିନୋଟି ଗୁଣ ଅଛି। ଯଥା ସତ୍ତ୍ୱ, ରଜ ଓ ତମ। ମା' କାଳୀ ତମ ଗୁଣକୁ ନାଶ କରୁଥିବାର ପ୍ରତୀକ। ତମଗୁଣ ନାଶ ହେଲେ ଜଣେ ରଜଗୁଣରେ ପ୍ରବେଶ କରିପାରେ ଓ ରଜଗୁଣକୁ ପରିତ୍ୟାଗ କରିପାରିଲେ ସେ ସତ୍ତ୍ୱଗୁଣରେ ପ୍ରବେଶ କରେ। ନାତୁଣୀ କହିଲା ଜେଜେମା' ତୁମେ କହୁଥିଲ ଲୋକକଥା ଅନୁଯାୟୀ କାଳିଦାସ ଗରିବ ଥିଲେ ଓ ଗାଈ ଚରାଉଥିଲେ। ସେ ମହାକାଳ ଓ ମହାକାଳୀଙ୍କୁ ପୂଜାକରି ତମଗୁଣକୁ ପରିହାର କରିବା ପରେ ରାଜସିକ ଗୁଣରେ ଅଭିସିକ୍ତ ହୋଇପାରିଥିଲେ କି? ଏବେ ମୁଁ ବୁଝି ପାରିଲି ନବରାତ୍ରି, ଦଶହରାରେ ଅନେକ ଜାଗାରେ ଶିବଙ୍କ ମଣ୍ଡପ (ମହାକାଳ)ଙ୍କର ମଧ୍ୟ କାହିଁକି ପୂଜା କରାଯାଏ।

ମୁଁ କହିଲି ଉଜ୍ଜୟିନୀର ରାଜାଙ୍କର ଝିଅ ବିଦ୍ୟୋମା ଅତ୍ୟନ୍ତ ଜ୍ଞାନୀ ଥିଲେ। ତାଙ୍କର ଗୁରୁଙ୍କ ନାମ ଥିଲା ବରରୁଚି। ବିଦ୍ୟୋମା ନିଜର ଜ୍ଞାନ ଯୋଗୁ ଗର୍ବିତ ହୋଇ ପଣ୍ଡିତମାନଙ୍କୁ ଯୁକ୍ତିତର୍କରେ ହରାଇବା ସହିତ ନିଜର ଗୁରୁ ବରରୁଚିଙ୍କୁ ମଧ୍ୟ ଅପମାନିତ କରିଥିଲେ। ବିଦ୍ୟୋମା ପଣ ରଖିଥିଲେ ତାଙ୍କୁ ବିଦ୍ୟାରେ ଯିଏ ହରାଇବ ସେ ତାକୁ ବିବାହ କରିବେ। ଏପରି ଗର୍ବୀ ନାରୀକୁ ଶିକ୍ଷା ଦେବା ପାଇଁ ଗୁରୁ ବରରୁଚି ଓ ଅନ୍ୟ ପଣ୍ଡିତମାନେ ଏକ ଯୋଜନା କଲେ। ଦିନେ ରାସ୍ତାରେ ଯାଉ ଯାଉ ସେମାନେ ଦେଖିଲେ ଅତ୍ୟନ୍ତ ବଳିଷ୍ଠ ସୁନ୍ଦର ଯୁବକ ଗଛ ଡାଳରେ ବସି ସେହି ଡାଳକୁ କୁରାଢ଼ିରେ କାଟୁଛନ୍ତି। ସେମାନେ ସେହି ଯୁବକଙ୍କୁ ଗଛରୁ ଓହ୍ଲାଇ ସ୍ନାନ କରାଇ ରାଜବସ୍ତ୍ର ପିନ୍ଧାଇ ରାଜାଙ୍କ ନିକଟକୁ ନେଲେ ଓ ରାଜକନ୍ୟାଙ୍କର ଉପଯୁକ୍ତ ପାତ୍ର ଆଣିଛନ୍ତି ବୋଲି କହିଲେ। କାଳୀଦାସ ମୌନବ୍ରତ ରଖିଛନ୍ତି ବୋଲି ରାଜାଙ୍କୁ ଜଣାଇଲେ। ରାଜକନ୍ୟାଙ୍କୁ କାଳିଦାସଙ୍କ ସମ୍ମୁଖକୁ ଅଣାଗଲା ଓ ପ୍ରଶ୍ନ ପଚାରିବାକୁ କୁହାଗଲା। ରାଜକନ୍ୟା ତର୍ଜନୀରେ କାଳିଦାସଙ୍କୁ ନିର୍ଦ୍ଦେଶ କଲେ। ଯାହାର ଅର୍ଥ ଥିଲା ଈଶ୍ୱର ଏକ ଓ ଅଦ୍ୱିତୀୟ। କାଳିଦାସ ଭାବିଲେ ଏ ରାଜକନ୍ୟା ମୋର ଗୋଟିଏ ଆଖି ଫୁଟାଇବ ବୋଲି କହୁଛି। ତେଣୁ ସେ ଦୁଇଟି ଆଙ୍ଗୁଠି ରାଜକନ୍ୟାଙ୍କ ଆଡ଼କୁ ନିର୍ଦ୍ଦେଶ କଲେ। ଯାହାର ଅର୍ଥ ଥିଲା ତୁ ମୋର ଗୋଟିଏ ଆଖି ଫୁଟାଇବୁ କହୁଛୁ ମୁଁ ତୋର ଦୁଇଟି ଆଖି ଫୁଟାଇ ଦେବି। କିନ୍ତୁ ବରରୁଚି ଓ ଅନ୍ୟ ପଣ୍ଡିତମାନେ ତାଳି ମାରି ଏହାକୁ ସ୍ୱାଗତ କଲେ ଓ କହିଲେ ଏହାର ଅର୍ଥ ହେଉଛି ଈଶ୍ୱର ଏକ ନୁହନ୍ତି ସେ ଦୁଇ ଯାହାକି ଆତ୍ମା ଓ ପରମାତ୍ମା। ଏହି ଉତ୍ତରରେ ଅତ୍ୟନ୍ତ ପ୍ରୀତ ହୋଇ ବିଦ୍ୟୋମା ବିବାହ ପାଇଁ ରାଜି ହୋଇଥିଲେ ଓ ବିବାହ ସମ୍ପନ୍ନ ହୋଇଥିଲା। କିନ୍ତୁ ଚତୁର୍ଥୀ ରାତିରେ ଓଟ ବୋବାଳି ଶବ୍ଦକୁ ଅପଭ୍ରଂଶ କରି କହିବାରୁ ବିଦ୍ୟୋମା କାଳିଦାସଙ୍କୁ ଘରୁ ବିତାଡ଼ିତ କରିଥିଲେ। ଏଥିରେ ଅପମାନିତ ହୋଇ ଜୀବନକୁ ଝାସ ଦେବା ପାଇଁ କାଳିଦାସ ନଦୀକୁ ଡେଇଁପଡ଼ିଲେ। ତମଗୁଣ ଓ ରାଜସିକ ଗୁଣକୁ ପରିତ୍ୟାଗ କରି ସତ୍ତ୍ୱଗୁଣରେ ପ୍ରବେଶ କରିଥିବା କାଳିଦାସଙ୍କୁ ମା' ମହାସରସ୍ୱତୀ ସାତଥର ପାଣିରେ ବୁଡ଼ାଇ ତାଙ୍କର ସାତ ଜନ୍ମର ଅଜ୍ଞାନ ଅନ୍ଧକାରକୁ ଦୂର କରି ଜ୍ଞାନାଲୋକରେ ଉଦ୍ଭାସିତ କରିଥିଲେ। କଥାରେ ଅଛି କାଳିଦାସ 'କଜ୍ଜ୍ୱଳପୁରିତ ଲୋଚନ ଧାରେ' ଗାନ କରିବା ଆରମ୍ଭ କରିଥିଲେ। କିନ୍ତୁ କି ଦୁଃଖର ବିଷୟ ସ୍ତୁତିରେ ମା'ଙ୍କର ପାଦଆଡ଼ୁ ବର୍ଣ୍ଣନା ନ କରି ସେ ମୁହଁ ଆଡ଼ୁ ସ୍ତୁତି କରିଥିଲେ। ତେଣୁ ଯୁବ ସମାଜ ନବରାତ୍ରିରେ ନାରୀମାନଙ୍କର ପଦବନ୍ଦନା କରିବା ଉଚିତ।

ସରସ୍ୱତୀଙ୍କ ପ୍ରସାଦ ଲାଭ କରି ସେ ଭୋଜ ରାଜାଙ୍କର ନଅରକୁ ଆସି ବିଦ୍ୟୋମାଙ୍କର ଘରର କବାଟ ଖୋଲିବାକୁ ଅନୁରୋଧ କରି କହିଲେ ଅନାବୃତଂ କପାଟଂ ଦେହି। ତା'ର ଉତ୍ତରରେ ବିଦ୍ୟୋମା କହିଲେ ଅସ୍ତି କଶ୍ଚିତ ବାକ୍ ବିଶେଷ (କିଛି କହିବାର ଅଛି) ତା'ର ଉତ୍ତରରେ ତାଙ୍କ କଣ୍ଠରୁ ଅସ୍ତିରେ କୁମାର ସମ୍ଭବମ୍, କିଚିତ୍‌ରେ ମେଘଦୂତମ୍ ଓ ବାକ୍‌ରେ ରଘୁବଂଶମ୍ ପରି ତିନୋଟି ମହାକାବ୍ୟ ଝରି ଆସିଥିଲା। ଏହାପରେ ସେ ରାଜ ଦରବାରରେ ରାଜକବି ଭାବରେ ଅଭିଷିକ୍ତ ହୋଇଥିଲେ। ସେ ଜାଣିଥିଲେ ଈର୍ଷା ଓ ଦ୍ୱେଷରୁ ମୁକ୍ତିଲାଭ କରିବାର ଏକମାତ୍ର ଉପାୟ ମହାକାଳୀ ଉପାସନା।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସେକ୍ଟର-୧୦, ସିଡିଏ, କଟକ, ମୋ-୯୬୨୯୮୦୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚୟନରେ ଦୁର୍ନୀତି

ମହାଶୟ,

ସେପ୍ଟେମ୍ବର ୧୫ ରେ ଓଡିଶା ସବୋର୍ଡିନେଟ ଷ୍ଟାଫ ସିଲେକ୍ସନ କମିଶନ ତରଫରୁ ପ୍ରକାଶିତ ପିଇଓ ଲିଖିତ ପରୀକ୍ଷା ଫଳକୁ ଦେଖି ପରୀକ୍ଷାରେ ଶତ ପ୍ରତିଶତ ଠିକ୍ ଉତ୍ତର ଦେଇଥିବା ଅନେକ ମେଧାବୀ ଛାତ୍ରୀଛାତ୍ରଙ୍କ ଚାକିରି ପାଇବା ଆଶା ଧୂଳିସାତ ହୋଇଯାଇଛି। ସର୍ବମୋଟ ୨୩୧୮ ଗୋଟି ପଦବୀ ପାଇଁ ୬୯୫୪ ଜଣଙ୍କୁ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଯାଇଛି ; ଅର୍ଥାତ ପ୍ରତି ୩ ଜଣଙ୍କ ମଧ୍ୟରୁ ଜଣଙ୍କୁ ଅନ୍ୟାନ୍ୟ ଆନୁଷଙ୍ଗିକ ଟେଷ୍ଟ ପରେ ନିଯୁକ୍ତି ଦିଆଯିବ। ଅନେକ ପରୀକ୍ଷାର୍ଥୀଙ୍କ ଅଭିଯୋଗ ହେଉଛି ଯେ ଏସବୁ ଚାକିରି ପରୀକ୍ଷା ପୂର୍ବରୁ ୧୦ରୁ ୧୫ ଲକ୍ଷ ଟଙ୍କାରେ ବିକ୍ରି ହୋଇସାରିଛି। କୋଟି କୋଟି ଟଙ୍କାର କଳାଧନ ରଖିଥିବା ନେତା, ଅମଲା ଓ ମାଫିଆ ପ୍ରମୁଖଙ୍କ ପିଲା ଚାକିରି ପାଉଛନ୍ତି। ଦୁଃଖର ବିଷୟ ଏଭଳି ଅନିୟମିତତା ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟକୁ ଯିବାକୁ ପିଲାଙ୍କ ପାଖରେ ଅର୍ଥ ନାହିଁ। ସୁତରାଂ ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବା ଉଚିତ। ଅନ୍ୟଥା ଓଡ଼ିଶାର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବେନାମୀ ବ୍ୟାଙ୍କ ଆକାଉଣ୍ଟ ରାକେଟ୍ ଧରିଲା ଏସ୍‌ଟିଏଫ୍

## ମାଷ୍ଟରମାଇଣ୍ଡଙ୍କ ସମେତ ୩ ଗିରଫ

- ୧୫ରୁ ୨୦ ହଜାର ଟଙ୍କାରେ ସାଇବର ଠକଙ୍କୁ ବିକ୍ରି କରୁଥିଲେ
- ଏଯାଏ ୫ ହଜାର ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ୍ ବିକ୍ରି ସୂଚନା



ଭୁବନେଶ୍ୱର,୧୯।୧୦(ସତ୍ୟଜିତ୍ ରାଉତ)

ନିରୀହ ଗାଁ ଲୋକଙ୍କୁ ଫସାଇ ଖୋଲୁଥିଲେ ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ। ପରେ ଏହାକୁ ସାଇବର ଅପରାଧୀଙ୍କୁ ବିକ୍ରି କରି କମାଉଥିଲେ ବିପୁଳ ଟଙ୍କା। ଏଭଳି ଏକ ବେନାମି (ମ୍ୟୁଲ୍) ବ୍ୟାଙ୍କ ଆକାଉଣ୍ଟ ର୍ୟାକେଟ୍‌କୁ ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଧରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ତଥା ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁର ଜିଲା ମୋହନପୁର ଥାନା ଅନ୍ତର୍ଗତ ରାମପୁରା ଅଞ୍ଚଳର ଏସ୍.କେ. ଜାମିରଉଦ୍ଦିନ୍, ବାଲେଶ୍ୱର ଜିଲା ରାଇବଣିଆ ଥାନା ଅନ୍ତର୍ଗତ ବରହମ୍‌ପୁର ଅଞ୍ଚଳର ଏସ୍.କେ. ଜାହାଙ୍ଗିର୍ ଓ ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ ରହୁଥିବା ବାଲେଶ୍ୱର ରାଇବଣିଆ ଥାନା ଅନ୍ତର୍ଗତ ବରହମ୍‌ପୁର ଅଞ୍ଚଳର ଏସ୍.କେ. ହାପିଜୁଲ୍। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୨୪/୨୦୨୩) ରୁଜୁ କରାଯାଇଛି। ଅଭିଯୁକ୍ତତ୍ରୟଙ୍କୁ ଗୁରୁବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ର୍ୟାକେଟ୍‌ର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି।

ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ତ୍ରିକୋଣୀୟ ଅଞ୍ଚଳରେ ଏହି ର୍ୟାକେଟ୍ ସକ୍ରିୟ ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ର୍ୟାକେଟର ସଦସ୍ୟମାନେ ବିଶେଷ କରି ବାଲେଶ୍ୱର, ମୟୂରଭଞ୍ଜ, ପୂର୍ବ ମେଦିନାପୁର, ପଶ୍ଚିମ ମେଦିନାପୁର, ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି ଓ ସରାଇକେଲା ଜିଲାରେ ଏପରି ବେଆଇନ କାରବାର ଚଳାଇଥିଲେ। ଜାମିର୍‌ଉଦ୍ଦିନ୍ ୧୦ରୁ ୧୫ଜଣ ଲୋକଙ୍କୁ ମାସକୁ ୧୫ ହଜାର ଟଙ୍କା ଦରମାରେ ନିଯୁକ୍ତି ଦେଇଥିଲେ। ସେମାନେ ଏସବୁ ଜିଲାର ଗ୍ରାମୀଣ ଅଞ୍ଚଳକୁ ଯାଇ ଲୋକଙ୍କୁ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଉଥିଲେ। ପ୍ରତି ଲୋକଙ୍କୁ ଆକାଉଣ୍ଟ ପିଛା ୨ ହଜାର ଟଙ୍କା ଦିଆଯାଉଥିଲା। ବଡ଼ କଥା ହେଲା, ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଗ୍ୟାଙ୍ଗର ସଦସ୍ୟମାନେ ଦେଉଥିବା ମୋବାଇଲ୍ ନମ୍ବର ହିଁ ଲିଙ୍କ୍ କରାଯାଉଥିଲା। ଏହାପରେ ଏସବୁ ବ୍ୟାଙ୍କ୍ ଆକାଉଣ୍ଟ ଓ ଲିଙ୍କ୍ ଥିବା ମୋବାଇଲ ନମ୍ବରକୁ ଏହି ର୍ୟାକେଟ୍ ବିଭିନ୍ନ ସାଇବର ଠକମାନଙ୍କୁ ବିକ୍ରି କରୁଥିଲେ। କୋଲକାତା ଓ ଦେଶର ଅନ୍ୟ ପ୍ରାନ୍ତରରେ ଥିବା ସାଇବର ଅପରାଧୀମାନେ ହିଁ ଏହି ଆକାଉଣ୍ଟକୁ କିଣୁଥିଲେ। ସିକ୍ରେଟ୍ ହ୍ୱାଟ୍‌ସଆପ୍ ଗ୍ରୁପ୍, ଫେସ୍‌ବୁକ୍ ପେଜ୍, ଟେଲିଗ୍ରାମ ଚ୍ୟାନେଲ୍ ଆଦି ମାଧ୍ୟମରେ ଏହି ମ୍ୟୁଲ୍ ଆକାଉଣ୍ଟ ବିକାକିଣା କାରବାର ଚାଲୁଥିଲା। ପ୍ରତି ବ୍ୟାଙ୍କ୍ ଆକାଉଣ୍ଟକୁ ୧୫ରୁ ୨୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଅଭିଯୁକ୍ତମାନେ ଏଯାଏ ବିଭିନ୍ନ ମାଧ୍ୟମରେ ୫ ହଜାର ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ ବିକ୍ରି କରିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତେବେ ଏହି ଆକାଉଣ୍ଟଗୁଡ଼ିକ ପୋଲିସ ତଥା ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସିର ଅନୁରୋଧକ୍ରମେ ବ୍ୟାଙ୍କ କର୍ତ୍ତୃପକ୍ଷ ଫ୍ରିଜ୍ କରିଦେଉଥିବାରୁ ସାଇବର ଅପରାଧୀମାନେ ଆକାଉଣ୍ଟର ଟ୍ରାଞ୍ଜାକ୍ସନ୍ ୧ ଲକ୍ଷ ଛୁଇଁଲା ପରେ ଏହାକୁ ବନ୍ଦ କରିଦେଉଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

# କୋଟିପତି ଜେଇଙ୍କୁ ଗିରଫ କଲା ଭିଜିଲାନ୍ସ

## ଆୟଠାରୁ ୩୩୧ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଛନ୍ତି ପ୍ରସନ୍ନ

ଭୁବନେଶ୍ୱର,୧୯।୧୦ (ସତ୍ୟଜିତ୍ ରାଉତ)



ପ୍ରସନ୍ନ କୁମାର ପାଣି

ଚଢ଼ାଉ ଓ ଯାଞ୍ଚ ପରେ ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ଜୁନିୟର ଇଞ୍ଜିନିୟର (ଟେକ୍‌ନିକାଲ୍ କନ୍‌ସଲ୍‌ଟାଣ୍ଟ) ପ୍ରସନ୍ନ କୁମାର ପାଣିଙ୍କ ବହୁ କୋଟିର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୩୩୧ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ହିସାବ କରିଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ପ୍ରସନ୍ନ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଗୁରୁବାର ଏକ ମାମଲା (ନଂ.୨୯/୨୦୨୩) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ପ୍ରସନ୍ନଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ଅଭିଯୁକ୍ତ ପ୍ରସନ୍ନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଭିଜିଲାନ୍ସର ୧୧ଟି ଟିମ୍ ବୁଧବାର ପ୍ରସନ୍ନଙ୍କ ଘର ସମେତ ଖୋର୍ଦ୍ଧା, ଅନୁଗୋଳ ଓ ପୁରୀ ଜିଲାର ୧୧ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ତେବେ ଚଢ଼ାଉ ସମୟରେ ଭିଜିଲାନ୍ସ ଟିମ୍ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ଫ୍ରେଣ୍ଡ୍‌ସ କ୍ଲବ୍ ନିକଟରେ ଥିବା ୩ ମହଲା କୋଠା, ତ୍ରିଲୋଚନ ବିହାରରେ ୨ଟି ୩ ମହଲା କୋଠା, ସୁନ୍ଦରପଦା ହାଇଟେକ୍ ପ୍ଲାଜା ପ୍ରଥମ ମହଲାରେ ୧ ଫ୍ଲାଟ୍, ପୁରୀ ଜିଲା ନିମାପଡ଼ା ଅଁଳାପଡ଼ାସ୍ଥିତ ୩ ମହଲା କୋଠା ଠାବ କରିଥିଲା। ଏଥିସହ ଭୁବନେଶ୍ୱର, କଟକ, ପିପିଲି, ନିମାପଡ଼ା, ଜଙ୍କିଆ ଓ ଜଟଣୀରେ ୨୬ଟି ପ୍ଲଟ୍ ମଧ୍ୟ ଠାବ ହୋଇଥିଲା। ସେହିଭଳି ଜମି ଓ ଫ୍ଲାଟ୍ କିଣିବାକୁ ବିଭିନ୍ନ ଡେଭଲପର୍ସ ତଥା ପ୍ରମୋଟର୍ସଙ୍କୁ ଦେଇଥିବା ୪୨.୮୪ ଲକ୍ଷ ଟଙ୍କା, ବ୍ୟାଙ୍କ, ଜୀବନବୀମା ଓ ଅନ୍ୟାନ୍ୟ ଜମା ୬୪.୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୩.୩୩ ଲକ୍ଷ ନଗଦ ଟଙ୍କା, ୩୨ ଲକ୍ଷ ଟଙ୍କାର ଅଳଙ୍କାର, ଗୋଟିଏ ଚାରିଚକିଆ ଯାନ, ୪ ବାଇକ୍ ଓ ଅନ୍ୟ ଘରୋଇ ସାମଗ୍ରୀକୁ ସମ୍ପତ୍ତି ଭାବେ ହିସାବ କରିଥିଲା ଭିଜିଲାନ୍ସ ଟିମ୍। ତେବେ ପ୍ରସନ୍ନ ଦୁର୍ନୀତି କରି ଏସବୁ ସମ୍ପତ୍ତି କରିଥିବା ଭିଜିଲାନ୍ସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ୬ ଡିଏସ୍‌ପି, ୬ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଓଡ଼ିଶା ଗୌରବମୟ ସାମୁଦ୍ରିକ ପରମ୍ପରାର କେନ୍ଦ୍ରବିନ୍ଦୁ ହୋଇ ରହିଥିଲା: ଧର୍ମେନ୍ଦ୍ର




ମୁମ୍ବାଇଠାରେ ଅନୁଷ୍ଠିତ ବିଶ୍ୱ ସାମୁଦ୍ରିକ ଭାରତ ଶିଖର ସମ୍ମିଳନୀ ୨୦୨୩ର ତୃତୀୟ ସଂସ୍କରଣର ଉଦ୍‌ଯାପନୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା ପୁରାତନ କାଳରୁ ଗୌରବମୟ ସାମୁଦ୍ରିକ ପରମ୍ପରାର କେନ୍ଦ୍ରବିନ୍ଦୁ ହୋଇ ରହିଥିଲା। ଆମେ ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ଦରକାର ବୋଲି ଗୁରୁବାର ମୁମ୍ବାଇଠାରେ ଅନୁଷ୍ଠିତ ବିଶ୍ୱ ସାମୁଦ୍ରିକ ଭାରତ ଶିଖର ସମ୍ମିଳନୀ ୨୦୨୩ର ତୃତୀୟ ସଂସ୍କରଣର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର ଭାରତର ଗୌରବମୟ ସାମୁଦ୍ରିକ ଐତିହ୍ୟ ଏବଂ ଜାତୀୟ ବିକାଶରେ ଆମ ନାବିକଙ୍କ ପ୍ରମୁଖ ଭୂମିକା ବିଷୟରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଭାରତରେ ସାମୁଦ୍ରିକ ଶିଳ୍ପ ବହୁ ପୁରୁଣା। ଭାରତର ସଭ୍ୟତା ସହ ନୌବାଣିଜ୍ୟ କାରବାରର ସମ୍ପର୍କ ରହିଆସିଛି। ଏବେ ସମଗ୍ର ବୈଶ୍ୱିକ ଶ୍ରମବଳରେ ୧୨% ନାବିକଙ୍କ ଯୋଗଦାନ ରହିଛି। ଏହାକୁ ୨ ଗୁଣା କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ଏଥିପାଇଁ ଜୋର୍ ଦେଇଛନ୍ତି। ଆମେ ଏକ ନୂଆ ଭାରତର ମୂଳଦୁଆ ପକାଇବା ସମୟରେ ଆମର ସାମୁଦ୍ରିକ ଶକ୍ତି ମଧ୍ୟ ବୃଦ୍ଧି କରିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମେ ଏକ ସୁଦୃଢ଼, ଦକ୍ଷତାଭିତ୍ତିକ ଏବଂ ଶିଳ୍ପ-ପ୍ରସ୍ତୁତ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଛୁ। ଜାତୀୟ ଶିକ୍ଷାନୀତି ଦ୍ୱାରା ଆମେ ଆମର ନାବିକମାନଙ୍କୁ ସ୍କିଲ୍, ରି-ସ୍କିଲ୍ ଏବଂ ଅପ୍-ସ୍କିଲ୍ କରିବା ସହ ସେମାନଙ୍କୁ ଭବିଷ୍ୟତ ଏବଂ ଶିଳ୍ପ ପାଇଁ ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ, ସର୍ବାନନ୍ଦ ସୋନୋୱାଲ ଏବଂ ଶାନ୍ତନୁ ଠାକୁରଙ୍କ ସହ ଧର୍ମେନ୍ଦ୍ର ସାକ୍ଷାତ କରିଥିଲେ।

## ଜିଏମ୍‌ୟୁ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ସମ୍ବଲପୁର,୧୯।୧୦(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଟ୍ରଷ୍ଟଫଣ୍ଡ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଘନଶ୍ୟାମ କରୁଆଁ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେ ରହୁଥିବା ରୁମ ନଂ.୩୮ର ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ମୃତଦେହ ଜବତ କରିଥିଲା। ଘନଶ୍ୟାମ ଜିଏମ୍‌ୟୁ ଯୁକ୍ତତିନି ବାଣିଜ୍ୟ ବିଭାଗ ଶେଷବର୍ଷର ଛାତ୍ର ଥିଲେ। ତାଙ୍କ ଘର କଳାହାଣ୍ଡି ଜିଲା ନର୍ଲା ଅଞ୍ଚଳରେ। ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ସେ ହଷ୍ଟେଲ ରୁମ୍ ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ଦୀର୍ଘସମୟ ଧରି କବାଟ ନ ଖୋଲିବାରୁ ସାଙ୍ଗମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ଟାଉନ ଥାନା ପୋଲିସ ହଷ୍ଟେଲରେ ପହଞ୍ଚି କବାଟ ଭାଙ୍ଗିଥିଲା। ରୁମ୍ ଭିତରେ ଘନଶ୍ୟାମ ଏକ ଗାମୁଛା ସାହାଯ୍ୟରେ ପଙ୍ଖାରେ ଝୁଲୁଥିବା ପୋଲିସ ଦେଖିଥିଲା। ଟାଉନ ଥାନା ଅଧିକାରୀ ବୁଲୁ ସ୍ୱାଇଁ କହିଛନ୍ତି, ରାତି ହୋଇଯାଇଥିବାରୁ ମୃତଦେହ ହଷ୍ଟେଲରେ ରହିଛି। ଶୁକ୍ରବାର ସକାଳେ ପରିବାର ବର୍ଗ ପହଞ୍ଚିଲେ ପାଞ୍ଚନାମା ହେବ। ଏହାପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

## ଧକ୍କାଦେଇ ଫେରାର ବେଳେ ଜଳିଗଲା ଟ୍ରକ୍

ଭଦ୍ରକ/ବନ୍ତ, ୧୯।୧୦ (ସନାତନ ରାଉତ/ହରିନାରାୟଣ ମହାନ୍ତି)



ଭଦ୍ରକ-ଆନନ୍ଦପୁର ରାସ୍ତାର ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଗୁରୁବାର ଅପରାହ୍ନରେ ବାଇକ୍‌କୁ ଧକ୍କା ଦେଇ ଏକ ଟ୍ରକ୍ ଫେରାର ହୋଇଯାଉଥିବା ବେଳେ ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ବାଇକ୍ ଆରୋହୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନଈପାରି ଗଡ଼ିଆ ଗ୍ରାମର ଦାଶରଥି ପରିଡ଼ା(୪୮) ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଭଦ୍ରକରୁ ଏକ ଆଇରନ ବୋଝେଇ ଟ୍ରକ୍ (ନଂ.ଓଡି ୨୨ ୱାଇ ୮୦୬୬) ଆନନ୍ଦପୁର ଅଭିମୁଖେ ଯାଉଥିଲା। ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଦାଶରଥିଙ୍କ ସମେତ ୩ ଯୁବକ ରାସ୍ତାକଡ଼ରେ ବାଇକ୍ ରଖି ଦୋକାନରୁ ଚା' ପିଉଥିଲେ। ଟ୍ରକ୍ ଭାରସାମ୍ୟ ହରାଇ ବାଇକ୍ ଉପରେ ବସିଥିବା ଦାଶରଥିଙ୍କୁ ଧକ୍କା ଦେଇ ବାଇକ୍ ସହ ସେଠାରେ ଥିବା ଏକ ସାଇକେଲକୁ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଗଣିଜାଙ୍ଗଠାରେ ଟ୍ରକ୍ ସହ ବାଇକ୍ ଓ ସାଇକେଲ ଜଳିଯାଇଥିଲା। ଖବରପାଇ ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟ୍ରକ୍‌ଟି ରାସ୍ତା ଉପରେ ହୁତୁହୁତୁ ହୋଇ ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଡ୍ରାଇଭର ଓହ୍ଲାଇ ପଡ଼ିଥିବାରୁ ସୁରକ୍ଷିତ ଥିବା ଜଣାପଡ଼ିଛି।

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

ରାୟଗଡ଼ା,୧୯।୧୦ (ଆଶିଷ ରଞ୍ଜନ ପଣ୍ଡା)

ନାବାଳିକା ବଳାତ୍କାର ମାମଲାର ବିଚାରକରି ରାୟଗଡ଼ା ପୋକ୍ସୋ କୋର୍ଟ ଗୁରୁବାର ଜଣେ ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ୨ ବର୍ଷ ଅତିରିକ୍ତ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ପୋକ୍ସୋ କୋର୍ଟ ସ୍ୱତନ୍ତ୍ର ଜଜ୍ ସୋନାଲି ପଟ୍ଟନାୟକ ୧୯ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଏହି ରାୟ ଶୁଣାଇଛନ୍ତି।

ପ୍ରକାଶ ଯେ, ରାୟଗଡ଼ା ବ୍ଲକ ଜେକେପୁର ଅଞ୍ଚଳର ଭଗବାନ ପଣ୍ଡା ୨୦୨୧ରେ ଜଣେ ୧୪ବର୍ଷୀୟା ବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ମା' ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ୮୫/୨୧ରେ ମାମଲା ରୁଜୁକରି ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ୩୩ ଜଣଙ୍କ ସାକ୍ଷ୍ୟ ପ୍ରମାଣ ନେଇଥିଲେ। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ଓ ପୀଡ଼ିତାଙ୍କ ବୟାନ ଅନୁସାରେ ନାବାଳିକା ଜଣକ ଭଗବାନ ପଣ୍ଡାଙ୍କ ରାଶନ ଦୋକାନକୁ ସାମଗ୍ରୀ କିଣିବାକୁ ଯାଇଥିଲେ। ଅଭିଯୁକ୍ତ ନାବାଳିକାଙ୍କୁ ବାଥ୍‌ରୁମ୍‌କୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୋକ୍ସୋ କୋର୍ଟ ସ୍ୱତନ୍ତ୍ର ଜଜ୍ ପଟ୍ଟନାୟକ ସମସ୍ତ ପ୍ରମାଣ ଓ ସାକ୍ଷ୍ୟକୁ ଭିତ୍ତିକରି ସେକ୍ସନ ୪/୨, ପୋକ୍ସୋ ଆକ୍ଟ, ୩୭୬ (୩) ଏବଂ ୫୦୬ ଆଇପିସି ଧାରା ଅନୁସାରେ ଏହି ରାୟ ଶୁଣାଇଛନ୍ତି। ଏହି ରାୟ ପ୍ରକାଶ ପାଇବା ପରେ ଦୋଷୀଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଉକ୍ତ ମାମଲାରେ ସରକାରୀ ଓକିଲ ଭାବେ ବିରଜା ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ। ଏହି ଦଣ୍ଡାଦେଶ ଯୋଗୁ ପୀଡ଼ିତାଙ୍କୁ ନ୍ୟାୟ ମିଳିଛି ଏବଂ ଆଗାମୀ ଦିନରେ ଏଭଳି ଜଘନ୍ୟକାଣ୍ଡ ରୋକିବାରେ ରାୟ ସହାୟକ ହେବ ବୋଲି ଆଇନଜୀବୀ ପାତ୍ର କହିଛନ୍ତି।

# ଓଡ଼ିଶା ଓଭିଇପି କାର୍ଯ୍ୟକ୍ରମକୁ ଆଇଓସି ସଭାପତିଙ୍କ ପ୍ରଶଂସା

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଭିଇପିରେ ଭାଗ ନେଇଥିବା ଓଡ଼ିଶାର ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ(ଓଭିଇପି)ରେ ଭାଗନେଇଥିବା ଓଡ଼ିଶାର ସ୍କୁଲ ଛାତ୍ରୀଛାତ୍ରମାନେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବୈଠକରେ ଛାତ୍ରୀଛାତ୍ରମାନେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି)ର ସଭାପତି ଥୋମାସ ବାକ୍‌ଙ୍କ ଚିଠି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ଚିଠିରେ ଓଡ଼ିଶାରେ ଚାଲିଥିବା ଓଭିଇପି କାର୍ଯ୍ୟକ୍ରମ ଏବଂ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଏହାର ସଫଳତା ସହ ଅବଦାନକୁ ପ୍ରଶଂସା କରାଯାଇଥିଲା।

ଚିଠିରେ ଆଇଓସି ସଭାପତି ଥୋମାସ ବାକ୍ ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଓଡ଼ିଶା ରିଙ୍କ୍ସ ପ୍ରକଳ୍ପ ପାଇଁ ଆଇଓସି ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଉତ୍ତମ ସହଯୋଗ ପାଇଁ ପ୍ରଶଂସା କରିଛନ୍ତି। ଆଇଓସି ଅଧିବେଶନରେ ଓଡ଼ିଶାର ଅନେକ ପିଲାଙ୍କୁ ଭେଟିବା ଅତ୍ୟନ୍ତ ଆନନ୍ଦଦାୟକ ବୋଲି ସେ କହିଛନ୍ତି। ମୁମ୍ବାଇରେ ଆୟୋଜିତ ସମ୍ମାନଜନକ ଅନ୍ତର୍ଜାତୀୟ ଆଇଓସି ଅଧିବେଶନରେ ଯୋଗଦେବାର ଅନନ୍ୟ ଓ ପ୍ରେରଣାଦାୟକ ଅନୁଭୂତିକୁ ଛାତ୍ରୀ ଭାରତୀ ଶବର, ମହମ୍ମଦ ହମ୍ମାଦ ନୁରେନ୍, ପ୍ରତ୍ୟାଶା ସାହୁ, ସୌମ୍ୟ ରଞ୍ଜନ ବାରିକ ଓ ଶୁଚିସ୍ମିତା ସାହୁ ଉତ୍ସାହର ସହ ବର୍ଣ୍ଣନା କରିଥିଲେ। ସେଠାରେ ପିଲାଙ୍କ ଲାଗି ଅନ୍ୟତମ ସ୍ମରଣୀୟ ଆକର୍ଷଣ ଥିଲା କିମ୍ବଦନ୍ତୀ ଅଲିମ୍ପିଆନ୍ ଅଭିନବ ବିନ୍ଦ୍ରାଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହେବା। କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଯୁବ ପ୍ରତିଭାମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହି ସୁଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସଦୃଶ। ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଏହି ବୈଠକ ସେମାନଙ୍କ ପାଇଁ ଅତୁଳନୀୟ ସଫଳତା ଥିଲା ଏବଂ ଓଡ଼ିଶାର ଅଗଣିତ ଛାତ୍ରୀଛାତ୍ରଙ୍କ ମାନସିକତା ପାଇଁ ଏକ ପ୍ରେରଣା ଥିଲା। ଆଇଓସି ଅଧିବେଶନ ଭଳି ବିଶ୍ୱସ୍ତରୀୟ ମଞ୍ଚରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବାରୁ ଏହା ରାଜ୍ୟ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ପ୍ରକାଶକରି ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ। ବୈଠକରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଉପସ୍ଥିତ ରହି ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସର ଓଡ଼ିଶାର ଅସାଧାରଣ ସାମର୍ଥ୍ୟ ଓ ପ୍ରତିଭାକୁ ପ୍ରମାଣିତ କରୁଛି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ଓଡ଼ିଶା ଗର୍ବିତ ଏବଂ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଭବିଷ୍ୟତର ପ୍ରୟାସକୁ ସାକାର କରିବା ପାଇଁ ରାଜ୍ୟ ସମସ୍ତ ପ୍ରକାର ସାହାଯ୍ୟ ଏବଂ ସମର୍ଥନ କରିବାକୁ ଆଗ୍ରହୀ ୫-ଟି ସଚିବ କହିଛନ୍ତି। ୨୦୨୨ ମେ ୨୪ରେ ମୁଖ୍ୟମନ୍ତ୍ରୀ ରାଉରକେଲା ଓ ଭୁବନେଶ୍ୱରର ୯୦ଟି ବିଦ୍ୟାଳୟରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ଖୋର୍ଦ୍ଧା, ସୁନ୍ଦରଗଡ଼, ଗଞ୍ଜାମ, ପୁରୀ ଓ କଟକ ସମେତ ୫ ଜିଲାର ୨୫୦ ବିଦ୍ୟାଳୟରେ ଓଭିଇପି କାର୍ଯ୍ୟକ୍ରମ ଚାଲିଥିବାରୁ ୨ରୁ ୧୦ମ ଶ୍ରେଣୀରେ ଦେଢ଼ ଲକ୍ଷ ଛାତ୍ରୀଛାତ୍ର ସାମିଲ ହେଉଛନ୍ତି। ୫୦୦ ଶିକ୍ଷକଙ୍କୁ ମାଷ୍ଟର ଟ୍ରେନର ଭାବେ ତାଲିମ ଦିଆଯାଇଛି।




# ଆମ୍ବୁଲାନ୍ସ ସହ ଧକ୍କାହୋଇ ଓଲଟିଲା ବସ୍

## ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ, ଜଣେ ଗୁରୁତର

ଭଦ୍ରକ,୧୯।୧୦(ସନାତନ ରାଉତ)

ଭଦ୍ରକ-ଆଗରପଡ଼ା ରାସ୍ତାର ଅରଞ୍ଜି ନିକଟରେ ଗୁରୁବାର ଅପରାହ୍ନରେ ଏକ ବସ୍ ଆମ୍ବୁଲାନ୍ସ ସହ ଧକ୍କା ହେବାରୁ ରାସ୍ତାପାର୍ଶ୍ୱ ନୟନଯୋରିକୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି।



ସୂଚନା ଅନୁଯାୟୀ, 'କ୍ରୀଷ୍ଣା' ନାମକ ଯାତ୍ରୀବାହୀ ବସ୍ ଭଦ୍ରକରୁ ଆଗରପଡ଼ା ଅଭିମୁଖେ ଯାଉଥିଲା। ଅରଞ୍ଜି ନିକଟରେ ସାମ୍ନାରୁ ଆସୁଥିବା ଏକ ଆମ୍ବୁଲାନ୍ସ ସହ ବସ୍ ଧକ୍କା ହୋଇ ନୟନଯୋରିକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ କାଚ ଭାଙ୍ଗି ବସ୍‌ରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ଆହତମାନଙ୍କୁ ନିକଟସ୍ଥ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବଲାଙ୍ଗୀରର ଶଙ୍କର ବିସି(୩୩), ଆଗରପଡ଼ା ଥାନା ଅଞ୍ଚଳର ତପନ କୁମାର ପଣ୍ଡା(୪୫), ପୂଜାରାଣୀ ନାୟକ(୧୬), ବର୍ଷାରାଣୀ ଜେନା(୧୮), ନିବେଦିତା ମଣ୍ଡଳ(୩୦), ତପନ କୁମାର ପଲେଇ(୨୦), ମୀନାକ୍ଷୀ ପାଣିଗ୍ରାହୀଙ୍କ ସମେତ ୨୦ ଆହତ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତର ଜଣକ ହେଲେ କାଦବରାଙ୍ଗ ପଞ୍ଚାୟତ ବନ୍ତଳା ଗ୍ରାମର ସିଦ୍ଧାର୍ଥ ଗାନ୍ଧୀ ରାଉତ (୧୮)। ତେବେ ଆହତଙ୍କ ମଧ୍ୟରେ ଅଧିକାଂଶ କଲେଜ ଛାତ୍ରୀ ଅଛନ୍ତି। ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା ଓ ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବିଷୟରେ ପଚାରି ବୁଝିଥିଲେ।



# ୨ ଦୁର୍ନୀତି ମାମଲାରେ ନୱାଜ ଶରିଫ୍‌ଙ୍କୁ ଜାମିନ

ଇସ୍‌ଲାମାବାଦ,୧୯।୧୦(ପି.ଟି.)

ପାକିସ୍ତାନକୁ ଶନିବାର ଫେରିବାକୁ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କୁ ଇସ୍‌ଲାମାବାଦ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ଆଭେନ୍‌ଫିଲ୍ଡ ଏବଂ ଅଲ୍‌-ଅଜିଜିଆ ଦୁର୍ନୀତି ମାମଲାରେ ଅଦାଲତ ତାଙ୍କୁ ୨୪ ତାରିଖ ପର୍ଯ୍ୟନ୍ତ ସୁରକ୍ଷାମୂଳକ ଜାମିନ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ତୋଷାଖାନା ଯାନ ମାମଲାରେ ତାଙ୍କ ବିରୋଧରେ ଜାରି ଗିରଫ ପରୱାନାକୁ ପାକିସ୍ତାନର ଏକ ଦୁର୍ନୀତି ନିରୋଧୀ ଅଦାଲତ ସ୍ଥଗିତ ରଖିଛନ୍ତି। ୨ ବର୍ଷ ପୂର୍ବେ ଜାରି ସ୍ଥାୟୀ ଗିରଫ ପରୱାନାକୁ ସ୍ଥଗିତ ରଖିବା ପାଇଁ ପାକିସ୍ତାନ ମୁସ୍‌ଲିମ୍ ଲିଗ୍ ନୱାଜ (ପିଏମ୍‌ଏଲ୍‌-ଏନ୍) ସୁପ୍ରିମୋ ତାଙ୍କ ଓକିଲ କାଜି ମୁଶାହିଦ୍‌ଙ୍କ ଜରିଆରେ ବୁଧବାର ଇସ୍‌ଲାମାବାଦର ଉତ୍ତରଦାୟୀ କୋର୍ଟ ନଂ.୧ରେ ଆବେଦନ କରିଥିଲେ। ୭୩ ବର୍ଷୀୟ ନୱାଜ ଆଭେନ୍‌ଫିଲ୍ଡ ଏବଂ ଅଲ୍‌-ଅଜିଜିଆ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ତୋଷାଖାନା ଯାନ ମାମଲାରେ ପଳାତକ ଅପରାଧୀ ଘୋଷିତ ହୋଇଥିଲେ। ୨୦୧୯ରେ ଚିକିତ୍ସା ହେବା ଲାଗି ବ୍ରିଟେନ ଯିବା ବେଳେ ତାଙ୍କୁ ଉପରୋକ୍ତ ମାମଲାଗୁଡ଼ିକରେ ଜାମିନ ଦିଆଯାଇଥିଲା। ଲଣ୍ଡନରେ ୪ ବର୍ଷ ଆତ୍ମନିର୍ବାସନରେ ରହିବା ପରେ ଆଗକୁ ପାକିସ୍ତାନର ସାଧାରଣ ନିର୍ବାଚନ ଥିବାରୁ ନୱାଜ ୨୧ ତାରିଖରେ ସ୍ୱଦେଶ ଫେରୁଛନ୍ତି।



# ସାଇବର ଅପରାଧ: ୭୬ ସ୍ଥାନରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ,୧୯।୧୦

ସାଇବର ଆର୍ଥିକ ଜାଲିଆତି ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୫ଟି ପୃଥକ୍ ମାମଲା ରୁଜୁ କରିବା ପରେ 'ଅପରେଶନ ଚକ୍ର-୨'ରେ ଦେଶର ୭୬ଟି ସ୍ଥାନରେ ଚଢ଼ାଉ କରିଛି। କ୍ରିପ୍ଟୋକରେନ୍ସି ଜାଲିଆତି ଜରିଆରେ ଏକ ର‌୍ୟାକେଟ୍ ଭାରତୀୟଙ୍କ ୧୦୦ କୋଟି ଟଙ୍କା ବେଆଇନ ଭାବେ ହଡ଼ପ କରାଯାଇଥିବା ନେଇ ଆର୍ଥିକ ଗୋଇନ୍ଦା ସଂସ୍ଥା (ଏଫଆଇୟୁ) ତଥ୍ୟ ଆଧାରରେ ମାମଲା ରୁଜୁ ହୋଇଛି। ସେହିପରି ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରିବା ଲାଗି କେତେକ କଲ୍ ସେଣ୍ଟର ଜାଲ୍ କମ୍ପାନୀଗୁଡ଼ିକୁ ବୈଷୟିକ ସହାୟତା ଯୋଗାଉଥିବା ଆମାଜନ ଏବଂ ମାଇକ୍ରୋସଫ୍ଟ ଅଭିଯୋଗ କରିବା ପରେ ଆଉ ୨ ମାମଲା ସିବିଆଇ ରୁଜୁ କରିଛି। ଅନ୍ୟ ଦୁଇଟି ମାମଲା ସମ୍ପର୍କରେ ତଦନ୍ତକାରୀ ସଂସ୍ଥା ସବିଶେଷ ତଥ୍ୟ ଦେଇନାହିଁ। ଏଫଆଇୟୁ, ଏଫ୍‌ବିଆଇ, ଇଣ୍ଟରପୋଲ୍ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଏଜେନ୍ସିର ତଥ୍ୟ ଆଧାରରେ ସିବିଆଇ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କର୍ନାଟକ, ହିମାଚଳପ୍ରଦେଶ, ହରିୟାଣା, କେରଳ, ତାମିଲନାଡୁ, ପଞ୍ଜାବ, ଦିଲ୍ଲୀ ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

# ଗାଜାରେ ପହଞ୍ଚିପାରୁନି ସହାୟତା

ଗାଜା ସିଟି/ତେଲ ଆଭିଭ୍/କାଏରୋ,୧୯।୧୦

ଇସ୍ରାଏଲୀ ସାମରିକ ବଳ ଆକାଶମାର୍ଗରୁ ପାଲେଷ୍ଟିନୀୟ ଭୂଖଣ୍ଡରେ ରକେଟ୍ ମାଡ଼ ଜାରି ରଖିଥିବାରୁ ପ୍ରତିଶ୍ରୁତି ମୁତାବକ ଇଜିପ୍ଟରୁ ଗାଜା ଷ୍ଟ୍ରିପ୍‌କୁ ମାନବୀୟ ସହାୟତା ପହଞ୍ଚିପାରିନାହିଁ। ଉତ୍ତର ଗାଜା ଓ ଗାଜା ସିଟିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ (ଗାଜାର ପ୍ରାୟ ଅଧା ଜନସଂଖ୍ୟା) ଜୀବନ ବଞ୍ଚାଇବା ପାଇଁ ଗଣପଳାୟନ କରିଛନ୍ତି। ପୂର୍ବରୁ ଇସ୍ରାଏଲ ଦ୍ୱାରା 'ସୁରକ୍ଷିତ ଅଞ୍ଚଳ' ଘୋଷିତ ସାଉଥ୍ ଗାଜା ସମେତ ସମଗ୍ର ଭୂଖଣ୍ଡକୁ ଗୁରୁବାର ଏହାର ସୈନ୍ୟମାନେ ଟାର୍ଗେଟ କରିଛନ୍ତି।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବୁଧବାର ଇସ୍ରାଏଲ ଗସ୍ତକରି ଗାଜାକୁ ମାନବୀୟ ସହାୟତା ପଠାଇବା ପାଇଁ ଇଜିପ୍ଟକୁ ଅନୁମତି ଦେବା ସକାଶେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଅନୁରୋଧ କରିଥିଲେ। ଏହିକ୍ରମେ ନେତାନ୍ୟାହୁ ସୀମିତ (ଖାଦ୍ୟ, ଜଳ ଏବଂ ଔଷଧ) ସହାୟତା ଦେବାକୁ ରାଜି ହୋଇଥିଲେ। ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦେଲ ଫତହ ଅଲ୍‌-ସିସି ଗାଜା ଷ୍ଟ୍ରିପ୍‌କୁ ପ୍ରଥମେ ୨୦ଟି ଟ୍ରକ୍‌ରେ ସହାୟତା ପଠାଇବେ ବୋଲି ବାଇଡେନ୍ କହିଥିଲେ। କିନ୍ତୁ ଇସ୍ରାଏଲର ରକେଟମାଡ଼ରେ ଗାଜା ଷ୍ଟ୍ରିପ୍ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିବାରୁ ଏହାର ରାସ୍ତା ମରାମତି କରିବା ପାଇଁ ସମୟ ଦରକାର। ଏଥିଲାଗି କାଏରୋ ପଠାଇଥିବା ଟ୍ରକ୍‌ଗୁଡ଼ିକ ଅନେକ ହଜାର ଟନ୍ ମାନବୀୟ ସହାୟତା ନେଇ ଇଜିପ୍ଟ ପଟେ ଛିଡ଼ା ହୋଇରହିଛି। ରାଫାହରେ ପ୍ରାୟ ୧୫୦ ଟ୍ରକ୍ ଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଇଜିପ୍ଟର ଏଲ୍ ଆରିଶ ସହରରୁ କେତେକ ବିମାନରେ ଅତ୍ୟାବଶ୍ୟକ ସାମଗ୍ରୀ ପଠାଇବା ପାଇଁ ଯୋଜନା ଚାଲିଛି। ଜାତିସଂଘର ହ୍ୟୁମାନିଟାରିଆନ୍ ମୁଖ୍ୟ ମାର୍ଟିନ ଗ୍ରିଫିଥ୍‌ସ କହିଛନ୍ତି, ଗାଜାର ଆବଶ୍ୟକତା ପୂରଣ ପାଇଁ ଦୈନିକ ପ୍ରାୟ ୧୦୦ ଟ୍ରକ୍ ସହାୟତା ପଠାଯିବା ଜରୁରୀ।

ଅକ୍ଟୋବର ୭ରେ ଗାଜାର ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲକୁ ଅନୁପ୍ରବେଶ କରିବା ସହ ୫,୦୦୦ ରକେଟ୍ ମାଡ଼ କରିଥିଲେ। ଏଥିରେ ଜର୍ଜରିତ ଇସ୍ରାଏଲ ହମାସ୍‌କୁ ସମୂଳେ ନାଶ କରିବା ପାଇଁ ପ୍ରତିଜ୍ଞା କରିଥିଲା। ସେବେଠୁ ଇସ୍ରାଏଲ ପକ୍ଷରୁ ଗାଜା ଉପରେ ବୋମା, ମିଶାଇଲ ଓ ରକେଟ୍ ବର୍ଷା ଜାରି ରହିଛି। ଏଥିରେ ୩,୭୮୫ ପାଲେଷ୍ଟିନୀୟ ନିହତ ହୋଇଥିବାବେଳେ ପ୍ରାୟ ୧୨,୫୦୦ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ହମାସ୍ ଆକ୍ରମଣରେ ଇସ୍ରାଏଲର ୧,୪୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ୨୦୬ ଜଣ ପଣବନ୍ଦୀ ରଖିଛନ୍ତି।





ସହାୟତା ପହଞ୍ଚାଇବା ପାଇଁ ଇଜିପ୍ଟର ଇସ୍‌ମାଇଲିଆ ମରୁରାସ୍ତାରେ ଟ୍ରକ୍‌ଗୁଡ଼ିକ ଛିଡ଼ା ହୋଇଛି।

## ରୁଷିଆ ପଠାଇଲା ୨୭ ଟନ୍

ଯୁଦ୍ଧ ପ୍ରଭାବିତ ଗାଜା ଷ୍ଟ୍ରିପ୍‌ରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ଲୋକଙ୍କ ପାଇଁ ଗୁରୁବାର ରୁଷିଆ ପକ୍ଷରୁ ୨୭ ଟନ୍ ସହାୟତା ପଠାଯାଇଛି। ଏହି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ଇଜିପ୍ଟରୁ ପରିବହନ କରାଯିବ ବୋଲି ରୁଷିଆର ଜରୁରୀ ସ୍ଥିତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଆତ୍ମରକ୍ଷା ଇସ୍ରାଏଲର ପୂର୍ଣ୍ଣ ଅଧିକାର: ସୁନକ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଗୁରୁବାର ଇସ୍ରାଏଲରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ଇସ୍ରାଏଲକୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ହମାସ୍ ବିରୋଧୀ ଯୁଦ୍ଧରେ ଆତ୍ମରକ୍ଷା ପାଇଁ ଇସ୍ରାଏଲର ପୂର୍ଣ୍ଣ ଅଧିକାର ଥିବା ସୁନକ ପ୍ରକାଶ କରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସୁନକ କହିଛନ୍ତି, ଗାଜାବାସୀଙ୍କ କ୍ଷତି ନ ଘଟିବା ଦିଗରେ ତେଲ୍ ଆଭିଭ୍ ପକ୍ଷରୁ ନିଆଯାଉଥିବା ସତର୍କତାମୂଳକ ପଦକ୍ଷେପ ଉଲ୍ଲେଖନୀୟ। ବ୍ରିଟିଶ୍ ନାଗରିକମାନଙ୍କୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇଥିବାରୁ ଧନ୍ୟବାଦ। ଇସ୍ରାଏଲୀଙ୍କୁ ବ୍ରିଟେନ୍‌ର ସମର୍ଥନ ଜଣାଇବା ପାଇଁ ସେ ଏହି ଗସ୍ତ କରିଛନ୍ତି। ପାଲେଷ୍ଟିନୀୟମାନେ ମଧ୍ୟ ହମାସ୍ ବର୍ବରତାର ଶିକାର ହୋଇଥିବା ସୁନକ କହିଛନ୍ତି।



ଋଷି ସୁନକଙ୍କ ସହ ବେଞ୍ଜାମିନ୍ ନେତାନ୍ୟାହୁ

# ଅବ୍ବାସଙ୍କ ସହ କଥାହେଲେ ମୋଦି

## ପାଲେଷ୍ଟିନୀୟଙ୍କୁ ଭାରତୀୟ ସହାୟତା ଜାରି ରହିବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମୁଦ ଅବ୍ବାସ୍‌ଙ୍କୁ ଫୋନ୍ କରି କଥା ହୋଇଛନ୍ତି। ଏହି ଅବସରରେ ସେ ଗାଜା ହସ୍ପିଟାଲରେ ରକେଟ୍‌ମାଡ଼ରେ ନିହତ ଲୋକଙ୍କ ପାଇଁ ସମବେଦନା ଜଣାଇଛନ୍ତି। ଇସ୍ରାଏଲ-ପାଲେଷ୍ଟାଇନ୍ ପ୍ରସଙ୍ଗରେ ଭାରତର ସୈଦ୍ଧାନ୍ତିକ ଆଭିମୁଖ୍ୟ ଦୋହରାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଆତଙ୍କବାଦ, ହିଂସା ଓ ବିଗୁଡ଼ୁଥିବା ସୁରକ୍ଷା ସ୍ଥିତି ଉପରେ ପ୍ରଧାନମନ୍ତ୍ରୀ ମୋଦି ଚିନ୍ତାବ୍ୟକ୍ତ କରିଛନ୍ତି। ପାଲେଷ୍ଟିନୀୟଙ୍କୁ ଭାରତ ପକ୍ଷରୁ ସହାୟତା ପ୍ରେରଣ ଜାରି ରହିବ ବୋଲି ମୋଦି କହିଛନ୍ତି।

# ପିଏମ୍‌ଏଲ୍‌ଏ ଧାରା ୫୦ ବଳରେ ଗିରଫ କରିପାରିବନି ଇଡି: ହାଇକୋର୍ଟ

ନୂଆଦିଲ୍ଲୀ,୧୯।୧୦

ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୫୦ ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ସମନ ଜାରି କରିବା କ୍ଷମତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ରହିଛି, ତେବେ ଗିରଫ କରିବା କ୍ଷମତା ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଗୁରୁବାର କହିଛନ୍ତି। ୨୦୨୦ରେ ଇଡି ଦାଏର କରିଥିବା ଏତଲା (ଇସିଆଇଆର୍)କୁ ଖାରଜ କରିବା ଲାଗି ଆଶିଷ ମିତ୍ତଲଙ୍କ ପିଟିଶନ୍‌ର ଶୁଣାଣି କରି ଜଷ୍ଟିସ୍ ଅନୁପ ଜୟରାମ ଭମ୍ଭାନୀ ଉପରୋକ୍ତ ରାୟ ଦେଇଛନ୍ତି। ଇସିଆଇଆର୍ ଆଧାରରେ ସମସ୍ତ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିବା ପାଇଁ ମିତ୍ତଲ ଆବେଦନ କରିଥିଲେ। ପିଏମ୍‌ଏଲ୍‌ଏର ଧାରା ୫୦ରେ ଗିରଫ କରିବା କ୍ଷମତା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇ ନାହିଁ, ଯାହା ବଳରେ ଏହି କେନ୍ଦ୍ରୀୟ ଏଜେନ୍ସିର ଅଧିକାରୀମାନେ କୌଣସି ବ୍ୟକ୍ତିଙ୍କୁ ଗିରଫ କରିଥାନ୍ତି ବୋଲି ଜଷ୍ଟିସ୍ ଭମ୍ଭାନୀ କହିଛନ୍ତି। କେବଳ ସମନ ଜାରି କରିବା, ଦସ୍ତାବିଜ୍ ଦାଖଲ ପାଇଁ ମାଗିବା ଓ ବୟାନ ରେକର୍ଡ କରିବା କ୍ଷମତା ଇଡିର ରହିଛି, ଯାହା ଏକ ଦେୱାନୀ ଅଦାଲତର କ୍ଷମତା ସହ ସମାନ। ପିଏମ୍‌ଏଲ୍‌ଏର ଧାରା ୧୯ରେ ଥିବା ଗିରଫ କ୍ଷମତାଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଧାରା ୧୯ ଏବଂ ୫୦ ସମ୍ପୂର୍ଣ୍ଣ ଅଲଗା ବ୍ୟବସ୍ଥା। ଗୋଟିଏ ଧାରାର କ୍ଷମତାର ଉପଯୋଗ କରି ଜଣକୁ ଅନ୍ୟ ଧାରାରେ ଅଟକ ରଖାଯିବା ଉଚିତ ନୁହେଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।





# ୪ ପୋଲିସଙ୍କୁ ୧୪ ଦିନ ଜେଲ

## ମୁସଲମାନଙ୍କୁ ସର୍ବସାଧାରଣରେ ବାନ୍ଧି ପିଟିଥିଲେ

ଅହମଦାବାଦ,୧୯।୧୦

ଗୁଜରାଟର ଖେଡ଼ା ଜିଲାରେ ୫ ଜଣ ମୁସଲମାନ ଯୁବକଙ୍କୁ ସର୍ବସାଧାରଣରେ ଦଣ୍ଡ ଦେବା ଘଟଣାରେ ଗୁଜରାଟ ହାଇକୋର୍ଟ ଗୁରୁବାର ୪ ପୋଲିସ ଅଫିସରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କୁ ୧୪ ଦିନ ପାଇଁ ଜେଲ ପଠାଇଛନ୍ତି। ଗତବର୍ଷ ଅକ୍ଟୋବର ୪ରେ ଉକ୍ତ ଜିଲାରେ ଗରବା ଉତ୍ସବ ଚାଲିଥିବାବେଳେ ଉକ୍ତ ଯୁବକମାନେ ଟେକା ଫିଙ୍ଗିଥିବା ଅଭିଯୋଗ ହୋଇଥିଲା। ପୋଲିସ ସେମାନଙ୍କୁ ଗିରଫ କରିବା ପରେ ଏକ ଖୁଣ୍ଟରେ ବାନ୍ଧି ଲୋକମାନଙ୍କ ଉପସ୍ଥିତିରେ ବେତ୍ରାଘାତ କରିଥିଲା। ଏମିତି ଦିନ ଆସିଲା, ଯେତେବେଳେ ଅଫିସରଙ୍କୁ ଜେଲ ପଠାଇବା ପାଇଁ ନିର୍ଦ୍ଦେଶ ଦେବାକୁ ପଡୁଛି ବୋଲି ଜଷ୍ଟିସ୍ ଏ.ଏସ୍. ସୁପେହିଆ ଏବଂ ଗୀତା ଗୋପୀଙ୍କ ଖଣ୍ଡପୀଠ ରାୟ ପ୍ରଦାନ କରିବା ଅବସରରେ କହିଛନ୍ତି। ଏଥିସହିତ ଅଫିସରମାନଙ୍କୁ ୨,୦୦୦ ଟଙ୍କା ଲେଖାଏ ଜରିମାନା ପୈଠ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ପୈଠ ନ କଲେ ସେମାନଙ୍କୁ ଆଉ ୩ ଦିନ ଜେଲରେ ରହିବାକୁ ପଡ଼ିବ। ଅନ୍ୟପକ୍ଷରେ ଅଭିଯୁକ୍ତ ପୋଲିସ ଅଫିସରମାନଙ୍କ ଓକିଲ ରାୟ ବିରୋଧରେ ଅପିଲ କରିବେ ବୋଲି କହିବାରୁ ଦଣ୍ଡାଦେଶକୁ ୩ ମାସ ପାଇଁ ସ୍ଥଗିତ ରଖାଯାଇଛି।

# ଅଙ୍ଗଦାନ କଲା ୪ ଦିନର ଶିଶୁ

ସୁରଟ,୧୯।୧୦

ଗୁଜରାଟର ସୁରଟରେ ଜଣେ ୪ ଦିନର ବ୍ରେନ୍‌ଡେଡ୍ ଶିଶୁ ତା'ର ଅଙ୍ଗଦାନ କରିଛି। ଡାକ୍ତରମାନେ ଉକ୍ତ ଶିଶୁର ୨ କିଡ୍‌ନୀ, ୨ କର୍ନିଆ, ଲିଭର ଏବଂ ପ୍ଲିହା ସଂଗ୍ରହ କରିଛନ୍ତି। ଏହି ଅମୂଲ୍ୟ ଦାନ କେତେଜଣ ଶିଶୁଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇପାରିବା ନେଇ ଆଶାସଞ୍ଚାର ହୋଇଛି। ଜଣେ ୮ ମାସର ଶିଶୁଠାରେ କିଡ୍‌ନୀ ପ୍ରତିରୋପଣ ଲାଗି ଏହାକୁ ଅହମଦାବାଦର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କିଡ୍‌ନୀ ଡିଜିଜ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟରକୁ ପଠାଯାଇଥିବାବେଳେ ଜଣେ ୧୦ ମାସର ଶିଶୁ ଦେହରେ ଲିଭର ଲଗାଇବା ପାଇଁ ଏହାକୁ ନୂଆଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ବାଇଲିଆରି ସାଇନ୍ସ (ଆଇଏଲ୍‌ବିଏସ୍)କୁ ପଠାଯାଇଛି। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ସୁରଟର ବାଲକ ପଟିୟା ଅଞ୍ଚଳରେ ଜନ୍ମ ହୋଇଥିବା ଶିଶୁଟି ହଲଚଲ ନ ହେବା ଓ ନ କାନ୍ଦିବାରୁ ତାକୁ ଏକ ଶିଶୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନଙ୍କ ଉଦ୍ୟମ ସତ୍ତ୍ୱେ କୌଣସି ଫଳ ନ ମିଳିବାରୁ ଉକ୍ତ ଶିଶୁକୁ ବ୍ରେନ୍‌ଡେଡ୍ ଘୋଷଣା କରାଯାଇଥିଲା। ଫଳରେ ଶିଶୁର ମାଆବାପା ତା'ର ଅଙ୍ଗଦାନ କରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ, ଯେପରି ଉକ୍ତ ଅଙ୍ଗ ଦିୱାଲି ପୂର୍ବରୁ ଅନ୍ୟ କେତେଜଣ ପିଲାଙ୍କ ଜୀବନରେ ଆଲୋକ ଆଣିପାରିବ।



# ମହଶା ଅମିନୀଙ୍କୁ ଇୟୁ ମାନବାଧିକାର ପୁରସ୍କାର

## ଇରାନ୍‌ର ମୋରାଲିଟି ପୋଲିସ ବର୍ବରତାର ଶିକାର ହୋଇ ପ୍ରାଣ ହରାଇଥିଲେ

ଷ୍ଟ୍ରାସବର୍ଗ(ଫ୍ରାନ୍ସ),୧୯।୧୦

ଗତବର୍ଷ ଉଚିତ ଢଙ୍ଗରେ ବୁର୍ଖା ପିନ୍ଧି ନ ଥିବାରୁ ଇରାନର ମୋରାଲିଟି ପୋଲିସ ଦ୍ୱାରା ହତ୍ୟାର ଶିକାର ହୋଇଥିବା ୨୨ ବର୍ଷୀୟା କୁର୍ଦ୍ଦିଶ ଯୁବତୀ ମହଶା ଅମିନୀଙ୍କୁ ମରଣୋତ୍ତର ଭାବେ ୟୁରୋପୀୟ ସଂଘ (ଇୟୁ)ର ସର୍ବୋଚ୍ଚ ମାନବାଧିକାର ପୁରସ୍କାର ପ୍ରଦାନ କରାଯାଇଛି।

ମାନବାଧିକାର ଓ ମୌଳିକ ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କୁ ୧୯୮୮ରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ନୋବେଲ ଶାନ୍ତି ପୁରସ୍କାର ବିଜେତା ତଥା ସୋଭିଏତ୍ ବିଦ୍ରୋହୀ ଆଣ୍ଡ୍ରେଇ ସାଖାର୍ଭଙ୍କ ନାମରେ ଏହି ଇୟୁ ଆୱାର୍ଡ ନାମିତ। ଚଳିତବର୍ଷ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ଥିଲେ ଭିଲ୍‌ମା ନୁନେଜା ଡେ ଏସ୍କୋରିକା ଏବଂ ରୋମାନ୍ କ୍ୟାଥୋଲିକ୍ ବିଶପ୍ ରୋଲାଣ୍ଡୋ ଅଲ୍‌ଭାରେଜ୍। ଏହି ଦୁଇଜଣ ନିକାରାଗୁଆରେ ମାନବାଧିକାର ସୁରକ୍ଷା ପାଇଁ ଲଢ଼େଇ କରିଥିଲେ। ଏହାବାଦ୍ ପୋଲାଣ୍ଡ, ଏଲ୍‌ସାଲଭାଡୋର ଏବଂ ଆମେରିକାର ୩ ଜଣ ମହିଳାଙ୍କୁ ମନୋନୀତ କରାଯାଇଥିଲା। ସେମାନେ ମୁକ୍ତ, ସୁରକ୍ଷିତ ଓ ଆଇନଗତ ଗର୍ଭପାତ ପାଇଁ ସଂଗ୍ରାମ ଚଳାଇଆସିଛନ୍ତି।

ପ୍ରକାଶ ଯେ, ୧୯୯୯ ସେପ୍ଟେମ୍ବର ୨୧ରେ କୁର୍ଦ୍ଦିସ୍ତାନ ପ୍ରଦେଶର ସକେଜ୍‌ରେ ଜନ୍ମିତ ମହଶା ଅମିନୀ ୨୦୨୨ ସେପ୍ଟେମ୍ବର ୧୩ରେ ନିଜ ଭାଇଙ୍କୁ ଭେଟିବା ପାଇଁ ପରିବାର ସହ ଇରାନ ରାଜଧାନୀ ତେହରାନକୁ ଯାଇଥିଲେ। ଜିନା ନାମରେ ପରିଚିତ ଏହି ଯୁବତୀ ଭଲଭାବେ ମୁହଁ ଢାଙ୍କି ନ ହେବା ଭଳି ପୋଷାକ ପରିଧାନ କରିଥିବା ଦର୍ଶାଇ ଶହୀଦ ହଘାନି ଏକ୍ସପ୍ରେସ୍‌ୱେରେ ଧର୍ମୀୟ ବ୍ୟାପାର ପୋଲିସ ତାଙ୍କୁ ଗିରଫ କରିଥିଲା। ହାଜତରେ ତାଙ୍କୁ ଲାଠିମାଡ଼ କରି ଅକଥନୀୟ ନିର୍ଯାତନା ଦେଇଥିଲା। ମୁଣ୍ଡରୁ ରକ୍ତସ୍ରାବ ହେବାରୁ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅତି ରହସ୍ୟଜନକ ଭାବେ ମହଶାଙ୍କ ମୃତ୍ୟୁ ଘଟିଥିଲା। ତେବେ ସେ ହୃଦ୍‌ଘାତରେ ପ୍ରାଣ ହରାଇଥିବା ପୋଲିସ କହିଥିଲା। ମହଶାଙ୍କ ମୃତ୍ୟୁ ପରେ ରକ୍ଷଣଶୀଳ ଇରାନରେ ସରକାର ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ବିକ୍ଷୋଭକାରୀମାନେ ନିଜ ହିଜାବ ଖୋଲି ଚୁଟି କାଟି ବିରୋଧ ପ୍ରଦର୍ଶନ କରିଥିଲେ। ୨୦୨୨ ଡିସେମ୍ବର ସୁଦ୍ଧା ଇରାନୀୟ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ୪୭୬ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନର ନିଆଁ ବିଭିନ୍ନ ଦେଶକୁ ବ୍ୟାପିଥିଲା।



ଫୁର୍‌ସତ

# ଲୁନା ମୈଥ ପ୍ରଜାତିର ବିରଳ ପ୍ରଜାପତି

**ଲକ୍ଷ୍ନୌ:** ଆମେରିକାର ଏବଂ ଜାପାନ ଭଳି ଦେଶରେ ଅଧିକାଂଶ ଦେଖାଯାଉଥିବା ଲୁନା ମୈଥ ପ୍ରଜାତିର ବିରଳ ପ୍ରଜାପତି ବୁନ୍ଦେଲଖଣ୍ଡର ସାଗରରେ ଦେଖିବାକୁ ମିଳିଛି। ପୂର୍ବରୁ ଏହି ପ୍ରଜାତିର ପ୍ରଜାପତି ହିମାଳୟ, ଉତ୍ତରାଖଣ୍ଡ ଭଳି ଅଞ୍ଚଳରେ ନଜରକୁ ଆସୁଥିଲେ। ହେଲେ ବହୁତ ଲମ୍ବା ସମୟ ପରେ ଏହି ପ୍ରଜାତି ଭାରତରେ ଦେଖିବାକୁ ମିଳିଛି। ତେବେ ଏତେ ସମୟ ପରେ ବିରଳ ପ୍ରଜାପତି ଦେଖାଯିବା ଜୈବବିବିଧତା ପାଇଁ ଭଲ ସଙ୍କେତ ବୋଲି ଧରାଯାଉଛି। ପ୍ରାଣୀ ବିଜ୍ଞାନିକଙ୍କ କହିବା ମୁତାବକ, ଏହି ପ୍ରଜାତି କେବଳ ବିଦେଶରେ ଦେଖିବାକୁ ମିଳୁଥିବାବେଳେ ହିମାଳୟ, ଉତ୍ତରାଖଣ୍ଡ ଭଳି ସ୍ଥାନରେ ଦେଖାଯାଆନ୍ତି। ହେଲେ କିଛିବର୍ଷ ହେବ ଏହା ବିଲୁପ୍ତପ୍ରାୟ ଅଛନ୍ତି। ସାଗର ଜିଲାର ଜୈସିନଗର ବ୍ଲକର ମୋଚଲି ଗାଁରେ ଏହି ବିରଳ ପ୍ରଜାପତି ଦେଖାଯାଇଛି। ଗ୍ରାମପଞ୍ଚାୟତ ସଚିବ ନରେନ୍ଦ୍ର ସିଂ ଠାକୁରଙ୍କ ବଗିଚାରେ ଏହି ପ୍ରଜାପତି ଦେଖାଯାଇଥିଲା। ପ୍ରଜାପତି ଦେହର ରଙ୍ଗ ଧଳା ଏବଂ ଡେଣାର ରଙ୍ଗ ହଳଦିଆ। ଡାକ୍ତର ସର ହରି ସିଂ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନୀ ରୋଶନୀ ରାଜପୁତ କହିଛନ୍ତି, ବହୁ ବର୍ଷ ଧରି ଏହି ଲୁନା ମୈଥ ପ୍ରଜାତିର ପ୍ରଜାପତି ବିଲୁପ୍ତ ଥିଲା। ସାଧାରଣତଃ ପ୍ରଜାପତି କୌଣସି ସ୍ଥାନରେ ବସିବା ସମୟରେ ତାଙ୍କ ପରକୁ ବନ୍ଦ କରିଥାନ୍ତି। ଏହି ପ୍ରଜାତିର ପ୍ରଜାପତି ବସିବା ସମୟରେ ତାଙ୍କ ପରକୁ ସମ୍ପୂର୍ଣ୍ଣ ଖୋଲା କରିଥାନ୍ତି। ତାଙ୍କର ଏପରି ଶୈଳୀ ମାଧ୍ୟମରେ ସେ ଶତ୍ରୁଠାରୁ ନିଜକୁ ରକ୍ଷା କରିଥାନ୍ତି।



# ଏକତା ହିଁ ବଳ



## ଜାତୀୟ ଏକତା ଦିବସ

ମଣିଷ ଏକାଠି ରହିଲେ ବିଭିନ୍ନ ସମସ୍ୟାର ସହଜରେ ସମାଧାନ ହୋଇପାରିଥାଏ। ତେଣୁ କୁହାଯାଏ ଏକତା ହିଁ ସର୍ବଶ୍ରେଷ୍ଠ ଶକ୍ତି। ଏକତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୨୦ ଅକ୍ଟୋବରରେ ଭାରତରେ ଜାତୀୟ ଏକତା ଦିବସ ପାଳନ କରାଯାଇଥାଏ। ୧୯୬୨ ଅକ୍ଟୋବର ୨୦ରେ ଚାଇନା ୮୦ ହଜାର ସୈନ୍ୟ ନେଇ ଭାରତ ଆକ୍ରମଣ କରିଥିଲା। ଏହି ଯୁଦ୍ଧରେ ବହୁ ଧନ ଜୀବନ ନଷ୍ଟ ହୋଇଥିଲା। ଭାରତ ଯୁଦ୍ଧରେ ପରାସ୍ତ ହୋଇଥିଲା। କିନ୍ତୁ ସମଗ୍ର ଦେଶ ଏକଜୁଟ ହୋଇ ଚାଇନା କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ଭାରତୀୟଙ୍କ ଦ୍ୱାରା ଯୁଦ୍ଧ ସମୟରେ ଏକ ହୃଦୟସ୍ପର୍ଶୀ ଏକତା, ଏକଜୁଟ ବୋଧ ଏବଂ ଦଳଗତ ଏକତା ପ୍ରଦର୍ଶିତ ହୋଇଥିଲା। ୧୯୬୬ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ଅନ୍ୟ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା। ଭାରତ-ଚାଇନା ଯୁଦ୍ଧ ସମୟର ଏକତାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୨୦ ଅକ୍ଟୋବରକୁ ଜାତୀୟ ଏକତା ଦିବସ ରୂପେ ପାଳନ କରିବାକୁ କମିଟି ପକ୍ଷରୁ ଘୋଷଣା କରାଯାଇଥିଲା।

# କ୍ୟାଟ୍ରିନା ଗର୍ଭବତୀ ଥିବା ଚର୍ଚ୍ଚା

ମୁମ୍ବାଇ: ନିକଟରେ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ତାଙ୍କ ଆଗାମୀ ଫିଲ୍ମ 'ଟାଇଗର ୩' ନେଇ ବେଶ୍ ଚର୍ଚ୍ଚାରେ ରହୁଛନ୍ତି। ତେବେ ଏବେ ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଅଭିନେତା ଭିକ୍କି କୌଶଲଙ୍କ ସ୍ତ୍ରୀ କ୍ୟାଟ୍ରିନା ପୁଣି ଥରେ ଗର୍ଭବତୀ ଥିବା ଶୁଣିବାକୁ ମିଳିଛି। ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ କ୍ୟାଟ୍ରିନା ଗର୍ଭବତୀ ଥିବା ଅନୁମାନ କରାଯାଉଛି। ନିକଟରେ କ୍ୟାଟ୍ରିନା ତାଙ୍କ ଫିଲ୍ମର ପ୍ରମୋଶନ୍ ପାଇଁ ହାଇଦ୍ରାବାଦରେ ପହଞ୍ଚିଥିଲେ। ସେଠାରୁ ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେ ତାଙ୍କ ପେଟକୁ ଓଢ଼ଣାରେ ଢାଙ୍କିଥିବା ନଜର ଆସିଛନ୍ତି। ଏଥିରୁ ସେ ତାଙ୍କ ବେବି ବମ୍ପ୍‌କୁ ଲୁଚାଇବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି। ହେଲେ ଏଥିନେଇ କ୍ୟାଟ୍ରିନା କିଛି ମତ ରଖିନାହାନ୍ତି। ତେବେ କ୍ୟାଟ୍ରିନାଙ୍କ ଆଗାମୀ ଫିଲ୍ମ 'ଟାଇଗର ୩'ରେ ସେ ପୁଣି ଥରେ ଜୋୟା ଭୂମିକାରେ ନଜରକୁ ଆସିବେ। ଫିଲ୍ମଟି ଦୀପାବଳିରେ ମୁକ୍ତିଲାଭ କରିବ। ତେବେ କ୍ୟାଟ୍ରିନା ୨୦୦୩ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବାବେଳେ ନିଜ ଅଭିନୟ ଯାଦୁରେ ସେ ଅନେକଙ୍କ ପସନ୍ଦ ହୋଇପାରିଛନ୍ତି। ସେ ଆଗକୁ 'ମେରି ଖ୍ରୀଷ୍ଟମାସ୍'ରେ ମଧ୍ୟ ନଜରକୁ ଆସିବେ।



# କାନାରା ବ୍ୟାଙ୍କ ପକ୍ଷରୁ ମୁଦ୍ରା ବିନିମୟ ମେଳା

ଭୁବନେଶ୍ୱର, ୧୯।୧୦

କାନାରା ବ୍ୟାଙ୍କର କଟକ ଅଞ୍ଚଳ ପକ୍ଷରୁ ନିକଟରେ ଏକ ମୁଦ୍ରା ବିନିମୟ ମେଳାର ଆୟୋଜନ କରାଯାଇଥିଲା। ଉକ୍ତ ମେଳା ଜରିଆରେ କଟକବାସୀ ଓ ଅନ୍ୟମାନେ ସେମାନଙ୍କର ବିଭିନ୍ନ ପ୍ରକାର ନୋଟ୍‌କୁ ବଦଳାଇ ନୂଆ ନୋଟ ସଂଗ୍ରହ କରିଥିଲେ। ବିଶେଷକରି ସାଧାରଣ ଜନତାଙ୍କ ହିତକୁ ଦୃଷ୍ଟିରେ ରଖି ପୁରୁଣା, ମଇଳା ଏବଂ ଚିରାଫଟା ନୋଟ୍‌କୁ ବ୍ୟାଙ୍କ ବଦଳାଇ ନୂଆ ନୋଟ୍ ଏବଂ କଏନ୍ ଦେବାର ବ୍ୟବସ୍ଥା ଚୌଧୁରୀ ବଜାରସ୍ଥିତ କାନାରା ବ୍ୟାଙ୍କ ଶାଖା ପରିସରର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭାରତୀୟ ରିଜର୍ଭ ବ୍ୟାଙ୍କର ମହାପ୍ରବନ୍ଧକ ଦେବୀପ୍ରସାଦ ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦର ଏବଂ କ୍ଷେତ୍ରୀୟ ମୁଖ୍ୟ ନୀରଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ବ୍ୟାଙ୍କର କରେନ୍ସି ଚେଷ୍ଟର ଅଧିକାରୀ ଏବଂ କଟକ ଚୌଧୁରୀ ବଜାର ଶାଖାର ଅଧିକାରୀ ଓ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର, ୧୯।୧୦

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୪୮ (୨୪୭.୭୮) ପଏଣ୍ଟ ଖସି ୬୫,୬୨୯ (୬୫,୬୨୯.୨୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୬ (୪୬.୪୦) ପଏଣ୍ଟ ହ୍ରାସ ଘଟି ୧୯,୬୨୫ (୧୯,୬୨୪.୭୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଟିପିଭିଏସ୍‌ଏଲ୍‌ର ଅଂଶଧନ ଅଧିଗ୍ରହଣ କରିବ ଟାଟା ଷ୍ଟିଲ୍

ଭୁବନେଶ୍ୱର, ୧୯।୧୦ (ଅଭୟ ଦାଶ)



ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଟାଟା ଷ୍ଟିଲ୍ ଖୁବ୍‌ଶୀଘ୍ର ଟିପି ବର୍ଦ୍ଧମାନ ସୂର୍ଯ୍ୟ ଲିମିଟେଡ୍ (ଟିପିଭିଏସ୍‌ଏଲ୍)ର ଅଂଶଧନ ଅଧିଗ୍ରହଣ କରିବାକୁ ଯାଉଛି ବୋଲି କମ୍ପାନୀ ପକ୍ଷରୁ ଗୁରୁବାର ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷକରି ଟାଟା ପାୱାର ରିନୁଏବଲ୍ ଏନର୍ଜି ଲିମିଟେଡ୍ (ଟିପିଆର୍‌ଇଏଲ୍)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଟିପି ବର୍ଦ୍ଧମାନ ସୂର୍ଯ୍ୟ ଲିମିଟେଡ୍ (ଟିପିଭିଏସ୍‌ଏଲ୍)ର ୨୬% ଅଂଶଧନ ଅଧିଗ୍ରହଣ କରିବା ନେଇ ଟାଟା ଷ୍ଟିଲ୍ ନିକଟରେ ଆଲୋଚନା ଶେଷ କରିଛି। ଟିପିଆର୍‌ଇଏଲ୍ ଓ ଟିପିଭିଏସ୍‌ଏଲ୍ ସହ ଟାଟା ଷ୍ଟିଲ୍ ଲିମିଟେଡ୍‌ର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯିବ। ଏପରିକି ଟିପିଭିଏସ୍‌ଏଲ୍‌ଠାରୁ ୩୭୯ମେଗାୱାଟ୍ ଅକ୍ଷୟ ଶକ୍ତି ସଂଗ୍ରହ କରିବା ଲାଗି ଟାଟା ଷ୍ଟିଲ୍ ପକ୍ଷରୁ ଏକ ଦୀର୍ଘମିଆଦୀ ସ୍ଥାୟୀ ଟାରିଫ୍ ଚୁକ୍ତି ସ୍ୱାକ୍ଷର କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ୨୫ ବର୍ଷର ଚୁକ୍ତି ଅବଧି ମଧ୍ୟରେ ୫୦ ନିୟୁତ ଟନ୍ କାର୍ବନ ନିର୍ଗମନକୁ ରୋକାଯାଇପାରିବ। ସେହିଭଳି ଟିପିଭିଏସ୍‌ଏଲ୍ ପକ୍ଷରୁ ଏକ ୯୬୬ ମେଗାୱାଟ୍‌ର ସୌର-ପବନ ହାଇବ୍ରିଡ୍ ଅକ୍ଷୟ ଶକ୍ତି ପ୍ରକଳ୍ପ ସ୍ଥାପନ କରାଯିବ। ଏହା ଭାରତର ସର୍ବବୃହତ୍ ଶିଳ୍ପ ବିଦ୍ୟୁତ୍ ପ୍ରକଳ୍ପ ହେବ। ଅପରପକ୍ଷରେ ଜାମଶେଦପୁରଠାରେ ଟାଟା ଷ୍ଟିଲ୍‌ର ପୂର୍ବରୁ ଥିବା କୋଇଲାଭିତ୍ତିକ ବିଦ୍ୟୁତ୍ ଉତ୍ପାଦନର କିଛି ଅଂଶରେ ଏହା ସ୍ଥାନ ନେବ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ପଞ୍ଜାବର ଲୁଧିଆନାଠାରେ ଥିବା ଇଲେକ୍ଟ୍ରିକ୍ ଆର୍କ ଫର୍ନାସ୍‌ର ଆବଶ୍ୟକତାକୁ ମଧ୍ୟ ତାହା ପୂରଣ କରିବ। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଟି. ଭି .ନରେନ୍ଦ୍ରନ କହିଛନ୍ତି, ଟାଟା ପାୱାର ରିନୁଏବଲ୍ ଏନର୍ଜି ସହିତ ଆମର ସହଯୋଗିତା ୨୦୪୫ ସୁଦ୍ଧା ନେଟ୍‌ଜିରୋ କାର୍ବନ ନିର୍ଗମନ ଲକ୍ଷ୍ୟ ହାସଲ କରିବା ପାଇଁ ଟାଟା ଷ୍ଟିଲ୍‌ର ଦୀର୍ଘସ୍ଥାୟୀ ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଏପରିକି ପରିବେଶ ଉପରେ ଆମର ପ୍ରଭାବକୁ କମ୍ କରିବା ଏବଂ ସ୍ୱଚ୍ଛ, ସବୁଜ ଶକ୍ତି ସମାଧାନ ଆଡକୁ ଅଗ୍ରସର ହୋଇ ଏକ ଉତ୍ତମ ଭବିଷ୍ୟତ ଗଠନ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ। ସେହିଭଳି ଟାଟା ପାୱାରର ସିଇଓ ଏବଂ ଏମ୍‌ଡି ଡ. ପ୍ରବୀର ସିହ୍ନା କହିଛନ୍ତି, ଟାଟା ଷ୍ଟିଲ୍ ପାଇଁ ୨୪ ଘଣ୍ଟିଆ ହାଇବ୍ରିଡ୍ ଅକ୍ଷୟ ଶକ୍ତି ପ୍ଲାଣ୍ଟ ବିକାଶ କରୁଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏହା ହେଉଛି ଦେଶରେ ଅନ୍ୟତମ ସର୍ବବୃହତ୍ ଶିଳ୍ପ ଗ୍ରୁପ୍ କ୍ୟାପ୍‌ଟିଭ୍ କାରଖାନା ଏବଂ କାର୍ବନ ନିର୍ଗମନକୁ କମ୍ କରି ସ୍ୱଚ୍ଛ ଶକ୍ତି ଲକ୍ଷ୍ୟ ହାସଲ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରିବ।

# ଜେଏସ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୧୯।୧୦

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍‌ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡିରେକ୍ଟରସ) ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨ୟ ତ୍ରୈମାସିକ ପାଇଁ କମ୍ପାନୀର ସ୍ୱତନ୍ତ୍ର ସେଲ୍ସ ଭଲ୍ୟୁମ ୨୬% ବାର୍ଷିକ ଅଭିବୃଦ୍ଧି ସହ ୫୪୩,୬୧୯ ମେଟ୍ରିକ୍ ଟନ୍ ରହିଛି, ଯାହାର କାରଣ ହେଉଛି ଘରୋଇ ବଜାରରେ ଭଲ ଚାହିଦା ତଥା ମାନ୍ଦାବସ୍ଥାରେ ବୈଶ୍ୱିକ ବଜାରର ଚାହିଦାକୁ ପୂରଣ କରିପାରିବା। ଏହି ଅବଧିରେ କମ୍ପାନୀରେ ମୋଟ ଷ୍ଟାଣ୍ଡ ଏଲୋନ ରେଭେନ୍ୟୁ ବାର୍ଷିକ ୧୪% ଅଭିବୃଦ୍ଧି ସହ ୯୭୨୦ କୋଟି ଭାରତୀୟ ମୁଦ୍ରା ରହିଛି। ଯାହାର ଷ୍ଟାଣ୍ଡ ଏଲୋନ ଇବିଆଇଟିଡିଏ ୧୦୭୦କୋଟି ଭାରତୀୟ ମୁଦ୍ରା ରହିଥିବା ବେଳେ ଟିକସ ପରବର୍ତ୍ତୀ ଲାଭ (ପିଏଟି) ୬୦୯ କୋଟି ଭାରତୀୟ ମୁଦ୍ରା ରହିଛି। ଏହି କ୍ୱାର୍ଟରରେ ମୋଟ ଋଣ ୨୧୪୯ କୋଟି ଭାରତୀୟ ମୁଦ୍ରା ରେକର୍ଡ କରାଯାଇଥିବା ବେଳେ ମୋଟ ଋଣ-ଇକ୍ୟୁଟି ଅନୁପାତ ୦.୨ ରହିଛି, ଯାହାକି ମେଟାଲ ଶିଳ୍ପ କ୍ଷେତ୍ରରେ ସର୍ବୋତ୍ତମ ବୋଲି କୁହାଯାଉଛି। ସେହିଭଳି ମୋଟ ଋଣ ଓ ଇବିଆଇଟିଡିଏ ଅନୁପାତରେ ଉନ୍ନତି ହୋଇ ୦.୫ ରହିଛି। ଏହି ସମୟରେ ଏକୀକୃତ ମୋଟ ଆୟ ୧୨% ଅଭିବୃଦ୍ଧି ଘଟି ୯୭୯୭ କୋଟି ଭାରତୀୟ ମୁଦ୍ରାରେ ପହଞ୍ଚିଛି। ଏକୀକୃତ ଇବିଆଇଟିଡିଏ ଏବଂ ପିଏଟି ଯଥାକ୍ରମେ ୧୨୩୧ କୋଟି ଭାରତୀୟ ମୁଦ୍ରା ଏବଂ ୭୬୪ କୋଟି ଭାରତୀୟ ମୁଦ୍ରା ରହିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବୋର୍ଡ ଅଫ୍ ଡିରେକ୍ଟରସ ୫୦% ଆନ୍ତରୀଣ ଲାଭାଂଶ ବା ଇକ୍ୟୁଟି ପିଛା ଦର ୧ (ଯାହାର ଫେସ୍ ଭାଲ୍ୟୁ ୨ଟଙ୍କା) ଟଙ୍କାକୁ ଅନୁମୋଦନ କରିଛନ୍ତି। ଅର୍ଥ ପରିଶୋଧ ପାଇଁ ସଦସ୍ୟମାନଙ୍କ ଅଧିକାର ନିର୍ଣ୍ଣୟ କରିବା ରେକର୍ଡ ତାରିଖକୁ ୨୦୨୩ ଅକ୍ଟୋବର ୨୮ ସ୍ଥିର କରାଯାଇଛି। ଅପରପକ୍ଷରେ ୨୦୨୩ ନଭେମ୍ବର ୧୭ ଅର୍ଥାତ୍ ଅନୁମୋଦନ ହେବାର ୩୦ ଦିନ ମଧ୍ୟରେ ଲାଭାଂଶ ପରିଶୋଧ କରାଯିବ। ସମୂହ ଦେୟ ପରିମାଣ ପାଖାପାଖି ୮୨ କୋଟି ୩୪ ଲକ୍ଷ ଟଙ୍କା ହେବ।

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି ସରକାରଙ୍କ ପ୍ରୋତ୍ସାହନରେ ଆମର ଘରୋଇ ସେଲ୍ସ ବାର୍ଷିକ ୧୫% ଅଭିବୃଦ୍ଧି ହୋଇଛି। ଏପରିକି ଜାତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ ନୀତି ଆସିବାକୁ ଥିବା ବେଳେ ଭାରତରେ ମୁଣ୍ଡ ପିଛା ଷ୍ଟେନ୍‌ଲେସ୍ ଷ୍ଟିଲ ବ୍ୟବହାର ବର୍ତ୍ତମାନର ୨.୮କେଜିରୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ବିଶେଷକରି ଚାଇନାରୁ ଆମଦାନୀରେ ବାର୍ଷିକ ୫୫% ବୃଦ୍ଧି ହୋଇଛି। ଭାରତୀୟ ବଜାରରେ କମ୍ ଦାମ୍‌ର ଓ ନିମ୍ନ ମାନର ଚାଇନା ଉତ୍ପାଦ ଅବାଧରେ ପ୍ରବେଶ କରିବା କଥାକୁ ସୂଚାଉଛି। ଆମେ ଆଶା କରୁଛୁ ଯେ ସରକାର ଏ ଦିଗରେ ଦୃଷ୍ଟି ଦେବେ।


## ODISHA PUBLIC SERVICE COMMISSION CUTTACK

**NOTICE**

No.8205/P.S.C., Dt.18.10.23

**No.D-**It is for information of all concerned that, the Commission have decided to conduct the written examination of Odisha Municipal Administrative Services-2021, pursuant to Advt. No. 06 of 2022-23 on 19.11.2023 (Sunday). The detail programme of the said examination shall be notified later.

2. The candidates are advised to visit the website of the Commission at http://opsc.gov.in. for further information in this regard.

**Sd./- Secretary**
OIPR-12002/11/0106/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH

E-mail Id: eerw_deogarh@yahoo.co.in

No.O-1316: **E-Procurement Notice**

BID IDENTIFICATION NO.SERWDGH-Online-07/2023-24

1. No. of Works: (01 No.)
2. Estimated Cost: Rs.75.98 Lakh
3. Mode of Submission of tender: Tender shall be submitted online in www.tendersodisha.gov.in.
4. Availability of tender for online bidding: 20.10.2023, 10.00 A.M. to 27.10.2023 upto 5.00 P.M.
5. Date and Time of Opening of tender: 30.10.2023, 10.00 A.M.
6. Other details can be seen from the website www.tendersodisha.gov.in.
7. Corrigendum/Addendum if any shall only be published in the above website.

**Superintending Engineer**
**R.W.Division, Deogarh**
OIPR-25087/11/0010/2324

## GOVERNMENT OF ODISHA
"e" PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
## WORKS DEPARTMENT
### Tender Call Notice

E-mail: rbcirclekhurda@gmail.com
Bid Identification No.CCE-Khordha (R&B) Circle-22/2023-24
Memo No.2097, Dt.10.10.2023

**No.B-1104:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Bridge works as detailed in the table below.
1. Nature of Work: Bridge Works, 2. No. of Work: 2 Nos. 3. Tender Cost: Rs.10000.00 (Online). 4. Class of Contractor: Special & A Class. 5. Available of Bid document in the website: From 10.00 AM of Dt.19.10.2023 upto 05.00 PM of Dt.06.11.2023 upto 5.00 PM. 6. Date of Opening of Bid: Dt.07.11.2023 at 11.30 AM. 7. The bidders have to participate in ONLINE bidding only. Further details can be seen from the website https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

**Sd./- Chief Construction Engineer,**
**Khordha (R&B) Circle, Khordha**
OIPR-34127/11/0029/2324

## GOVERNMENT OF ODISHA
## OFFICE OF THE MUNICIPAL COUNCIL, BALANGIR

Email:bgrmc1972@gmail.com, Ph.No.06652-232790

### e-Procurement Notice

BID IDENTIFICATION NO.BLGRMPTY/09(01-06)/2023-24
No.4403//Dtd.13.10.23

**No.C-1655:**1.The Executive Officer, Balangir Municipality, Balangir invites percentage rate bid in Double Cover system in ONLINE MODE for the construction of works detailed in the table below from B Class Contractors registered with the State Governments and Contractors of equivalent Grade/Class registered with Central Government/MES/Railways for execution of Road/Building/Bridge Works. The proof of registration from the appropriate authority shall be enclosed alongwith the bid.

2. Nature of Work : Civil Construction work as mentioned in DTCN
3. No. of Tender : 6 (Six) Nos.
4. Tender Cost : Rs.10,000/- (Each)
5. Class of Contractor : "B" Class
6. Date and Time of Sale & Receipt of Bids : From Dt.16.10.2023, 11.00 A.M. to Dt.27.10.2023 upto 5.00 P.M.
7. Date of Opening Bid : Dt.30.10.2023 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd./- Executive Officer, Balangir Municipality**
OIPR-13169/11/0013/2324

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2496 OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.4956/OSIC/MKT Dt.18.10.2023

The Odisha Small Industries Corporation Ltd., Cuttack invites sealed bids from experienced registered Distributors/Dealers/Manufacturers for procurement, supply & installation of Smart Interactive Panel along with its accessories & peripherals in High Schools, High Secondary Schools and Degree Colleges of Bolangir District under Transformation of 5-T initiative of Government of Odisha. The detail specifications, quantity of the items along with terms and conditions is available in OSIC website. Any corrigendum/changes/modifications will appear in OSIC website: www.osicltd.in only and all the bidders are further advised to keep referring OSIC website for any updates with reference to this advertisement.

By order of MD
Sd/-General Manager(O)
OIPR-14073/11/0065/2324

## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-2499 **NIT No.47/OMC/CIVIL/2023**

Tender for the following works are invited online through e-Procurement portal of Govt. of Odisha.

| Sl. No. | Name of the Work | Estimated cost (In lakh rupees) | Time Period of the work (in month) | Class of Contractor | EMD on BG (In Rupees) | Cost of Bid document (Rs.) Online |
|---|---|---|---|---|---|---|
| 1 | Construction of New DDM Office, Analytic Lab, SPU along with Robotic lab at Joda in the district of Keonjhar. | 1903.92 | 14 (Fourteen) | A & Special | 19,04,000/- | 10,000/- + 18% GST |
| 2 | Construction of New DDM Office, Analytic lab, SPU along with residential buildings and other development works at Koira in the district of Sundergarh. | 3315.34 | 16 (Sixteen) | Special & Super | 33,15,400/- | 6,000/- + 18% GST |

1. Availability of Bid document in Govt. portal from dt. 01.11.2023 to 21.11.2023 up to 5.00 PM.
2. Last date of on-line submission of tender in the portal is dt.21.11.2023 up to 5.00 PM.
3. Date of opening of Technical Bid is dt.22.11.2023 at 11.00 AM.

All other details can be seen from bid documents available at Govt. website www.tendersodisha.gov.in.

Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0150/2324 **CGM (Civil)**

See Career Appointment on every Wednesday & Saturday

## Government of Odisha
## Higher Education Department

**Timeline for admission into B.Ed. Courses at Vikram Dev University, Jeypore, Koraput under SAMS for the Academic Session 2023-24**

**No.N-92:**Timeline for admission into B.Ed. Courses at Vikram Dev University, Jeypore, Koraput for the Academic year 2023-24 under SAMS is given below. Any change in the timeline will be published on the website https://te.samsodisha.gov.in/.

| Sl# | Activities | Timeline |
|---|---|---|
| 1 | Reporting of interested applicants for submission of CAF along with relevant documents for participating in this admission process at Vikram Dev University, Jeypore, Koraput | 18th -Oct-2023 to 20th -Oct-2023 & 25th -Oct-2023 to 27th -Oct-2023 (10:00 AM ) to ( 05:00 PM ) |
| 2 | Preparation of the merit list among the reported applicants by the Vikram Dev University, Jeypore, Koraput | 30th -Oct-2023 & 31st -Oct-2023 |
| 3 | Publication of the merit list among the reported applicants at the Notice Board/ University's website & inform them via Call/SMS by the Vikram Dev University, Jeypore, Koraput | 1st -Nov-2023 ( 02:00 PM ) |
| 4 | Reporting of applicants to take admission at Vikram Dev University, Jeypore, Koraput, where the admission fees will be deposited directly at the University's account along with Admission updation in HEI's e-Space | 2nd -Nov-2023 & 3rd -Nov-2023 (10.00 AM to 06.00 PM ) |

**Important Notice**

- *The applicants, who had appeared and qualified in the B.Ed. Entrance Test -2023 under SAMS can participate in this admission process.*
- *The applicants, who have already taken admission in any of the HEIs coming under SAMS in the Academic Sesssion: 2023-24 are not allowed to participate in this admission process at Vikram Dev University, Jeypore, Koraput*
- *The applicants are instructed to visit the Notice board of the concerned University to know their selection status.*

OIPR-11001/11/0037/2324 Sd./- Deputy Director, PTC Section

## GOVERNMENT OF ODISHA
## ODIA LANGUAGE, LITERATURE & CULTURE DEPARTMENT
## HAREKRUSHNA MAHTAB STATE LIBRARY, BHUBANESWAR
### ADVERTISEMENT

**No. ASD-Estt.-II-13/2023/1945/HKMSL** **Dated: 17.10.2023**

No. RR-38: Applications are invited from the retired Government Officers/Employees for engagement as OSDs for 11 Posts in the Harekrushna Mahtab State Library, Bhubaneswar on contractual basis against the following vacant posts for a period of one year or till the vacancy is filled up, whichever is earlier as per the terms and conditions as stated bellow:

| Sl. No. | Name of the Post | Nos. of Post |
|---|---|---|
| 01 | Librarian - II | 01 |
| 02 | Assistant Librarian | 05 |
| 03 | Library Assistant | 01 |
| 04 | Jr. Storekeeper | 01 |
| 05 | Jr. Assistant | 01 |
| 06 | Library Attendant | 02 |

Total-11

1. Officers who have from retired from Government service on attaining the age of superannuation and below the age of sixty five years having good service records and are physically fit shall be eligible to be considered for engagement.
2. Officers against whom department proceeding or criminal cases are pending or contemplated or who have been penalized for misconduct during the period of preceding five years of retirement are not eligible to apply.
3. The engagement will be made as per terms and conditions as laiddown vide GA Department Resolution No. 23750/Gen. Dt.27.08.2014.
4. The Consolidated remuneration of the Consultants/OSDs will be fixed as per Finance Department O.M. No. 7022/F Dt.17.03.2018 and revised O.M. No. 24533 Dt.29.09.2022.
5. The engaged officers are subject to 'Odisha Government Servants Conduct Rules, 1957' and are liable to be proceeded against for their misconduct, omissions and commissions as per the provisions under the
6. The engagement can be terminated at any time by the competent authority due to unsatisfactory performance. On the contrary if any OSD desires to resign he shall do so by giving one month's prior written notice to the competent authority.
7. On being selected, the applicant will furnish an undertaking at the time of joining the duty as regards truthfulness and correctness of the information furnished by him/her.
8. Interested retired Officers fulfilling the above criteria may apply in the enclosed format to the Director HKM State Library, Bhubaneswar through e-mail id **hkmsl@rediffmail.com / hkmsl2022@gmail.com** by 27th October, 2023.

**Sd./- Director, HKM, State Library**
**OIPR-03016/11/0002/2324**

## ଦୁର୍ଗପତିଙ୍କ କାର୍ଯ୍ୟାଳୟ
## ୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ତନରଡ଼ା, ଭଞ୍ଜନଗର

ପ୍ରାପ୍ତେଷୁ

ନାମ - ଲିପୁନ୍ କୁମାର ପ୍ରଧାନ
ପିତା - ପ୍ରସନ୍ନ କୁମାର ପ୍ରଧାନ
ଗ୍ରାମ - ଦ୍ୱାରବନ୍ଧ
ପୋ: - ଗଣ୍ଡାମାଲ
ଥାନା - ରେଙ୍ଗାଲି ଡ୍ୟାମ୍ ସାଇଟ୍
ଜିଲ୍ଲା - ଅନୁଗୁଳ
ପିନ୍ - ୭୫୯୧୦୫

No. D-145: ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଆପଣ ୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ତନରଡ଼ା, ଭଞ୍ଜନଗରରେ କାର୍ଯ୍ୟରତ ଅଛନ୍ତି। ଆପଣ ଗତ ତା୨୩।୦୫।୨୦୨୩ ଅପରାହ୍ନଠାରୁ ତା୨୯।୦୫।୨୦୨୩ ଅପରାହ୍ନ ପର୍ଯ୍ୟନ୍ତ ସମୁଦାୟ ୦୬ଦିନ ଛୁଟି ନିଜ ସ୍ତ୍ରୀଙ୍କର ଅସୁସ୍ଥତା ନିମନ୍ତେ ଯାଇଥିଲେ। ଆପଣଙ୍କର ତା୩୦।୦୫।୨୦୨୩ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦାନ କରିବାର ଥିଲା। କିନ୍ତୁ ଆପଣ ଉପରିସ୍ଥ ଅଧିକାରୀଙ୍କୁ କିଛି ନ ଜଣାଇ ନିଜର ମନମୁତାବକ ଅନଧିକାର ଅଧିକ କାଳ ବିନା ଛୁଟିରେ ରହିଆସୁଛନ୍ତି। ଆପଣଙ୍କ ଏହି ଅଧିକ କାଳ ବିନା ଛୁଟିରୁ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ଦୁର୍ଗପତି ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ତନରଡ଼ା, ଭଞ୍ଜନଗରଙ୍କ କାର୍ଯ୍ୟାଳୟଠାରୁ ବିଭିନ୍ନ ସମୟରେ ଆପଣଙ୍କୁ କାର୍ଯ୍ୟରେ ଯୋଗଦାନ କରିବା ନିମନ୍ତେ ସ୍ୱତନ୍ତ୍ର ଡାକ ଏବଂ ସ୍ୱତନ୍ତ୍ର ଡାକ ବାହକ ମାଧ୍ୟମରେ ଆପଣଙ୍କ ଘରୋଇ ସ୍ଥାୟୀ ଠିକଣାକୁ ପ୍ରେରଣ ପତ୍ର ସଂଖ୍ୟା ୧୩୨୯/ଆର୍.ଓ., ତାରିଖ: ୦୮।୦୬।୨୦୨୩, ସଂଖ୍ୟା ୧୪୪୧/ଆର୍.ଓ., ତାରିଖ: ୨୬।୦୬।୨୦୨୩, ସଂଖ୍ୟା ୧୬୭୦/ଆର୍.ଓ., ୨୭।୦୭।୨୦୨୩ ଏବଂ ସଂଖ୍ୟା ୨୧୭୩/ଆର୍.ଓ., ତାରିଖ: ୨୬।୦୯।୨୦୨୩ରେ ପ୍ରେରଣ କରାଯାଇଥିଲା। କିନ୍ତୁ ଆପଣ ଆପଣଙ୍କ ଘରର ସ୍ଥାୟୀ ଠିକଣାରେ ଅନୁପସ୍ଥିତ ଥିବା ହେତୁ ଆପଣଙ୍କ ଅବଗତି ନିମନ୍ତେ ଉକ୍ତ ପତ୍ରଟି ଆପଣଙ୍କ ବାପାଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଆପଣଙ୍କର ବାପା ଶ୍ରୀ ପ୍ରସନ୍ନ କୁମାର ପ୍ରଧାନ ଏକ ଲିଖିତ ପତ୍ର ଦ୍ୱାରା ସୂଚିତ କରିଅଛନ୍ତି କି ଯେ ଆପଣ ଦୀର୍ଘ ଦିନ ହେବ ନିଜର ସ୍ଥାୟୀ ଠିକଣାରେ ରହୁନାହାନ୍ତି କିମ୍ବା ଆପଣ ଘର ସହିତ ସମ୍ପର୍କ ରଖୁ ନାହାନ୍ତି କି କୌଣସି ପ୍ରକାରେ ଯୋଗାଯୋଗ କରୁନାହାନ୍ତି।

ଏଣୁ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଏହି ଖବରକାଗଜ ମାଧ୍ୟମରେ ସୂଚିତ କରାଯାଉଅଛିକି ଆପଣ ଖବର ପ୍ରକାଶିତ ହେବାର ୦୭ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରନ୍ତୁ। ଯଦି ୦୭ଦିନ ମଧ୍ୟରେ ଆପଣ କାର୍ଯ୍ୟରେ ଯୋଗଦାନ ନ କରନ୍ତି କିମ୍ବା କାର୍ଯ୍ୟାଳୟ ସହ କୌଣସି ଯୋଗାଯୋଗ ନ କରନ୍ତି, ତେବେ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- (ଦୁର୍ଗପତି)
୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ଭଞ୍ଜନଗର
OIPR-12029/11/0025/2324

## ବିଜ୍ଞାପନ
### ଶିକ୍ଷାବୃତ୍ତି ନିମନ୍ତେ ଆବେଦନ/ପଞ୍ଜୀକରଣ

No.gg-14:ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଭାରତ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଶିକ୍ଷାବୃତ୍ତି ପାଇବା ନିମନ୍ତେ ଜାତୀୟ ବୃତ୍ତି ପୋର୍ଟାଲ (ନ୍ୟାସନାଲ ସ୍କଲାରଶିପ ପୋର୍ଟାଲ) https://scholarships.gov.in. ରେ ପଞ୍ଜୀକରଣ ଆବଶ୍ୟକ ଅଟେ । ଏହି ସମ୍ପର୍କୀୟ ପଞ୍ଜୀକରଣର ଶେଷ ତାରିଖ ନିମ୍ନରେ ପ୍ରଦାନ କରାଗଲା ।

| ବର୍ଗ | ପଞ୍ଜୀକରଣ ଆରମ୍ଭ ତାରିଖ | ଆବେଦନର ଶେଷ ତାରିଖ |
|---|---|---|
| ପ୍ରି-ମାଟ୍ରିକ | ୦୧.୧୦.୨୦୨୩ | ୩୦.୧୧.୨୦୨୩ |
| ପୋଷ୍ଟ-ମାଟ୍ରିକ | ୦୧.୧୦.୨୦୨୩ | ୩୧.୧୨.୨୦୨୩ |
| ଟପ କ୍ଲାସ | ୦୧.୧୦.୨୦୨୩ | ୩୧.୧୨.୨୦୨୩ |

ଏଣୁ ସମସ୍ତ ଶିକ୍ଷାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଭିନ୍ନକ୍ଷମ ବିଦ୍ୟାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ଉପରୋକ୍ତ ସମୟସୀମା ମଧ୍ୟରେ ପଞ୍ଜୀକରଣ କରାଇ ଶିକ୍ଷାବୃତ୍ତିର ଲାଭ ନିଅନ୍ତୁ ।

ସ୍ୱତନ୍ତ୍ର ଶାସନ ସଚିବ
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ
OIPR-46001/11/0023/2324

**ମେଟ୍ରୋ ପ୍ରକଳ୍ପ ପାଇଁ ଡିପିଆର୍, ବିଜ୍ଞାପନରେ ଅଟକିଯାଇଛନ୍ତି ସରକାର: ଭାଜପା**

**ଭୁବନେଶ୍ୱର, (ସୁନିତ୍ ମିଶ୍ର):** ଦେଶର ୨୨ ସହର ମେଟ୍ରୋ ରେଳ ସୁବିଧା ପାଇସାରିଲା ପରେ ଏବେ ରାଜ୍ୟ ସରକାରଙ୍କର ମେଟ୍ରୋ କଥା ମନେପଡ଼ିଛି । ଆଉ ଓଡ଼ିଶା ସରକାର ଡିପିଆର୍, ବିଜ୍ଞାପନରେ ଅଟକି ଯାଇଛନ୍ତି ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# ତେଲଙ୍ଗାନାରେ ଜାତି ଜନଗଣନା କରାଯିବ: ରାହୁଲ



ତେଲଙ୍ଗାନାରେ କଂଗ୍ରେସର 'ବିଜୟଭେରି ଯାତ୍ରା' ଅବସରରେ ଏକ ପଥପ୍ରାନ୍ତ ସଭାକୁ ଉଦ୍‌ବୋଧନ ଦେଉଛନ୍ତି ରାହୁଲ ଗାନ୍ଧୀ ।

**ନୂଆଦିଲ୍ଲୀ,୧୯।୧୦**

ତେଲଙ୍ଗାନାରେ କଂଗ୍ରେସ କ୍ଷମତାକୁ ଆସିଲେ ଜାତି ଜନଗଣନା କରାଯିବ ବୋଲି ଦଳର ନେତା ରାହୁଲ ଗାନ୍ଧୀ ଗୁରୁବାର ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ତେଲଙ୍ଗାନା ବିଧାନସଭା ନିର୍ବାଚନ ନଭେମ୍ବର ୩୦ରେ ଅନୁଷ୍ଠିତ ହେବାକୁ ଯାଉଛି । ଦଳର 'ବିଜୟଭେରି ଯାତ୍ରା'ରେ ଭୁପଲପାଲିରୁ ପେଦ୍ଦାପାଲ୍ଲି ଯିବା ବାଟରେ ଏକ ପଥପ୍ରାନ୍ତ ସଭାକୁ ଉଦ୍‌ବୋଧନ ଦେଇ ରାହୁଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଜାତି ଜନଗଣନା ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି । ଜାତି ଜନଗଣନା ଦେଶ ଆଗରେ ଏକ ବଡ଼ ପ୍ରସଙ୍ଗ । ଦଳିତ, ଆଦିବାସୀ, ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ଲୋକଲୋଚନକୁ ଆଣିବା ଲାଗି ଜାତିଗତ ସର୍ଭେ ଏକ୍ସ-ରେ ସଦୃଶ ବୋଲି ସେ କହିଛନ୍ତି । ଦେଶର ପାଣ୍ଠି କିପରି ବିନିଯୋଗ ହେବ, ତାହା ଏଥିରୁ ନିର୍ଦ୍ଧାରଣ କରାଯିବ । ମୋଦି ଏବଂ କେସିଆର କେବେ ଜାତି ଜନଗଣନା କରିବେ ବୋଲଇ ଜନସାଧାରଣ ପ୍ରଶ୍ନ ପଚାରିବାକୁ କଂଗ୍ରେସ ନେତା ଆହ୍ୱାନ ଦେଇଛନ୍ତି । କଂଗ୍ରେସ ଶାସିତ ରାଜ୍ୟ ଛତିଶଗଡ଼, ରାଜସ୍ଥାନ ଏବଂ କର୍ଣ୍ଣାଟକରେ ଜାତି ଜନଗଣନା ପାଇଁ କୁହାଯାଇଛି । ତେଲଙ୍ଗାନାରେ କଂଗ୍ରେସ କ୍ଷମତାକୁ ଆସିଲେ ଜାତି ଜନଗଣନା ଏହି ସରକାରର ପ୍ରଥମ କାର୍ଯ୍ୟ ହେବ ବୋଲି ରାହୁଲ କହିଛନ୍ତି ।

# ଭାଜପା ନେତାଙ୍କୁ ନୀତୀଶଙ୍କ ପ୍ରଶଂସା

**ପାଟନା,୧୯।୧୦**

ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଗୁରୁବାର ଏକ କାର୍ଯ୍ୟକ୍ରମରେ ଭାଜପା ନେତାମାନଙ୍କୁ ପ୍ରଶଂସା କରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ସେ ବଞ୍ଚିଥିବା ପର୍ଯ୍ୟନ୍ତ ଭାଜପା ନେତାମାନଙ୍କ ସହ ବନ୍ଧୁତା ଓ ସମ୍ପର୍କ ଜାରି ରହିବ ବୋଲି ନୀତୀଶ କହିଥିଲେ । ଉକ୍ତ ସଭାରେ ନରେନ୍ଦ୍ର ମୋଦି ସରକାରଙ୍କୁ ବିହାର ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାକୁ ନେଇ ରାଜନୈତିକ ମହଲରେ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି । ପୂର୍ବତନ ସହଯୋଗୀ ତଥା ବର୍ତ୍ତମାନର ବିରୋଧୀ ଭାଜପା ପ୍ରତି ନୀତୀଶ ପୁଣିଥରେ ଆକର୍ଷିତ ହେଉଥିବା ଚର୍ଚ୍ଚା ହେଉଛି । ମୋତିହାରିସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ନୀତୀଶ କହିଥିଲେ, ଆମେ ସମସ୍ତେ ବନ୍ଧୁ । ଆମ ଭିତରେ ମତ ପାର୍ଥକ୍ୟ ରହିଛି, ଅର୍ଥ ନୁହେଁ ଆମର ବନ୍ଧୁତ୍ୱ ତୁଟିଯାଇଛି । ଜୀବନ ଥିବା ପର୍ଯ୍ୟନ୍ତ ସେମାନେ ମୋ ସହ ଯୋଡ଼ିହୋଇରହିବେ ଓ ଆମେ ଏକାଠି କାମ କରିବୁ । ଉକ୍ତ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଏବଂ ଭାଜପା ଏମ୍‌ପି ରାଧାମୋହନ ସିଂ ଉପସ୍ଥିତ ଥିଲେ । ଭାଜପା ବିରୋଧରେ ଇଣ୍ଡିଆ ମେଣ୍ଟରେ ବିରୋଧୀ ଦଳଗୁଡ଼ିକୁ ଏକାଠି କରାଇବା ଲାଗି ଉଦ୍ୟମର ନେତୃତ୍ୱ ନେଉଥିବା ନୀତୀଶ ମୋତିହାରିରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି କେନ୍ଦ୍ର ସରକାରଙ୍କୁ ଶ୍ରେୟ ଦେଇଥିଲେ । କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ସେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଏହାକୁ ଉକ୍ତ ସରକାର କାର୍ଯ୍ୟକାରୀ କରି ନ ଥିଲା ବୋଲି କହି ନୀତୀଶ ସମାଲୋଚନା କରିଥିଲେ ।



ନୀତୀଶ କୁମାର

# ଜେଡିଏସ୍ ରାଜ୍ୟ ସଭାପତି ପଦରୁ ଇବ୍ରାହିମ୍ ବିଦା

**ବେଙ୍ଗାଲୁରୁ,୧୯।୧୦:** ଜେଡିଏସ୍‌ର କର୍ଣାଟକ ରାଜ୍ୟ ସଭାପତି ପଦରୁ ସିଏମ୍ ଇବ୍ରାହିମ୍‌ଙ୍କୁ ଗୁରୁବାର ହଟାଇ ଦିଆଯାଇଛି । ଏନେଇ ଦଳ ମୁଖ୍ୟ ଏଚ୍‌ଡି ଦେବେଗୌଡା କହିଛନ୍ତି, ଦଳର ସମ୍ବିଧାନ ଅନୁଯାୟୀ ଆମେ ଇବ୍ରାହିମଙ୍କୁ ହଟାଉଛୁ । ଅପରପକ୍ଷେ ଦେବେଗୌଡାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କୁ ଦଳର କାର୍ଯ୍ୟକାରୀ ପ୍ରଦେଶ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି । ସୂଚନାଯୋଗ୍ୟ, ନିକଟରେ ଇବ୍ରାହିମ୍ କହିଥିଲେ, ଆମେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସହ ମେଣ୍ଟକୁ ଗ୍ରହଣ କରୁନାହୁଁ । ଏନେଇ ସେ ଦଳର କେତେକ ନେତାଙ୍କ ସହ ବୈଠକ କରିଥିଲେ । ଏହା ପରେ ସେ ଘୋଷଣା କରିଥିଲେ ଯେ, ତାଙ୍କ ସହିତ ଥିବା ନେତା ପ୍ରକୃତ ଜେଡିଏସ୍ । ଆଉ ଆମେ ଦଳର ମୁଖ୍ୟ ଏଚ୍‌ଡି ଦେବେଗୌଡାଙ୍କୁ ଭାଜପା ସହ ନ ଯିବାକୁ କହିବୁ ।

# ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ଚାହୁଁଛି, ହେଲେ ପଦ ମୋତେ ଛାଡୁନାହିଁ: ଗେହଲଟ୍

**ନୂଆଦିଲ୍ଲୀ,୧୯।୧୦**

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଦେବାକୁ ଚାହୁଁଥିଲେ ମଧ୍ୟ ପଦବୀ ମୋତେ ଛାଡୁନାହିଁ ଏବଂ ଭବିଷ୍ୟତରେ ସମ୍ଭବତଃ ଛାଡ଼ି ନ ପାରେ ବୋଲି ଅଶୋକ ଗେହଲଟ୍ ଗୁରୁବାର କହିଛନ୍ତି । ତେବେ ତାଙ୍କଠାରେ ଏପରି କିଛି ରହିଛି, ଯେଉଁଥିପାଇଁ ଦଳ ହାଇକମାଣ୍ଡ ତାଙ୍କୁ ରାଜ୍ୟରେ ତୃତୀୟ ଥର ପାଇଁ ନେତୃତ୍ୱ ନେବା ନିମନ୍ତେ ବାଛିଛନ୍ତି । ଦଳର ନେତୃତ୍ୱ ଯେକୌଣସି ନିଷ୍ପତ୍ତି ନେବେ, ତାହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ କହିଛନ୍ତି । ୨୦୨୦ରେ ବରିଷ୍ଠ କଂଗ୍ରେସ ନେତାଙ୍କ ନେତୃତ୍ୱରେ ତାଙ୍କର ଅନୁଗତ ବିଧାୟକମାନେ ଗେହଲଟ୍ ଓ ତାଙ୍କ ସରକାରଙ୍କ ବିରୋଧରେ ବିଦ୍ରୋହ କରିଥିଲେ । ଗେହଲଟ୍ 'କ୍ଷମା କର ଓ ଭୁଲିଯାଅ' ନୀତି ଆପଣାଇ ଆଗେଇ ଚାଲିଥିବା କହିଛନ୍ତି । ଏଆଇସିସି ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରାଜସ୍ଥାନ ମୁଖ୍ୟମନ୍ତ୍ରୀ କହିଥିଲେ ।

ବିରୋଧୀ ନେତାମାନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର ବିଭାଗ ପକ୍ଷରୁ କରାଯାଉଥିବା କାର୍ଯ୍ୟାନୁଷ୍ଠାନକୁ ଗେହଲଟ୍ ନିନ୍ଦା କରିଛନ୍ତି । ରାଜ୍ୟରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଚଢ଼ାଉ ତୁରନ୍ତ ବନ୍ଦ କରିବା ଲାଗି ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି । ୫ ରାଜ୍ୟରେ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଥିବାରୁ ନିର୍ବାଚନ କମିଶନ ମଧ୍ୟ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଗେହଲଟ୍ ଅନୁରୋଧ କରିଛନ୍ତି । କଂଗ୍ରେସରେ ଟିକେଟ ବଣ୍ଟନକୁ ନେଇ କୌଣସି ମତଭେଦ ରହିଛି ବୋଲି ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କୌଣସି ମତପାର୍ଥକ୍ୟ ନାହିଁ, ସବୁକିଛି ସହମତିରେ ନିଷ୍ପତ୍ତି ନିଆଯାଉଛି ।

# ଅନୁସୂଚିତ ବର୍ଗ ଲୋକଙ୍କ ସମସ୍ୟା ସମାଧାନ ପାଇଁ ସରକାର ଆଗ୍ରହୀ ନୁହନ୍ତି: ଜୁଏଲ

**ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)**

ଓଡ଼ିଶା ସମୁଦାୟ ଜନସଂଖ୍ୟାରୁ ଅନୁସୂଚିତ ଜାତି ବର୍ଗଙ୍କ ସଂଖ୍ୟା ପ୍ରାୟ ୨୦% ହେବ । ହେଲେ ଅନୁସୂଚିତ ଜାତି ବର୍ଗଙ୍କୁ ଶିକ୍ଷା, ନିଯୁକ୍ତି ଓ ରାଜନୈତିକ ଆଦି କୌଣସି ଗୋଟିଏ କ୍ଷେତ୍ରରେ ସଂରକ୍ଷଣର ଶତପ୍ରତିଶତ ସୁବିଧା ସୁଯୋଗ ଦିଆଯାଇନାହିଁ । ରାଜ୍ୟରେ ଅନୁସୂଚିତ ଜାତି ବର୍ଗର ବିକାଶ ଓ ସମସ୍ୟା ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ଏସ୍‌ସି ଆଡଭାଇଜରି କମିଟି ବୈଠକ ମଧ୍ୟ ଆଦୌ ବସୁନାହିଁ । ଦୀର୍ଘଦିନ ଧରି ରାଜ୍ୟରେ ଅନୁସୂଚିତ ବର୍ଗର ଲୋକଙ୍କ ସମସ୍ୟା ସମାଧାନ ଓ ବିକାଶ ପାଇଁ ରାଜ୍ୟ ସରକାର ଆଦୌ ଆଗ୍ରହୀ ନୁହନ୍ତି । ସେହିପରି ଅନୁସୂଚିତ ଛାତ୍ରବୃତ୍ତି ପ୍ରଦାନରେ ରାଜ୍ୟ ସରକାର ବହୁ ବିଳମ୍ବ କରୁଛନ୍ତି ବୋଲି ଭାଜପା ଏମ୍‌ପି ଜୁଏଲ ଓରାମ କହିଛନ୍ତି । ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇଙ୍କ ସଭାପତିତ୍ୱରେ ରାଜ୍ୟ ପଦାଧିକାରୀ, ଜିଲା ପ୍ରଭାରୀ ଓ ଜିଲା ସଭାପତିମାନଙ୍କୁ ନେଇ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥିଭାବେ ଜୁଏଲ ଯୋଗଦେଇ ବିସ୍ତୃତଭାବେ ଅନୁସୂଚିତ ଜାତି ମୋର୍ଚ୍ଚାର ସାଙ୍ଗଠନିକ ଏବଂ ଅନୁସୂଚିତ ଜାତି ମୋର୍ଚ୍ଚାର ନ୍ୟାଯ୍ୟ ଅଧିକାର ଉପରେ ଆଲୋଚନା କରିଥିଲେ ।

# ନିର୍ଦ୍ଧାରିତ ମୂଲ୍ୟରୁ ଅଧିକ ଟଙ୍କାର ଟେଣ୍ଡର କରି ଲୁଟ୍ ଚାଲିଛି: କଂଗ୍ରେସ

**ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)**

ରାଜଧାନୀ ସ୍ଥିତ ନିର୍ମାଣ ସୌଧଠାରେ ଅବସ୍ଥିତ ଆର୍ ଆଣ୍ଡ ବି(ସିଭିଲ)ର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ କଂଗ୍ରେସ ନେତା ମାନସ ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ଗୁରୁବାର ଘେରାଉ କରାଯାଇଥିଲା । ବରଗଡ଼ ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ଟେଣ୍ଡର କରାଯାଇ ରାଜ୍ୟ ରାଜକୋଷ ଅର୍ଥକୁ ସରକାର ଲୁଟ୍ କରୁଥିବା ଅଭିଯୋଗ ଆଣି କଂଗ୍ରେସ ଏହି ଘେରାଉ କରିଛି । ତେବେ ଏହି ଦୁର୍ନୀତିରେ ଆର୍ ଆଣ୍ଡ ବି (ସିଭିଲ) ବିଭାଗର ଜଣେ ବରିଷ୍ଠ ଅଧିକାରୀ ମୁଖ୍ୟ ଭୂମିକା ତୁଲାଉଥିବା କଂଗ୍ରେସ ଅଭିଯୋଗ କରିଛି । କଂଗ୍ରେସ ଆହୁରି କହିଛି, ସେହି ଅଫିସରଙ୍କ ନିର୍ଦ୍ଦେଶରେ ଟେଣ୍ଡର ଫିକ୍ସିଂ ହେଉଛି । ତାଙ୍କ ତତ୍ତ୍ୱାବଧାନରେ ବରଗଡ଼ ଜିଲାରେ ଅଧିକ ମୂଲ୍ୟର ଟେଣ୍ଡର କରାଯାଇ ସରକାରୀ ଅର୍ଥକୁ ହରିଲୁଟ କରାଯାଉଛି । ନିର୍ବାଚନ ଖର୍ଚ୍ଚ ପାଇଁ ଏଭଳି ଅସାଧୁ ଉପାୟ ଅବଲମ୍ବନ କରାଯାଉଛି । ଯଦି ଏହି ଦୁର୍ନୀତିରେ ସଂଶ୍ଲିଷ୍ଟ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହୁଏ ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି କଂଗ୍ରେସ ଚେତାବନୀ ଦେଇଛି ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT**
**DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦୁର୍ଗା ପୂଜା ଧମାକା
**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797
7618668625

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**Classified Everyday**
**0674-2580101, 2549949**



REAL ESTATE

**SALE**

ଘରବାରି ପଟ୍ଟା **Plots, Resale Hotel / house at Puri Town,** ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି । **7008067338, 9090746445.** D-75242

**Readymade 3 BHK Duplex with land 1530 sqft. for sale @ 65 Lakhs onwards near Pahala (Jagannathpur). Contact: 9348838338.** D-1601

ଗଙ୍ଗପଡ଼ା ଛକରୁ 400 Mtr. 1350/-, Retanga Railway Station ପୂର୍ବରୁ 1250/-. 8658864750. D-75241

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି । Contact: 8917697736, 9439101373. D-1428

**Twincity Grand Bazar, (Nakhara NH-16)** ମଧ୍ୟଭାଗରେ ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ । **8249310759.** D-75238

ପୁରୀ ସାତଶଙ୍ଖରେ 34000 sqft ଫାର୍ମହାଉସ 40ଟି ନଡ଼ିଆଗଛ, ମାଛପୋଖରୀ ଥାଇ ତୁରନ୍ତ ବିକ୍ରିହେବ- 7008833643. D-75245

Commercial plot suitable for Health Clinic or any Other Business purpose 3 sides road facing to NH Nakhara to Niali road frontage 60 foot facing to south 10000sft. 8 k.m. from Nakhara. 8249851363. D-75049

ଭୁବନେଶ୍ୱର ମୌଜା କଣ୍ଟିଲୋ ବ୍ରହ୍ମକୁଣ୍ଡଳରେ, **30' road,** ଘରବାରି **Boundary,** ଥାଇ ପ୍ଲଟ୍‌ମିଳୁଛି- **9348884684.** D-75244

Plot sale near AIIMS Hospital, Bhubaneswar. Contact : 9777433701. D-75240

ଘରବାରି ବାସୋପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି । ସମ୍ପର୍କ କରନ୍ତୁ । **9439924161.** D-75236

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ । 8917351078. D-75237

**Flat for sale 3BHK at Bijunagar, Patia Rs.90lakhs. M: 9827769868, Phone No.- 06743513969.** D-71065

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - **9437205314, 9937513595.** D-75243

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ । 9178704897. D-75247

**PURCHASE**

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି । **9799798009ରେ Whatsapp** କରନ୍ତୁ । D-74589





Spa Kerala body Massage only best Therapist @699/- Bhubaneswar. 9337672475. D-1602

**Full body relax massage refresh your body with trend therapist. 9827090587.** D-1580

Asribada Panchakarma herbal SPA Kesharimall, Bhubaneswar. Contact : 8926173473. D-75051

Newly open health benefits Spa special offer @ 999. Contact: 7749034655. D- 75157

**Full body massage by expert therapist positively health benefits. 9938843929.** D-75159

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

**LOST**

ମୁଁ ଶ୍ରୀ ସୁକାନ୍ତ କୁମାର ପରିଡା, ପିତା-ତ୍ରିନାଥ ପରିଡା, (ଗ୍ରାମ)/(ପୋଷ୍ଟ)/(ପୋଲିସ)- ବେଣ୍ଟପୁର, କଟକପଡା, ଜିଲ୍ଲା- ପୁରୀ, ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛି ଯେ ମୋର ଗୋଟିଏ କବଲା ନଂ- ୧୧୪୮୧୧୦୭୨୭୦ ଏବଂ ଗୋଟିଏ ପଟ୍ଟା ଖାତା ନଂ- ୧୦୨/ ୨୭୪ ଏ.୦.୧୨ ଡିସିମିଲ, ମୌଜା- କଟକପଡା, ତା- ୧୨.୧୦.୨୦୨୩ ଦିନ ମୋର କୌଣସି ଅସାବଧାନ ଯୋଗୁ ସବ୍‌ରେଜିଷ୍ଟ୍ରର ଅଫିସରେ ଓରିଜିନାଲ ପଟ୍ଟା ଓ କବଲା ହଜିଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି, ଉକ୍ତ କବଲା ଏବଂ ପଟ୍ଟାକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଛି ।
ଓକିଲ- ଦିପକ କୁମାର ସାହୁ,
ମୋ- ୬୭୩୭୦୫୮୭୮୫ D-1614

Notice is hereby given from Sri Jayanarayan Mohapatra that at present, I have lost the original ROR No. 521/2866 which was kept in my handbag while going to Court from my residence at Puri on dt 15.10.2023 and despite my best efforts, failed to trace the same. Therefore, if anybody has found the same, please contact with my Mobile Number: 9438320540. D-1616

**AFFIDAVIT**

I, Vinod Bhura, S/o- Late Shantilal Bhura, resident of Block-A, Flat No- 163, Pahal, Utkal Heights, NH-16, Pahal, Bhubaneswar, Bhubanpur, Khorda, Odisha- 752101 declare by this affidavit No- C.F-13, Date.- 21.07.2023 that now onwards I shall be known as VINOD KUMAR BHURA for all future purposes. D-1615

By an affidavit before Notary Public, Rayagada, I have changed my name from IPPILI SUSHMA to IPPILI PRABHAVATHI for purposes. D-1613

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗୌତମ ପ୍ରସାଦ ପଣ୍ଡା**
ଆବିର୍ଭାବ: ୨୦।୦୭।୧୯୭୫
ତିରୋଧାନ: ୧୩।୧୦।୧୯୯୧
(ଆଶ୍ୱିନ ଶୁକ୍ଳ ଷଷ୍ଠୀ ତିଥି)
ଆଜି ୩୨ତମ ଶ୍ରାଦ୍ଧବାର୍ଷିକ ଅବସରରେ ତୋର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ ।
**:ଶୋକସନ୍ତପ୍ତ:**
ମାତା: ଲଳିତା ପଣ୍ଡା, ନନା: ସିଦ୍ଧାର୍ଥ କୁମାର ପଣ୍ଡା, ଭାଉଜ: ଶାନ୍ତିଲତା ପତି, ଭାଇ: ମିଟୁ, ଲୁଲୁ, ବାବୁଲି ଓ ଟୁଲୁ, ଭାଇବୋହୂ: ସିଲା, ଟିନା, ଟୋପା, ସିଲୁ, ଭଉଣୀ: ଲିଲି ଓ ମାମି, ଭିଣୋଇ: ଜୟଦୀପ ମିଶ୍ର ଓ ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ବନ୍ଧୁବର୍ଗ ।
ଧ-୧୭୦୮

**ତୃତୀୟ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଅଚ୍ୟୁତାନନ୍ଦ ସାହୁ**
ତିରୋଧାନ : ୨୨.୦୯.୨୦୨୦
ଜନ୍ମସ୍ଥାନ: ଗାଡ଼କଣ, ବାସସ୍ଥାନ: ଇଞ୍ଜଣା
ଚାହୁଁ ଚାହୁଁ ତିନିବର୍ଷ ବିତିଗଲା, ତୁମେ ସର୍ବଦା ମନେପଡୁଛ । ଯେଉଁଠି ଥାଅ, ଯେପରି ଥାଅ ଭଲରେ ଥାଅ । ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଏବଂ ପରୋପକାରିତା ସର୍ବଦା ଆମମାନଙ୍କ ପାଇଁ ଅତୁଟ ହୋଇ ରହିବ । ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ : ସାହୁ ପରିବାର ଓ ବନ୍ଧୁବର୍ଗ ।
ଧ-୭୫୨୪୬

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।





ପୁଣେର ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଗୁରୁବାର ବାଂଲାଦେଶ ବିପକ୍ଷ ମ୍ୟାଚ ଉପଭୋଗ ଅବସରରେ ଉଲ୍ଲସିତ ଭାରତୀୟ ଦର୍ଶକ।



ଉଇକେଟ ନେବାପରେ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ଯଶପ୍ରୀତ୍ ବୁମ୍ରା।

## ଆହତ ହୋଇ ପଡ଼ିଆ ଛାଡ଼ିଲେ ପାଣ୍ଡ୍ୟା



ହାର୍ଦ୍ଦିକ ପାଣ୍ଡ୍ୟା

**ପୁଣେ,୧୯।୧୦(ପି.ଟି.)**

ଭାରତୀୟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହୋଇ ପଡିଆ ଛାଡିଛନ୍ତି। ପୁଣେରେ ଖେଳା ଯାଇଥିବା ବାଂଲାଦେଶ ବିପକ୍ଷ ମ୍ୟାଚରେ ବୋଲିଂ କରୁଥିବା ସମୟରେ ସେ ଆହତ ହୋଇଥିଲେ। ମ୍ୟାଚ୍‌ର ନବମ ଓଭର ବୋଲିଂ କରିବାକୁ ଆସିଥିବା ପାଣ୍ଡ୍ୟା ବୋଲିଂ ଫଲୋ ଥ୍ରୁରେ ବଲ୍ ରୋକିବାକୁ ପ୍ରୟାସ କରିଥିବା ବେଳେ ତାଙ୍କ ଗୋଇଠି ମୋଡି ହୋଇ ଯାଇଥିଲା। ଓଭରର ତୃତୀୟ ବଲରେ ଲିଟନ୍ ଦାସ ଏକ ଷ୍ଟ୍ରେଟ୍ ଡ୍ରାଇଭ୍ ମାରିଥିବା ବେଳେ ଏହାକୁ ଅଟକାଇବାକୁ ଚେଷ୍ଟା କରିଥିଲେ ପାଣ୍ଡ୍ୟା। ବଲ୍ ରୋକିପାରି ନ ଥିବା ବେଳେ ଗୋଡ ଘୋଷାଡି ହୋଇ ଯାଇଥିଲା। ପାଣ୍ଡ୍ୟା ଛିଡା ହେବାକୁ ଅସମର୍ଥ ଥିବାବେଳେ ବିରାଟ କୋହଲି ଆଉ ୩ଟି ବଲ୍ ପକାଇ ଓଭର ସମାପ୍ତ କରିଥିଲେ। ସୂର୍ଯ୍ୟକୁମାର ଯାଦବ ସବ୍‌ଷ୍ଟିଚ୍ୟୁଟ୍ ଫିଲ୍ଡର ଭାବରେ ପଡିଆକୁ ଆସିଥିଲେ। ବିସିସିଆଇ ମେଡିକାଲ ଟିମ୍ ହାର୍ଦ୍ଦିକଙ୍କ ଯତ୍ନ ନେଉଥିବା ବେଳେ ସ୍କାନ ପରେ ରିପୋର୍ଟ ଆସିବ ବୋଲି ଜଣାପଡିଛି। ବିଶ୍ୱକପରେ କୋହଲିଙ୍କର ଏହା ଚତୁର୍ଥ ଓଭର। ପୂର୍ବରୁ ୨୦୧୧ କ୍ରିକେଟ ବିଶ୍ୱକପର କ୍ୱାର୍ଟର ଫାଇନାଲ ଓ ଫାଇନାଲରେ ସେ ଗୋଟିଏ ଲେଖାଏ ଓଭର ବୋଲିଂ କରିଥିଲେ। ଏହା ବ୍ୟତୀତ ୨୦୧୫ ଅଷ୍ଟ୍ରେଲିଆ ବିପକ୍ଷ ସେମି ଫାଇନାଲରେ ମଧ୍ୟ ୧ ଓଭର ବୋଲିଂ କରିଥିଲେ।

### ଭାରତ-ବାଂଲାଦେଶ ସ୍କୋର ବୋର୍ଡ

**ବାଂଲାଦେଶ ଇନିଂସ**

ତାନଜିଦ୍ ହସନ- ଏଲବିଡବ୍ଲ୍ୟୁ- କୁଲଦୀପ-୫୧
ଲିଟନ ଦାସ-କ-ଗିଲ୍-ବୋ-ଜାଡେଜା-୬୬
ନାଜମୁଲ ହୋସେନ ଶାନ୍ତୋ-ଏଲ୍‌ବିଡବ୍ଲ୍ୟୁ-ଜାଡେଜା-୮
ମେହିଦି ହସନ ମିରାଜ-କ-ରାହୁଲ-ବୋ-ସିରାଜ-୩
ତୌହିଦ ହ୍ରିଦୟ-କ-ଗିଲ୍-ବୋ-ଠାକୁର-୧୬
ମୁସ୍‌ଫିକର ରହିମ-କ-ଜାଡେଜା-ବୋ-ବୁମ୍‌ରା-୩୮
ମହମୁଦୁଲ୍ଲା-ବୋ-ବୁମ୍‌ରା-୪୬
ନାସୁମ ଅହମଦ-କ-ରାହୁଲ-ବୋ-ସିରାଜ-୧୪
ମୁସ୍ତାଫିଜୁର ରହମନ-ନଟଆଉଟ-୧
ଶୋରିଫୁଲ୍ ଇସ୍‌ଲାମ-ନଟଆଉଟ-୭
ଅତିରିକ୍ତ-୬
**ମୋଟ:** (୫୦ ଓଭର/୮ ଉଇକେଟ) ୨୫୬ ରନ।
**ଉଇକେଟ ପତନ:** ୧/୯୩, ୨/୧୧୦, ୩/୧୨୯, ୪/୧୩୭, ୫/୧୭୯, ୬/୨୦୧, ୭/୨୩୩, ୮/୨୪୮।

**ବୋଲିଂ (ଭାରତ)**

ଯଶପ୍ରୀତ ବୁମ୍‌ରା ୧୦-୧-୪୧-୨
ମହମଦ ସିରାଜ ୧୦-୦-୬୦-୨
ହାର୍ଦ୍ଦିକ ପାଣ୍ଡ୍ୟା ୦.୩-୦-୮-୦
ବିରାଟ କୋହଲି ୦.୩-୦-୨-୦
ଶାର୍ଦ୍ଦୂଳ ଠାକୁର ୯-୦-୫୯-୧
କୁଲ୍‌ଦୀପ ଯାଦବ ୧୦-୦-୪୭-୧
ରବୀନ୍ଦ୍ର ଜାଡେଜା ୧୦-୦-୩୮-୨।

**ଭାରତ ଇନିଂସ**

ରୋହିତ ଶର୍ମା-କ-ତୌହିଦ ହ୍ରିଦୟ-ବୋ-ହସନ ମହମୁଦ-୪୮
ଶୁବମନ ଗିଲ୍-କ-ମହମୁଦୁଲ୍ଲା-ବୋ-ମେହିଦି ହସନ-୫୩
ବିରାଟ କୋହଲି-ନଟ ଆଉଟ-୧୦୩
ଶ୍ରେୟସ ଆୟର-କ- ମହମୁଦୁଲ୍ଲା-ବୋ-ମେହିଦି ହସନ ମିରାଜ-୧୯
କେ.ଏଲ୍. ରାହୁଲ- ନଟ ଆଉଟ-୩୪
ଅତିରିକ୍ତ:-୪
**ମୋଟ:** (୪୧.୩ ଓଭର/୩ ଉଇକେଟ) ୨୬୧ ରନ।
**ଉଇକେଟ ପତନ:** ୧/୮୮, ୨/୧୩୨, ୩/୧୭୮।

**ବୋଲିଂ (ବାଂଲାଦେଶ)**

ଶୋରିଫୁଲ୍ ଇସ୍‌ଲାମ ୮-୦-୫୪-୦
ମୁସ୍ତାଫିଜୁର ରହମନ ୫-୦-୨୯-୦
ନାସୁମ ଅହମଦ ୯.୩-୦-୬୦-୦
ହସନ ମହମୁଦ ୮-୦-୬୫-୧
ମେହିଦି ହସନ ମିରାଜ ୧୦-୦-୪୭-୨
ମହମୁଦୁଲ୍ଲା ୧-୦-୬-୦।

## ବ୍ୟାଟିଂ, ବୋଲିଂରେ ଉନ୍ନତି ଲକ୍ଷ୍ୟ

**ବେଙ୍ଗାଲୁରୁ,୧୯।୧୦(ପି.ଟି.)**

ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଶ୍ୱକପ୍‌ର ୧୮ତମ ମ୍ୟାଚ୍‌ରେ ଶୁକ୍ରବାର ପରସ୍ପରକୁ ଭେଟିବେ ପାକିସ୍ତାନ ଓ ଅଷ୍ଟ୍ରେଲିଆ। ଉଭୟ ଦଳ ଏହି ମ୍ୟାଚ୍‌ରେ ନିଜର ବ୍ୟାଟିଂ ଓ ବୋଲିଂରେ ଉନ୍ନତି ଆଣିବାକୁ ଚେଷ୍ଟା କରିବେ। ଅଷ୍ଟ୍ରେଲିଆ ଦୁଇଟି ପରାଜୟ ପରେ ବିଜୟ ଧାରାକୁ ଫେରିଥିବା ବେଳେ ପାକିସ୍ତାନର ବ୍ୟାଟିଂ ଓ ବୋଲିଂ ଦୁର୍ବଳତା ଭାରତ ବିପକ୍ଷ ମ୍ୟାଚରେ ପଦାରେ ପଡିଛି। ଉଭୟ ଦଳର ବ୍ୟାଟିଂ ଓ ବୋଲିଂରେ ତଥା ଦଳ ଚୟନକୁ ନେଇ ରହିଥିବା ଦୁର୍ବଳତାକୁ ଏଡାଇବାକୁ ଚେଷ୍ଟା କରିବେ। ପାକିସ୍ତାନ ଦଳ ସର୍ବଦା ଚାପରେ ଭଲ ପ୍ରଦର୍ଶନ କରିଥାଏ। ଏହାର ଉଦାହରଣ ହେଉଛି ୧୯୯୨ ବିଶ୍ୱକପ୍। ଦଳ ଯେଉଁ ସ୍ଥିତିରୁ ଯାଇ ବିଶ୍ୱକପ୍ ଜିତିଥିଲା ତାହା ପ୍ରଶଂସନୀୟ। ଶ୍ରୀଲଙ୍କା ବିପକ୍ଷରେ ୩୪୫ ରନ୍‌କୁ ସଫଳତାର ସହ ଚେଜ୍ କରି ବିଶ୍ୱରେକର୍ଡ କରିଥିବା ବେଳେ ଭାରତ ବିପକ୍ଷରେ ମାତ୍ର ୧୯୧ ରନ୍‌ରେ ଅଲଆଉଟ ହୋଇ ଅସ୍ଥିର ପ୍ରଦର୍ଶନର ଉଦାହରଣ ଦେଇଥିଲା। ଅନ୍ୟପକ୍ଷରେ ୫ ଥରର ବିଶ୍ୱ ଚାମ୍ପିୟନ ସର୍ବଦା ନିଜର ଲଢୁଆ ମନୋଭାବ ପାଇଁ ପ୍ରସିଦ୍ଧ। ପ୍ରଥମ ଦୁଇ ମ୍ୟାଚ୍ ହାରିଥିଲେ ମଧ୍ୟ ଶ୍ରୀଲଙ୍କା ବିପକ୍ଷରେ ବିଜୟ ହାସଲ କରିଥିଲା। ଏହି ବିଜୟ ସହ ଦଳ ଆତ୍ମବିଶ୍ୱାସରେ ରହିଥିବା ବେଳେ ଏହା ପାକିସ୍ତାନ ବିପକ୍ଷରେ ସହାୟକ ହେବ। ସେହିପରି ଉଭୟ ଦଳ ମଧ୍ୟରେ ଦିନିକିଆ ପ୍ରଦର୍ଶନକୁ ଧ୍ୟାନରେ ରଖିଲେ ଅଷ୍ଟ୍ରେଲିଆ ଆଗୁଆ ରହିବ। ପାକିସ୍ତାନ ବିପକ୍ଷରେ ଦଳର ବିଜୟ ରେକର୍ଡ ୬୯-୩୪ ରହିଥିବା ବେଳେ ଦିନିକିଆ ବିଶ୍ୱକପ୍‌ରେ ଏହି ରେକର୍ଡ ୬-୪ ରହିଛି।

ପାକିସ୍ତାନ ଦଳର ଟପ୍ ଅର୍ଡର ବର୍ତ୍ତମାନ ସୁଦ୍ଧା କ୍ଲିକ୍ କରିନାହିଁ। ଫାଖର ଜମାନ ବାଦ୍ ପଡିଥିବା ବେଳେ ଇମାମ୍ ଉଲ ହକ୍ ୩ ମ୍ୟାଚ୍‌ରୁ ମାତ୍ର ୬୩ ରନ୍ ସଂଗ୍ରହ କରିଛନ୍ତି। ଅନ୍ୟତମ ଓପନର ଅବଦୁଲ୍ଲା ଶଫିକ୍ ଗୋଟିଏ ଶତକ ହାସଲ କରିଥିବା ବେଳେ ତାଙ୍କୁ ଇମାମଙ୍କ ସହାୟତା ଆବଶ୍ୟକ। ସେହିପରି ପାକିସ୍ତାନ ବ୍ୟାଟିଂ ଲାଇନଅପ୍‌ର ମେରୁଦଣ୍ଡ ଥିବା ବାବର ଆଜମଙ୍କ ବ୍ୟାଟ ଚଳିତ ଟୁର୍ନାମେଣ୍ଟରେ ନୀରବ ରହିଛି। ଭାରତ ବିପକ୍ଷରେ ଏକ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ବାବର ନେଦରଲାଣ୍ଡ ଓ ଶ୍ରୀଲଙ୍କା ବିପକ୍ଷରେ ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆର ଦୃଢ ପେସ୍ ବୋଲିଂ ଲାଇନଅପ୍ ବିପକ୍ଷରେ ବାବର କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। ଉଇକେଟ କିପର ମହମ୍ମଦ ରିଜୱାନ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ପ୍ରତି ମ୍ୟାଚ୍‌ରେ ସେ ଭଲ ସ୍କୋର କରିବା ସହ ପାକିସ୍ତାନକୁ ଏକାକୀ ମ୍ୟାଚ୍ ବିଜୟୀ କରିଛନ୍ତି। ଅନ୍ୟପକ୍ଷରେ ମଧ୍ୟକ୍ରମରେ ସୌଦ୍ ଶକିଲ୍ ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରୁଛନ୍ତି। ତେବେ ଇଫତିଖାର ଅହମଦଙ୍କ ଫର୍ମ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପାକିସ୍ତାନ ବୋଲର ଅତ୍ୟନ୍ତ ସାଧାରଣ ବୋଲିଂ କରିଛନ୍ତି। ପେସର୍ ଶାହିନ୍ ଆଫ୍ରିଦି ଓ ହାରିସ୍ ରୌଫ୍ ନିଜ ପୂର୍ବ ଫର୍ମ ବଜାୟ ରଖିବାରେ ସମର୍ଥ ହୋଇ ନ ଥିବା ବେଳେ ଦୁଇ ସ୍ପିନର ଶାଦାବ ଖାନ୍ ଓ ମହମ୍ମଦ ନୱାଜଙ୍କ ପ୍ରଦର୍ଶନ ଦୁର୍ବଳ ରହିଛି। ଏହି ମ୍ୟାଚ୍‌ରେ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ବାଦ୍ ଦେଇ ଉସାମା ମୀରଙ୍କୁ ଖେଳାଇପାରେ ପାକିସ୍ତାନ।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ମଧ୍ୟ ସମାନ ସମସ୍ୟା ଦେଇ ଗତି କରୁଛି। ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦଳ ଶୋଚନୀୟ ପରାଜୟ ବରଣ କରିଥିବା ବେଳେ ଏହା ଦଳର ବ୍ୟାଟିଂ ଲାଇନ୍‌ଅପ୍ ଉପରେ ସୃଷ୍ଟି କରିଥିଲା ବଡ ପ୍ରଶ୍ନବାଚୀ। ମାର୍ନସ୍ ଲାବୁଶେନ୍ ଏକମାତ୍ର ଅଷ୍ଟ୍ରେଲୀୟ ବ୍ୟାଟର ଭାବରେ ୩ ମ୍ୟାଚ୍‌ରୁ ୧୦୦ ରୁ ଅଧିକ ରନ୍ ସ୍କୋର କରିଛନ୍ତି। ବ୍ୟାଟିଂ ୟୁନିଟ୍ ଭାବରେ ଅଷ୍ଟ୍ରେଲିଆକୁ ଏହାର ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡିବ। ଦଳର ପେସ୍ ବୋଲରମାନେ ଚମତ୍କାର ବୋଲିଂ କରିଥିବା ବେଳେ ଆଡାମ ଜାମ୍ପାଙ୍କୁ ବାଦ୍ ଦେଲେ ଦଳ ପାଖରେ ଆଉ କ୍ୱାଲିଟି ସ୍ପିନର ନାହାନ୍ତି। ସେହିପରି ଚିନ୍ନାସ୍ୱାମୀର ବାଉନ୍ସି ଉଇକେଟ ଓ ଛୋଟ ଗ୍ରାଉଣ୍ଡ ଅଷ୍ଟ୍ରେଲିଆ ଦଳ ପାଇଁ ବେଶ୍ ଲାଭଦାୟକ ରହିବ। ଏହି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବାକୁ ପାକିସ୍ତାନ ଆରମ୍ଭରୁ ରାଜି ନ ଥିବା ବେଳେ ଏହା ଅଷ୍ଟ୍ରେଲିଆକୁ ମନସ୍ତାତ୍ତ୍ୱିକ ଫାଇଦା ପ୍ରଦାନ କରିବ। ଏହା ସହିତ ଏହି ମ୍ୟାଚ୍‌ରେ ରନ୍ ଭୋଜି ଦେଖିବାକୁ ମିଳିବ।



ଅଧିନାୟକ ବାବର ଆଜମଙ୍କ ସହ ପାକିସ୍ତାନ ଦଳର ଅଭ୍ୟାସ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ପାକିସ୍ତାନ**

**ସ୍ଥାନ:** ବେଙ୍ଗାଲୁରୁ,
**ସମୟ:** ଅପରାହ୍ନ ୨ଟା
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

## ଶ୍ରୀଲଙ୍କା ଦଳରେ ଯୋଗଦେବେ ମାଥ୍ୟୁସ, ଚାମିରା

**ନୂଆଦିଲ୍ଲୀ, ୧୯।୧୦ (ପି.ଟି.)**

ଭେଟେରାନ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ଓ ପେସ୍ ବୋଲର ଦୁଷ୍ମନ୍ତ ଚାମିରା ଶୁକ୍ରବାର ଶ୍ରୀଲଙ୍କା ଦଳରେ ରିଜର୍ଭ ଖେଳାଳି ଭାବେ ଯୋଗଦେବେ। ଦେଶର କ୍ରିକେଟ ବୋର୍ଡ ଗୁରୁବାର ଏହା ଘୋଷଣା କରିଛି। ଉଭୟ ମାଥ୍ୟୁସ ଓ ଚାମିରା ଗତଥର ଜୁନ୍ ମାସରେ ଆଫଗାନିସ୍ତାନ ବିପକ୍ଷରେ ଏକ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିଛନ୍ତି। ୩୬ ବର୍ଷୀୟ ମାଥ୍ୟୁସ ହେଉଛନ୍ତି ଜଣେ ଭେଟେରାନ ଖେଳାଳି। ସେ ୨୧୧ ଗେମ୍ ଖେଳି ପାଖାପାଖି ୬୦୦୦ ରନ ସଂଗ୍ରହ କରିଥିବା ବେଳେ ୧୨୦ ଉଇକେଟ ଅକ୍ତିଆର କରିଛନ୍ତି। ସେ ବେଶି ବୋଲିଂ ନ କରି ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଖେଳିଛନ୍ତି। ୩୧ ବର୍ଷୀୟ ଡାହାଣହାତୀ ପେସ୍ ବୋଲର ଚାମିରା ୪୪ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ବେଳେ ୫୦ ଉଇକେଟ ଅକ୍ତିଆର କରିଛନ୍ତି। ଚଳିତ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଏହାର ପରବର୍ତ୍ତୀ ମ୍ୟାଚ ଅକ୍ଟୋବର ୨୧ରେ ଲକ୍ଷ୍ନୌରେ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୪ | ୦ | ୮ | +୧.୯୨୩ |
| ଭାରତ | ୪ | ୪ | ୦ | ୮ | +୧.୬୫୯ |
| ଦକ୍ଷିଣ ଆଫ୍ରିକା | ୩ | ୨ | ୧ | ୪ | +୧.୩୮୫ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | -୦.୦୮୪ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | -୦.୭୩୪ |
| ବାଂଲାଦେଶ | ୪ | ୧ | ୩ | ୨ | -୦.୭୮୪ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | -୦.୯୯୩ |
| ଆଫଗାନିସ୍ତାନ | ୪ | ୧ | ୩ | ୨ | -୧.୨୫୦ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | -୧.୫୩୨ |




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ସିକ୍କିମ୍ ବିପକ୍ଷରେ ଓଡ଼ିଶାର ସହଜ ବିଜୟ


ପ୍ରୟାସ ସିଂ


ସନ୍ଦୀପ ପଟ୍ଟନାୟକ


ସୁନୀଲ ରାଉଳ

ଭୁବନେଶ୍ୱର,୧୯।୧୦
(ସରୋଜ ଜେନା)

ନଭିମୁମ୍ବାଇର ଡିଓ୍ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ଖେଳା ଯାଇଥିବା ସୟଦ ମୁସ୍ତାକ ଅଲୀ ଟ୍ରଫିର ଗ୍ରୁପ୍ ବିର ଏକ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଛି ଓଡ଼ିଶା। ଗୁରୁବାର ଓଡ଼ିଶା ୧୦୪ ରନ୍‌ରେ ସିକ୍କିମ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୨୦ ଓଭରରେ ୫ ଉଇକେଟ ହରାଇ ୨୧୦ ରନ୍ କରିଥିଲା। ପ୍ରୟାସ ସିଂ ୭୫ ଓ ସନ୍ଦୀପ ପଟ୍ଟନାୟକ ୭୧* ରନ୍ କରିଥିଲେ। ଜବାବରେ ସିକ୍କିମ ୧୭.୨ ଓଭରରେ ୧୦୬ ରନ୍‌ରେ ଅଲଆଉଟ ହୋଇଥିଲା।

ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ସ୍ୱସ୍ତିକ ସାମଲ (୧୦), ଶୁଭ୍ରାଂସୁ ସେନାପତି (୨୩) ଓ ଗୋବିନ୍ଦ ପୋଦ୍ଦାର(୩) ବିଫଳ ହୋଇଥିଲେ। ତେବେ ସନ୍ଦୀପ ପଟ୍ଟନାୟକ(୭୧* ରନ୍) ଓ ପ୍ରୟାସ ସିଂ (୭୫ ରନ୍) ଚତୁର୍ଥ ଉଇକେଟରେ ୧୨୧ ରନ୍ ଯୋଡିଥିଲେ। ସନ୍ଦୀପ ୪୫ ବଲ୍ ଖେଳି ୬ ଚୌକା ଓ ୪ ଛକା ମାରିଥିଲେ। ପ୍ରୟାସ ଆକ୍ରମଣାତ୍ମକ ବ୍ୟାଟିଂ କରି ୩୪ ବଲ୍ ଖେଳି ୭ ଚୌକା ଓ ୫ ଛକା ମାରିଥିଲେ। ସିକ୍କିମ ପକ୍ଷରୁ ସୁମିତ ସିଂ ୨ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଡି ସପତୁଲ୍ଲା, ପ୍ଲାଜୋର ତମାଙ୍ଗ ଓ ଜିତେନ୍ଦର ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ସୟଦ ମୁସ୍ତାକ ଅଲୀ ଟ୍ରଫି

ଜବାବରେ ସିକ୍କିମ ୧୦୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଅଧିନାୟକ ନୀଲେଶ ଲାମିଚାନେ ସର୍ବାଧିକ ୨୮ ରନ୍ କରିଥିବା ବେଳେ ୫ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସୁନୀଲ ରାଉଳ ୪ ଓ ଦେବବ୍ରତ ପ୍ରଧାନ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଭିଷେକ ଯାଦବ ୨ ଓ ହର୍ଷିତ ରାଠୋଡ ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୨୧୦/୫ (ପ୍ରୟାସ ସିଂ–୭୫, ସନ୍ଦୀପ ପଟ୍ଟନାୟକ–୭୧*, ଶୁଭ୍ରାଂସୁ ସେନାପତି–୨୩, ସୁମିତ ସିଂ–୨/୨୧, ଏମ୍‌ଡି ସପତୁଲ୍ଲା–୧/୧୧, ଜିତେନ୍ଦ୍ର ଶର୍ମା–୧/୩୨)। ସିକ୍କିମ ୧୭.୨ ଓଭରରେ ୧୦୬/୧୦(ନୀଲେଶ ଲାମିଚାନେ–୨୮, ସୁମିତସିଂ–୧୯, ସୁନୀଲ ରାଉଳ–୪/୨୪, ଦେବବ୍ରତ ପ୍ରଧାନ–୩/୧୪, ଅଭିଷେକ ଯାଦବ–୨/୧୬)।

# ସଚିନ୍‌ଙ୍କ ରେକର୍ଡ ଭାଙ୍ଗିଲେ କୋହଲି

ପୁଣେ,୧୯।୧୦

ଭାରତୀୟ କ୍ରିକେଟର ମାଇଲଷ୍ଟୋନ ମ୍ୟାନ୍ ବିରାଟ କୋହଲି। ଗୁରୁବାର ସେ ନିଜ ନାମରେ ଆଉ ଏକ ରେକର୍ଡ କରିଛନ୍ତି। ଏହା ସହ ସେ ଭାରତୀୟ କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ଆଉ ଏକ ରେକର୍ଡ ଭାଙ୍ଗିଛନ୍ତି। ପୁଣେରେ ବାଂଲାଦେଶ ବିପକ୍ଷ ବିଶ୍ୱକପ ମ୍ୟାଚ୍‌ରେ ଅପରାଜିତ ୧୦୩ ରନ୍‌ର ଇନିଂସ ଖେଳି ଦ୍ରୁତତମ ଖେଳାଳି ଭାବରେ ଅନ୍ତର୍ଜାତୀୟ କ୍ରିକେଟରେ ସେ ୨୬ ହଜାର ରନ୍ ପୂରଣ କରିଛନ୍ତି। ସଚିନ୍ ତେନ୍ଦୁଲକର ୬୦୦ ତମ ଅନ୍ତର୍ଜାତୀୟ ଇନିଂସରେ ୨୬ ହଜାର ରନ୍ ସ୍କୋର କରିଥିବା ବେଳେ କୋହଲି ୫୬୭ ତମ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ଏହା ସହ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍‌ସଂଗ୍ରହକାରୀ ଖେଳାଳିଙ୍କ ମଧ୍ୟରେ ସେ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ୫୬୭ ତମ ଇନିଂସରୁ ସେ ୨୬ ହଜାର୨୬ ରନ୍ ସହିତ ଚତୁର୍ଥ ସ୍ଥାନରେ ରହିଛନ୍ତି।


ବାଂଲାଦେଶ ବିପକ୍ଷ ବିଶ୍ୱକପ ମ୍ୟାଚରେ ଗୁରୁବାର ବୋଲିଂ ଆକ୍ସନରେ ବିରାଟ କୋହଲି।

# ମେସିଙ୍କ ରୋଜଗାର ୨୦.୪ ନିୟୁତ ଡଲାର

ନ୍ୟୁୟର୍କ,୧୯।୧୦(ଏପି)

ମେଜର ସକ୍କର ଲିଗ୍ (ଏମ୍‌ଏସ୍‌ଏଲ୍) ପାଇଁ ଇଣ୍ଟର ମାୟାମି ଦଳ ସହିତ କରିଥିବା ଚୁକ୍ତି ଦ୍ୱାରା ଲିଓନେଲ ମେସି ବାର୍ଷିକ ୨୦.୪ ନିୟୁତ ଡଲାର ରୋଜଗାର କରୁଛନ୍ତି। ୩୬ ବର୍ଷୀୟ ଷ୍ଟାର ଖେଳାଳିଙ୍କ ମୂଳ ବେତନ ହେଉଛି ୧୨ ନିୟୁତ ଡଲାର। କ୍ଷତିପୂରଣ ଗ୍ୟାରେଣ୍ଟି ରାଶି ସହ ତାଙ୍କର ମୋଟ ଆୟ ହେଉଛି ୨୦,୪୪୬, ୬୬୭ ଡଲାର ବୋଲି

## ମେଜର ଲିଗ୍ ସକ୍କର

ଏମ୍‌ଏସ୍‌ଏଲ୍ ପ୍ରକାଶ କରିଛି। ମେସି ୨୦୨୫ ସିଜନ ପର୍ଯ୍ୟନ୍ତ ଏହି ରାଶି ପାଇବେ। ତନ୍ମଧ୍ୟରେ ମାର୍କେଟିଂ ବୋନସ ଏବଂ ଏଜେଣ୍ଟ ଫି' ସାମିଲ ରହିଛି। ଏମ୍‌ଏସ୍‌ଏଲ୍‌ରେ ସେ ସର୍ବାଧିକ କ୍ଷତିପୂରଣ ରାଶି ପାଉଛନ୍ତି। ତାଙ୍କ ପଛକୁ ପଛ ରହିଛନ୍ତି ଟରଣ୍ଟୋର ଲୋରେଞ୍ଜୋ ଇନସିନେ (୧୫.୪ ନିୟୁତ ଡଲାର), ସିକାଗୋର ଝେର୍ଡାନ ଶାକ୍ୱିରି (୮୧,୫୩,୦୦୦ ଡଲାର), ଲସ୍ ଏଞ୍ଜେଲ୍ସ ଗାଲାକ୍ସିର ଜାଭିଏର୍ ହର୍ନାଣ୍ଡେଜ(୭୪,୪୩, ୭୫୦ ଡଲାର), ଟରଣ୍ଟୋର ଫେଡ୍ରିକୋ ବର୍ନାରଡେସ୍‌ଚି (୬୨,୯୫,୩୮୧ ଡଲାର) ଓ ଅଷ୍ଟିନର ସେବାଷ୍ଟିଆନ ଡ୍ରିୟୁସି (୬୦,୨୨,୫୦୦ ଡଲାର)। ଲିଗ୍‌ରେ ଖେଳାଳିମାନଙ୍କ କ୍ଷତିପୂରଣ ଗ୍ୟାରେଣ୍ଟି ଭାବେ ସର୍ବାଧିକ ମୋଟ ୩୯.୪ ନିୟୁତ ଡଲାର ବ୍ୟୟ କରୁଛି। ଏହା ପଛକୁ ପଛ ରହିଛନ୍ତି ଟରଣ୍ଟୋ (୩୨.୩ ନିୟୁତ ଡଲାର), ଏଲଏଞ୍ଜେଲ୍ସ ଗାଲାକ୍ସି (୨୫ ନିୟୁତ ଡଲାର) ଏବଂ ଏଲ୍‌ଏଏଫ୍‌ସି (୨୦. ୮ ନିୟୁତ ଡଲାର)। ଓର୍ଲାଣ୍ଡୋ ସିଟିର ପେ–ରୋଲ୍ ୯. ୬ ନିୟୁତ ଡଲାଲ ରହିଛି ଯାହାକି ଲିଗ୍‌ର ସର୍ବନିମ୍ନ। ମେସି ଏ ତୁଳନାରେ ୨ ଗୁଣାରୁ ଅଧିକ ଆୟ କରୁଛନ୍ତି। ଏମ୍‌ଏଲ୍‌ଏସ୍‌ର ମୋଟ କ୍ଷତିପୂରଣ ରାଶି ୫୦୧ନିୟୁତ ଡଲାରର ୪ ପ୍ରତିଶତ ମେସି ପାଉଛନ୍ତି। ମେସି ମାୟାମି ତରଫରୁ ୫ଥର ଖେଳି ସାରିଛନ୍ତି। ସେ ଦଳ ପାଇଁ ମୋଟ ୨୮୩ ମିନିଟ ଖେଳି ଗୋଟିଏ ଗୋଲ୍ ସ୍କୋର କରିଛନ୍ତି। ସେ ଆହୁରି ମଧ ଦଳକୁ ଉଦ୍‌ଘାଟନୀ ଲିଗ୍ସ କପ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ୭ଟି ଗେମ୍‌ରେ ୧୦ ଗୋଲ୍ ସ୍କୋର କରିଥିଲେ। ମାୟାମିର ଦ୍ୱିତୀୟ ସର୍ବାଧିକ କ୍ଷତିପୂରଣ ଗ୍ୟାରେଣ୍ଟି ରାଶି ଜୋସେଫ୍ ମାର୍ଟିନେଜ ୪୩,୯୧,୬୬୭ ଡଲାର ପାଉଛନ୍ତି।


ଲିଓନେଲ ମେସି

# ଓଡ଼ିଶାରେ ୪ ରଣଜୀ ମ୍ୟାଚ

ଭୁବନେଶ୍ୱର, ୧୯।୧୦
(ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୨୦୨୩–୨୪ ଘରୋଇ କ୍ରିକେଟ ସିଜନ କାର୍ଯ୍ୟସୂଚୀ ଅନୁସାରେ ଓଡ଼ିଶାରେ ଏଲିଟ ଗ୍ରୁପ୍–ଡି'ର ୪ଟି ରଣଜୀ ଟ୍ରଫି ମ୍ୟାଚ ଆୟୋଜନ ସ୍ପଷ୍ଟ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଗୁରୁବାର ଏହା ସୂଚାଇ ଦିଆଯାଇଛି। ଭେନ୍ୟୁ ତାଲିକା ଦିଆଯାଇ ନ ଥିଲେ ମଧ୍ୟ ୨୦୨୪ ଜାନୁୟାରୀ ୧୯ରୁ ଫେବୃୟାରୀ ୯ ମଧ୍ୟରେ ୪ଟି ମ୍ୟାଚ ଆୟୋଜନ ନେଇ ସ୍ପଷ୍ଟ କରାଯାଇଛି। ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ୨୦୨୪ ଜାନୁୟାରୀ ୧୯ରୁ ୨୨ ପର୍ଯ୍ୟନ୍ତ ଓଡ଼ିଶା ଓ ଜମ୍ମୁ କଶ୍ମୀର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହାପରେ ଜାନୁୟାରୀ ୨୬ରୁ ୨୯ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ, ଫେବୃୟାରୀ ୨ରୁ ୫ ପର୍ଯ୍ୟନ୍ତ ପୁଡୁଚେରି ଓ ଫେବୃୟାରୀ ୯ରୁ ୧୨ ପର୍ଯ୍ୟନ୍ତ ଉତ୍ତରାଖଣ୍ଡକୁ ଭେଟିବ ଓଡ଼ିଶା।

ସିନିୟର ମହିଳା ଟି୨୦ ଟ୍ରଫି ଗ୍ରୁପ୍ 'ସି' ଲିଗ୍ ଗୁରୁବାରଠାରୁ କଟକର ବାରବାଟୀ ଷ୍ଟାଡିୟମ ଓ ଭୁବନେଶ୍ୱରର କିଟ୍ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ଦୁଇ ଭେନ୍ୟୁରେ ଲିଗ୍ ମ୍ୟାଚଗୁଡ଼ିକ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୨୧ଟି ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ୧୬ ବର୍ଷରୁ କମ୍ ପୁରୁଷ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପ୍ଲେଟ୍ ଗ୍ରୁପ୍ ଲିଗ୍ ଡିସେମ୍ବର ୧ରୁ ୨୩ ପର୍ଯ୍ୟନ୍ତ ଚାଲିବ। ମ୍ୟାଚଗୁଡ଼ିକ ୩ ଦିନ ବିଶିଷ୍ଟ ହେବ ଏବଂ ଏଥିରେ ମୋଟ ୧୫ଟି ମ୍ୟାଚ ଆୟୋଜନ ହେବ। ୧୯ ବର୍ଷରୁ କମ୍ ପୁରୁଷ କୁଚ୍ ବିହାର ଟ୍ରଫି ଏଲିଟ ଗ୍ରୁପ୍–ଇ ଲିଗ୍‌ର ୩ଟି ମ୍ୟାଚ ନଭେମ୍ବର ୧୭ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା ୩ଟି ମ୍ୟାଚରେ ଯଥାକ୍ରମେ ପୁଡୁଚେରି, ହାଇଦ୍ରାବାଦ ଓ ଛତିଶଗଡ଼କୁ ଭେଟିବ। ମ୍ୟାଚଗୁଡ଼ିକ ୪ ଦିନ ବିଶିଷ୍ଟ ହେବ। ୨୩ ବର୍ଷରୁ କମ୍ ପୁରୁଷ ସି.କେ. ନାଇଡୁ ଟ୍ରଫି ଏଲିଟ୍ ଗ୍ରୁପ୍–ସି ଲିଗ୍‌ର ୩ଟି ମ୍ୟାଚ ୨୦୨୪ ଜାନୁୟାରୀ ୭ରୁ ଫେବୃୟାରୀ ୨୧ ପର୍ଯ୍ୟନ୍ତ ଆୟୋଜନ ହେବ। ଏଥିରେ ୩ଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ସୌରାଷ୍ଟ୍ର, ଝାଡ଼ଖଣ୍ଡ ଓ ପଞ୍ଜାବ ସହିତ ମୁକାବିଲା କରିବ।

## ୨୦୨୩-୨୪ ଘରୋଇ କ୍ରିକେଟ ସିଜନ

# କୋହଲିଙ୍କ ଶତକ: ଭାରତର...

## ପ୍ରଥମ ପୃଷ୍ଠାରୁ...

କରି ପ୍ୟାଭିଲିୟନ ଫେରିଥିଲେ। ଟପ୍ ଅର୍ଡରରେ ଶାନ୍ତୋ (୮) ଓ ମେହିଦି ହାସନ ମିରାଜ (୩) ଫେଲ୍ ମାରିଥିଲେ। ଆତ୍ମବିଶ୍ୱାସର ସହ ଖେଳି ଅର୍ଦ୍ଧଶତକ ହାସଲ କରିଥିବା ଲିଟନ ଦାସ ୮୨ ବଲ୍‌ରୁ ୬୬ (୭ ଚୌକା) ରନକରି ଆଉଟ ହୋଇଥିଲେ। ଫଳରେ ଏକଦା କୌଣସି ଉଇକେଟ ନ ହରାଇ ୯୩ ରନ କରିଥିବା ବାଂଲାଦେଶ ଇନିଂସ ୨୭.୪ ଓଭର ବେଳକୁ ୧୩୭/୪ ହୋଇଯାଇଥିଲା। ଲୋୟର ମିଡିଲ ଅର୍ଡରରେ ମହମୁଦୁଲ୍ଲାଙ୍କ ୩୬ ବଲ୍‌ରେ ୪୬ (୩ ଚୌକା, ୩ ଛକା) ଓ ମୁଶଫିକର ରହିମଙ୍କ ୩୮ (୧ ଚୌକା, ୧ ଛକା) ରନ ସହାୟତାରେ ବାଂଲାଦେଶ ସ୍କୋର ୨୫୦ ଅତିକ୍ରମ କରିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଏବଂ ଶାର୍ଦ୍ଦୁଳ ଠାକୁର ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶ ଇନିଂସର ୯ମ ଓଭରରେ ବୋଲିଂ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ୪ର୍ଥ ବଲ୍ ପକାଇବା ସମୟରେ ବାମପାଦ ମୋଡ଼ି ହୋଇ ଯାଇଥିଲା। ପାଦରେ ଯନ୍ତ୍ରଣା ଯୋଗୁ ପାଣ୍ଡ୍ୟା ଫିଜିଓଙ୍କ ସହାୟତାରେ ପଡ଼ିଆ ଛାଡ଼ିଥିଲେ। ଅଧିନାୟକ ରୋହିତ ଶର୍ମାଙ୍କ ସହ ଆଲୋଚନା ପରେ ବିରାଟ କୋହଲି ଓଭରର ଅବଶିଷ୍ଟ ୩ଟି ବଲ୍ ପକାଇଥିଲେ। ତାଙ୍କ ବୋଲିଂ ସମୟରେ ଷ୍ଟାଡିୟମ କୋଳାହଳରେ ପ୍ରକମ୍ପିତ ହୋଇଥିଲା। କୋହଲି ୩ ବଲ୍‌ରେ ୨ ରନ ବ୍ୟୟ କରିଥିଲେ। ବିଶ୍ୱକପରେ କୋହଲି ବୋଲିଂ କରିବା ଏହା ନୂଆ ନ ଥିଲା। ସେ ପୂର୍ବରୁ ୨୦୧୧ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ, ଫାଇନାଲରେ ଶ୍ରୀଲଙ୍କା ଏବଂ ୨୦୧୫ ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଲେଖାଏ ଓଭର ବୋଲିଂ କରିଥିଲେ। ଦିନିକିଆରେ ସେ ଶେଷଥର ପାଇଁ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ କଲମ୍ବୋରେ ବୋଲିଂ କରିଥିଲେ।

୨୫୭ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଆକ୍ରମଣର ନେତୃତ୍ୱ ନେଇଥିଲେ ଅଧିନାୟକ ରୋହିତ ଶର୍ମା। ଶୁବମନ ଗିଲ୍ ଯଦିଓ ଆରମ୍ଭରେ ଧୀମା ଖେଳିଥିଲେ ତେବେ ପରେ ଏଥିରେ ସାମିଲ ହୋଇ ଯାଇଥିଲେ। ଓପନିଂ ଯୋଡ଼ିରେ ୭୬ ବଲ୍‌ରୁ ୮୮ ରନ ସଂଗ୍ରହ ପରେ ରୋହିତଙ୍କୁ ଆଉଟ କରି ବାଂଲାଦେଶକୁ ବ୍ରେକ୍ ଥ୍ରୁ ଦେଇଥିଲେ ହାସନ ମେହମୁଦ। ଶର୍ଟବଲ୍ ରଣନୀତି ହାସନ ଓ ବାଂଲାଦେଶ ପାଇଁ କାମ ଦେଇଥିଲା। ରୋହିତ ବଲ୍‌କୁ ପୁଲ୍ କରିବାକୁ ଯାଇ ଡିପ୍ ବ୍ୟାକଓ୍ୱାର୍ଡ ସ୍କୋୟାର ଲେଗ୍‌ରେ ତୋହିଦ ହ୍ରିଦୟଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୪୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୨ ଛକା ସହାୟତାରେ ୪୮ ରନ କରିଥିଲେ। ଶୁବମନଙ୍କ ସହ କ୍ରିଜରେ ଯୋଗଦେଇ ବିରାଟ କୋହଲି ଇନିଂସକୁ ଆଗେଇ ନେଇଥିଲେ। ତେବେ ଅର୍ଦ୍ଧଶତକ ହାସଲ କରିବାପରେ ଗିଲ୍ ଆଉଟ ହୋଇ ଯାଇଥିଲେ। ଦ୍ୱିତୀୟ ଉଇକେଟରେ ଦୁହେଁ ୪୨ ବଲ୍‌ରୁ ୪୪ ରନର ଭାଗୀଦାରି ଗଢ଼ିଥିଲେ। ୫୫ ବଲ୍‌ର ସମ୍ମୁଖୀନ ହୋଇଥିବା ଗିଲ୍ ୫ ଚୌକା ଓ ୨ ଛକା ସହାୟତାରେ ୫୩ ରନ କରିଥିଲେ। ଶ୍ରେୟସ ଆୟର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୧୯ ରନ କରିଥିବାବେଳେ ସ୍ପିନର ମେହିଦି ହାସନ ମିରାଜଙ୍କୁ ବଡ଼ ଶଟ୍ ଖେଳିବାକୁ ଯାଇ ମିଡ୍ ଉଇକେଟ ବାଉଣ୍ଡାରୀ ନିକଟରେ ମହମୁଦୁଲ୍ଲାଙ୍କୁ କ୍ୟାଚ ଦେଇଥିଲେ। କୋହଲି କିନ୍ତୁ ଥିଲେ ଦୃଢ଼ ନିଶ୍ଚିତ। ସେ ବାଂଲାଦେଶର ସମସ୍ତ ବୋଲରଙ୍କୁ ଧୂଳେଇ କରି ହାସଲ କରିଥିଲେ କ୍ୟାରିୟରର ୪୮ତମ ଦିନିକିଆ ଶତକ। ଏହି ଅବସରରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ୨୬,୦୦୦ ରନ ମଧ୍ୟ ପୂରଣ କରିଥିଲେ। ଲୋକେଶ ରାହୁଲ ୩୪ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ କୋହଲି ଓ ରାହୁଲ ୭୪ ବଲ୍‌ରୁ ୮୩ ରନର ଭାଗୀଦାରି ଗଢ଼ିଥିଲେ।

# ରିଟେନ୍ ଖେଳାଳିଙ୍କ ତାଲିକା ପ୍ରକାଶକଲେ ଫ୍ରାଞ୍ଚାଇଜ୍

ନୂଆଦିଲ୍ଲୀ,୧୯।୧୦(ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ର ଦ୍ୱିତୀୟ ସିଜନ ପାଇଁ ପ୍ରକାଶ ପାଇଛି ରିଟେନ୍‌ସନ୍ ତାଲିକା। ନିଲାମୀ ପୂର୍ବରୁ ସମସ୍ତ ଫ୍ରାଞ୍ଚାଇଜ୍ ଗୁରୁବାର ଏହି ତାଲିକା ପ୍ରକାଶ କରୁଥିବା ବେଳେ ବରିଷ୍ଠ ଖେଳାଳିଙ୍କ ମଧ୍ୟରେ ହରମନ୍‌ପ୍ରୀତ୍ କୌର, ମେଗ୍ ଲାନିଙ୍ଗ ଓ ସ୍ମୃତି ମାନ୍ଧନା ରିଟେନ୍ ହୋଇଛନ୍ତି। ୫ ଫ୍ରାଞ୍ଚାଇଜିରେ ସମୁଦାୟ ୮୯ ଖେଳାଳି ରହିଥିବା ବେଳେ ଏହା ମଧ୍ୟରୁ ୬୦ ଖେଳାଳିଙ୍କୁ ରିଟେନ୍ କରାଯାଇଛି। ରିଟେନ୍ ହୋଇଥିବା ୬୦ ଖେଳାଳିଙ୍କ ମଧ୍ୟରେ ୨୧ ଜଣ ବିଦେଶୀ ଖେଳାଳି ସାମିଲ ଅଛନ୍ତି। ପ୍ରଥମ ସିଜନରେ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏହାର ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କ ସମେତ ହିଲି ମାଥ୍ୟୁସ, ୟାସ୍ତିକା ଭାଟିଆ, ନାଟାଲି ସ୍କିଭର ବ୍ରଣ୍ଟ, ଆମେଲିଆ କେର୍ ଓ ଇସାବେଲ ଓଙ୍ଗଙ୍କୁ ରିଟେନ୍ କରିଛି।

ପ୍ରଥମ ସିଜନରେ ରନର ଅପ୍ ରହିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଏହାର ୧୫ ଖେଳାଳିଙ୍କୁ ରିଟେନ୍ କରିଛି। ଏହା ମଧ୍ୟରେ ୫ ଜଣ ବିଦେଶୀ ଖେଳାଳି ସାମିଲ ଅଛନ୍ତି। ତୃତୀୟ ସ୍ଥାନରେ ରହିଥିବା ୟୁପି ଓ୍ୱାରିୟର୍ଜ ଏହାର ସମସ୍ତ ବିଦେଶୀ ଖେଳାଳିଙ୍କୁ ରିଟେନ୍ କରିଥିବା ବେଳେ ଦକ୍ଷିଣ ଆଫ୍ରିକୀୟ ବୋଲର ସବନିମ୍ ଇସମାଇଲ୍‌ଙ୍କୁ ରିଲିଜ କରିଛି। ଏହା ବ୍ୟତୀତ ଦେବିକା ବୈଦ୍ୟ, ସିମରନ୍ ଶେଖ୍ ଓ ଶିବାଳି ସିନ୍ଦେଙ୍କୁ ମଧ ଦଳ ରିଲିଜ୍ କରିଛି।


ରିଟେନ ହୋଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ମେଗ୍ ଲାନିଂ ଓ ମୁମ୍ବାଇ ଇଣ୍ଡିଆନ୍ସର ହରମନପ୍ରୀତ କୌର।

## ଓମେନ୍ସ ପ୍ରିମିୟର ଲିଗ୍

**ରିଟେନ୍‌ସନ୍ ପରେ ୫ ଦଳର ଖେଳାଳି ତାଲିକା:**

ଦିଲ୍ଲୀ କ୍ୟାପିଟାଲ୍ସ: ରିଟେନ୍ ଖେଳାଳି: ଆଲିସ୍ କାପ୍‌ସି, ଅରୁନ୍ଧତୀ ରେଡ୍ଡୀ, ଜେମିମା ରୋଡ୍ରିଗ୍ସେଜ୍, ଜେସ୍ ଜୋନାସେନ୍, ଲଉରା ହାରିସ୍, ମାରିଜେନ୍ କାପ୍, ମେଗ୍ ଲାନିଙ୍ଗ, ମିନ୍ନୁ ମଣି, ପୁନମ୍ ଯାଦବ, ସ୍ନେହା ଦୀପ୍ତି, ତାନିୟା ଭାଟିଆ, ତିତାସ୍ ସାଧୁ। ରିଲିଜ୍ ଖେଳାଳି: ଅପର୍ନା ମଣ୍ଡଳ, ଜାସିଆ ଅଖତର, ତାରା ନୋରିସ୍।

**ଗୁଜରାଟ ଜାଏଣ୍ଟ୍ସ**

ରିଟେନ୍ ଖେଳାଳି: ଆସ୍‌ଲେ ଗାର୍ଡନର, ବେଥ୍ ମୁନି, ଦୟଲାନ୍ ହେମଲତା, ହରଲିନ୍ ଦେଓଲ୍, ଲୌରା ଓଲ୍ଭର୍ଡ୍ଟ, ଶବନମ୍ ଶକିଲ୍, ସ୍ନେହ ରାଣା, ତନୁଜା କନଓ୍ୱର। **ରିଲିଜ୍ ଖେଳାଳି:** ଆନାବେଲ ସଦରଲାଣ୍ଡ, ଅଶ୍ୱିନୀ କୁମାରୀ, ଜର୍ଜିଆ ଓ୍ୱେୟାରହାମ୍, ହର୍ଲି ଗାଲା, କିମ୍ ଗାର୍ଥ, ମାନସୀ ଯୋଶୀ, ମୋନିକା ପଟେଲ, ପାରୁଣିକା ସିସୋଦିଆ, ସବିନେନୀ ମେଘନା, ସୋଫିଆ ଡଙ୍କଲି, ସୁଷମା ବର୍ମା।

**ମୁମ୍ବାଇ ଇଣ୍ଡିଆନ୍ସ:**

ରିଟେନ୍ ଖେଳାଳି: ଅମନଜୋତ କୌର, ଆମେଲିଆ କେର୍, କ୍ଲୋଏ ଟ୍ରାୟନ୍, ହରମନ୍‌ପ୍ରୀତ୍ କୌର୍, ହିଲି ମାଥ୍ୟୁସ୍, ହୁମାଇରା କାଜି, ଇସାବେଲ ଓଙ୍ଗ, ଜିନ୍ତିମଣି କାଲିଟା, ନାଟାଲି ସ୍କିଭର, ପୂଜା ବସ୍ତ୍ରକାର, ପ୍ରିୟଙ୍କା ବାଲା, ସାଇକା ଇସାକ୍, ୟାସ୍ତିକା ଭାଟିଆ। **ରିଲିଜ୍ ଖେଳାଳି:** ଧାରା ଗୁଜ୍ଜର, ହିଥର୍ ଗ୍ରାହାମ୍, ନୀଲମ ବିସ୍ତ, ସୋନମ ଯାଦବ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:**

**ରିଟେନ୍ ଖେଳାଳି:** ଆଶା ଶୋବନା, ଦିଶା କସାଟ, ଏଲିସ୍ ପେରୀ, ହିଥର ନାଇଟ୍, ଇନ୍ଦ୍ରାଣୀ ରୟ, କନିକା ଆହୁଜା, ରେଣୁକା ସିଂ, ରିଚା ଘୋଷ, ଶ୍ରେୟାଙ୍କା ପାଟିଲ, ସ୍ମୃତି ମନ୍ଧାନା, ସୋଫି ଡିଭାଇନ୍। **ରିଲିଜ୍‌ଖେଳାଳି:** ଡେନ୍‌ଭାନ୍‌ନିକର୍କ, ଏରିନ୍ ବର୍ନସ, କୋମଲ ଜଞ୍ଜାଡ, ମେଗାନ ଶୁଟ୍, ପୁନମ ଖେମନାର, ପ୍ରୀତି ବୋଷ, ଶାହାନା ପଓ୍ୱାର।

**ୟୁପି ଓ୍ୱାରିୟର୍ଜ:**

ରିଟେନ୍ ଖେଳାଳି: ଆଲିସା ହିଲି, ଅଞ୍ଜଳି ଶ୍ରାବଣୀ, ଦୀପ୍ତି ଶର୍ମା, ଗ୍ରେସ୍ ହାରିସ୍, କିରଣ ନଭଗିରେ, ଲରେନ୍ ବେଲ୍, ଲକ୍ଷ୍ମୀ ଯାଦବ, ପାର୍ଶଭି ଚୋପ୍ରା, ରାଜେଶ୍ୱରୀ ଗାଏକ୍ୱାଡ, ଏସ୍ ୟଶସ୍ରୀ, ଶ୍ୱେତା ଶେରାଓ୍ୱତ, ସୋଫି ଏକେଲଷ୍ଟୋନ୍, ଟାହ୍ଲିଆ ମ୍ୟାକଗ୍ରା। ରିଲିଜ୍ ଖେଳାଳି: ଦେବିକା ବୈଦ୍ୟ, ଶବନିମ୍ ଇସମାଇଲ୍, ଶିବାଲି ସିନ୍ଦେ, ସିମରନ୍ ଶେଖ୍।

# ଭେଙ୍କଟେଶ୍ୱର ଆନ୍ତଃ ବିଦ୍ୟାଳୟ କ୍ରିକେଟ


ଅତିଥିଙ୍କ ଗହଣରେ ବିଜେତା ଚନ୍ଦ୍ରଶେଖରପୁର ଭେଙ୍କଟେଶ୍ୱର ସ୍କୁଲର ଖେଳାଳିମାନେ।

ଭୁବନେଶ୍ୱର, ୧୯।୧୦
(ତପନ ସ୍ୱାଇଁ)

ଚନ୍ଦ୍ରଶେଖର ପତି ସ୍ମାରକୀ ଭେଙ୍କଟେଶ୍ୱର ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଚନ୍ଦ୍ରଶେଖରପୁର ଶାଖା ବିଜେତା ଏବଂ ରସୁଲଗଡ଼ ଶାଖା ରନରଅପ୍ ହୋଇଛି। ପ୍ରତିଯୋଗିତାରେ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩ଟି ଶାଖା ଭାଗ ନେଇଥିଲେ। ରସୁଲଗଡ଼ସ୍ଥିତ ଭେଙ୍କଟେଶ୍ୱର ସ୍କୁଲ ପଡ଼ିଆରେ ଅନୁଷ୍ଠିତ ପ୍ରତିଯୋଗିତାକୁ ବିଦ୍ୟାଳୟର ଚେୟାରମ୍ୟାନ ସୂର୍ଯ୍ୟପ୍ରକାଶ ପତି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ମୁଖ୍ୟ ପ୍ରଶାସକ ହିମାଂଶୁ ଶେଖର ପତି, ଶକ୍ତି ପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ମ୍ୟାନେଜିଂ କମିଟି ମୁଖ୍ୟ ଶଶାଙ୍କ ଶେଖର ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଧକ୍ଷ ଜି. ରାମ କିଶୋର ଧନ୍ୟବାଦ ଅର୍ପଣ କରିଥିଲେ। ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ, ପ୍ରଶାସକ ବିଜୟ କୁମାର ନାୟକ, ଏସ୍.ଏମ୍.ଏ. ନବି, ଏସ୍. ଉଦ୍‌ଗାତା ଏବଂ ବିଥିକା ଛୋଟରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ (୨୦ ପୃଷ୍ଠା) | Bhubaneswar, Friday, October 20/2023 | Page 20 | ₹ 7.00






HOCKEY INDIA
प्रवेश नि:शुल्क
झारखण्ड
महिला एशियन चैंपियंस ट्रॉफी 2023
मरङ गोमके जयपाल सिंह मुंडा एस्ट्रोटर्फ स्टेडियम, रांची
भारत
चीन
जापान
कोरिया
मलेशिया
थाईलैंड
JUHI
ड्रैग फ्लिक स्कोर
27 अक्टूबर - 05 नवम्बर 2023
हॉकी के महासंग्राम का बनें गवाह
WATCH LIVE ON
Title Sponsor
Host Partner
AHF Partners
Official Partner
Official Suppliers
सूचना एवं जनसंपर्क विभाग, झारखण्ड सरकार
PR-309583 (IPRD) 2023-24

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ | Bhubaneswar, Friday, October 20/2023 | ପୃଷ୍ଠା-୧



ପୁଣେରେ ଗୁରୁବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ବିଶ୍ୱକପ୍ କ୍ରିକେଟ୍ ମ୍ୟାଚରେ ଶତକ ହାସଲ ପରେ ବିରାଟ କୋହଲି।

# ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

## ବଳାତ୍କାର, ହତ୍ୟା ମାମଲାରେ ସୁନ୍ଦରଗଡ଼ ପୋକ୍ସୋ କୋର୍ଟ ରାୟ

ସୁନ୍ଦରଗଡ,୧୯।୧୦
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଟାଉନ ଥାନା ଡେଙ୍ଗିଭାଡିରେ ୨୦୧୬ ଅକ୍ଟୋବରରେ ଏକ ୪ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ଓ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଜଜ୍ ମହେନ୍ଦ୍ର କୁମାର ସୂତ୍ରଧର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ସଞ୍ଜୀବ କେରକେଟା(୪୦)ଙ୍କୁ ଫାଶି ଦଣ୍ଡାଦେଶ ଦେଇଛନ୍ତି।

ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ, ୨୦୧୬ ଅକ୍ଟୋବର ୨୧ତାରିଖ ରାତିରେ ଉକ୍ତ ନାବାଳିକା ଜଣକ ଘରେ ନିଜ ମା'ଙ୍କ ପାଖରେ ଶୋଇଥିଲେ। ରାତି ପ୍ରାୟ ୧୧ଟା ବେଳେ ଅଭିଯୁକ୍ତ ସଞ୍ଜୀବ ତାଙ୍କୁ ଅପହରଣ କରିନେଇଥିଲେ। ସେଠାରୁ ପ୍ରାୟ ୫୦୦ମିଟର ଦୂରରେ ଥିବା ଏକ ନିର୍ମାଣାଧୀନ କୋଠା ଭିତରେ ବଳାତ୍କାର କରିବା ପରେ ହତ୍ୟା କରି ଫେରାର ହୋଇଯାଇଥିଲେ। ଝିଅକୁ କେହି ଅପହରଣ କରିନେଇଥିବା ମା' ପଡୋଶୀଙ୍କୁ ଜଣାଇଥିଲେ ଏବଂ ପଡୋଶୀଙ୍କ ସହ ଖୋଜାଖୋଜି ପରେ ଝିଅକୁ ନ ପାଇ ରାତି ୩ଟାରେ ଟାଉନ ଥାନାରେ ରିପୋର୍ଟ କରିଥିଲେ। ପ୍ରଥମେ ଟାଉନ ଥାନା ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ୩ ଦିନ ପରେ ନିଖୋଜ ଶିଶୁକନ୍ୟାଙ୍କ ଗଳିତ ମୃତଦେହ ନିର୍ମାଣାଧୀନ କୋଠରିରୁ ପୋଲିସ ଜବତ କରିଥିଲା। ଘଟଣାର ତଦନ୍ତ କରି ପୋଲିସ ଅକ୍ଟୋବର ୨୬ରେ ସଞ୍ଜୀବଙ୍କୁ ଗିରଫ କରିଥିଲା। ଜେରା ପରେ ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ଏକ ମାମଲା (ନଂ.୨୮୪/୧୬) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ପୋକ୍ସୋ କୋର୍ଟ ଜଜ୍ ବ୍ୟବଚ୍ଛେଦ ରିପୋର୍ଟ ଓ ୩୫ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଏହି ଫାଶି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ଜଜ୍ ମୃତା ଶିଶୁକନ୍ୟାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ପରିଚାଳନା କରୁଥିଲେ। ଏହି ଜଘନ୍ୟ ମାମଲାରେ ଜିଲା ଓକିଲ ସଂଘର ନିଷ୍ପତ୍ତି କ୍ରମେ ଅଭିଯୁକ୍ତଙ୍କ ସପକ୍ଷରେ କୌଣସି ଓକିଲ ମାମଲା ଲଢି ନ ଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ କୋର୍ଟର ଏହି କଠୋର ଦଣ୍ଡାଦେଶ ସମାଜରେ ଘଟୁଥିବା ଏଭଳି ଅମାନବୀୟ ଘଟଣା ପାଇଁ ଏକ ଦୃଷ୍ଟାନ୍ତମୂଳକ ରାୟ ହେବ ବୋଲି ସ୍ୱତନ୍ତ୍ର ପ୍ରସିକ୍ୟୁଟର ମିଶ୍ର ପ୍ରକାଶ କରିବା ସହ ପୀଡିତାଙ୍କ ପରିବାର ଏହି ରାୟକୁ ସ୍ୱାଗତ କରିଛନ୍ତି। ଅନ୍ୟ କୌଣସି ବ୍ୟକ୍ତି ଏଭଳି ନାରକୀୟ କାଣ୍ଡ ଘଟାଇବା ପାଇଁ ସାହସ କରିବେ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି: ସିକ୍କିମ୍ ବିପକ୍ଷରେ ଓଡ଼ିଶାର ସହଜ ବିଜୟ

### ଓଡ଼ିଶାରେ ହେବ ୪ ରଣଜୀ ଟ୍ରଫି ମ୍ୟାଚ

(ଖେଳ ପୃଷ୍ଠାରେ)

# ୨୪ରେ ବାତ୍ୟାରୂପ ନେଇପାରେ ଲଘୁଚାପ

- ଓଡ଼ିଶା ଉପକୂଳ ଦେଇ ବାଂଲାଦେଶ ଯିବ
- ୨୩ରୁ ୨୬ ଉପକୂଳବର୍ତ୍ତୀ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତା ୨୧ ତାରିଖରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ୨୨ ତାରିଖ ବେଳକୁ ଅଧିକ ଘନୀଭୂତ ହୋଇ ଡିପ୍ରେସନ(ଅବପାତ) ଓ ୨୪ରେ ଏହା ଡିପ୍ ଡିପ୍ରେସନ (ଗଭୀର ଅବପାତ)ରେ ପରିଣତ ହୋଇ ସାମୁଦ୍ରିକ ଝଡ଼ ରୂପ ନେବ ବୋଲି କେତେକ ପାଣିପାଗ ମଡେଲ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟା ୨୨ ତାରିଖ ବେଳକୁ ଆନ୍ଧ୍ର ଉପକୂଳକୁ ମୁହାଁଇବ। ୨୩ ତାରିଖରେ ଓଡ଼ିଶା ଉପକୂଳ ମୁହାଁ ହେବ। ଉପକୂଳରୁ ୭୦ରୁ ୮୦ କି.ମି. ଦୂର ସମୁଦ୍ର ଦେଇ ୨୬ ତାରିଖ ରାତ୍ରି କିମ୍ବା ୨୭ ତାରିଖ ସକାଳେ ପଶ୍ଚିମବଙ୍ଗର ସୁନ୍ଦରବନ କିମ୍ବା ବାଂଲାଦେଶରେ ସ୍ଥଳ ଭାଗ ଛୁଇଁବ ବୋଲି ଅନୁମାନ କରାଯାଉଛି। ସମୁଦ୍ରରେ ଥିବାବେଳେ ଏହାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କି.ମି. ହେବ ବୋଲି ଆକଳନ କରାଯାଉଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ୬୦ରୁ ୭୦ କି.ମି. ବେଗରେ ପବନ ବହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ଏପରିକି ପୁରୀ, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅକ୍ଟୋବର ୨୩ରୁ ୨୬ ତାରିଖ ଯାଏ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ହେବ ବୋଲି ଅନୁମାନ କରାଯାଇଛି।

# କୋହଲିଙ୍କ ଶତକ: ଭାରତର ଦମ୍‌ଦାର ବିଜୟ

ପୁଣେ, ୧୯।୧୦

ବିରାଟ କୋହଲିଙ୍କ ସ୍ମରଣୀୟ ଶତକ ସହାୟତାରେ ଭାରତ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ଦମ୍‌ଦାର ବିଜୟ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ୭ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୮ ଉଇକେଟ ହରାଇ ୨୫୬ ରନ କରିଥିଲା। ଜବାବରେ ଭାରତ କୋହଲିଙ୍କ ଦ୍ରୁତ ଶତକ ବଳରେ ୪୧.୩ ଓଭରରେ ୩ ଉଇକେଟ ହରାଇ ୨୬୧ ରନ ସଂଗ୍ରହ କରି ନେଇଥିଲା। ଭାରତ ବିଜୟୀ ହେବାପାଇଁ ୧ ରନ ଆବଶ୍ୟକ କରୁଥିବାବେଳେ ୯୭ ରନରେ ଥିବା କୋହଲି ଛକା ମାରି ଶତକ ପୂରଣ କରିଥିଲେ। ୯୭ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୧୦୩ ରନକରି ଅପରାଜିତ ରହିଥିବା କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚଳିତ ବିଶ୍ୱକପରେ ଭାରତର ଏହା କ୍ରମାଗତ ଚତୁର୍ଥ ବିଜୟ। ଫଳରେ ୮ ପଏଣ୍ଟ ସହିତ ଦଳ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ଶକିବ ଅଲ୍ ହାସନ ଆହତ ଥିବାରୁ ଏହି ମ୍ୟାଚରେ ନଜମୁଲ ହୋସେନ ଶାନ୍ତୋ ବାଂଲାଦେଶ ଦଳର ନେତୃତ୍ୱ ନେଇଥିଲେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଦୁଇ ଓପନର ତନଜିଦ ହାସନ ଓ ଲିଟନ ଦାସ ଉଚିତ ସାବ୍ୟସ୍ତ କରିଥିଲେ। ଦୁହେଁ ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରି ଓପନିଂ ଯୋଡ଼ିରେ ୮୮ ବଲ୍‌ରୁ ୯୩ ରନ ସଂଗ୍ରହ କରି ଦଳପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁଇ ଓପନର ଅର୍ଦ୍ଧଶତକ ହାସଲ କରିଥିଲେ। ମାତ୍ର ୧୫ତମ ଓଭରର ୪ର୍ଥ ବଲ୍‌ରେ ତନଜିଦଙ୍କୁ ସ୍ପିନର କୁଲଦୀପ ଯାଦବ ଏଲବିଡବ୍ଲ୍ୟୁ ଆଉଟ କରିବାପରେ ବାଂଲାଦେଶ ଇନିଂସ ଦିଗହରା ହୋଇ ଯାଇଥିଲା। ତନଜିଦ ୪୩ ବଲ୍‌ରୁ ୫୧ (୫ ଚୌକା, ୩ ଛକା) ରନ (ଖେଳ ପୃଷ୍ଠାରେ)

# ୫ ରାଉଣ୍ଡ ଗୁଳି ଫୁଟାଇ ୫ ଲକ୍ଷ ନେଇଗଲେ




## ପେଟ୍ରୋଲ ପମ୍ପରେ ସଶସ୍ତ୍ର ଡକାୟତି

କେନ୍ଦୁଝର, ୧୯।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ଫୁଲଝର ସ୍ୱପ୍ନେଶ୍ୱର ପେଟ୍ରୋଲ ପମ୍ପରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତ ୫ ରାଉଣ୍ଡ ଗୁଳି ଫୁଟାଇ ୫ଲକ୍ଷ ଟଙ୍କା ନେଇଯାଇଛନ୍ତି। ଏନେଇ ପେଟ୍ରୋଲ ପମ୍ପ ମାଲିକ କ୍ଷେତ୍ରମୋହନ ମହାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଏକ ଗାଡ଼ିରେ ୪ ଜଣ ବନ୍ଧୁକଧାରୀ ଦୁର୍ବୃତ୍ତ ଫୁଲଝର ପେଟ୍ରୋଲ ପମ୍ପରେ ପହଞ୍ଚିଥିଲେ। କର୍ମଚାରୀଙ୍କୁ ପ୍ରଥମେ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ୫ରାଉଣ୍ଡ ଗୁଳି ଫୁଟାଇ ଏହାର ଆଇରନଚେଷ୍ଟରୁ ୫ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଆଇରନ ଚେଷ୍ଟ ସହ ସିସିଟିଭି ଲୁଟିନେଇଥିଲେ। ଗୁରୁବାର ସଦର ଏସ୍‌ଡିପିଓ ଓ ଫୋରେନ୍‌ସିକ ଏକ୍ସପର୍ଟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ୨ଟି ଫୁଟା ଓ ୩ଟି ଅଫୁଟା ଗୁଳି ଜବତ କରିଥିବା ବେଳେ ପମ୍ପ ନିକଟସ୍ଥ ପଡ଼ିଆରୁ ଲକର ଓ ସିସିଟିଭିକୁ ମଧ୍ୟ ଉଦ୍ଧାର କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୯୫/୨୩) ରୁଜୁ ହୋଇଛି। ଦୁର୍ବୃତ୍ତଙ୍କୁ ଖୋଜିବା ପାଇଁ ଉଦ୍ୟମ ଚାଲିଛି। ତଦନ୍ତ ପରେ ଲୁଟ୍ ଘଟଣାର ଅଧିକ ତଥ୍ୟ ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ ଦେବକୀ ନାୟକ କହିଛନ୍ତି।

# କ୍ୟାପିଟାଲ ହସ୍ପିଟାଲରେ ହେବ ନାର୍କୋ ଟେଷ୍ଟ

ଭୁବନେଶ୍ୱର, ୧୯।୧୦
(ଅସମାପିକା ସାହୁ)

ଓଡ଼ିଶାରେ ହେବ ନାର୍କୋ ଟେଷ୍ଟ। ଫଳରେ ଅଭିଯୁକ୍ତ କିମ୍ବା ଅପରାଧୀର ନାର୍କୋ ଟେଷ୍ଟ ତଥା ମିଛଧରା ପରୀକ୍ଷା ପାଇଁ ଆଉ ମୁମ୍ବାଇ, ପୁଣେ କିମ୍ବା ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ହିଁ ନାର୍କୋ ଆନାଲିସିସ୍ ଟେଷ୍ଟ କରାଯିବ। ଆସନ୍ତା ମାସରୁ ଏହି ଟେଷ୍ଟ ଆରମ୍ଭ ହେବ ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ଅପରେଶନ ଥିଏଟର(ଓଟି)ରେ ନାର୍କୋ ଟେଷ୍ଟ କରାଯିବ। ଏଥିଲାଗି ରାଜ୍ୟ ଫରେନ୍‌ସିକ୍ ଲାବ୍(ଏସ୍ଏଫ୍ଏଲ୍)କୁ ଆବଶ୍ୟକ ଉପକରଣ ଆସିସାରିଛି। ଏ ନେଇ ବୁଧବାର ଏସ୍ଏଫ୍ଏଲ୍‌ର ଅଧିକାରୀ ଓ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ ନାର୍କୋ ଟେଷ୍ଟ ସଂକ୍ରାନ୍ତରେ ସୂଚନା ଦେଇ ଡା. ସାହୁ କହିଲେ, ଏଥିପାଇଁ ଏବେ କ୍ୟାପିଟାଲ ହସ୍ପିଟାଲ ଆନାସ୍ଥେସିଆ ଓ ମାନସିକ ରୋଗ ବିଶେଷଜ୍ଞଙ୍କର ପ୍ରଶିକ୍ଷଣ ଚାଲିଛି। ହସ୍ପିଟାଲ ଓଟିରେ ନିଶା ଇଞ୍ଜେକ୍ସନ ପ୍ରୟୋଗ କରାଯିବା ସହ ଟେଷ୍ଟ କରାଯିବ। ଯେହେତୁ ଏହି ଇଞ୍ଜେକ୍ସନର ପାର୍ଶ୍ୱ ପ୍ରତିକ୍ରିୟା ରହିଛି, ସେଥିପାଇଁ ଟ୍ରେନିଂ ଦିଆଯାଉଛି। ଆସନ୍ତା ମାସରୁ ହସ୍ପିଟାଲରେ ଟେଷ୍ଟ ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ହତ୍ୟା, ଗଣବଳାତ୍କାର, ଦଙ୍ଗା ଭଳି ବହୁ ସଙ୍ଗିନ ଅପରାଧ ମାମଲାରେ ଅଭିଯୁକ୍ତଙ୍କଠାରୁ ସତ ବାହାର କରିବା ପାଇଁ ସେମାନଙ୍କର ନାର୍କୋ ଟେଷ୍ଟ କରାଯାଇଥାଏ। ଏହି ଟେଷ୍ଟ ପାଇଁ ଉଭୟ ଅଭିଯୁକ୍ତ ଓ କୋର୍ଟଙ୍କ ଅନୁମତି ଆବଶ୍ୟକ ହୋଇଥାଏ। ଏହାର ରିପୋର୍ଟକୁ ତଦନ୍ତକାରୀ ଅଧିକାରୀ ପ୍ରମାଣ ଭାବେ କୋର୍ଟରେ ଉପସ୍ଥାପନ କରିପାରିବେ ନାହିଁ। କେବଳ ତଦନ୍ତରେ ସହଯୋଗ ବା ସତ କ'ଣ ତାହା ଜାଣିବା ପାଇଁ ଅଭିଯୁକ୍ତର ଏଭଳି ଟେଷ୍ଟ କରାଯାଇଥାଏ।

# ପ୍ରଥମ ପୁରୁଷ ଗର୍ଭନିରୋଧୀ ଇଞ୍ଜେକ୍ସନ ନିରାପଦ

## କ୍ଲିନିକାଲ ପରୀକ୍ଷାରୁ ସ୍ପଷ୍ଟ ହେଲା | ଆଇଆଇଟି ଖଡ଼ଗପୁରରେ ବିକଶିତ

ନୂଆଦିଲ୍ଲୀ,୧୯।୧୦(ପି.ଟି.)

ବିଶ୍ୱର ପ୍ରଥମ ପୁରୁଷ ଗର୍ଭନିରୋଧୀ ଇଞ୍ଜେକ୍ସନର କ୍ଲିନିକାଲ ପରୀକ୍ଷା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ସମ୍ପୂର୍ଣ୍ଣ କରିଛି। କୌଣସି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବାବେଳେ ଏହା ବେଶ୍ ଫଳପ୍ରଦ ଏବଂ ନିରାପଦ ବୋଲି ପରୀକ୍ଷାରୁ ଜଣାପଡ଼ିଛି। ଏହି ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷାରେ ୨୫ରୁ ୪୦ ବର୍ଷ ବୟସବର୍ଗର ୩୦୩ ଜଣଙ୍କୁ ସାମିଲ କରାଯାଇଥିଲା। ଗତ ମାସରେ ଉକ୍ତ ପରୀକ୍ଷା ସମ୍ପର୍କରେ ଆଣ୍ଡ୍ରୋଲୋଜି ପତ୍ରିକାରେ ପ୍ରକାଶ ପାଇଛି। ହସ୍ପିଟାଲ ଆଧାରିତ ଏହି



କ୍ଲିନିକାଲ ପରୀକ୍ଷା ନୂଆଦିଲ୍ଲୀ, ଉଦ୍ଧାମପୁର, ଲୁଧିଆନା, ଜୟପୁର ଏବଂ ଖଡଗପୁରରେ କରାଯାଇଥିଲାବେଳେ ନୂଆଦିଲ୍ଲୀର ଆଇସିଏମ୍ଆର୍ ସବୁ ପରୀକ୍ଷା କେନ୍ଦ୍ର ସହ ସମନ୍ୱୟ ରଖିଥିଲେ। ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ପାଇଁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଇଣ୍ଡିଆ (ଡିସିଜିଆଇ) ଅନୁମତି ଦେଇଥିବାବେଳେ ସମ୍ପୃକ୍ତ ସେଣ୍ଟରଗୁଡ଼ିକର ଏଥିକାଲ କମିଟି ଏହାକୁ ଅନୁମୋଦନ କରିଥିଲା। ଟ୍ରାଏଲ୍‌ରେ ୩୦୩ ଜଣ ସୁସ୍ଥ, ଯୌନ ସକ୍ରିୟ ଏବଂ ବିବାହିତ ପୁରୁଷ ଏବଂ ସେମାନଙ୍କ ସୁସ୍ଥ ଓ ଯୌନକ୍ଷମ ସ୍ତ୍ରୀଙ୍କୁ ନିଆଯାଇଥିଲା, ଯେଉଁମାନେ ଫାମିଲି ପ୍ଲାନିଂ କ୍ଲିନିକ୍ କିମ୍ବା ଭାସେକ୍ଟୋମି ଅଥବା ନୋ ସ୍କାଲପେଲ୍ ଭାସେକ୍ଟୋମି କରିବାକୁ ଆସିଥିଲେ। ପୁରୁଷମାନଙ୍କୁ ୬୦ ମିଲିଗ୍ରାମ 'ରିଭର୍ସିବଲ୍ ଇନ୍‌ହିବିଶନ ଅଫ୍ ସ୍ପର୍ମ ଅଣ୍ଡର ଗାଇଡାନ୍ସ' (ଆର୍ଆଇଏସ୍‌ୟୁଜି) ଦିଆଯାଇଥିଲା। ଏହାର ଗର୍ଭନିରୋଧୀ କ୍ଷମତା ୯୯.୦୨ ପ୍ରତିଶତ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ପୁରୁଷ ଓ ମହିଳାମାନଙ୍କ ପାଇଁ ଥିବା ଅନ୍ୟ ସମସ୍ତ ଗର୍ଭନିରୋଧକ ତୁଳନାରେ ଆର୍ଆଇଏସ୍‌ୟୁଜି ସର୍ବାଧିକ ଫଳପ୍ରଦ ବୋଲି କୁହାଯାଇଛି। ଜନସଂଖ୍ୟା ନିୟନ୍ତ୍ରଣ ଲାଗି ପୁରୁଷ ଗର୍ଭନିରୋଧକର ଆଧୁନିକ ପଦ୍ଧତିର ବିକାଶ କରିବା ଜରୁରୀ ଥିଲା। ଆର୍ଆଇଏସ୍‌ୟୁଜି ଏ ଦିଗରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଆଇଆଇଟି ଖଡଗପୁରରେ ଡ. ସୁଜୟ କେ. ଗୁହାଙ୍କ ଟିମ୍ ଉକ୍ତ ଇଞ୍ଜେକ୍ସନକୁ ବିକଶିତ କରିଛନ୍ତି।

**ସଂକ୍ଷେପରେ**

## ଫୁଲ, ଫଳ ଚାରା ବଣ୍ଟନ

ଚଣ୍ଡିଖୋଲ,୧୯।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):

ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ଉପଲକ୍ଷେ ଚଣ୍ଡିଖୋଲ ଛକର ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ବ୍ୟାପକ ଫଳ, ଫୁଲ ଓ ବିଭିନ୍ନ ଔଷଧୀୟ ଚାରାଗଛ ପଥଚାରୀଙ୍କୁ ବଣ୍ଟନ କରାଯାଇଛି। ସ୍ଥାନୀୟ ଉଦିୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଚଣ୍ଡିଖୋଲ ବନବିଭାଗ ମିଳିତ ସହଯୋଗକ୍ରମେ ଏହି ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଉପସଭାପତି ତଥା ପ୍ରଧାନଶିକ୍ଷକ ପ୍ରକାଶ କୁମାର ନାୟକ, ଶିକ୍ଷକ ଆଶୁତୋଷ ଦେବୀପ୍ରସାଦ ସାହୁ, ସ୍ୱେଚ୍ଛାସେବୀ ଅଜିତ କିଶୋର ନାୟକ, ଅମ୍ରିତା ସ୍ୱାଇଁ ଓ ଗୀତାଞ୍ଜଳି ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ସ୍ଥାନରୁ ଆସୁଥିବା ଯାତ୍ରୀଙ୍କୁ ଆମ୍ବ, ପିଜୁଳି, ବଉଳ, ଅଁଳା, ଡାଳିମ୍ବ, ହରିଡ଼ା, ବାହାଡ଼ା, ନିମ୍ବ, ଜାମୁ, ପଣସ, ଲେମ୍ବୁ, ପେସ୍ତା ଓ ଦେବଦାରୁ ଆଦି ଚାରାବଣ୍ଟନ କରିଥିଲେ। ଏହି ଚାରାଗୁଡ଼ିକ ନିଜ ବାଡ଼ି,ବଗିଚାରେ ଯତ୍ନ ସହକାରେ ଲଗାଇ ବଡ଼ କଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ପରିବେଶ ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ କହିଥିଲେ।

# ବିନା ଇଟିପିରେ ଚାଲିଥିଲା ଯାଜଦାନୀ ଷ୍ଟିଲ

■ ବିଧାନସଭା ପବ୍ଲିକ୍ ଆକାଉଣ୍ଟ୍ସ କମିଟିର ମନ୍ତବ୍ୟ

■ ଇଟିପିର ନବୀକରଣ କରାଯାଇ ଏସ୍ଆରଟିଏସ୍ ନିର୍ମାଣ ଚାଲିଛି

ଯାଜପୁର,୧୯।୧୦(ହର୍ଷବର୍ଦ୍ଧନ ବେହେରା):

କଳିଙ୍ଗନଗର ଶିଳ୍ପାଞ୍ଚଳର ଯାଜଦାନୀ ଷ୍ଟିଲ ପ୍ରାଇଭେଟ ଲିମିଟେଡ କାରଖାନାରେ ଦୀର୍ଘ ବର୍ଷ ହେଲା ଇଟିପି (ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ସ୍ଥାପନ କରାଯାଇ ନାହିଁ। ଏଭଳି ଭାବେ ଏହି କାରଖାନା ବେଆଇନ ଭାବେ ଚାଲିଥିଲା। ଜିଲା ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିଲା। ଫଳରେ ଏହି କାରଖାନା ବିଷାକ୍ତ ବର୍ଜ୍ୟଜଳ ବାହାରକୁ ଛାଡି ସଚରାଚରକୁ ଦୂଷିତ କରୁଥିଲା। ଏବେ ଗତ ୩ ମାସ ହେଲା ଏହି କାରଖାନା ବନ୍ଦ ପଡିଛି। ଏଭଳି ଗୁରୁତର ତ୍ରୁଟିର ସମାଧାନ କରିବାକୁ ମଙ୍ଗଳବାର କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଗସ୍ତ କରି ବିଧାନସଭା ପବ୍ଲିକ ଆକାଉଣ୍ଟ କମିଟିର ଅଧ୍ୟକ୍ଷ ମୋହନଚରଣ ମାଝି ଏହା ପ୍ରକାଶ କରିଛନ୍ତି।

ଯାଜପୁର ଜିଲାରେ ଥିବା କେତେକ ଶିଳ୍ପ ଓ ଖଣି ଅଞ୍ଚଳରେ ଇଟିପି ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଜିଲାରେ ବାୟୁ ଓ ଜଳ ଲଗାତର ଭାବେ ପ୍ରଦୂଷଣ ହେବାରେ ଲାଗିଛି। ଖଣି ଓ ଶିଳ୍ପ ସଂସ୍ଥାରୁ ନିର୍ଗତ ବିଷାକ୍ତ ପାଣି ଜିଲାର ଗଣ୍ଡାନାଳ ଓ ଡମଶାଳା ନାଳରେ ମିଶି ଜହର ହେଉଛି। ଏହି ବିଷାକ୍ତ ଜଳ ଯୋଗୁ ଯାଜପୁର ଜିଲାର ଜୀବନରେଖା ଭାବେ ପରିଚିତ ବ୍ରାହ୍ମଣୀ ସର୍ବାଧିକ ପ୍ରଭାବିତ ହେଉଛି ବୋଲି ପୂର୍ବରୁ ପ୍ରକାଶିତ ଜଳ ନମୁନା ପରୀକ୍ଷା ରିପୋର୍ଟରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ଜଳ ପ୍ରଦୂଷଣ ଆଇନ-୧୯୮୧ର ଧାରା ୩୩(କ)ର ଖୋଲା ଉଲ୍ଲଂଘନ ହୋଇଥିବା ଦର୍ଶାଇ ବିଭିନ୍ନ ଶିଳ୍ପ ସଂସ୍ଥାରେ ଇଟିପି ସ୍ଥାପନ କରିବା ବାଧ୍ୟତାମୂଳକ ବୋଲି ହାଇକୋର୍ଟ ପକ୍ଷରୁ ରାୟ ପ୍ରଦାନ ହୋଇଥିଲା । ଯେଉଁ ଶିଳ୍ପ ସଂସ୍ଥା ଇଟିପି ସ୍ଥାପନ ଆଇନର ଉଲ୍ଲଂଘନ କରିବେ ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା । ତେବେ କେତେକ ଖଣି ଓ ଶିଳ୍ପସଂସ୍ଥାରେ ନିମ୍ନମାନର ଇଟିପି ମଧ୍ୟ ସ୍ଥାପନ କରାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଯାଜଦାନୀ କାରଖାନାରେ ଇଟିପି ସ୍ଥାପନ ନ ହେବା ଦ୍ୱାରା କାରଖାନା ପରିସରରେ ପଡୁଥିବା ବିଭିନ୍ନ କେମିକାଲ, କୋଇଲା ଗୁଣ୍ଡ, ଗ୍ରିସ୍ ଆଦି ପାଣିରେ ମିଶି ସିଧାସଳଖ ବାହାରକୁ ଛଡାଯାଉଛି। ଏହା କେବଳ ମାନବ ସମାଜ ପାଇଁ ନୁହେଁ ଜୀବଜନ୍ତୁ ଓ ବୃକ୍ଷଲତା ଲାଗି ମଧ୍ୟ ବିପଦର କାରଣ ହୋଇଛି। ତେଣୁ ରାଜ୍ୟରେ ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବା ପାଇଁ ଅତି ପ୍ରଦୂଷଣକାରୀ ଶିଳ୍ପଗୁଡିକ ବର୍ଜ୍ୟଜଳ ପରିଚାଳନା ପ୍ଲାଣ୍ଟ ବା ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଇଟିପି) ସ୍ଥାପନ କରିବା ସକାଶେ ସୁପ୍ରିମକୋର୍ଟ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୦୧୭ ଫେବୃୟାରୀ ୨୨ରେ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)କୁ କଡା ନିର୍ଦ୍ଦେଶ ଦେଇଥିଲା। ରାଜ୍ୟରେ ବାୟୁ ମଣ୍ଡଳ ଓ ଭୂପୃଷ୍ଠ ଜଳ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଅତି ପ୍ରଦୂଷଣ ସୃଷ୍ଟି କରୁଥିବା ଶିଳ୍ପଗୁଡ଼ିକ ଇଟିପି ସ୍ଥାପନ କରିବା ବାଧ୍ୟତାମୂଳକ କରାଯାଇଛି । ଏପରି କି ଏହି ଶିଳ୍ପଗୁଡ଼ିକ ଦୈନିକ କେତେ ପରିମାଣର ବର୍ଜ୍ୟ ଜଳ ଓ ଅନ୍ୟାନ୍ୟ ଗ୍ୟାସ୍ ବାୟୁ ମଣ୍ଡଳକୁ ଛାଡୁଛନ୍ତି ତା' ଉପରେ ମଧ୍ୟ ସିପିସିବି ପ୍ରତ୍ୟକ୍ଷ ନଜର ରଖିବା ଉଚିତ। ସେଥିପାଇଁ ଅନ୍‌ଲାଇନ ମନିଟରିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି । କିନ୍ତୁ ଯାଜଦାନୀ ଶିଳ୍ପ କାରଖାନାରୁ ବାହାରୁ ଥିବା ବର୍ଜ୍ୟଜଳ ନିୟନ୍ତ୍ରଣ କରିବାରେ ଏସ୍‌ପିସିବି ଏକ ପ୍ରକାର ବିଫଳ ହୋଇଛି । ଅତି ପ୍ରଦୂଷିତ ଅର୍ଥାତ୍ ଲାଲ ଶ୍ରେଣୀ, ମଧ୍ୟମ ପ୍ରଦୂଷିତ କମଳା ଶ୍ରେଣୀ ଓ ପ୍ରଦୂଷିତ ସବୁଜ ଶ୍ରେଣୀର ଶିଳ୍ପ ରହିଛି । କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ରତ୍ନଗର୍ଭା ସୁକିନ୍ଦାର ଖଣି ଅଞ୍ଚଳରେ କାର୍ଯ୍ୟକ୍ଷମ ସମସ୍ତ ଖଣିସଂସ୍ଥା ଇଟିପି ଓ ଅନ୍‌ଲାଇନ ମନିଟରିଂ ସିଷ୍ଟମ ବ୍ୟବସ୍ଥା ହୋଇଥିବା ଏସ୍‌ପିସିବି ଦାବି କରି ଆସୁଛି। ଅଥଚ ଏବେ ବି କାଳିଆପାଣି ଖଣି ଅଞ୍ଚଳରେ ଲାଗିଥିବା ଇଟିପିଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ କରୁନାହିଁ । ଏହିକ୍ରମରେ ତରଳ ବର୍ଜ୍ୟବସ୍ତୁ ଠିକ୍ ଭାବେ ବିଶୋଧନ ହେଉ ନ ଥିବାରୁ ବାୟୁ ଓ ଜଳ ପ୍ରଦୂଷଣ ଯୋଗୁ ସଂପୃକ୍ତ ଅଞ୍ଚଳର ଲୋକେ ନାନାଦି ରୋଗରେ ପୀଡ଼ିତ ହେଉଛନ୍ତି । ଚର୍ମରୋଗ, ଥଣ୍ଡା, କାଶ, ଶ୍ୱାସ, ଯକ୍ଷ୍ମା ଭଳି ମାରାତ୍ମକ ରୋଗରେ ଲୋକେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ଏପରି କି ଚାଷ ଜମିର ଉର୍ବରତା ମଧ୍ୟ ନଷ୍ଟ ହେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଯାଜଦାନୀ ଷ୍ଟିଲ କାରଖାନାରେ ଇଟିପି ପ୍ରତିଷ୍ଠା ହୋଇଥିଲା। ହେଲେ ବର୍ତ୍ତମାନ ଇଟିପିର ନବୀକରଣ କରାଯାଇ ଏସ୍ଆରଟିଏସ୍(ସର୍ଫେସ ରନ୍ ଅଫ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ନିର୍ମାଣାଧୀନ ରହିଛି।

## ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବିରେ ବିକ୍ଷୋଭ




ଏଆଇଡିୱାଇଓ ଯାଜପୁର ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଯାଜପୁର ଟାଉନ,୧୯।୧୦ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଏଆଇଡିୱାଇଓ ଓଡ଼ିଶା ରାଜ୍ୟ କମିଟିର ଆହ୍ୱାନରେ ଅକ୍ଟୋବର ୧୫ରୁ୨୧ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଦାବି ସପ୍ତାହ ଅବସରରେ ଯାଜପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏଆଇଡିୱାଇଓ ଯାଜପୁର ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଠିକା ନିଯୁକ୍ତି ବନ୍ଦ କରିବା, ସ୍ଥାୟୀ ଭିତ୍ତିରେ ଶିକ୍ଷକ ନିଯୁକ୍ତି ଦେବା, ଖାଲି ପଡ଼ିଥିବା ଶିକ୍ଷକ, ଅଧ୍ୟାପକ ପଦବୀ ଅବିଳମ୍ବେ ପୂରଣ କରିବା, ଯାଜପୁର ଡାକ୍ତର ଖାନାର ଅବ୍ୟବସ୍ଥା ଦୂର କରିବା, ମଦ ଓ ମାଦକ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଶିଦ୍ଧ କରିବା ଆଦି ଦାବି ନେଇ ଏହି ବିକ୍ଷୋଭ କରାଯାଇଛି। ଏହି ଅବସରରେ ଏକ ପଟୁଆର ଯାଜପୁର ଓମେନ୍ସ କଲେଜ ଛକରୁ ବାହାରି ସହର ପରିକ୍ରମା କରିଥିଲା। ବିକ୍ଷୋଭକାରୀଙ୍କ ପକ୍ଷରୁ ସହରର ବିଭିନ୍ନ ଛକରେ ପଥପ୍ରାନ୍ତ ସଭା କରାଯାଇଥିଲା। ସଭାରେ ବକ୍ତବ୍ୟ ରଖିଥିଲେ ଏଆଇଡିୱାଇଓର ରାଜ୍ୟଉପସଭାପତି ଅଭିମନ୍ୟୁ ମଲ୍ଲିକ। ଅକ୍ଷୟ ପଣ୍ଡା, ଯାଜପୁର ଜିଲା ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କିଶୋର ମଲ୍ଲିକ, ସଞ୍ଜୀବ ପଡ଼ିହାରୀ ଓ ଯୁବନେତା ଜଗବନ୍ଧୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ସୁବାସ ମଲ୍ଲିକ ସଭା ପରିଚାଳନା କରିଥିଲେ।

## ଗଞ୍ଜେଇ ଜବତ, ବେପାରୀ ଗିରଫ

କାଏମା,୧୯।୧୦(ଶିବପ୍ରସାଦ ମହାନ୍ତି):

ଯାଜପୁର ରେଞ୍ଜ ଅଫିସ ଓ ଧର୍ମଶାଳା ଅବକାରୀ ବିଭାଗ ମିଳିତ ଭାବେ ଧର୍ମଶାଳା ଥାନା ଅଞ୍ଚଳରେ ବୁଧବାର ସକାଳେ ଚଢ଼ାଉ କରି ୨ କିଲୋ ୧୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ଧର୍ମଶାଳା ଥାନା ଜାମୁବଣିଆ ଗ୍ରାମର ଭଜନ ଗେଡ଼ି(୬୮)। ଭଜନ ନିଜ ଗାଁରେ ଦୀର୍ଘ ଦିନ ଧରି ଗଞ୍ଜେଇ ବିକ୍ରି କରି ଆସୁଥିଲେ। ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇବା ପରେ ଚଢ଼ାଉ କରିଥିଲା। ଏନେଇ ଅବକାରୀ ବିଭାଗ କେସ ନଂ. ୧୨୦/ ୨୩ରେ ଏକ ମାମଲା ରୁଜୁ ହୋଇଛି। ଯାଜପୁର ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁ, ଓଆଇସି ଜୟନ୍ତୀ ଆଚାର୍ଯ୍ୟ, ଏଏସ୍ଆଇ ଗୟାଧର ସେଠୀ, ସରୋଜ କୁମାର ବେହେରା, କନଷ୍ଟେବଳ ସୁଚିତ୍ରା ନାୟକ ଓ ଶିଶିର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ପାନୀୟ ଜଳ ପାଇଁ ପୁଣି ଖଣି ନିଗମ ଅଫିସ ଘେରାଉ



ଓଡ଼ିଶା ଖଣି ନିଗମର କାଳିଆପାଣି କାର୍ଯ୍ୟାଳୟରେ ମହିଳା ଧାରଣା ଦେଇଛନ୍ତି।

କାଳିଆପାଣି,୧୯।୧୦(ଅସିତ ମହାନ୍ତ):

ପାନୀୟ ଜଳ ଯୋଗାଣ ପାଇଁ ଓଡ଼ିଶା ଖଣି ନିଗମର କାଳିଆପାଣି କାର୍ଯ୍ୟାଳୟରେ ଚିରୁଗୁଣିଆ ଗାଁର ମହିଳାମାନେ ଗୁରୁବାର ପୁଣି ଧାରଣା ଦେଇଛନ୍ତି। ପାନୀୟ ଜଳ ଯୋଗାଣ ପାଇଁ ଗତ ମଙ୍ଗଳବାର ଗାଁର ମହିଳାମାନେ ଖଣି ନିଗମର ସିଭିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଅଧିକାରୀମାନେ ପହଞ୍ଚି ତୁରନ୍ତ ଜଳ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦୁଇଦିନ ବିତି ଯାଇଥିଲେ ମଧ୍ୟ ଯୋଗାଣ ନ ହେବାରୁ ପୁଣି ଶତାଧିକ ମହିଳା କାର୍ଯ୍ୟାଳୟ ଗେଟ ସମ୍ମୁଖରେ ଧାରଣା ଦେଇଥିଲେ। ସକାଳୁ ମହିଳାମାନେ ଗେଟ୍ ସମ୍ମୁଖ ବସିଥିବାରୁ କର୍ମଚାରୀମାନେ ଅଫିସ ଭିତରକୁ ପଶି ପାରି ନ ଥିଲେ। ବିଦ୍ୟୁତ୍ ବିଭାଗ ଅଧିକାରୀ ଅମ୍ରିତା ଖୁଣ୍ଟିଆ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏଥିସହିତ ଅଚଳ ହୋଇ ପଡ଼ିଥିବା ପମ୍ପକୁ ବାହର କରି ନୂଆ ପମ୍ପ ଲଗାଇ ଜଳ ଯୋଗାଣ କରିଥିଲେ। ଏହାପରେ ମହିଳାମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ଜଳ ଯୋଗାଣ ପରେ ଶ୍ରମିକନେତା ନାରାୟଣ ଚନ୍ଦ୍ର ଧୀର ଓଏମ୍‌ସି କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଛତିଆ,୧୯।୧୦(ସୌମ୍ୟରଞ୍ଜନ ସାହୁ):

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପର୍ଶୁକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସବିତା ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ଜିଲା ପରିଷଦ ସଭ୍ୟା ସସ୍ମିତା ମହାନ୍ତି, ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ ପଣ୍ଡା ଓ ସମିତିସଭ୍ୟ ଦୀପକ ସାହୁ ପ୍ରମୁଖ ଯୋଗଦେଇଥିଲେ। ସିଆର୍‌ସିସି ରଶ୍ମିରଞ୍ଜନ ଷେଣ୍ଢ ଅତିଥି ପରିଚୟ ପ୍ରଦାନ କରିଥିଲେ। ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ୧୮ କ୍ଲଷ୍ଟରର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ଉପଢ଼ୌକନ ପ୍ରଦାନ କରଯାଇଥିଲା। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହଲାଦ ନନ୍ଦ ଯୋଗଦେଇ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବାକୁ ମନୋନୀତ ହୋଇଛନ୍ତି।



ଚୋରଦା କାଳୀପୂଜା କମିଟିର ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

## ଚୋରଦା କାଳୀପୂଜା କମିଟିର ପ୍ରସ୍ତୁତି ବୈଠକ

ଯାଜପୁରରୋଡ୍,୧୯।୧୦(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରର ଗଣପର୍ବ ମା'ଶ୍ୟାମାକାଳୀଙ୍କ ପୂଜା ଆସନ୍ତା ମାସ ୧୨ ତାରିଖରୁ ଅନୁଷ୍ଠିତ ହେବ। ଏନେଇ ଚୋରଦା କାଳୀ ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଗ୍ରାମ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପ୍ରମୋଦ କୁମାର ରାଉତ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଶିଶିର କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ପୂଜା ୪୮ବର୍ଷରେ ପଦାର୍ପଣ କରୁଥିବାରୁ ପ୍ରାୟ ୧୫ ଲକ୍ଷ ଟଙ୍କାର ବ୍ୟୟଅଟକଳ କରାଯାଇଛି। ମୂର୍ତ୍ତି ନିର୍ମାଣ,ସାଜସଜ୍ଜା, ବରଣ ଓ ଆଲୋକ ସଜାକୁ ଗୁରୁତ୍ୱ ଦିଆଯାଇଛି। ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପୂଜାକୁ ବିଧି ବ୍ୟବସ୍ଥା ସହ କରିବାକୁ ଆଲୋଚନା ହେବା ସହ ଦୈନନ୍ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଛି। ନଭେମ୍ବର ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଯାତ୍ରା ପରିବେଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ବୈଠକରେ କମିଟି କୋଷାଧ୍ୟକ୍ଷ ଅଜୟ କୁମାର ରାଉତ, ହରିହର ସାମଲ, ପ୍ରଦ୍ୟୁମ୍ନ କୁମାର ବୋଇତାଇ, ସନାତନ ଦାସ, ଶ୍ରୀକାନ୍ତ ମହାନ୍ତି, ଦେବକାନ୍ତ ସାହୁ ଓ ଅନିରୁଦ୍ଧ ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ମତ ରଖିଥିଲେ।

## ଘରେ ଘରେ କଂଗ୍ରେସ, ଘରେ ଘରେ ହାତ ପଦଯାତ୍ରା

କୋରେଇ,୧୯।୧୦(ଚନ୍ଦ୍ରକାନ୍ତ ପତି):

କୋରେଇ ବ୍ଲକ୍ କଂଗ୍ରେସ ପକ୍ଷରୁ ସେପ୍ଟେମ୍ବର ୨୫ରୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ ପଦଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେଉଛି। ଏହିକ୍ରମରେ ବୁଧବାର ଅପରାହ୍ନରେ ଅନ୍ଧାରି ପଞ୍ଚାୟତରେ ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ ନେତା ଓ କର୍ମୀ ଯୋଗଦେଇ ରଗଡ଼ି ବଜାର, ରଗଡ଼ି ଗ୍ରାମ ଓ କୋରାବନ୍ଧି ଗ୍ରାମକୁ ପଦଯାତ୍ରାରେ ପରିକ୍ରମା କରିଥିଲେ। ରଗଡ଼ି ବଜାରରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ପରିଡ଼ା ତାଙ୍କ ବକ୍ତବ୍ୟରେ ବେକାରୀ ସମସ୍ୟା, ଦରଦାମ ବୃଦ୍ଧି, କୃଷକ ମାରଣନୀତି, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉଠାଇ ଉଭୟ ଭାଜପାର ଏବଂ ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରୁଥିବା ବ୍ଲକ ସଭାପତି ଅକ୍ଷୟ କୁମାର ଜେନା ଉଭୟ ସରକାରଙ୍କ ବିଫଳତା ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ପ୍ରମୋଦ କୁମାର ପରିଡ଼ା, ବ୍ଲକ୍ କଂଗ୍ରେସ ଉପସଭାପତି ନିରଞ୍ଜନ ନାୟକ, ସମ୍ପାଦକ ଶ୍ୟାମସୁନ୍ଦର ଜେନା, କଂଗ୍ରେସ ନେତ୍ରୀ ଜୟନ୍ତୀ ସାହୁ, ଯୁବକଂଗ୍ରେସ ସଭାପତି ରବିପ୍ରକାଶ ନାୟକ, ଛାତ୍ର କଂଗ୍ରେସ ସଭାପତି ଆଶିଷ କୁମାର ମଲ୍ଲିକ, ମାର୍କଣ୍ଡ ମିଶ୍ର, ବିଦ୍ୟୁଭୂଷଣ ମଳିକ, ଅନ୍ଧାରି ପଞ୍ଚାୟତ କଂଗ୍ରେସ ସଭାପତି କୃଷ୍ଣଚନ୍ଦ୍ର ରାଉତ ଓ ଗଜେନ୍ଦ୍ର କରଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀ।

# ଟାଟା ଷ୍ଟିଲ୍‌ରେ ଯୁଗ୍ମ ପରାମର୍ଶଦାତା ବ୍ୟବସ୍ଥା ଉଦ୍‌ଘାଟିତ

କଳିଙ୍ଗନଗର,୧୯।୧୦(ଶୁଭାଶିଷ ରାଉତ):

କର୍ମଚାରୀ, ସଂଘ ଓ ପରିଚାଳନା ମଧ୍ୟରେ ସହଯୋଗ, ଯୋଗଦାନ ଏବଂ ସୌହାର୍ଦ୍ଦ୍ୟର ଉଲ୍ଲେଖନୀୟ ବାତାବରଣ ସୃଷ୍ଟି କରିବା ପାଇଁ ଟାଟା ଷ୍ଟିଲ କଳିଙ୍ଗନଗରସ୍ଥିତ ପ୍ଲଟ-୨ ଅଡିଟୋରିୟମଠାରେ ଏକ 'ଯୁଗ୍ମ ପରାମର୍ଶଦାତା ବ୍ୟବସ୍ଥା' ଉଦ୍‌ଘାଟିତ ହୋଇଯାଇଛି। ଟିଏସ୍‌କେର ଉପସଭାପତି (ଅପରେଶନ) ରାଜୀବ କୁମାର, ଟାଟା ଷ୍ଟିଲର ଉପସଭାପତି(ଏଚ୍ଆର୍ଏମ୍) ଆତ୍ରେୟୀ ସାନ୍ୟାଲ, ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିୟନ (ଟିଏସ୍‌କେଡବ୍ଲ୍ୟୁୟୁ)ର ସଭାପତି ରବୀନ୍ଦ୍ର କୁମାର ଜାମୁଦା, ଟିଏସ୍‌କେଡବ୍ଲ୍ୟୁୟୁର ସାଧାରଣ ସମ୍ପାଦକ ଦାମୋଦର ସୋୟ ଏବଂ ଟିଏସ୍‌କେର ଏଚ୍ଆର୍‌ବିପିଷ୍ଟିଲ ବିଭାଗର ମୁଖ୍ୟ ୟଶବନ୍ତ କୁମାର ପାଣ୍ଡେ ମିଳିତ ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ଯୁଗ୍ମ ପରାମର୍ଶ ବ୍ୟବସ୍ଥାର ଢାଞ୍ଚାକୁ ନେଇ ବିଶିଷ୍ଟ ବ୍ୟକ୍ତିମାନେ ଏକ ଚାର୍ଟର ଉନ୍ମୋଚନ କରିଥିଲେ। ଏଥିରେ ପରିଷଦ ଓ ଉପକମିଟିର ଦୁଇସ୍ତରୀୟ ଢାଞ୍ଚା ସମ୍ପର୍କରେ ବିସ୍ତୃତ ବିବରଣୀ ସହ ବିଭିନ୍ନସ୍ତରରେ ପ୍ରଭାବଶାଳୀ ବୈଠକ ଆୟୋଜନ ପାଇଁ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଏହି ଚାର୍ଟର ଏକ ବ୍ୟାପକ ମାର୍ଗଦର୍ଶିକା ଭାବରେ ମଧ୍ୟ କାର୍ଯ୍ୟ କରିବ, ଯାହା ପ୍ରଭାବଶାଳୀ ଯୋଗାଯୋଗ, ବାର୍ତ୍ତାଳାପ ଏବଂ ଆତ୍ମ-ଅଭିବ୍ୟକ୍ତିକୁ ସକ୍ଷମ କରିବ। ଏହି ଯୁଗ୍ମ ପରାମର୍ଶଦାତା ବ୍ୟବସ୍ଥା କର୍ମଚାରୀ, ସଂଘ ଏବଂ ପରିଚାଳନାକୁ ଉତ୍ପାଦନ, ଉତ୍ପାଦକତା, ଗୁଣବତ୍ତା, ନିରାପତା, କଲ୍ୟାଣ ଏବଂ କର୍ମଚାରୀଙ୍କ ପ୍ରଶିକ୍ଷଣ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଏବଂ ଉତ୍ପାଦକ କାର୍ଯ୍ୟ ପରିବେଶ ସୃଷ୍ଟି କରିବା, ଯାହା ସହଯୋଗକୁ ପ୍ରୋତ୍ସାହିତ କରିବ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ବରିଷ୍ଠ ନେତୃତ୍ୱ, ସଂଘର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।


**ଟେଣ୍ଡର କଲ୍ ନୋଟିସ୍**
**ନିର୍ଦ୍ଦେଶକ ରାଉରକେଲା ସରକାରୀ ଡାକ୍ତରଖାନା, ରାଉରକେଲା**
**DIST.: SUNDARGARH**

**No. 3122/DIR, RGH** **Dt.: 18.10.2023**

No. E-488: Sealed tenders are invited from registered manufactures / authorized distributors for supply of ଔଷଧ ଉପଯୋଗୀ ସାମଗ୍ରୀ ଏବଂ ବାୟୋମେଟିକାଲ୍ ବର୍ଜ୍ୟବସ୍ତୁ ଯୋଗାଣ for Rourkela Govt. Hospital, Rourkela, Dist.: Sundargarh. Details regarding the terms & conditions and tender paper may be download from **www.sundargarh.nic.in** and submit in the Office of the undersigned. The tender should reached in the Office of the undersigned by 16.11.2023 till 5.00 P.M. through Speed Post, Registered Post and Courier services along with all relevant documents and EMD. The tender will be opened 18.11.2023 at 11 A.M. in the presence of the tenderer or their authorized representative. The undersigned reserved the right to reject or cancelled above tender without assigned any reason thereof.

**Sd./- (Dr. Santosh Kumar Swain)**
**Director, RGH, Rourkela**
**OIPR-10158/11/0002/2324**

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM,BERHAMPUR**
No.O-1311
Phone:0680-2291405, E-Mail:eerw_gm1@yahoo.co.in
**Government of Odisha, e-Procurement Notice**
**Bid Identification No.Online Tender//04//SERWDG-I//2023-24**
**Letter No.3772// RWDG-I//BAM//Date:16.10.2023**

| | | | |
|---|---|---|---|
| 1 | Name of the Work | :: | Repair to Road Works |
| 2 | Estimated Cost | :: | Rs.1.68 to 25.21 Lakhs |
| 3 | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the Portal | :: | From 20.10.2023 at 11.30 AM to 31.10.2023 upto 6.00 P.M. |
| 5 | Last Date/Time for Receipt of Bids in the Portal | :: | 31.10.2023 upto 6.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.

**Sd./- Superintending Engineer**
**R.W. Division-I, Ganjam, Berhampur**
**OIPR-25085/11/0006/2324**

**E-Procurement Notice**
**OFFICE OF THE DIRECTOR,**
**TEXT BOOK PRODUCTION & MARKETING**
**KHARVEL NAGER, UNIT-III, BHUBANESWAR-751001.**
**No.n-204:** **TEL. NO.0674-2380871/72**
**E.MAIL-directortbpmodisha@gmail.com**
**Bid Letter No. 10444/TBPM.** **Dated. 18.10.2023**

01.Description of tender: National Tender for Transportation of N.T.Books & allied Books from truck owners/Transport Agencies/Transport Contractors having registered "Agent Licence" for transportation of N.T.Books & Allied Books to different District Headquarter/Blocks all over Odisha for the Academic Session 2024-25.
02. Date & Time of availability of bid document in the portal
**Start Date & Time:** **19.10.2023** **10.00 A.M.**
**Closing Date & Time:** **08.11.2023** **05.00 PM.**
03. Name and address of the O.I.T.: O/o the Director, Text Book Production & Marketing, Kharvel Nagar, Unit-III, Bhubaneswar-751001.
Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in.
Further details regarding of bid documents, online participation can be seen from the e-procurement portal https://tendersodisha.gov.in. Subsequent corrigendum/ Addendum and cancellation if any require will be hosted on same website. The Director, TBPM reserves the right to accept or reject (Fully/Partly) tender without assigning any reason thereof.

**Sd/- DIRECTOR,**
**TEXT BOOK PRODUCTION & MARKETING,**
**OIPR-02005/11/0014/2324** **BHUBANESWAR-1**

**OFFICE OF THE ENGINEER-IN-CHIEF (CIVIL)**
**ODISHA, BHUBANESWAR**
**GOVERNMENT OF ODISHA**
**"e"-PROCUREMENT NOTICE**
**WORKS DEPARTMENT**
**E-mail : ceworldbankprojects@gmail.com**
**Bid Identification No. CE-W.B.P. (O) - 28 / 2023-24**

**No.B-1102:**1.The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2. Nature of work : Bridge works
3. No. of work : 11 Nos.
4. Tender cost : Rs.10,000.00 (on-line)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 19.10.2023 to 5.00 PM of 14.11.2023
7. Date of opening of Bid : Dt.15.11.2023 at 11.30 AM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

**Sd./- Chief Engineer**
**OIPR-34003/11/0047/2324** **World Bank Project, Odisha**

## ଶ୍ରୀକ୍ଷେତ୍ର ଦର୍ଶନ ପାଇଁ ଗଲେ ୧୦ ବୃଦ୍ଧା



**କେନ୍ଦ୍ରାପଡ଼ା, ୧୯।୧୦ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ଜଇପୁରା ଗାଁରୁ ୧୦ ବୃଦ୍ଧା ଗୁରୁବାର ଶ୍ରୀକ୍ଷେତ୍ର ଦର୍ଶନ ପାଇଁ ଯାଇଛନ୍ତି। ଏହି ବୃଦ୍ଧାମାନଙ୍କୁ ସାମାଜିକ କର୍ମୀ ଲୋକନାଥ ଦାସ ନିଜ ଖର୍ଚ୍ଚରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇବେ। ଏ ସମ୍ପର୍କରେ ଶ୍ରୀଜୀଉଙ୍କ ଦର୍ଶନାର୍ଥୀ ବୃଦ୍ଧା ସୋମାଲିକା କହିଛନ୍ତି, ବହୁ ବର୍ଷରୁ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଇଚ୍ଛା ରହିଥିଲା। ପରିବାରର ଆର୍ଥିକସ୍ଥିତି ଏହି ଦର୍ଶନରୁ ବଞ୍ଚିତ କରିଥିଲା। ଲୋକନାଥଙ୍କ ଉଦ୍ୟମରେ ଏହି ତୀର୍ଥ ଭ୍ରମଣ ତାଙ୍କୁ ଖୁସି ଦେଇଛି।

## ନାବାଳିକା ନିଖୋଜ

**ପାଟଣା, ୧୯।୧୦ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ନିଖୋଜ ହୋଇଯାଇଛନ୍ତି। ସେ ବେଲଦା କଲେଜରେ ଯୁକ୍ତ ୨ରେ ପଢୁଥିବା ବେଳେ ମଙ୍ଗଳବାର କଲେଜକୁ ଯାଇ ଫେରି ନଥିଲେ। ଖୋଜାଖୋଜି ପରେ ନ ପାଇବାରୁ ଗୁରୁବାର ନାବାଳିକାଙ୍କ ବାପା ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଦଦରା ଚାଳ ଛପର ଘରେ ବିତୁଛି ସୀତାଙ୍କ ଜୀବନ

- ଆଦିବାସୀ ବୃଦ୍ଧାଙ୍କ ମୁଣ୍ଡକୁ ମିଳୁନି ଛାତ, ଭତ୍ତା
- ଦୁଇ ପୁଅ ହେଲେ ପର, କାହାକୁ କହିବେ ଦୁଃଖ

**ମହାକାଳପଡ଼ା, ୧୯।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ପରିଣତ ବୟସରେ ସମାଜରେ ବହୁ ଅସହାୟ ବୃଦ୍ଧାବୃଦ୍ଧମାନେ ଅଛନ୍ତି ଦୁଇ ଓଳିରେ ଦୁଇ ମୁଠା ଖାଇବାକୁ ପାଉ ନାହାନ୍ତି। ପରିଣତ ବୟସରେ ନିଜ ଜନ୍ମ କଲା ପୁଅମାନେ ପର କରିବା ପରେ ଅତି ଅସହାୟ ଭାବେ ଜୀବନ ଜିଇଁବାକୁ ସଂଗ୍ରାମ କରିବାକୁ ପଡୁଛି। ଜଣେ ଅସହାୟ ଆଦିବାସୀ ବୃଦ୍ଧା ଦଦରା ଚାଳ ଛପର ଘରେ ଜୀବନ ବିତାଉଥିବା ବେଳେ ତାଙ୍କ ଭତ୍ତା ମଧ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ନାଞ୍ଚୁରା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ସାନ୍ତାଳିପଡ଼ା ପାଣିଖିଆର ସୀତା ହେମ୍ବ୍ରମ (୬୫)ଙ୍କ କ୍ଷେତ୍ରରେ। ଆଖିକୁ ଭଲ ସେ ଦିଶୁନି। କିଛିବର୍ଷ ପୂର୍ବେ ସ୍ୱାମୀ ପିରୁ ହେମ୍ବ୍ରମଙ୍କ ମୃତ୍ୟୁ ପରେ ସୀତାଙ୍କ ଦୁଇଗୁଣ ଦୁଃଖ କଷ୍ଟ ବଢ଼ି ଯାଇଛି। ନିଜ ଜନ୍ମ କଲା ୨ ପୁଅ ପର କରି ଅଲଗା ରହୁଛନ୍ତି। ହେଲେ ସୀତା ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତ। ନିକଟରେ ଘଞ୍ଚ ଜଙ୍ଗଲ ଥିବାରୁ ସନ୍ଧ୍ୟାରେ ସରୀସୃପ ଓ ବନ୍ୟ ଜୀବଜନ୍ତୁଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। ଯେଉଁ ନୁଆଁଣିଆ ଚାଳ ଖୁମ୍ପୁଡ଼ି ଘରେ



ଭଙ୍ଗା ଘର ସମ୍ମୁଖରେ ପାଣିଖିଆ ସାନ୍ତାଳିପଡ଼ାର ସୀତା ହେମ୍ବ୍ରମ।

ସୀତା ରହୁଛନ୍ତି ବର୍ଷାଦିନରେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ସୀତାଙ୍କ ରାଶନ କାର୍ଡ, ଆବାସ ଯୋଜନା ଗୃହ ନାହିଁ, ବିଧବା ଭତ୍ତା ସାତ ସପନ ପଲଟିଛି। ମାଲିକ ଘରେ ପରିଣତ ବୟସ ରେ ଘର ପାଇଟି କାମ କରି ନିଜ ପେଟ ଚାଖଣ୍ଡେ ପୋଷୁଛନ୍ତି। ଯାହା ଖୁଦ ଚାଉଳ ମିଳେ ଘରକୁ ନେଇ ହାଣ୍ଡିରେ ଫୁଟାଇ ପଖାଳ ଭାତ ସାଙ୍ଗକୁ ଜଙ୍ଗଲି ଶାଗ ଖାଇ ଜୀବନ ବିତାଉଛନ୍ତି। ଅପର ପକ୍ଷରେ ସୀତା ନିରକ୍ଷର ହୋଇଥିବାରୁ ସରକାରୀ ଯୋଜନା ପହଞ୍ଚି ପାରୁନି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ସରକାରୀ ଜନ କଲ୍ୟାଣ ମୂଳକ ଯୋଜନା ଏହି ସାନ୍ତାଳିପଡ଼ାରେ ପହଞ୍ଚି ପାରୁନି ବୋଲି ଗ୍ରାମର ଲୋକେ କହିଛନ୍ତି। ଏହି ସାନ୍ତାଳିପଡ଼ାରେ ୫୦ପରିବାରର ୨୦୦ ଲୋକ ବସବାସ କରୁଥିବା ଜଣାପଡୁଛି। ଏମାନଙ୍କ ମୂଳ ବାସିନ୍ଦା ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା, ବୈସିଙ୍ଗା, କପ୍ତିପଦା, ରାଇରଙ୍ଗପୁର, ବହଳଦା, ବାରିପଦା, ଉପରବେଡ଼ା, କରଞ୍ଜିଆ ଆଦି ଅଞ୍ଚଳରୁ ଶହେ ବର୍ଷ ପୂର୍ବେ ପୂର୍ବଜମାନେ ଆସି ବସବାସ କରୁଥିବା ଏମାନେ କହିଛନ୍ତି। ଏହି ଅସହାୟ ଗରିବ ସୀତା ହେମ୍ବ୍ରମଙ୍କୁ ଆବାସ ଯୋଜନା ଗୃହ, ବିଧବା ଭତ୍ତା, ରାଶନ କାର୍ଡ ଯୋଗାଇ ଦେବାକୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସୁନା ମାରାଣ୍ଡି , ବାଣ୍ଟୁ ମଣ୍ଡଳ , ଚରଣ ଟୁଡୁ, ଶଙ୍କର ମାରାଣ୍ଡି, ଜୟରାମ ମଣ୍ଡଳ, ଲବ ମାରାଣ୍ଡି, କୁସ ମାରାଣ୍ଡି ପ୍ରମୁଖ ଦାବି କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ହସ୍ତକ୍ଷେପ କରିବା ପାଇଁ ପଡ଼ାର ଲୋକମାନେ ଦାବି କରିଛନ୍ତି। ଦୁର୍ଦ୍ଦିନରେ ଜୀବନ ବିତାଉଥିବା ବୃଦ୍ଧାଙ୍କ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ମାର୍ଶାଘାଇ ବ୍ଲକକୁ ୧୨ କୋଟି ଟଙ୍କା ପ୍ରଦାନ



ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ବୋଧନ ଦେଉଛନ୍ତି।

**ମାର୍ଶାଘାଇ, ୧୯।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ଆମ ଓଡ଼ିଶା ନବୀନ ଓଡ଼ିଶାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଦାନ ପ୍ରଦାନ କରିଛନ୍ତି। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶାରେ ମାର୍ଶାଘାଇ ବ୍ଲକର ୨୪ଟି ପଞ୍ଚାୟତ ପାଇଁ ୧୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ପ୍ରତିପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଆଭାସି କାର୍ଯ୍ୟକ୍ରମ ଦେଖିବା ପାଇଁ ମାର୍ଶାଘାଇ ବ୍ଲକ ପରିସରରେ ଏଲିଡ୍ ଟିଭି ଲଗାଯାଇଥିଲା। ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଅନୁଦାନ ରାଶି ଯୋଗାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ସରପଞ୍ଚ, ଜିଲା ପରିଷଦ ସଭ୍ୟ, ସମିତିସଭ୍ୟମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଦେଖିଥିଲେ।


**ଟେଣ୍ଡର କଲ୍ ନୋଟିସ୍**
**ନିର୍ଦ୍ଦେଶକ ରାଉରକେଲା ସରକାରୀ ଡାକ୍ତରଖାନା, ରାଉରକେଲା**
**DIST.: SUNDARGARH**

**No. 3122/DIR, RGH** **Dt.: 18.10.2023**

No. E-488: Sealed tenders are invited from registered manufactures / authorized distributors for supply of ଔଷଧ ଉପଯୋଗୀ ସାମଗ୍ରୀ ଏବଂ ବାୟୋମେଟିକାଲ୍ ବର୍ଜ୍ୟବସ୍ତୁ ଯୋଗାଣ for Rourkela Govt. Hospital, Rourkela, Dist.: Sundargarh. Details regarding the terms & conditions and tender paper may be download from **www.sundargarh.nic.in** and submit in the Office of the undersigned. The tender should reached in the Office of the undersigned by 16.11.2023 till 5.00 P.M. through Speed Post, Registered Post and Courier services along with all relevant documents and EMD. The tender will be opened 18.11.2023 at 11 A.M. in the presence of the tenderer or their authorized representative. The undersigned reserved the right to reject or cancelled above tender without assigned any reason thereof.

**Sd./- (Dr. Santosh Kumar Swain)**
**Director, RGH, Rourkela**
**OIPR-10158/11/0002/2324**


# ରାଜନଗରର ୨୯ ପଞ୍ଚାୟତ ପାଇଁ ୧୪.୫୦ ଲକ୍ଷ ମଞ୍ଜୁର



ରାଜନଗରଠାରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

**ରାଜନଗର, ୧୯।୧୦ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକର ୨୯ଟି ପଞ୍ଚାୟତ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୧୪ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପଗୁଡିକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ମଞ୍ଜୁର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ରାଜନଗର ବ୍ଲକ ପକ୍ଷରୁ ମହିଁଷାସୁର ପଡ଼ିଆରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସମସ୍ତ ପଂଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ୫-ଟି ସଚିବ ପାଣ୍ଡିଆନ ସେ କେନ୍ଦ୍ରାପଡା ଗସ୍ତରେ ଆସିଥିବା ବେଳେ ଏକମାଣିଆ ପଞ୍ଚାୟତରେ ଯେଉଁ ଡଙ୍ଗାବୁଡି ସମସ୍ୟା ହୋଇଥିଲା, ତା'ର ସ୍ଥାୟୀ ପ୍ରତିକାର ପାଇଁ ୬୦ କୋଟି ଟଙ୍କା ସେତୁ ନିର୍ମାଣ ପାଇଁ ମଞ୍ଜୁର ହୋଇଛି। ସାତଭାୟାବାସୀଙ୍କ ପାଇଁ ୨୨ କୋଟି ୫୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍, ବାୟାବାବା ମଠ ପାଇଁ ୫ କୋଟି ଟଙ୍କା, ପଞ୍ଚୁବରାହୀ ମନ୍ଦିର ପାଇଁ ୫କୋଟି ଟଙ୍କା, କେରେଡାଗଡ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ୩ କୋଟି ଟଙ୍କା ମଞ୍ଜୁର ହୋଇଥିବା କହିଥିଲେ। ରାଜନଗରଠାରେ ବିଧାୟକ ଧ୍ରୁବ ସାହୁ ଉପସ୍ଥିତ ରହି ରାଜନଗରରେ ନିରନ୍ତର ବିକାଶ ପ୍ରକ୍ରିୟା ଚାଲିଛି। ସମସ୍ତ ହାଇସ୍କୁଲକୁ ୫-ଟି ଯୋଜନାରେ ସାମିଲ କରି କାର୍ଯ୍ୟ କରାଯାଇଥିବା ବେଳେ ମହାବିଦ୍ୟାଳୟଗୁଡିକର ରୂପାନ୍ତରଣ ପ୍ରକ୍ରିୟା ଚାଲିଛି ବୋଲି କହିଥିଲେ। ବିଡିଓ ନିଶାନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ଆତ୍ମାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ସରପଞ୍ଚ ନିରଞ୍ଜନ ରାଉତ, ଅଶୋକ କୁମାର ମହାନ୍ତି, ସୁଶ୍ରୀ ସଂଗୀତା ମିଶ୍ର ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଏଥିରେ ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ମିଶନ ଶକ୍ତି ସଂଯୋଜିକା ସାଗରିକା ମଲ୍ଲିକ, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ରଶ୍ମିରଞ୍ଜନ ଦାଶ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଆଳିରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଉଦ୍‌ଘାଟିତ

**ଆଳି, ୧୯।୧୦ (ବନମାଳୀ ସେନାପତି)**

ଆଳିରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ଲୋକମାନଙ୍କର ଉନ୍ନତି ଓ ବିକାଶ ପାଇଁ ଏହା ଏକ ସଫଳ ପଦକ୍ଷେପ। ଏଥିରେ ସମସ୍ତଙ୍କର ସହଯୋଗ ରହିବା ଉଚିତ। କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିବା ୫-ଟି ସଚିବ ଭି. କେ. ପାଣ୍ଡିଆନ କହିଥିଲେ, ଓଡ଼ିଶାର ବିକାଶ ସ୍ୱପ୍ନ ଭଳି ପ୍ରତୀୟମାନ ହେଲେ ହେଁ ଏବେ ଏହା ଓଡ଼ିଶା ବିକାଶର ବାସ୍ତବ ଚିତ୍ର। ଆଳି ନିର୍ବାଚନମଣ୍ଡଳୀର ଅଭୂତପୂର୍ବ ଉନ୍ନତି ହୋଇଥିବା କଥା ଆଳି ବିଧାୟକ ତଥା ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ରାଜକନିକାଠାରେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କହିଥିଲେ। ଆଳି ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଉପସ୍ଥିତ ଥିଲେ। ଆଳି ବ୍ଲକର ୩୪ ପଞ୍ଚାୟତ ଲାଗି ୧୭ କୋଟି ଟଙ୍କା ମଞ୍ଜୁର ସହ ଅନ୍ୟାନ୍ୟ ଉନ୍ନତୀକରଣ ଲାଗି ଅନୁଦାନ ମିଳିଛି। ଏହି କାର୍ଯ୍ୟକ୍ରମରେ ଆଳି ବିଡିଓ ମିନତି ଜଗଦ୍ଦେବ, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଉପାଧ୍ୟକ୍ଷ ପ୍ରତିନିଧି ହିମାଂଶୁ ବାରିକ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ସଙ୍ଗଠକ ପ୍ରଦ୍ୟୁମ୍ନ ଦାଶ, କେଦାରନାଥ ବେହେରା, ପୁରୁଷୋତ୍ତମ ପଲାଇ, ବିଜୁ ମହିଳା ଜନତା ଦଳ ସଭାପତି ଅନୁରାଧା ପାଢ଼ୀ, ଦେମାଳ ସରପଞ୍ଚ ରିତାରାଣୀ ପରିଡ଼ାଙ୍କ ସମେତ ବ୍ଲକର ୩୪ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ଥିଲେ।



ଆଳିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେତା, କର୍ମୀ ଓ ଅନ୍ୟମାନେ।


**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM,BERHAMPUR**
No.O-1311
Phone:0680-2291405, E-Mail:eerw_gm1@yahoo.co.in
**Government of Odisha, e-Procurement Notice**
**Bid Identification No.Online Tender//04//SERWDG-I//2023-24**
**Letter No.3772// RWDG-I//BAM//Date:16.10.2023**

| | | | |
|---|---|---|---|
| 1 | Name of the Work | :: | Repair to Road Works |
| 2 | Estimated Cost | :: | Rs.1.68 to 25.21 Lakhs |
| 3 | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the Portal | :: | From 20.10.2023 at 11.30 AM to 31.10.2023 upto 6.00 P.M. |
| 5 | Last Date/Time for Receipt of Bids in the Portal | :: | 31.10.2023 upto 6.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.

**Sd./- Superintending Engineer**
**R.W. Division-I, Ganjam, Berhampur**
**OIPR-25085/11/0006/2324**


# ଦିବ୍ୟାଂଶୀ ଚାମ୍ପିୟନ, ଗୃହଲକ୍ଷ୍ମୀ ଦଳ ରନର୍ସଅପ୍

## ଅଦ୍ୱିକା କପ୍ ଫୁଟବଲ ଟୁର୍ନାମେଣ୍ଟ




ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

**ଜଗତ୍‌ସିଂହପୁର, ୧୯।୧୦ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ଗୁରୁବାର ସ୍ଥାନୀୟ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଫୁଟ୍‌ବଲ ଟୁର୍ନାମେଣ୍ଟ ଅଦ୍ୱିକା କପ୍-୨୦୨୩ ଅନୁଷ୍ଠିତ ହୋଇଯାଇଛି । କିଶୋରୀ ବାଳିକାମାନଙ୍କ ମଧ୍ୟରେ ନେତୃତ୍ୱ ନେବାକୁ ପ୍ରୋତ୍ସାହନ ଯୋଗାଇଦେବା ଉଦ୍ଦେଶ୍ୟରେ ଆୟୋଜିତ ହାଇସ୍କୁଲର ଏହି ଟୁର୍ନାମେଣ୍ଟରେ ମୋଟ ୪ଟି ଦଳ ଭାଗ ନେଇଥିଲେ, ଯେଉଁଥିରେ ଦିବ୍ୟାଂଶୀ ଦଳ ଚାମ୍ପିୟନ ଏବଂ ଶିଶୁ ଯତ୍ନ ଅନୁଷ୍ଠାନର ଗୃହଲକ୍ଷ୍ମୀ ଦଳ ରନର୍ସଅପ୍ ହୋଇ ଜିଲାପାଳଙ୍କ ଦ୍ୱାରା ଟ୍ରଫି ଗ୍ରହଣ କରିଥିଲେ। ଅନ୍ୟ ୨ ଦଳ ଯଥା ଅନନ୍ୟା ଏବଂ ଓଡ଼ିଶା ଜୀବିକା ମିଶନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ପାରୁଲ ପଟାୱରୀ ଯୋଗଦେଇ ବାଳିକାମାନେ ଖେଳୁଆଡ ମନୋଭାବ ନେଇ ଖେଳିଲେ ଭବିଷ୍ୟତରେ ଜଣେ ଜଣେ ଉଚ୍ଚ କୋଟିର କ୍ରୀଡାବିତ୍ ହୋଇପାରିବେ ବୋଲି କହିଥିଲେ । ସେହିପରି ଉଦ୍‌ଯାପନୀ ଉତ୍ସବରେ ଉପଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଶକୁନ୍ତଳା ଚୌଧୁରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ମହିଳା ବିରୋଧୀ ହିଂସା ଓ ପ୍ରୋଟେକ୍ସନ ଅଧିକାରୀ ଅଂଶୁପା ସାହୁ ଯୋଗ ଦେଇଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

**ଚାନ୍ଦବାଲି, ୧୯।୧୦ (କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ମାଧପୁର ପଞ୍ଚାୟତ ଅଖଣାସାହି ଗାଁର ସୁକାନ୍ତ ଦାସ ନାମକ ଯୁବକଙ୍କୁ ହତ୍ୟା ଘଟଣାରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଗୁରୁବାର ଥାନା ଘେରାଉ କରିଥିଲେ। ପ୍ରଥମେ ମତୋ ଫାଣ୍ଡି ପରେ ଚାନ୍ଦବାଲି ଥାନାକୁ ଘେରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ସହ ହତ୍ୟାକାଣ୍ଡ ଉପରୁ ପରଦା ଉଠାଇବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଥାଉ କି, ଅଖଣାସାହି ଗାଁର ରମେଶ ଦାସଙ୍କ ପୁଅ ସୁକାନ୍ତ ଗତ ୧୩ ତାରିଖରେ ନିଖୋଜ ହୋଇଯାଇଥିଲେ। ୧୫ ତାରିଖରେ ନଟିଆ ଯୋରରୁ ତାଙ୍କ ମୃତଦେହ ମିଳିଥିଲା। ଏହି ଘଟଣାରେ ପୋଲିସ ଉକ୍ତ ଗାଁର ଜୟଦେବ ଦାସ(ଝଡ଼ିଆ)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଅର୍ଦ୍ଧଶତାବ୍ଦୀରେ ପାଦ ଥୋଇଲା ଓଲଢ଼ି, ଛତା ପୂଜା ମଣ୍ଡପ

**ଡେରାବିଶ, ୧୯।୧୦ (ବେବର୍ତ୍ତା ଅଜୟ ଦାସ)**

## ଆସୁଛନ୍ତି ମା' ଧନଦାତ୍ରୀ: ଉତ୍ସବମୁଖର ହେବ ଡେରାବିଶ

ଆସନ୍ତା ୨୮ ତାରିଖରେ କୁମାରପୂର୍ଣ୍ଣିମା ଅବସରରେ ମା' ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେବ। କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଏକ ଗଣପର୍ବରେ ପାଳିତ ହେଉଛି। ବ୍ଲକ ଅଧୀନସ୍ଥ ବିଭିନ୍ନ ଗାଁରେ ଏହି ପୂଜା ଉତ୍ସବ ଅନୁଷ୍ଠିତ ହେବ। ଦୀର୍ଘ ୭ ଦିନ ଧରି ସୁସଜ୍ଜିତ ଆଲୋକମାଳା ସହ ଘରେ ଘରେ ପିଠାପଣାର ଆସର ଓ ଭୋଜିଭାତ ଗାଁ ଦାଣ୍ଡକୁ କୋଳାହଳ କରିଥାଏ। ଏହି ପୂଜା ସପ୍ତାହେ ବାକିଥିବା ବେଳେ ପ୍ରସ୍ତୁତି ଜୋରଦାର ଚାଲିଛି। ବ୍ଲକ ଅଧୀନ ଓଲଢ଼ି ଓ ଛତାଠାରେ ଥିବା ବଟମହାପୁରୁଷଙ୍କ ପୀଠରେ ମା'ଙ୍କ ପୂଜା ଚଳିତବର୍ଷ ୫୦ବର୍ଷରେ ପାଦ ଦେଇଛି। ୫୩ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏହି ପ୍ରତିଷ୍ଠାନରେ ଅନୁଷ୍ଠିତ ପୂଜା ପ୍ରାଚୀନ ହୋଇଥିବାରୁ ୭ଦିନ ଧରି ଭିଡ଼ ପରିଲକ୍ଷିତ ହୋଇଥାଏ। ତେବେ ଏହି ଦୁଇଟି ପୂଜା ମଣ୍ଡପର ବିଶେଷତ୍ୱ ହେଲା ମା'ଙ୍କ ନିକଟରେ ମନାସିଥିବା ଶ୍ରଦ୍ଧାଳୁଙ୍କ ଇଚ୍ଛା ପୂରଣ ହୋଇଥାଏ ବୋଲି ଓଲଢ଼ି ପୂଜା କମିଟିର କର୍ମକର୍ତ୍ତା ଗଣେଶ୍ୱର ବେହେରା କହିଛନ୍ତି। ଭକ୍ତି ଓ ବିଶ୍ୱାସକୁ ପାଥେୟ କରି



ଏହି ଦୁଇଟି ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ, ମେଲୋଡ଼ି କାର୍ଯ୍ୟକ୍ରମରେ ଦର୍ଶକଙ୍କର ମୁଖ୍ୟ ଆକର୍ଷଣ ପାଲଟିଥାଏ ବୋଲି ଗଣେଶ୍ୱର କହିଛନ୍ତି। ଏଥିପାଇଁ ମା'ଙ୍କ ମୂର୍ତ୍ତି କାର୍ଯ୍ୟ ଆଗେଇ ଥିଲା ବେଳେ ଉଭୟ ପୂଜା ମଣ୍ଡପରେ ତୋରଣ କାର୍ଯ୍ୟ ଜୋରଦାର କରାଯାଇଛି। ଚଳିତବର୍ଷ ପୂଜା ଓ ଭସାଣି ଉତ୍ସବକୁ ଶୃଙ୍ଖଳିତ କରିବା ପାଇଁ କମିଟି ପକ୍ଷରୁ ମଧ୍ୟ ପ୍ରସ୍ତୁତି ବୈଠକ ଶେଷ ହୋଇଛି।


**E-Procurement Notice**
**OFFICE OF THE DIRECTOR,**
**TEXT BOOK PRODUCTION & MARKETING**
**KHARVEL NAGER, UNIT-III, BHUBANESWAR-751001.**
**No.n-204: TEL. NO.0674-2380871/72**
**E.MAIL-directortbpmodisha@gmail.com**
**Bid Letter No. 10444/TBPM.** **Dated. 18.10.2023**

01.Description of tender: National Tender for Transportation of N.T.Books & allied Books from truck owners/Transport Agencies/Transport Contractors having registered "Agent Licence" for transportation of N.T.Books & Allied Books to different District Headquarter/Blocks all over Odisha for the Academic Session 2024-25.

02. Date & Time of availability of bid document in the portal
**Start Date & Time:** 19.10.2023 10.00 A.M.
**Closing Date & Time:** 08.11.2023 05.00 PM.

03. Name and address of the O.I.T.: O/o the Director, Text Book Production & Marketing, Kharvel Nagar, Unit-III, Bhubaneswar-751001.

Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in.

Further details regarding of bid documents, online participation can be seen from the e-procurement portal https://tendersodisha.gov.in. Subsequent corrigendum/ Addendum and cancellation if any require will be hosted on same website. The Director, TBPM reserves the right to accept or reject (Fully/Partly) tender without assigning any reason thereof.

**Sd/- DIRECTOR,**
**TEXT BOOK PRODUCTION & MARKETING,**
**BHUBANESWAR-1**
**OIPR-02005/11/0014/2324**



**OFFICE OF THE ENGINEER-IN-CHIEF (CIVIL)**
**ODISHA, BHUBANESWAR**
**GOVERNMENT OF ODISHA**
**"e"-PROCUREMENT NOTICE**
**WORKS DEPARTMENT**
**E-mail : ceworldbankprojects@gmail.com**
**Bid Identification No. CE-W.B.P. (O) - 28 / 2023-24**

**No.B-1102:**1.The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :

2. Nature of work : Bridge works
3. No. of work : 11 Nos.
4. Tender cost : Rs.10,000.00 (on-line)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 19.10.2023 to 5.00 PM of 14.11.2023
7. Date of opening of Bid : Dt.15.11.2023 at 11.30 AM
8. The Bidders have to participate in ONLINE bidding only. Further details can be seen from the website : https:// tenderodisha.gov.in . Any addendum / corrigendum / cancellation of tender can also be seen in the said website.

**Sd./- Chief Engineer**
**World Bank Project, Odisha**
**OIPR-34003/11/0047/2324**

## ସଂକ୍ଷେପରେ

### ଶାଳପର୍ଣ୍ଣୀ ସାହିତ୍ୟ ସଂସଦର ଆଭାସି ଆସର

ଫୁଲବାଣୀ,୧୯।୧୦(ରାକେଶ କୁମାର ରାଉତ)

ଶାଳପର୍ଣ୍ଣୀ ସାହିତ୍ୟ ସଂସଦର ଦ୍ୱିତୀୟ ମାସିକ ଆଭାସୀ ଆସର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଆଧୁନିକ ସମାଜରେ ଲେଖକ ଓ ଲେଖାର ଗତି, ପ୍ରକୃତି ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ବିରଞ୍ଚି ନାରାୟଣ ସାହୁ, ସଂଯୋଜକ ଭାବେ ବାଙ୍ଗାଲୋରରୁ ସୀମାଞ୍ଚଳ ମହାରଣା, ଅଧ୍ୟାପିକା ପ୍ରଭାତୀ ପାତ୍ର, ସୁରଜିତ ପାତ୍ର ଉପସ୍ଥିତ ଥିଲେ। ବିଭିନ୍ନ ଜିଲାର ୨୭ ଜଣ ଲେଖକ ଲେଖିକା ଆସରରେ ଯୋଗଦେଇ କବିତା ପାଠ କରିଥିଲେ। ସେମାନଙ୍କ ମଧ୍ୟରେ ଡ. ମଧୁମିତା ଷଡ଼ଙ୍ଗୀ, ସୁଭଦ୍ରା ମହାପାତ୍ର, ରୀତା ଅପରାଜିତା ମହାନ୍ତି, ପ୍ରଜ୍ଞାପାରମିତା ସାହୁ, ନିରଞ୍ଜନ ଜେନା, ଝୁନା କୁମାରୀ ସାହୁ, ଡ. ସତ୍ୟବାନ୍ ପ୍ରମୁଖ ଯୋଗ ଦେଇଥିଲେ। ଶାଳପର୍ଣ୍ଣୀର ସଦସ୍ୟ ଆଶିଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### କାର୍‌ମେଲ ସ୍କୁଲ ପକ୍ଷରୁ ଦାଣ୍ଡିଆ ନୃତ୍ୟ ପ୍ରତିଯୋଗିତା

ଛତ୍ରପୁର, ୧୯।୧୦(ଦିଲୀପ ସାମଲ):

ମା' ଦୁର୍ଗାଙ୍କ ନବରାତ୍ର ଉପଲକ୍ଷେ ଛତ୍ରପୁର କାରମେଲ ସ୍କୁଲ ପକ୍ଷରୁ ପ୍ରଥମଥର ପାଇଁ ଆନ୍ତଃବିଦ୍ୟାଳୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ନବରାତ୍ର ଚାଲିଥିବାରୁ ଦାଣ୍ଡିଆ ନାଚକୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ ଗଞ୍ଜାମ ଜିଲାର ୮ଟି ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କାରମେଲ ସିନିୟର ସେକେଣ୍ଡେରୀ ସ୍କୁଲର ପ୍ରିନ୍ସପାଲ ସିଷ୍ଟର ଡରେଟଙ୍କ ସଭାପତିତ୍ୱରେ ଏହି ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ସୀତାରାମ ପାତ୍ର ଯୋଗଦେଇଥିଲେ। ଏହି ଦାଣ୍ଡିଆ ପ୍ରତିଯୋଗିତାରେ ବ୍ରହ୍ମପୁରର ରବି ସନ୍ତୋଷ ପଟ୍ଟନାୟକ ଓ ଇସା ପାତ୍ର ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ୧ମ ସ୍ଥାନ ଭାବେ ଏମଏଭି ବ୍ରହ୍ମପୁର ସ୍କୁଲ, ଗୁରୁ ନାନକ ସ୍କୁଲ ୨ୟସ୍ଥାନ ଓ ଛତ୍ରପୁର କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

### ବିଭିନ୍ନ ବିଭାଗର ପାଠଚକ୍ର

ଭଞ୍ଜନଗର,୧୯।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ଏକ ପାଠଚକ୍ର ହୋଇଯାଇଛି। ଅଧ୍ୟାପକ ଫିଲିପ କୁମାର ମଲିକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାଶ ସଭାପତିତ୍ୱ କରିଥିଲେ। ବାୟୋ ପ୍ଲାଷ୍ଟିକ୍ସ ଉପରେ ଲିଖିତ ସଂଦର୍ଭ ଟିକୁ ଛାତ୍ର ସତ୍ୟବ୍ରତ ବିଷୋୟୀ ପଠନ କରିଥିଲେ। ତାଙ୍କୁ ବିଭାଗୀୟ ଅଧ୍ୟାପକ ଅମୀୟ ରଞ୍ଜନ ପଣ୍ଡା ସହଯୋଗ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ମରଣିକା ପାଢ଼ି ପାଠଚକ୍ର ସମ୍ପର୍କରେ କହିଥିଲେ। ଅଧ୍ୟାପକ ଶରତ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଇଂଲିଶ ବିଭାଗ ପକ୍ଷରୁ ଆୟୋଜିତ ପାଠଚକ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସାତ୍ୟକି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ବିଭାସ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପକ ସନାତନ ବେହେରା, ହରମୋହନ ନାୟକ, ଡଃ ପି ସୁନାମ ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ଅର୍ଥନୀତି ବିଭାଗ ପକ୍ଷରୁ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ରବିନ୍ଦ୍ର ନାଥ ପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଅନିତା ମହାପାତ୍ର, ଅଧ୍ୟାପକ ଆମାସ ପାଟମାଝୀ, ବିଜୟ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ଗଞ୍ଜାମ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଗଞ୍ଜାମ,୧୯।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ଭାରତୀ ବିଦ୍ୟାପୀଠରେ ଗଞ୍ଜାମ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓଡ଼ିଶା ମିଲେଟ୍‌ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ମୁଖ୍ୟବକ୍ତା ବିଇଓ ଭାଗୀରଥି ବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ବିଜୟ ଚନ୍ଦ୍ର ବେହେରା, ଏବିଇଓ ସଂଯୁକ୍ତା ବେହେରା, ଭାରତୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଜେନା, ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ନିରଞ୍ଜନ ମହାପାତ୍ର ଓ ଦାମୋଦର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ଗୀତାଞ୍ଜଳି ସ୍ୱାଇଁ, ସୁନିଲ ବେହେରା, ସୁଦର୍ଶନ ବେହେରା, ସଂଯୁକ୍ତା ଦାଶ, ରବିନ୍ଦ୍ର ନେପାକ, ଲକ୍ଷ୍ମୀ ଚରଣ ବେହେରା ପ୍ରମୁଖ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

# ୧୧ ବର୍ଷ ପରେ ୯ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

## ତୁଳସିପଲ୍ଲୀର ନାଲୁ ଗୌଡ଼ ହତ୍ୟା ମାମଲା

ଭଞ୍ଜନଗର,୧୯।୧୦(ବାବୁଲା ପ୍ରଧାନ):

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ତୁଳସିପଲ୍ଲୀର ଯୁବ ନେତା ନାଲୁ ଗୌଡ଼ଙ୍କୁ ୨୦୧୨ ଫେବୃୟାରୀ ୧୭ରେ ହତ୍ୟା କରାଯାଇଥିଲା। ଏହି ମାମଲା ସେ ସମୟରେ ଭଞ୍ଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏଥିରେ ଡିହପଡ଼ାଳର କୁଲୁ ଭୁୟାଁ, ତାଙ୍କ ଭାଇ ସୁଜିତ ଭୁୟାଁ ସମେତ ୯ଜଣ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ଗୁରୁବାର ହାଇକୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ୧୧ ବର୍ଷ ୮ମାସ ପରେ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି । ହାଇକୋର୍ଟରୁ କାଗଜ ଆସି ଜେଲରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ଜେଲରୁ ମୁକୁଳିବେ। କୁଲୁ ସମେତ ୫ଜଣ ଅଭିଯୁକ୍ତ ବର୍ତ୍ତମାନ ଭଞ୍ଜନଗର, ବଡ଼ଦ, ଦିଗପହଣ୍ଡି ଜେଲରେ ବିଚାରଧିନ ବନ୍ଦୀ ଜୀବନ ବିତାଉଛନ୍ତି। ଆଉ ୪ଜଣ ଅଭିଯୁକ୍ତ ପୂର୍ବରୁ ଜାମିନରେ ଥିଲେ। ସୂଚନାଯୋଗ୍ୟ, ୨୦୧୨ ଫେବୃୟାରୀ ୧୬ରେ ପଞ୍ଚାୟତ ନିର୍ବାଚନ ହୋଇଥିଲା । ତୁଳସିପଲ୍ଲୀ ପଞ୍ଚାୟତରେ ନାଲୁ ଗୌଡ଼ଙ୍କ ମା' ପ୍ରମିଳା ଗୌଡ଼ ଏବଂ କୁଲୁ ଭୁୟାଁଙ୍କ ମା' ସରପଞ୍ଚ ପ୍ରତିଦ୍ୱନ୍ଦିତା କରିଥିଲେ। ଏଥିରେ ନାଲୁଙ୍କ ମା' ପ୍ରମିଳା ନିର୍ବାଚିତ ହୋଇଥିଲେ। ଏହାପରେ ନାଲୁ ଏବଂ ତାଙ୍କ ସମର୍ଥକମାନେ ମୁଖ୍ୟ ସଡ଼କରେ ବିଜୟ ଉତ୍ସବ ମନାଉଥିଲେ। ଏହି ସମୟରେ କୁଲୁ ଗୋଷ୍ଠୀଙ୍କ ଆକ୍ରମଣରେ ନାଲୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ପୋଲିସ ୨୧ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ସେଥିମଧ୍ୟରୁ ୯ଜଣଙ୍କୁ ଭଞ୍ଜନଗର ଏଡ଼ିଜେ ୨୦୧୮ରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଅନ୍ୟ ଅଭିଯୁକ୍ତମାନେ ଖଲାସ ହୋଇଯାଇଥିଲେ। ଏହାପରେ ସମସ୍ତ ୯ ଅଭିଯୁକ୍ତ ହାଇକୋର୍ଟରେ ଅପିଲ୍ କରିଥିଲେ। ହାଇକୋର୍ଟ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଶରେ ଖଲାସ କରିଦେଇଛନ୍ତି ବୋଲି ଭଞ୍ଜନଗର ଆଇନଜୀବୀ ଅଶୋକ କୁମାର ଗୌଡ, ପିତବାସ ବିଷୋୟୀ. ସୂଚନା ଦେଇଛନ୍ତି । ନିର୍ଦ୍ଦୋଶରେ ଖଲାସ ହୋଇଥିବା ଅଭିଯୁକ୍ତମାନେ ହେଲେ କୁଲୁ ଭୁୟାଁ, ସୁଜିତ ଭୁୟାଁ, ରବିନ୍ଦ୍ର ଭୁୟାଁ, ଆକୁଳି ମୁଳି, ମୁନା ଜେନା, ପଞ୍ଚାନନ ବେହେରା, ମନୋରଞ୍ଜନ ବିଷୋୟୀ, ପ୍ରଭା ଗୌଡ଼, ନୀଳମଣି ପ୍ରଧାନ । ଘଟଣା ପରଠାରୁ ଆଜକୁ ୧୧ ବର୍ଷରୁ ଊର୍ଦ୍ଧ୍ୱ ହେବ କୁଲୁ ସମେତ ଆଉ କିଛି ଅଭିଯୁକ୍ତ ଜେଲରେ ବିଚାରଧିନ ବନ୍ଦୀ ଜୀବନ ବିତାଉଥିଲେ। .

# ଖଣ୍ଡଦେଉଳି ହାଇସ୍କୁଲରେ ଅଭିଭାବକ ସମ୍ମିଳନୀ

ରମ୍ଭା,୧୯।୧୦(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତ ସ୍ଥିତ ଖଣ୍ଡଦେଉଳି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଡ. ଶଙ୍କର ନାରାୟଣ ବେଜଙ୍କ ସଭାପତିତ୍ୱରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଆଖପାଖ ଅଞ୍ଚଳରୁ ଆସିଥିବା ଅଭିଭାବକ/ଅଭିଭାବିକାମାନଙ୍କ ଅଭିଯୋଗ, ସ୍କୁଲର ଛାତ୍ରୀଛାତ୍ରମାନଙ୍କ ସମସ୍ୟା ଏବଂ ଗୋପବନ୍ଧୁ ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ଏବଂ ପରିଚାଳକ ଶିକ୍ଷକ ବିଘ୍ନରାଜ ଦାସ ଏବଂ ସହଯୋଗୀ ଶିକ୍ଷକ ବାଉରୀ ବନ୍ଧୁ ଗୌଡ଼ ପିଲାମାନଙ୍କର ପାଠପଢ଼ାଠାରୁ ଆରମ୍ଭ କରି ଖେଳ ଉପରେ ମନ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଚଳନା କରିଥିଲେ ସହପରିଚାଳକ ଶିକ୍ଷକ ସୁଧାକର ସ୍ୱାଇଁ ଏବଂ ସହଦେବ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବାବୁଲା ସ୍ୱାଇଁ, ପପୁନା ସ୍ୱାଇଁ, ସିଲୁ ବେଜ, ସୀତାକାନ୍ତ ମହାପାତ୍ର, ଉଗ୍ରସେନ ବଳିୟାର ସିଂ, ଉଲ୍ଲାସ ବେହେରା, ସୁଦର୍ଶନ ବେହେରା, ବିଜୟ କୁମାର ସାହୁ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ବଡ଼ଜେନା, ନର୍ମଦା ବେହେରା ମମତା ବେହେରା, କସ୍ତୁରୀ ମାଝୀ, ଆଲୋକ କୁମାର ସେନାପତି, ତୋଫାନ ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅର୍ଥନୀତି ବିଭାଗର ପାଠଚକ୍ର

ଛତ୍ରପୁର,୧୯।୧୦(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ )

କ୍ଷେତ୍ରମୋହନ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ଏକ ପାଠଚକ୍ର ଅନୁଷ୍ଠିତ ହୋଇଛି। 'ଭାରତରେ ସାମାଜିକ କ୍ଷେତ୍ରର ବିକାଶ' ଶୀର୍ଷକକୁ ନେଇ ହୋଇଥିବା ଏହି ଏକ ପାଠଚକ୍ରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଭୂପତି ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁକ୍ତ ୨ ଅଧ୍ୟକ୍ଷ ଡଃ ପ୍ରଫୁଲ୍ଲ କୁମାର ପାଳ, ପ୍ରାଧ୍ୟାପକ ଡଃ ସତୀଶ ପ୍ରସାଦ ନାୟକ, ପ୍ରାଧ୍ୟାପିକା ଡଃ ଧନଲକ୍ଷ୍ମୀ ପଟ୍ଟନାୟକ ଯୋଗଦେଇ ସାମାଜିକ କ୍ଷେତ୍ରର ବିଭିନ୍ନ ଦିଗ, ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରାକ୍ତନ ସହକାରୀ ପ୍ରଫେସର ଡଃ ସନ୍ଧ୍ୟାରାଣୀ ଦାସ ସାମାଜିକ ବୃଦ୍ଧି ଓ ବିକାଶ ମଧ୍ୟରେ ପାର୍ଥକ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ମାନବ ବିକାଶ ସୂଚକାଙ୍କ, ଦାରିଦ୍ର୍ୟ ସମ୍ପର୍କରେ ତଥ୍ୟ, ଏବଂ ସରକାରୀ ବ୍ୟୟ ସମ୍ପର୍କରେ ତଥ୍ୟ ଇତ୍ୟାଦିକୁ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ବିଭାଗୀୟ ଅଧ୍ୟାପିକା ମୀନାକ୍ଷୀ ଦାଶ ଅତିଥି ପରିଚୟ ପ୍ରଦାନ ସହ ପାଠଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ପାଠଚକ୍ର ସମ୍ପାଦିକା ବର୍ଷା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିବା ସହ ସଭା ସଂଯୋଜନା କରିଥିଲେ। ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାହ୍ନୁ ଚରଣ ବେହେରା ସହଯୋଗ କରିଥିବା ବେଳେ ଅଧ୍ୟାପିକା ଦୀପ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍ଗାରଗାଁରେ ହେବ ବିଶ୍ୱସ୍ତରୀୟ ବୃହତମ ଶସ୍ୟ ଷ୍ଟୋରେଜ୍

ଛତ୍ରପୁର,୧୯।୧୦(ସନ୍ତୋଷ ପାଢୀ):

ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ଅଙ୍ଗାରଗାଁ ସମବାୟ ସେବା ସମିତିରେ ବିଶ୍ୱସ୍ତରୀୟ ବୃହତମ ଶସ୍ୟ ଷ୍ଟୋରେଜ୍ ପ୍ରତିଷ୍ଠା ହେବ। ଏନେଇ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି । ରାଜ୍ୟର ୩୦ଟି ଜିଲାରେ ଗୋଟିଏ ଲେଖାଏଁ ବିଶ୍ୱସ୍ତରୀୟ ବୃହତମ ଷ୍ଟୋରେଜ୍ ପ୍ରତିଷ୍ଠା ପାଇଁ ପାଇଲଟ ପ୍ରକଳ୍ପ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏହା ଉପରେ ପଦକ୍ଷେପ ନେଇ ତ୍ୱରାନ୍ୱିତ କରିବାକୁ ଗଞ୍ଜାମ ଜିଲାପାଳଙ୍କୁ ଏକ ଚିଠି ରାଜ୍ୟ ସମବାୟ ସମିତିର ରେଜିଷ୍ଟ୍ରାରଙ୍କ ଠାରୁ ଆସିଛି । ଜିଲାପାଳ ମଧ୍ୟ ଏ ସମ୍ପର୍କରେ ଏକ ବୈଠକ ଡାକି ଆଲୋଚନା କରି ଜମି ଅଧିଗ୍ରହଣ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁସାରେ ଏହି ଷ୍ଟୋରେଜ୍ ୟୁନିଟ୍ ଅଙ୍ଗାରଗାଁ ମୌଜାର ୨.୧୩୯ ଏକର ପତିତ ଜମିରେ ପ୍ରତିଷ୍ଠା ହେବାକୁ ନିଷ୍ପତି ହୋଇଛି । ଏଥିପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଥିବା ସୂଚନା ଦିଆଯାଇଛି। ଏହି ଶସ୍ୟ ଷ୍ଟୋରେଜ୍ ୟୁନିଟ୍ ପ୍ରତିଷ୍ଠା ହେଲେ ଚାଷୀ ଓ ତାଙ୍କର ଅମଳ ଶସ୍ୟର ସଂରକ୍ଷଣ ସହ ସୁରକ୍ଷିତ ରହିପାରିବ ବୋଲି କୁହାଯାଇଛି।

# ଶ୍ୟାମାକାଳୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଛତ୍ରପୁର,୧୯।୧୦(ଦିଲୀପ ସାମଲ): ଛତ୍ରପୁର ନୀଳକଣ୍ଠେଶ୍ୱର ସାହିର ଯୁବଗୋଷ୍ଠୀ ପକ୍ଷରୁ ଚଳିତ ବର୍ଷ ଶ୍ୟାମାକାଳୀ ପୂଜା ଧୂମଧାମରେ ପାଳନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ଗୁରୁବାର ସନ୍ଧ୍ୟାରେ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । କର୍ମକାଣ୍ଡ ବିଶେଷଜ୍ଞ ସରୋଜ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ପୁରୋହିତ ରାହୁଲ କୁମାର ଦାସ ନୀତି ନିୟମ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। କର୍ତ୍ତା ଭାବେ ଅଭିଜିତ ଚୌଧୁରୀ ଦାୟିତ୍ୱ ତୁଲାଇଥିବା ବେଳେ ଆଦିତ୍ୟ ନାରାୟଣ ଦାସ, ମହେଶ ଗୌଡ଼, ଆଇନଜୀବୀ ପ୍ରଶାନ୍ତ



କୁମାର ଶତପଥୀ, ନିରଞ୍ଜନ ଚୌଧୁରୀ, ରିତେଶ କୁମାର ସେନାପତି, ରାଧେଶ୍ୟାମ ଫାଉଣ୍ଡେଶନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ତଥା ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ବିଜୁ ଜନତା ଦଳର ଛତ୍ରପୁର ନଗର ଉପସଭାପତି ଅଟଳ ବିହାରୀ ପଟ୍ଟନାୟକଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟଙ୍କ ଜନ୍ମ ଶତବାର୍ଷିକୀ

ରମ୍ଭା,୧୮।୧୦(ବନବାସୀ ସେଠୀ):

ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀଅରବିନ୍ଦ ଯୋଗାଶ୍ରମ ସୂର୍ଯ୍ୟନାରାୟଣଙ୍କ ସଭା ମଣ୍ଡପ ପରିସରରେ ଗୋପାଳ କୃଷ୍ଣ ସେନାପତିଙ୍କ ସଭାପତିତ୍ୱରେ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାତୃ ପତାକା ଉତ୍ତୋଳନ, ଶାରୀରିକ କ୍ରୀଡା କୌଶଳ ପ୍ରଦର୍ଶନ, ସାମୁହିକ ଧ୍ୟାନ, ଧ୍ୟାନ, ପ୍ରାର୍ଥନା, ଯୋଗାସନ ଓ ପ୍ରାଣାୟମ ଶିକ୍ଷା, କ୍ରୀଡା ନୈପୁଣ୍ୟ ପ୍ରଦର୍ଶିତ ହୋଇଥିଲା। ରାଜ୍ୟ ସଂଗଠକ ପ୍ରଭାତ କୁମାର ନାୟକ ଉପସ୍ଥିତ ଛାତ୍ରୀଛାତ୍ର ଆସ୍ପୃହା ମଣ୍ଡଳର ସମସ୍ତ ସଂଗଠକ ଓ ସଂଯୋଜକ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀବାଇ ଦଳେଇ, ଲକ୍ଷ୍ମୀଚରଣ ଦାସ, ଆଲୋଚିକା ସ୍ୱପ୍ନାରାଣୀ ମହାପାତ୍ର, ତ୍ରିଲୋଚନ ପାଳ, ଭିକାରୀ ଚରଣ ମହାପାତ୍ର, ପବିତ୍ର ମୋହନ ପଲେଇ, ପଦ୍ମଚରଣ ଗୌଡ଼, ଅଧ୍ୟକ୍ଷା ବେଦମତି ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଗୋପାଳ କୃଷ୍ଣ ସେନାପତି ଧନ୍ୟବାଦ ଦେଇଥିଲେ।

# ଶିକ୍ଷକତା କରିବା ମୁନାଙ୍କ ସ୍ୱପ୍ନ

ମୋହନା,୧୯।୧୦(ମନ୍ମଥ ମିଶ୍ର): ପାଠ ପଢି ଜଣେ ମାଷ୍ଟର ହେବି। ପିଲାଙ୍କୁ ପାଠ ପଢ଼ାଇ ଭଲ ବୁଦ୍ଧି ଶିଖାଇବି। ଏଭଳି ସ୍ୱପ୍ନ ଦେଖିଛି ଦିବ୍ୟାଙ୍ଗ ଛାତ୍ର ମୁନା ମାଳବିଷୋୟୀ। ହେଲେ ଅର୍ଥାଭାବରୁ ପାଠରେ ଡୋରି ଲାଗିଛି। ସରକାର ସାହାଯ୍ୟ କଲେ, ଯୁକ୍ତ ୨ରେ ନାମ ଲେଖାଇବା ସହ ସ୍ୱପ୍ନ ସାକାର ହୋଇପାରିବ ବୋଲି ମନରେ ଆଶା ରଖିଛନ୍ତି। ଗଜପତି ଜିଲା ମୋହନା ବ୍ଲକ୍ ମଳାସପଦର ପଞ୍ଚାୟତ ପଦ୍ମପୁର ଗାଁର ମୁନା ଛୋଟ ସମୟରୁ ପୋଲିଓ ରୋଗରେ ଆକ୍ରାନ୍ତ ହେବା ପରେ ଗୋଟିଏ ଗୋଡ ଅଚଳ ହୋଇଯାଇଛି। ପରିବାର କହିଲେ ବାପା ମାଆ, ୩ ଭାଇ ଓ ଗୋଟିଏ ଭଉଣୀ। ପରିବାର ଦାରିଦ୍ର୍ୟତା କାରଣରୁ ବାପା ବାହାର ରାଜ୍ୟରେ ଦାଦନ ଖଟି ଘର ଚଳାଉଛନ୍ତି। ମୁନା ଗାଁ ସ୍କୁଲରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୩୫୪ ନଂ ରଖି ପାସ କରିଛି। ପାଠ ପଢ଼ିବାର ବହୁ ଇଚ୍ଛା। ହେଲେ ଅର୍ଥାଭାବରୁ ଯୁକ୍ତ ୨ରେ ନାମ ଲେଖାଇ ନ ପାରି ଏବେ ଘରେ ବସିଛନ୍ତି। ମୁନା ପଢୁଥିବା ବିଦ୍ୟାଳୟରେ ଶିକ୍ଷକ ଜଣେ ଦିବ୍ୟାଙ୍ଗ ଅଟନ୍ତି। ସେ ନିୟମିତ ସ୍କୁଲ ଆସି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ତେଣୁ ତାଙ୍କଠାରୁ ସେ ମଧ୍ୟ ଜଣେ ଶିକ୍ଷକ ହେବାର ପ୍ରେରଣା

## ଅର୍ଥାଭାବରୁ ପାଠରେ ଡୋରି



ଦିବ୍ୟାଙ୍ଗ ଛାତ୍ର ମୁନା ମାଳ ବିଷୋୟୀ

ପାଇଛି ବୋଲି ମୁନା କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ କହିଛନ୍ତି, ଯେ କୌଣସି ଶିକ୍ଷାନୁଷ୍ଠାନରେ ବର୍ତ୍ତମାନ ସିଟ ଖାଲି ଅଛି। ନାମ ଲେଖାଇବାର ବ୍ୟବସ୍ଥା କରାଯିବ।

## ଧରାକୋଟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା

ଧରାକୋଟ,୧୯।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)– ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆଓ ଗୁରୁବାର ଧରାକୋଟ ବ୍ଲକରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଧରାକୋଟ ବିଡିଓ ଡେନିସ ବେହେରା, ତହସିଲଦାର କବିରାଜ ପ୍ରଧାନ,ବ୍ଲକ ସହକାରୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ଜଳ ପରିମଳ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା, ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ରାଶନ କାର୍ଡ,ବ୍ଲକରେ ଚାଲିଥିବା ବିଭିନ୍ନ ବିକାଶ କାର୍ଯ୍ୟ, ଜଳଯୋଗାଣ ସହ ଅନ୍ୟ ସରକାରୀ ଯୋଜନାର ସମୀକ୍ଷା କରିଥିଲେ। ଏଥିସହ ଗ୍ରାମାଞ୍ଚଳରେ ସରକାରୀ ଯୋଜନାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ପାଣି ସମସ୍ୟା ନେଇ କମା ଶାସନବାସୀଙ୍କ ରାସ୍ତାରୋକୋ

ଧରାକୋଟ,୧୯।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅନ୍ତର୍ଗତ ରେଣ୍ଟୀ ଦାମୋଦର ପଲ୍ଲୀ ପଞ୍ଚାୟତର କମା ଶାସନ ଗ୍ରାମରେ ପାନୀୟ ଜଳ ଯୋଗାଣ ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ଦ୍ୱାରା ଜାତୀୟ ରାଜପଥ ୫୯କୁ ଗୁରୁବାର ଅବରୋଧ କରାଯାଇ ଥିଲା। କମା ଶାସନ ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଏବଂ ସମଗ୍ର ଗ୍ରାମରେ ପାଣିର ସଙ୍କଟକୁ ନେଇ ଉତ୍ତ୍ୟକ୍ତ ସମସ୍ତ ଜନ ସାଧାରଣ ମହିଳାଙ୍କୁ ସାଙ୍ଗରେ ନେଇ ଖାଲି ହାଣ୍ଡି ମାଠିଆ ଧରି ରାଜପଥକୁ ଅବରୋଧ କରିଥିଲେ। ରାଜପଥ ଅବରୋଧ ଯୋଗୁ ଉଭୟ ପଟରେ ଶତାଧିକ ଯାତ୍ରୀଙ୍କ



ମହିଳମାନେ ହାଣ୍ଡି ମାଠିଆ ଧରି ରାସ୍ତା ଅବରୋଧ କରିଛନ୍ତି।

ସମେତ ଯାନବାହନ ଅଟକି ରହିଥିଲା। ଧରାକୋଟ ତହସିଲଦାର କବିରାଜ ପ୍ରଧାନ, ବିଡିଓ ଡେନିସ ବେହେରା,ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ଜଳ ଓ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁସ୍ମିତା ସିମାଲୁ, ଜଳ ପରିମଳ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ପୋଲିସ ସବ ଇନ୍ସପେକ୍ଟର ବାଲ୍ମୀକି ପ୍ରଧାନ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝସୁଝା କରିବା ସହ ସଙ୍ଗେ ସଙ୍ଗେ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇଥିଲେ। ଏହା ସହ ଗ୍ରାମରେ ବୋରୱେଲ ହେବା ପର୍ଯ୍ୟନ୍ତେ ଟ୍ୟାଙ୍କର ଦ୍ୱାରା ପାଣି ଯୋଗାଇ ଦେବାକୁ ପରିମଳ ବିଭାଗର ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମେଗା ଜଳ ପ୍ରକଳ୍ପରୁ କମା ଶାସନରେ ପ୍ରତି ଘରକୁ ପାଇପ ଯୋଗେ ସଂଯୋଗ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାପରେ ରାସ୍ତା ଅବରୋଧ ହଟିଥିଲା।


**ଟେଣ୍ଡର କଲ୍ ନୋଟିସ୍**
**ନିର୍ଦ୍ଦେଶକ ରାଉରକେଲା ସରକାରୀ ଡାକ୍ତରଖାନା, ରାଉରକେଲା**
**DIST.: SUNDARGARH**

**No. 3122/DIR, RGH** **Dt.: 18.10.2023**

No. E-488: Sealed tenders are invited from registered manufactures / authorized distributors for supply of ଔଷଧ ଉପଯୋଗୀ ସାମଗ୍ରୀ ଏବଂ ବାୟୋମେଟିକାଲ୍ ବର୍ଜ୍ୟବସ୍ତୁ ଯୋଗାଣ for Rourkela Govt. Hospital, Rourkela, Dist.: Sundargarh. Details regarding the terms & conditions and tender paper may be download from **www.sundargarh.nic.in** and submit in the Office of the undersigned. The tender should reached in the Office of the undersigned by 16.11.2023 till 5.00 P.M. through Speed Post, Registered Post and Courier services along with all relevant documents and EMD. The tender will be opened 18.11.2023 at 11 A.M. in the presence of the tenderer or their authorized representative. The undersigned reserved the right to reject or cancelled above tender without assigned any reason thereof.

**Sd./- (Dr. Santosh Kumar Swain)**
**Director, RGH, Rourkela**
**OIPR-10158/11/0002/2324**

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM,BERHAMPUR**
No.O-1311
Phone:0680-2291405, E-Mail:eerw_gm1@yahoo.co.in
**Government of Odisha, e-Procurement Notice**
**Bid Identification No.Online Tender//04//SERWDG-I//2023-24**
**Letter No.3772// RWDG-I//BAM//Date:16.10.2023**

| | | | |
|---|---|---|---|
| 1 | Name of the Work | :: | Repair to Road Works |
| 2 | Estimated Cost | :: | Rs.1.68 to 25.21 Lakhs |
| 3 | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the Portal | :: | From 20.10.2023 at 11.30 AM to 31.10.2023 upto 6.00 P.M. |
| 5 | Last Date/Time for Receipt of Bids in the Portal | :: | 31.10.2023 upto 6.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.

**Sd./- Superintending Engineer**
**R.W. Division-I, Ganjam, Berhampur**
**OIPR-25085/11/0006/2324**

**E-Procurement Notice**
**OFFICE OF THE DIRECTOR,**
**TEXT BOOK PRODUCTION & MARKETING**
**KHARVEL NAGER, UNIT-III, BHUBANESWAR-751001.**
**No.n-204: TEL. NO.0674-2380871/72**
**E.MAIL-directortbpmodisha@gmail.com**
**Bid Letter No. 10444/TBPM.** **Dated. 18.10.2023**

01.Description of tender: National Tender for Transportation of N.T.Books & allied Books from truck owners/Transport Agencies/Transport Contractors having registered "Agent Licence" for transportation of N.T.Books & Allied Books to different District Headquarter/Blocks all over Odisha for the Academic Session 2024-25.
02. Date & Time of availability of bid document in the portal
**Start Date & Time: 19.10.2023 10.00 A.M.**
**Closing Date & Time: 08.11.2023 05.00 PM.**
03. Name and address of the O.I.T.: O/o the Director, Text Book Production & Marketing, Kharvel Nagar, Unit-III, Bhubaneswar-751001.
Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in.
Further details regarding of bid documents, online participation can be seen from the e-procurement portal https://tendersodisha.gov.in. Subsequent corrigendum/ Addendum and cancellation if any require will be hosted on same website. The Director, TBPM reserves the right to accept or reject (Fully/Partly) tender without assigning any reason thereof.

**Sd/- DIRECTOR,**
**TEXT BOOK PRODUCTION & MARKETING,**
**BHUBANESWAR-1**
**OIPR-02005/11/0014/2324**

**OFFICE OF THE ENGINEER-IN-CHIEF (CIVIL)**
**ODISHA, BHUBANESWAR**
**GOVERNMENT OF ODISHA**
**"e"-PROCUREMENT NOTICE**
**WORKS DEPARTMENT**
**E-mail : ceworldbankprojects@gmail.com**
**Bid Identification No. CE-W.B.P. (O) - 28 / 2023-24**

**No.B-1102:**1.The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2. Nature of work : Bridge works
3. No. of work : 11 Nos.
4. Tender cost : Rs.10,000.00 (on-line)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 19.10.2023 to 5.00 PM of 14.11.2023
7. Date of opening of Bid : Dt.15.11.2023 at 11.30 AM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

**Sd./- Chief Engineer**
**World Bank Project, Odisha**
**OIPR-34003/11/0047/2324**

# ବିକଶିତ ଗାଁ ହେବ ଆଧୁନିକ ଓଡ଼ିଶାର ପରିଚୟ: ମୁଖ୍ୟମନ୍ତ୍ରୀ






ଆମ ଓଡ଼ିଶା ନବୀନ ଓଡ଼ିଶାକୁ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିବା ସମୟରେ ପାଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ। କେନ୍ଦ୍ରାପଡ଼ାରେ ଉପସ୍ଥିତ ଲୋକେ।

- ଆମ ଓଡ଼ିଶା ନବୀନ ଓଡ଼ିଶାରେ କେନ୍ଦ୍ରାପଡ଼ାର ୩୩୫୩ ପ୍ରକଳ୍ପ
- ଶ୍ରୀକ୍ଷେତ୍ର ପରି ତୁଳସୀକ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି

**କେନ୍ଦ୍ରାପଡ଼ା, ୧୯।୧୦ (ଜଗନ୍ନାଥ ଧଳ)**

ସବୁ ଗ୍ରାମର ବିକାଶ ଆମର ଲକ୍ଷ୍ୟ। ପ୍ରତି ଗ୍ରାମରେ ସଂସ୍କୃତିର ସୁରକ୍ଷା ହେବ। ଗ୍ରାମର ଲୋକ ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇବେ। ବିକଶିତ ଗ୍ରାମ ଆଧୁନିକ ଓଡ଼ିଶାର ପରିଚୟ ହେବ। ତୁଳସୀ କ୍ଷେତ୍ରକୁ ଶ୍ରୀକ୍ଷେତ୍ର ପୁରୀ ପରି ବିକଶିତ କରିବାକୁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ୫-ଟି ଅଧୀନ ଆମ ଓଡ଼ିଶା ନବୀନ ଓଡ଼ିଶା ଅଭିଯାନ ଗୁରୁବାର ଆରମ୍ଭ ଅବସରରେ ପ୍ରକାଶ କରିଛନ୍ତି। ଭୁବନେଶ୍ୱରରୁ ଭର୍ଚ୍ଚୁଆଲ ଯୋଗେ କେନ୍ଦ୍ରାପଡ଼ା ଜିଲାର ଏହି ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି ଯେ, ପ୍ରତି ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପାଇଁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ା ଜିଲାର ୫ ନିର୍ବାଚନମଣ୍ଡଳୀ ପାଇଁ ୩୩୫୩ଟି ପ୍ରକଳ୍ପ କାର୍ଯ୍ୟ ପାଇଁ ମୋଟ ୧୨୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି।

ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ ବ୍ଲକ ଅଞ୍ଚଳର ମୋଟ ୫୬୬ ପ୍ରକଳ୍ପ ଥିବା ବେଳେ ୨୫୫୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏଥିରେ ୧୯ ପୂଜାସ୍ଥଳର ଉନ୍ନତୀକରଣରେ ୬୭.୫୦ ଲକ୍ଷ, ୨ଟି ସ୍ଥାନରେ ସହରାଞ୍ଚଳ ସୁବିଧା ପାଇଁ ଉନ୍ନୟନ ବାବଦ ୧୫ ଲକ୍ଷ, ୯୦ ପ୍ରାଥମିକ ବିଦ୍ୟାଳୟ ଭିତ୍ତିଭୂମି ପାଇଁ ୫୮୦.୫୦ ଲକ୍ଷ, ମିଶନ ଶକ୍ତି ପାଇଁ ୪୬୦.୬୦ ଲକ୍ଷ, ଅନ୍ୟ ୨୪୫ ପ୍ରକଳ୍ପ ପାଇଁ ୮୧୧.୯୦ ଲକ୍ଷ, ୮୨ଟି ଜଗନ୍ନାଥ ସଂସ୍କୃତିର ପୁନରୁଦ୍ଧାର ପାଇଁ ୩୮୧ ଲକ୍ଷ ଓ ୭୬ଟି କ୍ରୀଡା ଭିତ୍ତିଭୂମିରେ ୨୩୩.୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ୨ ବ୍ଲକ ଅଞ୍ଚଳର ମୋଟ ୩୯ ପଞ୍ଚାୟତରେ ମୋଟ ୪୯୬ ପ୍ରକଳ୍ପରେ ୧୯୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିରେ ୩ଟି ପୂଜାସ୍ଥଳ ପାଇଁ ୧୦ ଲକ୍ଷ, ୧୩ କ୍ରୀଡା ଭିତ୍ତିଭୂମିରେ ୩୭ ଲକ୍ଷ, ୧୧୨ ସ୍କୁଲ ପାଇଁ ୫୪୦.୫୦ ଲକ୍ଷ ଟଙ୍କା, ମିଶନ ଶକ୍ତିରେ ୩୧୦.୫୦ ଲକ୍ଷ, ୧୯୬ଟି ଅନ୍ୟ ପ୍ରକଳ୍ପ ପାଇଁ ୬୩୫ ଲକ୍ଷ, ଜଗନ୍ନାଥ ସଂସ୍କୃତି ପାଇଁ ୩୫୬ ଲକ୍ଷ ଓ ୧୮ଟି ସ୍ଥାନରେ ପ୍ରକଳ୍ପ ପାଇଁ ୬୦.୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଆଳି ନିର୍ବାଚନମଣ୍ଡଳୀର ୨ ବ୍ଲକ ଅଞ୍ଚଳର ୬୩ ପଞ୍ଚାୟତ ପାଇଁ ୯୮୮ ପ୍ରକଳ୍ପ କାର୍ଯ୍ୟ ହେବାକୁ ଥିବା ବେଳେ ମୋଟ ୩୧୫୦ ଲକ୍ଷ ଟଙ୍କା ବ୍ୟୟକୁ ମଞ୍ଜୁରୀ ଦିଆଯାଇଛି। ୯ ପୂଜାସ୍ଥଳ ପାଇଁ ୨୬ ଲକ୍ଷ, ୪ ଇ' ଲାଇବ୍ରେରି ପାଇଁ ୧୧ ଲକ୍ଷ, ୯୬ ପ୍ରାଥମିକ ସ୍କୁଲ ପାଇଁ ୪୪୦.୫୦ ଲକ୍ଷ, ମିଶନ ଶକ୍ତିରେ ୨୩୮.୫୦ ଲକ୍ଷ, ୭୧୧ ଅନ୍ୟ ପ୍ରକଳ୍ପରେ ୨୦୪୬ ଲକ୍ଷ, ଜଗନ୍ନାଥ ସଂସ୍କୃତି ପାଇଁ ୨୧୦.୫୦ ଲକ୍ଷ ଓ ୬୮ କ୍ରୀଡା ଭିତ୍ତିଭୂମି ପାଇଁ ୧୭୭.୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ରାଜନଗର ନିର୍ବାଚନମଣ୍ଡଳୀ ୨ ବ୍ଲକ ୪୮ ପଞ୍ଚାୟତ ପାଇଁ ମୋଟ ୬୨୭ ପ୍ରକଳ୍ପ କାର୍ଯ୍ୟ ସାରିବା ପାଇଁ ମୋଟ ୨୪୦୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏଥିରେ ୨ଟି ପୂଜା ସ୍ଥଳ ବିକାଶ ପାଇଁ ୫.୫୦ ଲକ୍ଷ, ଗୋଟିଏ ଐତିହ୍ୟ ସ୍ଥଳ ଉନ୍ନତୀକରଣ ପାଇଁ ୪ ଲକ୍ଷ, ୭୬ ପ୍ରାଥମିକ ସ୍କୁଲ ପାଇଁ ୩୬୩ ଲକ୍ଷ, ମିଶନ ଶକ୍ତିରେ ୩୧୪.୫୦ ଲକ୍ଷ, ୩୫୪ ଅନ୍ୟ ପ୍ରକଳ୍ପରେ ୧୨୩୫.୨୫ ଲକ୍ଷ, ୧୧୮ ଜଗନ୍ନାଥ ସଂସ୍କୃତି ପୀଠର ଉନ୍ନୟନ ପାଇଁ ୪୦୨.୨୫ ଲକ୍ଷ ଓ ୨୨ଟି ସ୍ଥାନକୁ ସହରାଞ୍ଚଳ ପରି ସୁବିଧା ପାଇଁ ୭୫.୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ଦିଆଯାଇଛି। ସେହିପରି ମହାକାଳପଡ଼ା ନିର୍ବାଚନମଣ୍ଡଳୀର ୨ ବ୍ଲକ ଅଞ୍ଚଳର ୪୮ ପଞ୍ଚାୟତ ପାଇଁ ମୋଟ ୬୭୬ ପ୍ରକଳ୍ପରେ ୨୪୦୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ନିର୍ବାଚନମଣ୍ଡଳୀର ୫୪ ପୀଠ ସ୍ଥଳର ଉନ୍ନତୀକରଣ ପାଇଁ ୧୫୪ ଲକ୍ଷ, ୨୦ଟି ସ୍ଥାନର ଉନ୍ନତୀକରଣ ପାଇଁ ୬୯.୭୫ ଲକ୍ଷ, ୩୮ ପ୍ରାଥମିକ ସ୍କୁଲ ଭିତ୍ତିଭୂମି ପାଇଁ ୨୬୯.୫୦ ଲକ୍ଷ, ମିଶନ ଶକ୍ତିରେ ୨୨୭ ଲକ୍ଷ, ୩୮ ଅନ୍ୟ ପ୍ରକଳ୍ପରେ ୧୩୩୩.୭୫ ଲକ୍ଷ, ୭୪ଟି ଜଗନ୍ନାଥ ସଂସ୍କୃତି ପୀଠ ପାଇଁ ୨୨୬.୫୦ ଲକ୍ଷ ଓ ୪୭ଟି କ୍ରୀଡା ଭିତ୍ତିଭୂମି ପାଇଁ ୧୧୯.୫୦ ଲକ୍ଷ ଟଙ୍କା ଏହି ଅଭିଯାନରେ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ସାମିଲ ହୋଇଥିବା ବେଳେ ପାଟକୁରାରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ ଓ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ସାମିଲ ହୋଇଥିଲେ। ଜିଲାପାଳ ଅମୃତ ଋତୁରାଜ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ନିଲୁ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ ଜିଲାର ୯ ବ୍ଲକ ଅଞ୍ଚଳର ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ।

# ସିକିମ୍ ସ୍ୱତ୍ୱାଧାରୀଙ୍କୁ ମିଳିବ ସ୍ଥାୟୀ ପଟ୍ଟା




ଖବରଦାତା ସମ୍ମିଳନୀରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛନ୍ତି।

**ରାଜନଗର, ୧୯।୧୦ (ଭାସ୍କର ରାଉତରାୟ)**

ଦୀର୍ଘବର୍ଷ ଧରି ଜମି ଭୋଗ ଦଖଲ କରୁଥିଲେ ମଧ୍ୟ ଜମିର ଅଧିକାର ସେମାନଙ୍କୁ ମିଳୁ ନ ଥିଲା। ହଜାର ହଜାର ପରିବାର ଦୀର୍ଘବର୍ଷ ହେଲା ଏ ନେଇ ଦାବି କରି ଆସୁଥିଲେ। ଗୁରୁବାର ରାଜ୍ୟ ସରକାରଙ୍କ କ୍ୟାବିନେଟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସିକିମ୍ ସ୍ୱତ୍ୱାଧାରୀଙ୍କୁ ସ୍ଥାୟୀ ପଟ୍ଟା ବା ସେମାନେ ଦଖଲ କରୁଥିବା ଜମି ଉପରେ ଅଧିକାର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସନ୍ଧ୍ୟାରେ କ୍ୟାବିନେଟ ନିଷ୍ପତ୍ତି ପରେ ରାଜନଗର ବିଧାୟକ ଧ୍ରୁବ ସାହୁ ଖବରଦାତା ସମ୍ମିଳନୀ କରି ଏହି ନିଷ୍ପତ୍ତ ଯୋଗୁଁ କେନ୍ଦ୍ରାପଡ଼ା ଜିଲାର ୫୦ ହଜାର ପରିବାର ଉପକୃତ ହେବେ। ଏହି ଐତିହାସିକ ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ ଅନୁସାରେ ସିକିମ୍ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ଅବଧି ୧୯୭୭ ଯାଏଁ ଥିଲା। ସମସ୍ତ ସିକିମ୍ ଚାଷୀ ଏହି ଅବଧି ସମୟ ମଧ୍ୟରେ ଆବେଦନ କରି ପାରି ନ ଥିଲେ। ଏହି ଜମିକୁ ଚାଷଜମି ଓ ବାସଗୃହ ଭାବେ ବ୍ୟବହାର କରୁଥିଲେ ମଧ୍ୟ ଜମି ଉପରେ ସତ୍ତ୍ୱାଧିକାର ସାବ୍ୟସ୍ତ କରି ପାରୁ ନ ଥିଲେ। ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ର ୪ ଧାରାର ଆବଶ୍ୟକୀୟ ଉପଧାରାକୁ ସଂଶୋଧନ କରିବା ପାଇଁ ଗୁରୁବାର କ୍ୟାବିନେଟରେ ପ୍ରସ୍ତାବ ପାରିତ ହୋଇଛି। ସିକିମ ସ୍ୱତ୍ୱାଧାରୀମାନେ ଆଇନର ବିଜ୍ଞପ୍ତି ପ୍ରକାଶ ପାଇବାର ୨ ବର୍ଷ ମଧ୍ୟରେ ରାଜସ୍ୱ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଏହି ଜମି ପାଇଁ ସିକିମ ସ୍ୱତ୍ୱାଧାରୀମାନେ ଷ୍ଟାଣ୍ଡାର୍ଡ ଏକର ପିଛା ୧୪.୨୦୦ ଟଙ୍କା ହିସାବରେ ଅର୍ଥ ଦେବାକୁ ପଡ଼ିବ। ଏହି ଅର୍ଥ ସିକିମ ଜମିର ମୂଳ ରୟତ କିମ୍ବା ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯିବ। ଏହି କ୍ଷତିପୂରଣ ରାଶିର ପରିମାଣ ଓ ଆବେଦନର ସମୟସୀମା ସରକାର ପରିବର୍ତ୍ତନ କରିପାରନ୍ତି। ଏହି କୃତଜ୍ଞତା ସଭାରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ଆମ୍ଭାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ନିର୍ବାଚନମଣ୍ଡଳୀ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ ନାୟକ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ସାଧାରଣ ସମ୍ପାଦକ ନରହରି ଜେନା, ବ୍ଲକ ମିଡିଆ ସଂଯୋଜକ ବିଜ୍ଞାନ ରଞ୍ଜନ ଜେନା, ରାଜ୍ୟ ଛାତ୍ର ବିଜେଡି ଯୁଗ୍ମ ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ବରିଷ୍ଠ ନେତା ସର୍ବେଶ୍ୱର ମହାନ୍ତି, ନବ କିଶୋର ପାତ୍ର, ମନୋଜ କୁମାର ସ୍ୱାଇଁ, ପ୍ରଦୀପ ଲେଙ୍କା, ରେବତୀ ରମଣ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡ଼ା ଇଞ୍ଜେକଶନ ଥାଇ ବି ଦିଆଯାଉନି

- ଇଞ୍ଜେକଶନ ନ ପାଇଁ ଜଣେ ରୋଗୀଙ୍କ ମୃତ୍ୟୁ ଅଭିଯୋଗ
- ତଦନ୍ତ ନିର୍ଦ୍ଦେଶ ଦେଲେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ


OFFICE OF THE M.O. I/C DHARMASALA C.H.C
DIST- JAJPUR

**କାଏମା, ୧୯।୧୦ (ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପକାମୁଡ଼ା ଇଞ୍ଜେକଶନ ଥାଇ ବି ରୋଗୀଙ୍କୁ ଦିଆଯାଉନି। ଫଳରେ ଠିକ୍ ସମୟରେ ଇଞ୍ଜେକଶନ ନ ପାଇ ଧର୍ମଶାଳା ଥାନା କାଏମା ପଞ୍ଚାୟତ ନାଉପାଳ ଗ୍ରାମର ଦେବେନ୍ଦ୍ର ରାଉତଙ୍କ ପୁଅ ଜ୍ୟୋତିରଞ୍ଜନ ରାଉତ(୩୫)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ମୁତାବକ, ଗତ ୨ ତାରିଖ ରାତି ପ୍ରାୟ ୧ ଟାରେ ଜ୍ୟୋତିରଞ୍ଜନଙ୍କୁ ଏକ ସାପ କାମୁଡ଼ିଦେଇଥିଲା। ପରିବାର ଲୋକେ ଏକଥା ଜାଣିବା ପରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କାର୍ଯ୍ୟରତ ଥିବା ଡା. ଜୋନାଲି ବିଶ୍ୱାଳ ଏଠାରେ ସାପ କାମୁଡ଼ା ଔଷଧ ନ ଥିବା କହିଥିଲେ। ଏଥିସହିତ ଏକ ଟିଟାନସ ଇଞ୍ଜେକ୍ସନ ନେଇ କଟକ ଚାଲିଯିବାକୁ ପରାମର୍ଶ ଦେଇଥିଲେ। ଫଳରେ ଠିକ ସମୟରେ ଇଞ୍ଜେକଶନ ନ ମିଳିବାରୁ କଟକରେ ୩ ତାରିଖରେ ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ବାସ୍ତବରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣ୍ଟିଭେନମ ବା ସାପ କାମୁଡ଼ା ଇଞ୍ଜେକ୍ସନ ମହଜୁଦ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ୱୀକାର କରିଥିଲେ। ଜ୍ୟୋତିରଞ୍ଜନଙ୍କ ଭାଇ ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେବା ପରେ ସ୍ୱାଇଁ ଡା. ପ୍ରତ୍ୟୁଷ ମହାରଣାଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍‌କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ଦାୟିତ୍ୱରେ ଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ସେହିପରି ସରକାରଙ୍କ ପକ୍ଷରୁ ଏଠାରେ ମାଗଣା ଔଷଧ ବଣ୍ଟନ ବ୍ୟବସ୍ଥା କରାଯାଉଛି। କିନ୍ତୁ ଅନେକ ସମୟରେ ଅଧା ଔଷଧ ମିଳୁନାହିଁ। ଆଗାମୀ ଦିନରେ ଏଥିପ୍ରତି ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସ୍ୱାସ୍ଥ୍ୟବିଭାଗ ବଦନାମ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏଠାରେ ରାତି ଡ୍ୟୁଟିରେ ରହୁଥିବା କର୍ମଚାରୀଙ୍କ ବ୍ୟବହାର ଖରାପ ହେଉଥିବା ଅଭିଯୋଗ ହୋଇଛି। ଏଥିପ୍ରତି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଏକ ମିଟିଂରେ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଦିତ୍ୟ


@ ଅସିତ୍


@ ବିଚିତ୍ରମୟ


@ ରଞ୍ଜନ


@ ସଚିନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟମକା-ମଙ୍ଗଳପୁର ୪ ଥାକିଆ ରାସ୍ତା ପାଇଁ ଭୂମିପୂଜନ




ଭୂମି ପୂଜନ ଉତ୍ସବରେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଓ ଅନ୍ୟମାନେ।

**କାଳିଆପାଣି, ୧୯।୧୦ (ଅସିତ ମହାନ୍ତ):** ଟମକା-ମଙ୍ଗଳପୁର ୪ ଥାକିଆ ରାସ୍ତା ନିର୍ମାଣ ପାଇଁ ସୁକିନ୍ଦା ବ୍ଲକ୍ ଅଧୀନ କୋଳିପଶିଠାରେ ଗୁରୁବାର ଭୂମିପୂଜନ କରାଯାଇଛି। ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ମୁଖ୍ୟଅତିଥି ଓ ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭୂମି ପୂଜନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଟମକାଠାରୁ ୨୫ କି.ମି. ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇ ଟେଣ୍ଡର କରାଯାଇଛି। ରାସ୍ତା କାର୍ଯ୍ୟକୁ ଦୁର୍ଗା କନ୍‌ଷ୍ଟ୍ରକଶନ ଠିକା ସଂସ୍ଥା ନେଇଛି। ଦୁଇବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସଂସ୍ଥା ବିଭାଗୀୟ ଅଧିକାରୀଙ୍କ ନିକଟରେ ଚୁକ୍ତି କରିଛି।

୨୦୧୬ରେ ଗଠନ ହୋଇଥିବା ଜିଲା ଖଣିଜ ନ୍ୟାସ ପାଣ୍ଠିରୁ ପ୍ରଥମ କାର୍ଯ୍ୟ ଭାବେ ଏହି ରାସ୍ତା ନିର୍ମାଣ ନିମନ୍ତେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ନେତୃତ୍ୱରେ ଅଞ୍ଚଳର ଜନପ୍ରତିନିଧିମାନେ ଦାବି କରିଥିଲେ। ଦାବି ଯଥାର୍ଥ ହୋଇଥିବାରୁ ତତ୍କାଳୀନ ଜିଲାପାଳ ସତ୍ୟ କୁମାର ମଲ୍ଲିକ ଏଥିପାଇଁ ଅର୍ଥ ମଞ୍ଜୁର କରିଥିଲେ। ତେବେ ଦାବିର ୬ ବର୍ଷ ପରେ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାରୁ ପୂର୍ବତନ ମନ୍ତ୍ରୀ ଘଡ଼ାଇ ଓ ମନ୍ତ୍ରୀ ପ୍ରୀତି ରଞ୍ଜନଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

ପାଣିକୋଇଲି ପୂର୍ତ୍ତ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଆଇସି ମନୋରଞ୍ଜନ ମିଶ୍ର, ସିଇ ଦୁର୍ଗାପ୍ରସାଦ ମିଶ୍ର, ଏସ୍‌ଇ ପୂର୍ଣ୍ଣଚନ୍ଦ୍ର ଦଳାଇ, ଏସ୍‌ଡିଓ ଦିଲୀପ କୁମାର ନାୟକ, ଏଇଇ ମନୋଜ କୁମାର ମାଝି ଉପସ୍ଥିତ ଥିଲେ। ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ୩୭ ନଂ. ଜୋନ ଜିଲା ପରିଷଦ ସଭ୍ୟା ଜେମା ଚାଖି, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ବ୍ଲକ ସଭାପତି ବିବେକାନନ୍ଦ ବୋଷ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଦ୍ୟାଧର ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

# ମା'ମଙ୍ଗଳାଙ୍କ ପୀଠରେ ବନ୍ଦ ହୋଇଛି ବଳିପ୍ରଥା

**ଯାଜପୁର, ୧୯।୧୦ (ହର୍ଷବର୍ଦ୍ଧନ ବେହେରା)**

ଶକ୍ତିମାତୃକାମାନଙ୍କ ଆବିର୍ଭାବ ନେଇ ବିଭିନ୍ନ ପୁରାଣରେ ଭିନ୍ନ ଭିନ୍ନ କଥାମାନ ରହିଛି । ମଣିଷର ପରିକଳ୍ପନାରେ ସର୍ବପ୍ରଥମେ ଦେବୀ ଚେତନା ଓ ମାତୃ ଚେତନା ସ୍ଥାନ ପାଇଛି। ଏହି କ୍ରମରେ ବ୍ୟାସ ସରୋବର ନିକଟରେ ମା'ମଙ୍ଗଳାଙ୍କ ପୀଠ ରହିଛି । ରାଜାରାଜୁଡା ଶାସନ ସମୟରେ ରାଜାମାନେ ମାନସିକ ରଖି ମା'ମଙ୍ଗଳା ମନ୍ଦିରକୁ ପୂଜା କରି ଯାଉଥିଲେ ବୋଲି ଜନଶ୍ରୁତି ରହିଛି । ଏହି ପବିତ୍ର ଶକ୍ତି ଉପାସନା ପୀଠରେ ମା'ମଙ୍ଗଳା ପ୍ରତ୍ୟକ୍ଷ ଭାବେ ଦର୍ଶନ ଦେଇଥାନ୍ତି ବୋଲି ଅତୁଟ ବିଶ୍ୱାସ ରହିଛି । ପାର୍ବଣ ଅବକାଶରେ ଏଠାରେ ତନ୍ତ୍ରୋକ୍ତ ବିଧାନରେ ପୂଜାର୍ଚ୍ଚନା କରାଯିବା ପରମ୍ପରା ଆବହମାନ କାଳରୁ ପ୍ରଚଳିତ । ବୈଶାଖ ମାସ ପଣା ସଂକ୍ରାନ୍ତୀରେ ପ୍ରତିଷ୍ଠା ଅବସରରେ ପୂର୍ବରୁ ବଳିପ୍ରଥା ଚାଲିଥିଲା । ଏପରି କି ପ୍ରତ୍ୟେକ ମଙ୍ଗଳବାର ବୋଦା ଓ କୁକୁଡ଼ା ବଳିରେ ମନ୍ଦିର ପରିସର ରକ୍ତରଞ୍ଜିତ ହେଉଥିଲା । ଗତ ପ୍ରାୟ ୧୦ ବର୍ଷ ହେଲା ସ୍ୱତଃପ୍ରେରିତ ଭାବେ ବଳି ପ୍ରଥା ବନ୍ଦ ହୋଇ ଯାଇଛି। ଭକ୍ତମାନେ ଭୋଗ, ଫୁଲ ଦେଇ ମା'ମଙ୍ଗଳାଙ୍କ ଆଶ୍ରିତ ହୋଇଥାନ୍ତି।



ବ୍ୟାସ ସରୋବର ନିକଟରେ ମା'ମଙ୍ଗଳାଙ୍କ ମନ୍ଦିର।

ମନ୍ଦିର ପ୍ରତିଷ୍ଠା ପଛରେ ଏକ ଜନଶ୍ରୁତି ରହିଛି । ପ୍ରାୟ ୨୦୦ ବର୍ଷ ତଳେ ସୁକିନ୍ଦା ରାଜା ଶ୍ରୀ ଭୁପତି ହରିଚନ୍ଦନଦାଶ ମହାପାତ୍ର ମୁଣ୍ଡମାଳ ଆସିଥିବାବେଳେ ତାଙ୍କୁ ସ୍ୱପ୍ନଦେଶ ହୋଇଥିଲା । ସ୍ୱପ୍ନଦେଶ ଅନୁସାରେ ମା'ମଙ୍ଗଳାଙ୍କ ଏକ ମନ୍ଦିର ସେ ନିର୍ମାଣ କରିଥିଲେ। ମନ୍ଦିରକୁ ଲାଗି ଏକ ସୁନ୍ଦର ପୋଖରୀଟିଏ ମଧ୍ୟ ଖନନ ହୋଇଥିଲା । ବୈଶାଖ ମାସ ପଣା ସଂକ୍ରାନ୍ତିରେ ୩ ଦିନ ଧରି ଏହି ମନ୍ଦିରରେ ହୋମଯଜ୍ଞ ହୋଇଥାଏ । ଏହି ଅବସରରେ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥାଏ । ରାଜାଙ୍କ ଆଦେଶ ଅନୁସାରେ ଏହି ମନ୍ଦିରରେ କୈବର୍ତ୍ତ ସମାଜର ବଂଶାନୁକ୍ରମିକ ଭାବେ ପୂଜାର୍ଚ୍ଚନା କରି ଆସୁଛନ୍ତି। ଗୁରୀ ଦେହୁରୀ, ବାଞ୍ଛାନିଧି ଦେହୁରୀ, କିର୍ତ୍ତନ ଦେହୁରୀ, ଚୈତନ୍ୟ ଦେହୁରୀ, କୃଷ୍ଣ ଦେହୁରୀ, କୈଳାସ ଦେହୁରୀ, ଖଗେଶ୍ୱର ଦେହୁରୀ, ନଣ୍ଡା ଦେହୁରୀ, ସଞ୍ଜୟ ଦେହୁରୀ, ନକୁଳ ଦେହୁରୀ ପ୍ରମୁଖ ମା'ମଙ୍ଗଳାଙ୍କ ସେବାରେ ନିୟୋଜିତ ହୋଇ ଆସୁଛନ୍ତି। ମନ୍ଦିରର ୫ ଏକର ୧୭ ଡେସିମିଲ ଜମି ରହିଛି । ସେହି ଜମିରେ ଚାଷବାସ କରି ମା'ଙ୍କ ପୂଜାର୍ଚ୍ଚନା ହୋଇ ଆସୁଛି । ଏ ପର୍ଯ୍ୟନ୍ତ ଦେବତ୍ତୋର ବିଭାଗ ଅବା ଜିଲା ପ୍ରଶାସନ ପକ୍ଷରୁ ମନ୍ଦିରର ଉନ୍ନୟନ ପାଇଁ କୌଣସି ଯୋଜନା ହାତକୁ ନିଆଯାଇ ନାହିଁ । ଭକ୍ତ ଏଠାରେ ଅଧିଆ ପଡିଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଅତୁଟ ବିଶ୍ୱାସ ରହିଛି । ମା'ଙ୍କ କରୁଣାରୁ ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ ବୋଲି ପୂଜକମାନେ କହିଛନ୍ତି ।

# ଲୁଚାଛପାରେ ବାଣ ତିଆରି ଚାଲିଛି

ନୟାଗଡ଼ ଅଫିସ,୧୯।୧୦

- ୧୧ ବର୍ଷରେ ଗଲାଣି ୧୪ ଜୀବନ
- ଲାଇସେନ୍ସ ନ କରି ହେଉଛି ବାଣ ବିକ୍ରି
- ଜନବସତିରେ ବାଣ ପ୍ରସ୍ତୁତିକୁ ନେଇ ଚିନ୍ତା

ନୟାଗଡ଼ ଜିଲାର ବିଭିନ୍ନ ଥାନା ଅଧୀନ ଗାଁ ଗହଳିରେ ବେଆଇନ ଭାବେ ବାଣ ତିଆରି ହେଉଛି । ଜନବସତିରେ ବାଣ ତିଆରି ହେଉଥିଲେ ମଧ୍ୟ ପୋଲିସର କାର୍ଯ୍ୟାନୁଷ୍ଠାନ ନାହିଁ । ଗତ ୧୧ ବର୍ଷ ଭିତରେ ବାଣ ବିସ୍ଫୋରଣରେ ୧୪ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି । ୧୪ଜଣଙ୍କ ମୃତ୍ୟୁ ପରେ ବି ବାଣ ତିଆରି ଆଜି ମଧ୍ୟ ଲୁଚାଛପାରେ ଚାଲିଛି । ଜିଲା ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ବେଆଇନ ବାଣ ଦୋକାନ ଖୋଲି ବିକ୍ରି ହେଉଛି । କିଛି ଅଘଟଣ ଘଟିଲେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି । ଏଭଳିସ୍ଥଳେ ଚଳିତ ବର୍ଷ ଦଶହରା ସମୟରେ ବିଭିନ୍ନ ଥାନା ପକ୍ଷରୁ କିଛି ବାଣ ପ୍ରସ୍ତୁତି ସ୍ଥାନ ଉପରେ ଚଢ଼ାଉ କରାଯାଇଛି। ତେବେ ଜଣେ କିମ୍ବା ଦୁଇଜଣଙ୍କୁ ଗିରଫ କରାଯାଇ ବାଣ ଚଢ଼ାଉରେ ପୂର୍ଣ୍ଣଚ୍ଛେଦ ପକାଯାଉଛି ।ତେବେ ଗିରଫ ପରେ ବି ବାଣ ପ୍ରସ୍ତୁତି ହେଉଥିବା ଅଭିଯୋଗ ହେଉଛି ।

ସୂଚନା ଅନୁଯାୟୀ, ୨୦୧୨ରେ ଇଟାମାଟି ଥାନାର ଗୋବିନ୍ଦପୁରରେ ବାଣ ବିସ୍ଫୋରଣରେ ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୬ରେ ଇଟାମାଟି ତନ୍ତିସାହିରେ ବିସ୍ଫୋରଣ ଘଟି ୮ଜଣଙ୍କ ମୃତ୍ୟୁ ଘଟିଥିଲା । ସେହିପରି ୨୦୧୯ରେ ଶରଣକୁଳ ଥାନାର ଗୋଡିପଡ଼ାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୫ରେ ଡେଣ୍ଡାବାଡ଼ିରେ ଜଣେ ଲୋକଙ୍କ ମୃତ୍ୟୁ ହୋଇଥିଲା । ବାଣ ତିଆରିର କୌଶଳକୁ ଦେଖିଲେ ସବୁ ବାଣ ଜନବସତିରେ ହେଉଥିଲା । ୨୦୧୨ଠାରୁ ୨୦୧୯କୁ ଅନୁଧ୍ୟାନ କଲେ ପୋଲିସର କାର୍ଯ୍ୟାନୁଷ୍ଠାନ ସନ୍ତୋଷଜନକ ନୁହେଁ । ବାଣ ବ୍ୟବସାୟୀ ଆଗରେ ପୋଲିସ ହାତ ଟେକି ଦେଲାପରି ଜଣାପଡୁଛି । ୨୦୨୦ ପରଠାରୁ ୩ବର୍ଷ ହେଲା କିଛି ଅଘଟଣ ଘଟି ନ ଥିଲେ ମଧ୍ୟ ବେଆଇନ ବାଣ କାରବାର ଉପରେ ରୋକ୍ ଲାଗି ପାରିନି । ଗାଁ ଗହଳିରେ ବେଆଇନ ବାଣ ତିଆରି ଚାଲିଛି । ସେହିଭଳି ଗାଁ ଓ ସହରରେ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଲାଇସେନ୍ସ ନ ଥାଇ ବାଣ ବିକ୍ରି ହେଉଛି । ନୟାଗଡ଼ ସହର, ଗୋଡିପଡ଼ା, ଇଟାମାଟି, ଭାପୁରର ଜାମୁସାହି, ନୂଆଗାଁର କୋରଡା ପରି ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ବାଣ ବିକ୍ରି ହେଉଛି । ବେଆଇନ ବାଣ ବିକ୍ରି ହେଲେ ସରକାରୀ ନିୟମ ପାଳନ ହେଉ ନ ଥିବାରୁ ବିସ୍ଫୋରଣକୁ ଏଡାଇ ହେବ ନାହିଁ । ଅନ୍ୟପକ୍ଷେ ଲାଇସେନ୍ସପ୍ରାପ୍ତ ବାଣ ବ୍ୟବସାୟୀ କ୍ଷତିରେ ପଡିବେ । ଏନେଇ ଜଣେ ବାଣ ବ୍ୟବସାୟୀ ନାଁ ଗୋପନ ରଖି କହିଛନ୍ତି, ଜନବସତିରେ ବାଣ ବ୍ୟବସାୟ ସମ୍ପର୍କରେ ପୋଲିସ ଜାଣେ । ହେଲେ ବାଣ ବ୍ୟବସାୟୀ ସହ ପୋଲିସର ସମ୍ପର୍କ ଯୋଗୁ କିଛି ଅସୁବିଧା ନ ଥାଏ । ଅଘଟଣ ଘଟିଲେ କେହି ଜାଣି ନାହାନ୍ତି ବୋଲି ସଫେଇ ଦିଆଯାଏ । କିଛି ଦିନ ପରେ ସବୁ କିଛି ଠିକ୍ ହୋଇଯାଏ, ଯାହା ଗୋବନ୍ଦପୁର, ଇଟାମାଟି, ଗୋଡିପଡ଼ା ଓ ଡେଣ୍ଡାବାଡ଼କୁ ନଜିର ଭାବେ ଧରାଯାଏ । ଅନ୍ୟପକ୍ଷେ ବିଭିନ୍ନ ସମୟରେ ବାଣ ବିସ୍ଫୋରଣରେ ମୃତ୍ୟୁ ଘଟୁଥିଲେ ମଧ୍ୟ ଏହି ଅଘଟଣର କାରଣକୁ ମଧ୍ୟ ପରିବର୍ତ୍ତନ କରାଯାଇଥାଏ । ମୋଟାମୋଟି ଭାବେ ପ୍ରଶାସନ ବେଆଇନ ବାଣ ବିକ୍ରି ଓ ପ୍ରସ୍ତୁତି ଉପରେ ଲଗାମ ଲଗାଇବା ଦରକାର ବୋଲି ମତ ପ୍ରକାଶ ପାଇଛି ।

ଏନେଇ ନୟାଗଡ଼ ସଦର ଥାନା ଆଇଆଇସି ଅନିତା ସାହୁ, ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ, ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରା କୁହନ୍ତି, ବେଆଇନ ବାଣ ଉପରେ ନଜର ଅଛି। ଅଧିକାଂଶ ସମୟରେ ଚଢ଼ାଉ ଚାଲିଛି। ଫତେଗଡ଼ ଥାନା ଆଇଆଇସି ସୁଜିତ କୁମାର ଦାସ କୁହନ୍ତି, ଦଶହରାକୁ ଆଖି ଆଗରେ ରଖି ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ ଜାରି ରହିଛି । ଗତ ୧୬ ତାରିଖରେ ଜାମୁସାହିରୁ ୮୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ ହୋଇଥିଲା । ୨୩୬/୨୩ରେ ମୋକଦ୍ଦମା ରୁଜୁ ହୋଇ ଭଗବାନ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ନୂଆଗାଁ ଥାନା ଅଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କା କୁହନ୍ତି, କୋରଡାରେ ବେଆଇନ ବାଣ ବିକ୍ରି ହେଉଥିବା ଅଭିଯୋଗ ହୋଇ ଆସୁଥିଲା । ଗତ ୧୬ରେ ଚଢ଼ାଉ କରାଯାଇ ୧୬୪/୨୩ରେ ମୋକଦ୍ଦମା କରାଯାଇ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।



## ସଂକ୍ଷେପରେ

### ମା'କାଉଁରୀଙ୍କ ଭୈରବୀ ବେଶ



ନୟାଗଡ଼,୧୯।୧୦(ଲୋକନାଥ ମିଶ୍ର)

ପାର୍ବଣ ଅବକାଶରେ ନୟାଗଡ଼ ବ୍ଲକ୍‌ର ଗୋବିନ୍ଦପୁରସ୍ଥିତ ମା'କାଉଁରୀ ଠାକୁରାଣୀଙ୍କ ଆଶ୍ୱିନ ପର୍ବ ନବପତ୍ରିକା ପର୍ବ ଚାଲୁ ରହିଛି। ମା'କାଉଁରୀ ୫ମ ଦିବସରେ ପିତଳ ଶ୍ରୀମୁଖରେ ଭୈରବୀ ବେଶରେ ଦର୍ଶନ ଦେଇଛନ୍ତି । ମା'ଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମୁଛି । ଗୁରୁବାର ଭୋର ସମୟରେ ମାଜଣା, ସୂର୍ଯ୍ୟପୂଜା, ଚଣ୍ଡୀପାଠ କରାଯାଇ ଭୋଗ ଲାଗି ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୦ଟାରେ ଅନ୍ନଭୋଗ ଓ ଅପରାହ୍ନ ୪ଟାରେ ଜାଲେରୀ ଭୋଗ, ସନ୍ଧ୍ୟା ୬ଟାରେ ଟେରାଭୋଗ, ୮ଟାରେ ନୀତି ଭୋଗ, ରାତିରେ ଶଙ୍ଖୁଡି ଭୋଗ ପରେ ପହୁଡ଼ ପଡିଥିଲା।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି

ଖଣ୍ଡପଡ଼ା,୧୯।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ଆସନ୍ତା ୨୬ରେ ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି।

# ଦଶହରା ଛୁଟି ଦିନକ ପୂର୍ବରୁ ଶ୍ରେଣୀ ଗୃହରେ ତାଲା

- ଖାଲି ପଡ଼ିଛି ଜାକେଡ଼ା ଆଶ୍ରମ ବିଦ୍ୟାଳୟ ଶ୍ରେଣୀ ଗୃହ ।
- ଡିମିରିପଲି ସ୍ମାର୍ଟ କ୍ଲାସ୍‌ରୁମ ସମେତ ଅନ୍ୟ ଶ୍ରେଣୀଗୃହ ବନ୍ଦ ରହିଛି ।

ନୂଆଗାଁ,୧୯।୧୦ (ଧନେଶ୍ୱର ସାହୁ)

ଦଶହରା ଛୁଟି ହେବାର ଦିନକୁ ପୂର୍ବରୁ ଅର୍ଥାତ୍ ଦଶହରା ଛୁଟିରେ ଶେଷ କାର୍ଯ୍ୟ ଦିବସ ଗୁରୁବାର ଶ୍ରେଣୀ ଗୃହରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା । ଆଉ କେତେକ ସ୍କୁଲରେ ଶ୍ରେଣୀ ଗୃହ ଖୋଲା ଥିଲେ ମଧ୍ୟ କେହି ନ ଥିଲେ । ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଥିବା ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟ, ଜାକେଡା ଆଶ୍ରମ ବିଦ୍ୟାଳୟ , ଡିମିରିପଲୀ ଆଶ୍ରମ ବିଦ୍ୟାଳୟ ଓ ସରକାରୀ ଡିମିରିପଲି ହାଇସ୍କୁଲରେ ଏପରି ସ୍ଥିତି ଦେଖିବାକୁ ମିଳିଥିଲା ।

ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀମାନେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟ , ଜାକେଡା ଆଶ୍ରମ ବିଦ୍ୟାଳୟ ଓ ଡିମିରିପଲି ଆଶ୍ରମ ବିଦ୍ୟାଳୟରେ ଏବଂ ଛାତ୍ରମାନେ ଡିମିରିପଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲରେ ରହି ସମ୍ପୃକ୍ତ ସ୍କୁଲରେ ପାଠ ପଢ଼ନ୍ତି। ଏଥି ସହିତ ସ୍ଥାନୀୟ ଛାତ୍ରୀଛାତ୍ର ମଧ୍ୟ ଉକ୍ତ ସ୍କୁଲରେ ଅଧ୍ୟୟନ କରନ୍ତି । ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟରେ ମୋଟ ୧୧୧ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସେଥି ମଧ୍ୟରୁ ୭୪ ଛାତ୍ରୀ ହଷ୍ଟେଲରେ ରହୁଥିବା ବେଳେ ୩୭ ଛାତ୍ରୀଛାତ୍ର ସ୍ଥାନୀୟ ଅଞ୍ଚଳର । ସରକାର ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଦଶହରା ଛୁଟି ଘୋଷଣା କରିଛନ୍ତି । ହେଲେ ଛୁଟି ହେବାର ୨ ଦିନ ପୂର୍ବରୁ ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କୁ ଘରକୁ ପଠାଇ ଦିଆଯାଇଥିବା ଅଭିଯୋଗ ହେଉଛି । ଛୁଟି ପୂର୍ବରୁ ଶେଷ କାର୍ଯ୍ୟ ଦିବସ ଗୁରୁବାରେ କେବଳ ୨ ଛାତ୍ରୀ ହଷ୍ଟେଲରେ ରହିଥିବା ବେଳେ ଶ୍ରେଣୀ ଗୃହରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା । ପ୍ରଧାନଶିକ୍ଷକ ସୁଧିର ମହଲଙ୍କୁ ପଚାରିବାରେ କିଛି ନ କହି ମୁହଁ ବୁଲାଇ ଚାଲି ଯାଇଥିଲେ । ସେହିପରି ଡିମିରିପଲି ଆଶ୍ରମ ବିଦ୍ୟାଳୟରେ ୧୧୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ହଷ୍ଟେଲରେ ୮୮ ଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳର ୩୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଗୁରୁବାର କୌଣସି ଛାତ୍ରୀଛାତ୍ର ସ୍କୁଲ ଆସି ନ ଥିବା ସ୍ଥାନୀୟ ଲୋକେ କହିବା ସହ ଶ୍ରେଣୀ ଗୃହରେ ତାଲା ଝୁଲୁଥିବା ବେଳେ ୫୦ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇଥିବା ସ୍କୁଲ ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ଲେଙ୍କା ସୂଚନା ଦେଇଥିଲେ । ସେହିପରି ଜାକେଡା ଆଶ୍ରମ ବିଦ୍ୟାଳୟରେ ୧୬୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଉକ୍ତ ସ୍କୁଲର ଶ୍ରେଣୀ ଗୃହ ଖୋଲାଥିଲେ ମଧ୍ୟ କୌଣସି ଛାତ୍ରୀଛାତ୍ର ସ୍କୁଲ ଆସି ନ ଥିବା ଦେଖିବାକୁ ମିଳିଥିଲା । ଡିମିରିପଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ସ୍କୁଲର ସମସ୍ତ ଶ୍ରେଣୀ ଗୃହ ବନ୍ଦ ରହିଥିବା ବେଳେ ହଷ୍ଟେଲରେ ଅଳ୍ପ ଛାତ୍ର ଥିଲେ । ଛୁଟି ପୂର୍ବରୁ ହଷ୍ଟେଲରୁ ଛାତ୍ରୀଛାତ୍ରମାନଙ୍କୁ ଘରକୁ ପଠାଇ ଦେଇ ସେମାନଙ୍କ ଖାଦ୍ୟ ଅନୁଦାନ ହଡପ କରାଯିବା ସହ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ ମଧ୍ୟ ସେମାନଙ୍କ ମଧ୍ୟାହ୍ନ ଭୋଜନ ଅନୁଦାନ ହଡପ ହେଉଥିବା ଅଭିଯୋଗ ହେଉଛି । ଘଟଣା ବିଷୟରେ ନୂଆଗାଁ ସମାଜ ମଙ୍ଗଳ ଅଧିକାରୀ ଯଜ୍ଞେଶ୍ୱର ନାୟକଙ୍କୁ ପଚାରିବାରେ ମୁଁ ନୂଆ କରି ଯୋଗ ଦେଇଛି । ବିଭାଗର ନିୟମ କାନୁନ ବାବଦରେ କିଛି ଜାଣିନି କହି ଏହି ଅଭିଯୋଗକୁ ଏଡାଇ ଯାଇଥିଲେ।



ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟ ଶ୍ରେଣୀ ଗୃହରେ ତାଲା ପଡ଼ିଛି।

### ଆଜିଠାରୁ ଚଣ୍ଡୀପାଠ, ମହାଯଜ୍ଞ

ଖଣ୍ଡପଡ଼ା,୧୯।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥ ପ୍ରସାଦ ଦରଦା ମା ମହିଷାଶୁଣୀଙ୍କ ପୀଠ ଓ କଣ୍ଟିଲୋ ପଞ୍ଚାୟତ ଅଧୀନ କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ଶ୍ରୀ ଦକ୍ଷିଣଚଣ୍ଡୀ ଦେବୀଙ୍କ ପୀଠରେ ମା'ଙ୍କ ଶାରଦୀୟ ତ୍ରିଦିନାତ୍ମକ ଦୁର୍ଗାପୂଜା ଶୁକ୍ରବାର ଠାରୁ ପାରମ୍ପରିକ ରୀତିରେ ଆରମ୍ଭ ହେଉଛି । ଏହି କାର୍ଯ୍ୟକ୍ରମ ତିନି ଦିନ ବ୍ୟାପୀ ଚଣ୍ଡୀପାଠ ଓ ମହାଯଜ୍ଞ ଅନୁଷ୍ଠିତ ହେବ । ସୋମବାର ଅପରାଜିତା ପୂଜା ଓ ଦଶହରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି ।

### ବୋଦସାରେ ଭାଜପାର ମିଶ୍ରଣ ପର୍ବ

ଖଣ୍ଡପଡ଼ା,୧୯।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବୋଦସା ପଞ୍ଚାୟତରେ ଗୁରୁବାର ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବୋଦସା ଗ୍ରାମର ପ୍ରଭୁଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେଡି ସଙ୍ଗଠକ ଓ କର୍ମୀ ଦଳଛାଡ଼ି ଭାଜପାରେ ଯୋଗଦେଇଛନ୍ତି । ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଭାଜପାରେ ସାମିଲ କରିଛନ୍ତି । ଏହି ମିଶ୍ରଣ ପର୍ବରେ ପରମେଶ୍ୱର ମହାନ୍ତିଙ୍କ ସମେତ ଭାଜପାର କର୍ମକର୍ତ୍ତା ଓ ସଙ୍ଗଠକ ଉପସ୍ଥିତ ଥିଲେ।

### ବଡ଼ପଣ୍ଡୁସର ମନ୍ଦିର ସଫେଇ

ନୟାଗଡ଼,୧୯।୧୦(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ଗାଁର ନୀଳକଣ୍ଠ ମନ୍ଦିର ସଫେଇ କରାଯାଇଛି । ସତ୍ୟସାଇ ସଂଘର ଆବାହକ ଦେବରାଜ ବେହେରା, ରାଧେଶ୍ୟାମ ପ୍ରଧାନ, ବାବୁଲି ଡାକୁଆ ପ୍ରମୁଖ ୨୫ଜଣ ସଦସ୍ୟ ଏଥିରେ ସାମିଲ ହୋଇ ବୁଧବାର ସଫେଇ କରିଥିଲେ ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଦିତ୍ୟ


@ ଅସିତ୍


@ ବିଚିତ୍ରମୟ


@ ରଞ୍ଜନ


@ ସଚିନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୋଲିସ ତଦନ୍ତ, ଡାକ୍ତର ରିପୋର୍ଟକୁ ନେଇ ଉଠିଲା ପ୍ରଶ୍ନ

ନୟାଗଡ଼,୧୯।୧୦(ଲୋକନାଥ ମିଶ୍ର)

## ଲାଉସେଣା ଦିବ୍ୟରଞ୍ଜନ ଆକ୍ରମଣ ମାମଲା

ନୟାଗଡ ସଦର ଥାନା ଲାଉସେଣା ଦିବ୍ୟରଞ୍ଜନ ମରଣାନ୍ତକ ଆକ୍ରମଣ ମାମଲା ଧୀରେ ଧୀରେ ବିବାଦୀୟ ହେଉଛି। ଦିବ୍ୟରଞ୍ଜନ ମରଣାନ୍ତକ ଆକ୍ରମଣ ମାମଲାରେ ପୋଲିସର ତଦନ୍ତ ଓ ଡାକ୍ତରୀ ରିପୋର୍ଟର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଉଭୟ ରିପୋର୍ଟକୁ ଅନୁଧ୍ୟାନ କଲେ ପୋଲିସ ଓ ଡାକ୍ତର ଚାପରେ ଚେପା ହୋଇ ସୁହାଇଲା ଭଳି ରିପୋର୍ଟ ପ୍ରସ୍ତୁତ କରିଥିବା ଚର୍ଚ୍ଚା ହେଉଛି। ଏହି ଘଟଣାରେ ରାଜପାଟଣା ପଞ୍ଚାୟତ ସରପଞ୍ଚଙ୍କ ଭାଇ ସମେତ ଅନ୍ୟ ମୁଦାଲାଙ୍କୁ ଜେଲରୁ ବାହାରିଯିବା ପାଇଁ ସୁହାଇଲା ଭଳି ତଦନ୍ତ ରିପୋର୍ଟ କୋର୍ଟରେ ଦାଖଲ କରାଯାଇଛି ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି ।

ତଦନ୍ତକାରୀ ଅଧିକାରୀ କାଠଧଡ଼ା ଜବତ କରି ସେଥିରେ ମାଡ଼ ହୋଇଥିବା ଦର୍ଶାଇଛନ୍ତି । ସବୁଠାରୁ ସମ୍ବେଦନଶୀଳ ଘଟଣା ହେଉଛି ଦିବ୍ୟରଞ୍ଜନଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇ ୨୮ଟି ଷ୍ଟିଚ୍ ହୋଇ ନୟାଗଡ ଡାକ୍ତରଖାନାରୁ ଏମ୍ସ ହସ୍ପିଟାଲକୁ ଅଧିକ ଚିକିତ୍ସା ପାଇଁ ରେଫର କରାଯାଇଥିବା ବେଳେ ନୟାଗଡ଼ ଡାକ୍ତର ସୁବ୍ରତ ମହାପାତ୍ର ଏଭଳି ଏକ ଗୁରୁତର ଆଘାତକୁ ତାଙ୍କ ରିପୋର୍ଟରେ ସିମ୍ପଲ ଇଞ୍ଜୁରୀ ଦର୍ଶାଇଛନ୍ତି। ଆହତ ଦିବ୍ୟରଞ୍ଜନଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ଇଞ୍ଜୁରୀ ରିପୋର୍ଟ ରେ ତାହାକୁ ଲୁଚାଇ ରଖି ଉଲ୍ଲେଖ ନ କରିବା କୋଉଁଠି ନା କୋଉଁଠି ଚାପ ପଡୁଛି ବୋଲି ବାରି ହେଉଛି। ଆହତ ପୀଡ଼ତାଙ୍କୁ ରେଫର କରିବା ପରେ ରେଫେରାଲ ହସ୍ପିଟାଲ ଡାକ୍ତର ଇଞ୍ଜୁରୀ ପ୍ରମାଣପତ୍ର ଦେବା ଆଇନରେ ବ୍ୟବସ୍ଥା ଥିବାବେଳେ ପ୍ରାଥମିକ ଚିକିତ୍ସା କରିଥିବା ଡାକ୍ତର କେଉଁ ଆଇନରେ ଇଞ୍ଜୁରୀ ପ୍ରମାଣପତ୍ର ଦେଲେ। ସେହିପରି ଗୁରୁତର ରୋଗୀଙ୍କୁ ସିମ୍ପଲ ଲେଖିଲେ, ହାତ ଭଙ୍ଗାକୁ ଲୁଚାଇଲେ। ଏଭଳି ଘଟଣାକୁ ଅଦାଲତ ଗୁରୁତର ସହ ନିଅନ୍ତି ତେବେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ଭାବନାକୁ ଅସ୍ୱୀକାର କରାଯାଇ ନ ପାରେ ବୋଲି କହିଛନ୍ତି ଆଇନଜୀବୀ ଦାଶ । ଆହତ ଦିବ୍ୟରଞ୍ଜନଙ୍କୁ ଗତ ୧୧ ତାରିଖ ଠାରୁ ମେଡିକାଲରେ ଚିକିତ୍ସା ସମୟରେ ତଦନ୍ତକାରୀ ଅଧିକାରୀ ତାଙ୍କ ଜମାନବନ୍ଦୀ ରେକର୍ଡ କରିନଥିବା ସ୍ଥଳେ କେବଳ ଦୁଇ ମୁଦାଲାଙ୍କ ଜାମିନ ପାଇଁ ତରବରିଆ ଭାବେ ଅଦାଲତରେ କେଶ ଡ଼ାଏରୀ ଦାଖଲ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଣୁ ନ୍ୟାୟ ପାଇଁ ଆଇନଜୀବୀ ଦାଶ, ମନୋଜ କୁମାର ସାହୁ ଏବଂ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ପକ୍ଷ ରଖିବା ପାଇଁ ଓକିଲ ଭାବେ ନିଯୁକ୍ତି ଦେଇଛନ୍ତି ଦିବ୍ୟରଞ୍ଜନଙ୍କ ମା' କବିତା ସାହୁ।

# ଜାକେଡ଼ା ପମ୍ପ୍ ହାଉସ୍‌ରେ ନିମ୍ନମାନର କାମ ଅଭିଯୋଗ

ନୂଆଗାଁ,୧୯।୧୦(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ଜାକେଡାଠାରେ ଥିବା ପମ୍ପ ହାଉସ ମରାମତି ଅତିନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ରହିଥିବା ଅଭିଯୋଗ ହୋଇଆସୁଛି । ଏପରିକି ଅନେକ ଗାଁରେ ସରକାରଙ୍କ ତରଫରୁ ପାନୀୟ ଜଳ ଯୋଗାଣ ନିମନ୍ତେ ଅର୍ଥ ବ୍ୟୟ କରାଯାଇଥିଲେ ମଧ୍ୟ ଜନସାଧାରଣ ତା'ର ସୁଫଳ ପାଇ ପାରୁନାହାନ୍ତି । ଏନେଇ ପ୍ରତି ସମିତି ବୈଠକରେ ଜନ ପ୍ରତିନିଧିମାନେ ହୋହଲ୍ଲା କରୁଛନ୍ତି । ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ଓ ପଞ୍ଚାୟତର ଅନୁଦାନରୁ ବହୁ ଅର୍ଥ ଦିଆଯାଉଥିଲେ ମଧ୍ୟ ପାନୀୟ ଜଳ ସମସ୍ୟା ସୁଧୁରୁ ନ ଥିବା ନେଇ ସଭାରେ ଅସନ୍ତୋଷ ଦେଖା ଦେଉଛି । ତେଣୁ ପାନୀୟ ଜଳ ସମସ୍ୟାକୁ ସୁଧାରିବା ପାଇଁ ସରକାର ଚେଷ୍ଟା କରିବା ସହ ଅନୁଦାନ ମଧ୍ୟ ଦେଉଛନ୍ତି । କିନ୍ତୁ କେତେଜଣ ଅସାଧୁ କର୍ମଚାରୀଙ୍କ ପାଇଁ ଆଶାନୁରୂପ ସଫଳତା ମିଳିପାରୁ ନାହିଁ । ଜାକେଡା ପଞ୍ଚାୟତ ଜାକେଡା ଗ୍ରାମରେ ଥିବା ପମ୍ପ ହାଉସ ଅଚଳ ହୋଇ ପଡିଛି। ପମ୍ପ ହାଉସ ଗୃହ ମରାମତି କରିବା ପାଇଁ ଗତ ବର୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯାଇଥିବା ବେଳେ ପମ୍ପ ହାଉସର ଚତୁଃପାର୍ଶ୍ୱ ମରାମତି ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଚଳିତ ବର୍ଷ ପ୍ରାୟ ସାଢେ ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ବର୍ତ୍ତମାନ ତାହାର କାର୍ଯ୍ୟ ଚାଲିଥିବା ବେଳେ ତାହା ଅତି ନିମ୍ନମାନର ହେଉଛି ବୋଲି ଅଭିଯୋଗ ହେଉଛି । ଉକ୍ତ କାମରେ ପାହାଡରୁ ନାଲି ଡିମା ପଥର ଆଣି ପକାଯାଉଛି । ଶସ୍ତା ସିମେଣ୍ଟରେ କାମ କରାଯାଉଛି । ଅଧା ବସ୍ତା ଶସ୍ତା ସିମେଣ୍ଟରେ ୩ ଝୁଡି ମେଟାଲ, ୫ ଝୁଡି ବାଲି ମିଶାଇ କାମ ହେଉଛି । ବିଭାଗୀୟ ଜଣେ କର୍ମଚାରୀଙ୍କ ଉପସ୍ଥିତିରେ ଏପରି କାମ ହେଉଥିଲେ ମଧ୍ୟ ସେ ନୀରବ ଦ୍ରଷ୍ଟା ସାଜିଛନ୍ତି । କାମ ବିଷୟରେ କିଛି ଜାଣି ନାହିଁ , ଲେବରମାନେ ଭାଗମାପରେ ବାଲି,ସିମେଣ୍ଟ ମିଶାଇ କାମ କରୁଛନ୍ତି ବୋଲି ସେ କହିଛନ୍ତି । ଏ ବାବଦରେ ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ଲିପ୍ସା ମହାନ୍ତିଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ ମୁଁ କାର୍ଯ୍ୟସ୍ଥଳୀକୁ ଆସି ନିଜ ଉପସ୍ଥିତିରେ କାମ କରାଇଛି ବୋଲି କହିଛନ୍ତି ।





ପମ୍ପ୍ ହାଉସ୍‌ରେ ଚାଲିଥିବା କାମ ।

## ସଂକ୍ଷେପରେ

### ଆରତୀ ଦେଓ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ

ବ୍ରହ୍ମବରଦା, ୧୯।୧୦ (ଯଯାତି କେଶରୀ ବେହେରା)



ଯାଜପୁର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଆରତୀ ଦେଓଙ୍କୁ ଦାୟିତ୍ୱ ମିଳିଛି। ଏହି ଖବର ଜାଣିବା ପରେ ବ୍ରହ୍ମବରଦା ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ଦେଓ ଜଣେ ଟାଣୁଆ ନାରୀନେତ୍ରୀ ଭାବେ ଯାଜପୁର ଅଞ୍ଚଳରେ ବେଶ ଜଣାଶୁଣା। ତାଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ସେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ଯାଜପୁର ଜିଲା ସଭାପତି ମନୋଜ ରାଉତ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ସମେତ ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ଏବଂ ତାଙ୍କ ନାମକୁ ଅନୁମୋଦନ କରିଥିବା ରାଷ୍ଟ୍ରୀୟ ମହିଳା କଂଗ୍ରେସ ସଭାନେତ୍ରୀ ନୀତା ଡି ସୌଜାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ଜିଲା ମହିଳା କଂଗ୍ରେସ ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

### ୫ କେଜି ଗଞ୍ଜେଇ ଜବତ, ବେପାରୀ କୋର୍ଟ ଚାଲାଣ

ପାଣିକୋଇଲି, ୧୯।୧୦ (ବିକାଶ ମଲ୍ଲିକ)

ପାଣିକୋଇଲି ପୋଲିସ ଏକ ଦୋକାନରେ ଚଢ଼ାଉ କରି ୫ କିଲୋ ଗଞ୍ଜେଇ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେହେଲେ ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର(ସିଙ୍ଗଡ଼ା) ଗାଁର ନୀଳାମ୍ବର ସାବତ (୫୭)। ପାଣିକୋଇଲି ଥାନା ୧୬ ନଂ. ଜାତୀୟ ରାଜପଥର କଡ଼ ମହିନ୍ଦ୍ରା ଶୋରୁମ ପାଖରେ ଥିବା ଏକ ଦୋକାନରେ ଗଞ୍ଜେଇ ବ୍ୟବସାୟ ଚାଲିଥିବା ପୋଲିସ ଜାଣିବାକୁ ପାଇଥିଲା। ବୁଧବାର ରାତିରେ ଦୋକାନ ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏଥିସହ ୫କେଜି ଗଞ୍ଜେଇ, ନଗଦ ୩୦ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ କରିଥିଲା। ଚଢ଼ାଉରେ ଥାନା ଏଏସ୍‌ଆଇ ଉଦୟନାଥ ସୋରେନ, ହାବିଲଦାର ସୁଲୋଚନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଏ ନେଇ ଥାନାରେ ମାମଲା ନଂ. ୩୦୨/୨୩ ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ପ୍ରକାଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ମୁଦାଲାଙ୍କୁ ନିର୍ଦ୍ଦୋଷ ଘୋଷଣା କଲେ ଅଦାଲତ

ବଡ଼ଚଣା, ୧୯।୧୦ (ଦିଲୀପ ମହାନ୍ତି)

୨୦୨୨ରେ ଅର୍ଥ ନେଣଦେଣ ଓ ଜମିଜମା ବିବାଦକୁ ଭିତ୍ତିକରି ବଡ଼ଚଣା ଥାନା ଧାନମଣ୍ଡଳ ରାମଚନ୍ଦ୍ରପୁର ଗାଁର ରମେଶ ଗିରି ସ୍ଥାନୀୟ ସୁଙ୍ଗୁଡ଼ା କୁମ୍ଭାରସାହିର ମନିନ୍ଦ୍ର ନାୟକଙ୍କ ବିରୋଧରେ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଚଣ୍ଡିଖୋଲ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ପରବିନ ମଣ୍ଡଳ ଏହାର ବିଚାର କରି ସାକ୍ଷୀ ପ୍ରମାଣ ଅଭାବରୁ ମୁଦାଲା ମନିନ୍ଦ୍ରଙ୍କୁ ଦୋଷମୁକ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ରେଣୁବାଳା ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଡେରାବିଶ ବ୍ଲକ ପାଇଁ ୩୦.୧୩ ଲକ୍ଷ ଟଙ୍କା ମଞ୍ଜୁର

ଡେରାବିଶ, ୧୯।୧୦ (ବେବର୍ତ୍ତା ଅଜୟ ଦାସ)


ଡେରାବିଶଠାରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ଜଗନ୍ନାଥ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ଏବଂ ଗ୍ରାମାଞ୍ଚଳର ଉନ୍ନତୀକରଣ ପାଇଁ ଆରମ୍ଭ ହୋଇଛି ମୋ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା। ଗୁରୁବାର ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ଯୋଗେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ମହିଳା, ଛାତ୍ର, ଯୁବକ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ଭିସି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ଉପସ୍ଥିତ ରହିଥିଲେ। ବ୍ଲକ ପାଇଁ ମୁଖ୍ୟମନ୍ତ୍ରୀ ସମୁଦାୟ ୧୭ କୋଟି ୧୩ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ସେଥିମଧ୍ୟରୁ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା, ମହାବିଦ୍ୟାଳୟର ଉନ୍ନତୀକରଣ ପାଇଁ ୫ କୋଟି ୪୦ ଲକ୍ଷ ଓ ବିଭିନ୍ନ ଧର୍ମାନୁଷ୍ଠାନର ଉନ୍ନତୀକରଣ ପାଇଁ ୬ କୋଟି ୯୫ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ୫-ଟି ସଚିବ ପାଣ୍ଡିଆନ ସୂଚନା ଦେଇଥିଲେ। ମିଶନଶକ୍ତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍ ପାଇଁ ୨୫ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏଥିସହ ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ମୋ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଜଗନ୍ନାଥ ସଂସ୍କୃତିର ପୁନରୁଦ୍ଧାର ଓ ଅନ୍ୟ କାର୍ଯ୍ୟକ୍ରମ ପାଇଁ ୧୩ କୋଟି ମଞ୍ଜୁର ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଯୋଗ ଦେଇଥିଲେ। ନିର୍ବାଚନମଣ୍ଡଳୀ ଅଧିବାସୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ୫-ଟି ସଚିବ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବ୍ଲକ ଆମ୍ବା ଅଧ୍ୟକ୍ଷ ଗଣେଶ୍ୱର ବେହେରା, ଜିଲା ସାମାଜିକ ସୁରକ୍ଷା ସଶକ୍ତ ଅଧିକାରୀ ପ୍ରଭାସ କୁମାର ଦାସ, ବିଡିଓ ଦାଶରଥି ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳାଇ, ଏବିଡିଓ ଭଞ୍ଜକିଶୋର ନାୟକ, ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ।

# ବଡ଼ଚଣା ପୋଲିସର ସମନ୍ୱୟ ବୈଠକ

ବଡ଼ଚଣା, ୧୯।୧୦ (ଦିଲୀପ ମହାନ୍ତି):

ଆଗାମୀ ଦଶହରା, ଭସାଣି ଓ ରାବଣ ପୋଡି ଉତ୍ସବକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବାକୁ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ବଡ଼ଚଣା ପୋଲିସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କୋଲା ସିଂ ଓ ଖରମଙ୍ଗି ଗ୍ରାମର ଗ୍ରାମବାସୀ ଏଥିରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ଦଶହରା ପର୍ବକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବାକୁ ପୋଲିସକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ଉପସ୍ଥିତ ରହି ଦୁଇ ଗ୍ରାମବାସୀଙ୍କୁ ଶାନ୍ତି ଶୃଙ୍ଖଳାର ସହିତ ଦଶହରା, ଭସାଣି ଓ ରାବଣ ପୋଡ଼ି ଉତ୍ସବ ପାଳନ କରିବାକୁ ପରାମର୍ଶ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ଗ୍ରାମବାସୀ ଓ ପୋଲିସ ଅଧିକାରୀ।

# ଷଷ୍ଠ ଦିନରେ ମା' ବିରଜାଙ୍କ ରଥଯାତ୍ରା


ଶ୍ରଦ୍ଧାଳୁ ମା' ବିରଜାଙ୍କ ରଥ ଟାଣୁଛନ୍ତି।

ଯାଜପୁର ଟାଉନ, ୧୯।୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଚଳିତ ବର୍ଷର ଦୁର୍ଗୋତ୍ସବ ଅବସରରେ ଷୋଡ଼ଶୋପଚାର ପୂଜା ଗୁରୁବାର ଚର୍ତୁଦଶ ଦିନରେ ପାଳିତ ହୋଇଥିବା ବେଳେ ଷଷ୍ଠୀ ତିଥିରେ ରଥଯାତ୍ରା ଓ ପାଦସ୍ପର୍ଶ ପାଳିତ ହୋଇଛି। ବୁଧବାର ମଧ୍ୟରାତ୍ରିରୁ ଆରମ୍ଭ କରାଯାଇଥିବା ଯଜ୍ଞ ଗୁରୁବାର ସକାଳ ୬ଟାରେ ବିରାମ ରହିବା ପରେ ପହୁଡ଼ କରାଯାଇଥିଲା। ୭ଟାରେ ପହଡ଼ ଖୋଲାଯାଇ ୭ଟା୩୦ରେ ସ୍ନାନ କରାଯିବା ପରେ ଭକ୍ତମାନଙ୍କୁ ଗର୍ଭ ଗୃହକୁ ଛଡ଼ା ଯାଇଥିଲା। ଭକ୍ତମାନଙ୍କ ଭିଡ଼ ଅଧିକ ଥିବାରୁ ପୂର୍ବାହ୍ନ ୯ଟା୩୦ ପର୍ଯ୍ୟନ୍ତ ଭକ୍ତମାନେ ମା'ଙ୍କ ପାଦସ୍ପର୍ଶ କରିଥିଲେ। ସମୟ ବିଳମ୍ବ ହେତୁ ୯ଟା ୪୫ମିନିଟରୁ ବିଭିନ୍ନ ବେଶ ସହିତ ଗହଣା ବେଶ ତୁରନ୍ତ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ବଡ଼ ଶୃଙ୍ଗାର ବେଶ କରାଯିବା ପରେ ରୋଷିଆ ସେବାୟତମାନେ ଗର୍ଭ ଗୃହକୁ ଧୂଆ ଧୁଇ କରି ପୂଜାର ଆୟୋଜନ କରିଥିଲେ। ପୂଜକ ପୁରୋଧା ଉପସ୍ଥିତ ହେବା ପରେ ପୂଜା ଆରମ୍ଭ କରାଯାଇଥିଲା। ଅପରାହ୍ନ ୨ଟା ୩୦ରେ ପ୍ରସାଦ ଲାଗି ଓ ଆଳତୀ ସରିବା ପରେ ୩ଟା ୨୦ ମିନିଟରେ ପହୁଡ଼ କରାଯାଇଥିଲା। ଅପରାହ୍ନ ୪ଟା୩୦ରେ ପହୁଡ଼ ଖୋଲା ଯିବାପରେ ସାଧାରଣ ଦର୍ଶନ ଚାଲିଥିଲା। ୫ଟା ସମୟରେ ଆର୍ଶା ସେବାୟତ ଗର୍ଭଗୃହରେ ଉପସ୍ଥିତ ହେବା ପରେ ପାଳିଆ ସେବାୟତ ପୁଷ୍ପମାଲ୍ୟ ଦେବା ପରେ ରଥଯାତ୍ରା ନିମନ୍ତେ ଆର୍ଶା ସେବାୟତ ବାହାରିଥିଲେ। ଘଣ୍ଟୁଆ, ଛତ୍ର, ତରାସ, ମଶାଲ, ବାଦ୍ୟକାର ସେବାୟତମାନେ ଆର୍ଶା ଦଣ୍ଡକୁ ରଥ ନିକଟକୁ ନେବା ପରେ ରଥଯାତ୍ରା ଆରମ୍ଭ କରାଯାଇଥିଲା।

### ମଦ ଜବତ, ୩ ଗିରଫ

ରାଜନଗର, ୧୯।୧୦ (ଭାସ୍କର ରାଉତରାୟ)

ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ରାଜନଗର ପୋଲିସ ଲକ୍ଷ୍ୟ ରଖିଛି। ଚୋରା ମଦ ବେପାରୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଦୁଇ ଦିନରେ ପୋଲିସ ୩ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୩ ଲିଟର ୨ଶହ ଏମଏଲ ଲିଟର ମଦ ଜବତ ହୋଇଥିବା ବେଳେ ଗୋଟିଏ ବାଇକ୍ ଓ ଏକ ସ୍କୁଟି ଜବତ କରାଯାଇଛି। ଶିଳପୋଖରୀ ଗାଁର ଲକ୍ଷ୍ମୀବାଳା ମଣ୍ଡଳଙ୍କଠାରୁ ୬୫୦ଏମଏଲ ୮ ବୋତଲ ମଦ ଜବତ ହୋଇଥିବା ବେଳେ ରାଜନଗରର କାଳନ୍ଦୀ ସେଠୀଙ୍କଠାରୁ ୧୮୦ ଏମଏଲ ୨୦ ବୋତଲ ଓ ଗୋଟିଏ ସ୍କୁଟି ଜବତ ହୋଇଛି। ଖଣ୍ଡାମରା ଗାଁର ସର୍ବେଶ୍ୱର ଭୂୟାଁ ଗୁରୁବାର ତାଙ୍କ ବାଇକ୍‌ରେ ୨୪ ବୋତଲ ୧୮୦ ଏମଏଲ ମଦ ନେଇ ଯାଉଥିବା ବେଳେ ରାଜନଗର ତାରିଣୀ ମନ୍ଦିର ନିକଟରେ ପୋଲିସ ସର୍ବେଶ୍ୱରଙ୍କୁ ଗିରଫ କରିଥିବା ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

# ଲକ୍ଷ୍ମୀପୂଜା ପାଇଁ ଚଳଚଞ୍ଚଳ ଲକ୍ଷ୍ମୀସାହି

କାଏମା, ୧୯।୧୦ (ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ୍ ଅଧୀନ କାଏମା ପଞ୍ଚାୟତର ଲକ୍ଷ୍ମୀସାହି ଗ୍ରାମରେ ମା'ଲକ୍ଷ୍ମୀଙ୍କ ପୂଜା ମହୋତ୍ସବ ଆସନ୍ତା ୨୮ତାରିଖ ଶନିବାରଠାରୁ ଆରମ୍ଭ ହେବ। ଏଥିପାଇଁ ଲକ୍ଷ୍ମୀସାହି ଗ୍ରାମ ଚଳଚଞ୍ଚଳ ହୋଇଉଠିଛି। ମହାଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ବିଗତ ବର୍ଷଭଳି ଚଳିତ ବର୍ଷ ମହାସମାରୋହରେ ପୂଜା ପାଳନ କରାଯିବ। ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ସୁନିଆଁ ଦିନ ମାଟି ଉଠାଯାଇଛି। ଚଳିତ ବର୍ଷ ଗଣପର୍ବକୁ ସରସ ସୁନ୍ଦର କରିବା ପାଇଁ ପୂଜା କମିଟି ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଛି। ପ୍ରବାସୀ ଘରକୁ ଫେରିବାକୁ ଆରମ୍ଭ କରୁଥିବା ଦେଖିବାକୁ ମିଳୁଛି। ଗ୍ରାମର ପିଲାମାନେ ରାତି ପର୍ଯ୍ୟନ୍ତ ମେଢ଼ ସଜବାଜରେ ଲାଗି ପଡିଛନ୍ତି। ଚଳିତ ବର୍ଷ ପୂଜା ପାଇଁ ପ୍ରତ୍ୟେକ ଦିନ ଗ୍ରାମରେ ପ୍ରସ୍ତୁତି ବୈଠକ ହେଉଛି। ପୂଜା ଉତ୍ସବ କିପରି ଶାନ୍ତି ଶୃଙ୍ଖଳାର ସହ ଓ ଜାକଜମକରେ ପାଳନ କରାଯିବ ସେଥିପାଇଁ ନାନା ବ୍ୟବସ୍ଥା କରାଯାଉଛି। ଶନିବାର ପ୍ରାତଃ ୭ଟାରୁ ୭ଟା୩୦ ମଧ୍ୟରେ କଳସ ଶୋଭାଯାତ୍ରା ହେବ। ପରେ ପୂଜା ମଣ୍ଡପରେ ଘଟ ସ୍ଥାପନ ଓ ଚକ୍ଷୁ ଦାନ (ଜୀବନ୍ୟାସ) କରାଯିବ। ରବିବାର ମା'ଙ୍କ ମହାସ୍ନାନ, ଅବକାଶ ଓ ଦଶ ଉପରର ପୂଜା କରାଯିବ। ସୋମବାର ମଙ୍ଗଳଆଳତୀ ଅବକାଶ, ମହାସ୍ନାନ(ମହାପୂଜା) ଏବଂ ମଧ୍ୟାହ୍ନ ୧ଟାରୁ ପ୍ରସାଦ ସେବନ କରାଯିବ। ମଙ୍ଗଳବାର ମା'ଙ୍କ ମଙ୍ଗଳଆଳତୀ ଅବକାଶ ଏବଂ ବୁଧବାର ପ୍ରାତଃ ୭ଟାରେ ମଙ୍ଗଳାର୍ପଣ ଓ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ମଧ୍ୟାହ୍ନ ୧୨ଟାରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହେବ। ପ୍ରତ୍ୟେକଦିନ ମା'ଙ୍କ ସୂର୍ଯ୍ୟପୂଜା, ଗୋପୂଜା ସହ ରାଜରାଜେଶ୍ୱରୀ ବେଶ ଦର୍ଶନ ବ୍ୟବସ୍ଥା ରହିଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ନୃତ୍ୟ ପ୍ରତିଯୋଗିତା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ବିରି ବୁଣିବାକୁ ଯାଇ ଚାଷୀ ନିଖୋଜ

ପଟ୍ଟାମୁଣ୍ଡାଇ, ୧୯।୧୦ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅଣ୍ଡରା ଗ୍ରାମର ଭେଡାକୁ ବିରି ବୁଣିବାକୁ ଯାଇ ଜଣେ କୃଷକ ନିଖୋଜ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଛି। ନିଖୋଜ ଚାଷୀ ଜଣଙ୍କ ହେଉଛନ୍ତି ଅଣ୍ଡରା ଗାଁର ଗଣେଶ ଚନ୍ଦ୍ର ମଲ୍ଲିକ (୭୨)। ଗୁରୁବାର ସକାଳେ ଅଣ୍ଡରା ଗ୍ରାମର ଚାଷୀ ଗଣେଶ ଗୁଡ଼ିଆ ଯୋର ଆରପାଖରେ ଥିବା ଭେଡାକୁ ବିରି ବୁଣିବାକୁ ଯାଇଥିଲେ। ମଧ୍ୟାହ୍ନ ସୁଦ୍ଧା ଗଣେଶ ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମବାସୀ ଖୋଜିଖୋଜି କରିଥିଲେ ମାତ୍ର ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ପରେ ଗ୍ରାମବାସୀ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ମୋଟର ବୋଟ ସାହାଯ୍ୟରେ ଗୁଡ଼ିଆ ଯୋରରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ଏହି ଅଞ୍ଚଳରେ ଲାମ୍ଭା ବେଣାଖରୀ ଜଙ୍ଗଲ ସୃଷ୍ଟି ହୋଇଥିବାରୁ ଚାଷୀ ଗଣେଶଙ୍କୁ ଖୋଜି ପାଇବା କଷ୍ଟକର ହେଉଥିବା ବେଳେ ବିଷଧର ସର୍ପଙ୍କ ପାଦୁର୍ଭାବ ଅଧିକ ଥିବାରୁ ଉଦ୍ଧାର କାର୍ଯ୍ୟରେ ଘୋର ଅସୁବିଧା ଦେଖାଦେଇଛି ବୋଲି ଗ୍ରାମବାସୀ କହିଛନ୍ତି। ସୂଚନା ଯୋଗ୍ୟ ଯେ, ଗୁଡ଼ିଆ ଜୋରରେ ପୋଲ ନ ଥିବାରୁ ଚାଷୀମାନେ ପ୍ରତିଦିନ ବିପଦ ସଙ୍କୁଳ ଅବସ୍ଥାରେ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ ସାହାଯ୍ୟରେ ଚାଷ କାର୍ଯ୍ୟ ପାଇଁ ଯାଇଥାନ୍ତି। ଚାଷୀ ନିଖୋଜ ଘଟଣା ଯୋଗୁ ସମଗ୍ର ଧୋୟାଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଗରଦପୁର ବ୍ଲକର ୧୮୦ଟି ପ୍ରକଳ୍ପ ପାଇଁ ୯ କୋଟି ଟଙ୍କା

ପାଟକୁରା ୧୯।୧୦ (ରବୀନ୍ଦ୍ର ନାଥ ବାରିକ)


ଗରଦପୁରଠାରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ଉଦ୍‌ବୋଧନ ଦେଉଛନ୍ତି।

ଆମ ଓଡ଼ିଶା ନବୀନ ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟରେ ଗରଦପୁର ବ୍ଲକରେ ଶୁଭାରମ୍ଭ କରିଛନ୍ତି। ଗରଦପୁର ବ୍ଲକର ୧୮ଟି ପଞ୍ଚାୟତରେ ସମୁଦାୟ ୧୮୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିରେ ସମୁଦାୟ ୯ କୋଟି ଟଙ୍କା ବିନିଯୋଗ ହେବ। ଏହି କାର୍ଯ୍ୟକ୍ରମ ପାଇଁ ବ୍ଲକ ପରିସରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଜନସାଧାରଣ ଏଠାରେ ବସି ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ଶୁଭାରମ୍ଭ ହେବା ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟିକାଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବିଡିଓ ଧର୍ମରଞ୍ଜନ ପଣ୍ଡା, ଜିଲାପରିଷଦ ସଦସ୍ୟ, ସମସ୍ତ ନର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ। ଗରଦପୁର ବ୍ଲକ ପାଇଁ ୧୮୦ ପ୍ରକଳ୍ପ ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ଧନ୍ୟବାଦ ଜଣାଇଥିଲେ।

# ବିରଜାଙ୍କ ରଥଯାତ୍ରା ଉପଲକ୍ଷେ ପଲ୍ଲିଶ୍ରୀ ମେଳା

ଯାଜପୁର ଟାଉନ, ୧୯।୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ମା'ବିରଜାଙ୍କ ରଥଯାତ୍ରା ଉପଲକ୍ଷେ ୫ଦିବସୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଏବଂ ଆରକ୍ଷୀ ଅଧୀକ୍ଷକ ଭିନିତ ଅଗ୍ରୱାଲ ଗୁରୁବାର ସନ୍ଧ୍ୟାରେ ମେଳାର ଉଦ୍‌ଘାଟନ କରିଛନ୍ତି। ମେଳାରେ ଅନୁଗୋଳ, ବଲାଙ୍ଗୀର, ଭଦ୍ରକ, ବାଲେଶ୍ୱର, ବୌଦ୍ଧ, କଟକ, ଦେବଗଡ଼, ଢେଙ୍କାନାଳ, ଜଗତ୍‌ସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ପୁରୀ, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ, ଗଞ୍ଜାମ, ଯାଜପୁର ଜିଲା ସମେତ ରାଜ୍ୟ ବାହାରର ମୋଟ୍ ୧୮୦ ଷ୍ଟଲ ପଡ଼ିଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ସଦର ବିଡିଓ ସୌରଭ ଚକ୍ରବର୍ତ୍ତୀ ଏବଂ ଓର୍‌ମାସର ଅଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳ ପଲ୍ଲିଶ୍ରୀ ମେଳାର ଷ୍ଟଲ ବୁଲି ଦେଖୁଛନ୍ତି।

# ରାଜକନିକା ବ୍ଲକର ୨୯ ପଞ୍ଚାୟତକୁ ୧୪.୫୦ ଲକ୍ଷ ମିଳିଲା

**ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଲୋକାର୍ପଣ**

ରାଜକନିକା, ୧୯।୧୦ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)


ରାଜକନିକାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଉପସ୍ଥିତ ଲୋକମାନେ।

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଲୋକାର୍ପଣ ଉତ୍ସବ ଗୁରୁବାର ରାଜକନିକା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଳି ନିର୍ବାଚନମଣ୍ଡଳୀର ରାଜକନିକା ବ୍ଲକ ପରିସରରେ ଏହାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭିସି ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଲୋକାର୍ପଣ କରିଥିଲେ। ଏହି ଲୋକାର୍ପଣ ଉତ୍ସବ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ସମ୍ପାଦିତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କ୍ରମରେ ଲଘୁ ଉଦ୍ୟୋଗ, ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଉପସ୍ଥିତ ରହିଥିଲେ। ରାଜକନିକା ବ୍ଲକର ୨୯ଟି ପଞ୍ଚାୟତକୁ ୧୪ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ମିଳିଛି ବୋଲି କହିଛନ୍ତି। ଜିଲାପାଳ ଅମୃତ ଋତୁରାଜ ଭିସି ଜରିଆରେ ଅନୁଦାନ ରାଶିର ସ୍ୱଚ୍ଛତା ପୂର୍ବକ ଠିକ୍ ବିନିଯୋଗ ଦିଗରେ ଉନ୍ନତୀମୂଳକ କାର୍ଯ୍ୟଗୁଡିକ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜକନିକା ବିଡିଓ ରବିନାରାୟଣ ଆଚାର୍ଯ୍ୟ, କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ଜିଲା ନିଯୁକ୍ତି ଅଧିକାରୀ ଘନଶ୍ୟାମ ସା, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟା ଅମିତା ସାହୁ, ପ୍ରବୀଣା ଦାସ, ଯୁବନେତା ଉମେଶ ବେହୁରା, ମନୋରଞ୍ଜନ ବିହାରୀ, ନିରଞ୍ଜନ ନାୟକ, ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ବିଜୟଲକ୍ଷ୍ମୀ ବେହେରା, ସମିତିସଭ୍ୟ ପ୍ରକାଶ ସେନାପତି ଓ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆରତୀ ଦେଓ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ

ବ୍ରହ୍ମବରଦା,୧୯।୧୦(ଯଯାତି କେଶାରୀ ବେହେରା)



ଯାଜପୁର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଆରତୀ ଦେଓଙ୍କୁ ଦାୟିତ୍ୱ ମିଳିଛି। ଏହି ଖବର ଜାଣିବା ପରେ ବ୍ରହ୍ମବରଦା ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ଦେଓ ଜଣେ ଟାଣୁଆ ନାରୀନେତ୍ରୀ ଭାବେ ଯାଜପୁର ଅଞ୍ଚଳରେ ବେଶ ଜଣାଶୁଣା। ତାଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ସେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ଯାଜପୁର ଜିଲା ସଭାପତି ମନୋଜ ରାଉତ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ସମେତ ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ଏବଂ ତାଙ୍କ ନାମକୁ ଅନୁମୋଦନ କରିଥିବା ରାଷ୍ଟ୍ରୀୟ ମହିଳା କଂଗ୍ରେସ ସଭାନେତ୍ରୀ ନୀତା ଡି ସୌଜାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ଜିଲା ମହିଳା କଂଗ୍ରେସ ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

# ଡେରାବିଶ ବ୍ଲକ ପାଇଁ ୩୦.୧୩ ଲକ୍ଷ ଟଙ୍କା ମଞ୍ଜୁର

ଡେରାବିଶ, ୧୯।୧୦ (ବେବର୍ତ୍ତା ଅଜୟ ଦାସ)

ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ଜଗନ୍ନାଥ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ଏବଂ ଗ୍ରାମାଞ୍ଚଳର ଉନ୍ନତୀକରଣ ପାଇଁ ଆରମ୍ଭ ହୋଇଛି ମୋ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା। ଗୁରୁବାର ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ଯୋଗେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ମହିଳା, ଛାତ୍ର, ଯୁବକ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ଭିସି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ଉପସ୍ଥିତ ରହିଥିଲେ। ବ୍ଲକ ପାଇଁ ମୁଖ୍ୟମନ୍ତ୍ରୀ ସମୁଦାୟ ୧୭ କୋଟି ୧୩ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ସେଥିମଧ୍ୟରୁ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା, ମହାବିଦ୍ୟାଳୟର ଉନ୍ନତୀକରଣ ପାଇଁ ୫ କୋଟି ୪୦ ଲକ୍ଷ ଓ ବିଭିନ୍ନ ଧର୍ମାନୁଷ୍ଠାନର ଉନ୍ନତୀକରଣ ପାଇଁ ୬ କୋଟି ୯୫ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ୫-ଟି ସଚିବ ପାଣ୍ଡିଆନ ସୂଚନା ଦେଇଥିଲେ। ମିଶନଶକ୍ତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍ ପାଇଁ ୨୫ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏଥିସହ ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ମୋ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଜଗନ୍ନାଥ ସଂସ୍କୃତିର ପୁନରୁଦ୍ଧାର ଓ ଅନ୍ୟ କାର୍ଯ୍ୟକ୍ରମ ପାଇଁ ୧୩ କୋଟି ମଞ୍ଜୁର ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଯୋଗ ଦେଇଥିଲେ। ନିର୍ବାଚନମଣ୍ଡଳୀ ଅଧିବାସୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ୫-ଟି ସଚିବ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବ୍ଲକ ଆମ୍ବା ଅଧ୍ୟକ୍ଷ ଗଣେଶ୍ୱର ବେହେରା, ଜିଲା ସାମାଜିକ ସୁରକ୍ଷା ସଶକ୍ତ ଅଧିକାରୀ ପ୍ରଭାସ କୁମାର ଦାସ, ବିଡିଓ ଦାଶରଥି ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳାଇ, ଏବିଡିଓ ଭଞ୍ଜକିଶୋର ନାୟକ, ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ।



ଡେରାବିଶଠାରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

# ପଣାହାଣ୍ଡି ଭୋଗ ବିଶେଷ ଆକର୍ଷଣ

**ଡେରାବିଶର ଛଚିଣା ଦୁର୍ଗାପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ**

ଡେରାବିଶ, ୧୯।୧୦(ବେବର୍ତ୍ତା ଅଜୟ ଦାସ)

ଶାରଦୀୟ ଦୁର୍ଗାଙ୍କ ପୂଜା ଶୁକ୍ରବାର ଅନୁଷ୍ଠିତ ହେବ। ଏ ନେଇ ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛଚିଣାଠାରେ ୫ଦିନ ଧରି ହେବାକୁ ଥିବା ମା'ଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକ ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଥିବା ଛଚିଣା ପୂଜା ମଣ୍ଡପରେ ୫ଦିନ ଧରି ଜନଗହଳି ଲାଗି ରହିବ। ମୂର୍ତ୍ତି ନିର୍ମାଣ ପରେ ଦୋମାଟିଆ କାର୍ଯ୍ୟ ଶେଷ ହୋଇ ମା'ଙ୍କ ମୂର୍ତ୍ତିରେ ରଙ୍ଗଦିଆ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ୫ ଦିନ ମଧ୍ୟରେ ମା'ଙ୍କ ନିକଟରେ ଶୁକ୍ରବାର ଷଷ୍ଠିପୂଜା ଆରମ୍ଭ କରାଯାଇ ଶନିବାର ଅନୁଷ୍ଠିତ ହେବାକୁ ଥିବା ମହାସପ୍ତମୀ ତିଥିରେ ମା'ଙ୍କ ଚକ୍ଷୁଦାନ, ରବିବାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହେବ। ଏହି ପୂଜାର ବିଶେଷ ଆକର୍ଷଣ ହେଲା ମାନସିକଧାରୀ ଶ୍ରଦ୍ଧାଳୁଙ୍କ ପଣାହାଣ୍ଡି ଭୋଗ। ମହାଷ୍ଟମୀ ତିଥିରେ ମହିଳା ଶ୍ରଦ୍ଧାଳୁଙ୍କ ଦୁର୍ଗା ବ୍ରତ ସାଙ୍ଗକୁ ପଣାହାଣ୍ଡି ଭୋଗ ପରିବେଶକୁ ସମ୍ପୂର୍ଣ୍ଣ ଭକ୍ତିମୟ କରିଥାଏ। ସୋମବାର ଅନୁଷ୍ଠିତ ମହାନବମୀ ପୂଜା ଓ ମଙ୍ଗଳବାର ବିଜୟାଦଶମୀ ତିଥିରେ ଅପରାଜିତା ପୂଜା ସହ ମା'ଙ୍କ ଭସାଣି ଯାତ୍ରା ହେବ ବୋଲି ପୂଜା କମିଟିର ସଭାପତି ପବିତ୍ର କୁମାର ଭୂୟାଁ ଜଣାଇଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୂଜା କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ଓ ଡେରାବିଶ ଥାନା ପକ୍ଷରୁ ପୋଲିସ ବ୍ୟବସ୍ଥା କରାଯାଇଥିବା କମିଟିର ସମ୍ପାଦକ ବିଶ୍ୱଜିତ ଭୂୟାଁ ଜଣାଇଛନ୍ତି।



### ୫ କେଜି ଗଞ୍ଜେଇ ଜବତ, ବେପାରୀ କୋର୍ଟ ଚାଲାଣ

ପାଣିକୋଇଲି,୧୯।୧୦(ବିକାଶ ମଲ୍ଲିକ)

ପାଣିକୋଇଲି ପୋଲିସ ଏକ ଦୋକାନରେ ଚଢ଼ାଉ କରି ୫ କିଲୋ ଗଞ୍ଜେଇ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେହେଲେ ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର(ସିଙ୍ଗଡ଼ା) ଗାଁର ନୀଳାମ୍ବର ସାବତ (୫୭)। ପାଣିକୋଇଲି ଥାନା ୧୬ ନଂ. ଜାତୀୟ ରାଜପଥର କଡ଼ ମହିନ୍ଦ୍ରା ଶୋରୁମ୍ ପାଖରେ ଥିବା ଏକ ଦୋକାନରେ ଗଞ୍ଜେଇ ବ୍ୟବସାୟ ଚାଲିଥିବା ପୋଲିସ ଜାଣିବାକୁ ପାଇଥିଲା। ବୁଧବାର ରାତିରେ ଦୋକାନ ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏଥିସହ ୫କେଜି ଗଞ୍ଜେଇ, ନଗଦ ୩୦ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ କରିଥିଲା। ଚଢ଼ାଉରେ ଥାନା ଏଏସ୍‌ଆଇ ଉଦୟନାଥ ସୋରେନ, ହାବିଲଦାର ସୁଲୋଚନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଏ ନେଇ ଥାନାରେ ମାମଲା ନଂ. ୩୦୨/୨୩ ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ପ୍ରକାଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ମୁଦାଲାଙ୍କୁ ନିର୍ଦ୍ଦୋଷ ଘୋଷଣା କଲେ ଅଦାଲତ

ବଡ଼ଚଣା,୧୯।୧୦(ଦିଲୀପ ମହାନ୍ତି)

୨୦୨୨ରେ ଅର୍ଥ ନେଣଦେଣ ଓ ଜମିଜମା ବିବାଦକୁ ଭିତ୍ତିକରି ବଡ଼ଚଣା ଥାନା ଧାନମଣ୍ଡଳ ରାମଚନ୍ଦ୍ରପୁର ଗାଁର ରମେଶ ଗିରି ସ୍ଥାନୀୟ ସୁଙ୍ଗୁଡ଼ା କୁମ୍ଭାରସାହିର ମନିନ୍ଦ୍ର ନାୟକଙ୍କ ବିରୋଧରେ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଚଣ୍ଡିଖୋଲ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ପରବିନ ମଣ୍ଡଳ ଏହାର ବିଚାର କରି ସାକ୍ଷୀ ପ୍ରମାଣ ଅଭାବରୁ ମୁଦାଲା ମନିନ୍ଦ୍ରଙ୍କୁ ଦୋଷମୁକ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ରେଣୁବାଳା ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ମହାକାଳପଡ଼ାର ୩୧ ପଞ୍ଚାୟତ ପାଇଁ ୧୫.୫୦ ଲକ୍ଷ



ଶ୍ରୀବାୟାବାବା କଲେଜ ପଡ଼ିଆରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ମହାକାଳପଡ଼ା,୧୯।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକସ୍ଥିତ ଶ୍ରୀ ଶ୍ରୀବାୟାବାବା କଲେଜ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ ଭିସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏଥିରେ ଯୋଗ ଦେଇ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଅନୁଦାନରେ ମହାକାଳପଡ଼ା ବିକାଶର ଧାରା ଅବ୍ୟାହତ ରହିଛି। କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ାର ରାମନଗର, ଖରିନାସୀ, ବଟିଘର ଅଞ୍ଚଳରେ ବୃହତ୍ ଶିଳ୍ପ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏଥିରେ ମହାକାଳପଡ଼ା ଅଞ୍ଚଳର ବହୁ ଯୁବତୀ ଯୁବକମାନେ ସିଧାସଳଖ ନିଯୁକ୍ତି ପାଇପାରିବେ। ମହାକାଳପଡ଼ା ବ୍ଲକର ୩୧ ପଞ୍ଚାୟତ ପାଇଁ ୧୭.୫୦ ଲକ୍ଷ ଟଙ୍କା ମଞ୍ଜୁର ମିଳିଛି। ଏହି କାର୍ଯ୍ୟକ୍ରମରେ ବିଡିଓ ସାଗର କୁମାର ନନ୍ଦ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ଆମ୍ବା ଅଧ୍ୟକ୍ଷ ବିଜୟ କୁମାର ଜେନା, ଜିଲାପରିଷଦ ସଦସ୍ୟା ପ୍ରତିନିଧି ଦେବଦତ୍ତ ପରିଡ଼ା, ଛାତ୍ର ନେତା ସ୍ମୃତି ରଞ୍ଜନ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧି ଉପସ୍ଥିତ ଥିଲେ।

### ମଦ ଜବତ, ୩ ଗିରଫ

ରାଜନଗର, ୧୯।୧୦ (ଭାସ୍କର ରାଉତରାୟ)

ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ରାଜନଗର ପୋଲିସ ଲକ୍ଷ୍ୟ ରଖିଛି। ଚୋରା ମଦ ବେପାରୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଦୁଇ ଦିନରେ ପୋଲିସ ୩ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୩ ଲିଟର ୨ଶହ ଏମଏଲ ଲିଟର ମଦ ଜବତ ହୋଇଥିବା ବେଳେ ଗୋଟିଏ ବାଇକ୍ ଓ ଏକ ସ୍କୁଟି ଜବତ କରାଯାଇଛି। ଶିଳପୋଖରୀ ଗାଁର ଲକ୍ଷ୍ମୀବାଳା ମଣ୍ଡଳଙ୍କଠାରୁ ୬୫୦ଏମଏଲ ୮ ବୋତଲ ମଦ ଜବତ ହୋଇଥିବା ବେଳେ ରାଜନଗରର କାଳନ୍ଦୀ ସେଠୀଙ୍କଠାରୁ ୧୮୦ ଏମଏଲ ୨୦ ବୋତଲ ଓ ଗୋଟିଏ ସ୍କୁଟି ଜବତ ହୋଇଛି। ଖଣ୍ଡାମରା ଗାଁର ସର୍ବେଶ୍ୱର ଭୂୟାଁ ଗୁରୁବାର ତାଙ୍କ ବାଇକ୍‌ରେ ୨୪ ବୋତଲ ୧୮୦ ଏମଏଲ ମଦ ନେଇ ଯାଉଥିବା ବେଳେ ରାଜନଗର ତାରିଣୀ ମନ୍ଦିର ନିକଟରେ ପୋଲିସ ସର୍ବେଶ୍ୱରଙ୍କୁ ଗିରଫ କରିଥିବା ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

# ଅଗ୍ନିଶମ ବାହିନୀ ପକ୍ଷରୁ ମକ୍‌ଡ୍ରିଲ, ପ୍ରଶିକ୍ଷଣ



ବିଦ୍ୟାଳୟର ପିଲାମାନଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

ରାଜକନିକା,୧୯।୧୦(ରବୀନ୍ଦ୍ର କୁମାର ଦାସ)

ଆର ଏନ୍ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜକନିକା ଅଗ୍ନିଶମ ବାହିନୀ ପକ୍ଷରୁ ମକ୍‌ଡ୍ରିଲ ଓ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ରାଜକନିକା ଦମକଳ ବାହିନୀ ଅଧିକାରୀ ସୁଶାନ୍ତ ଦାସ ଓ ସହଯୋଗୀ ଅଗ୍ନିଶମ ବାହିନୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ହେଉ ବା ଆକସ୍ମିକ ଅଗ୍ନିକାଣ୍ଡ ସେଥିରୁ କେମିତି ନିଜର ଓ ଅନ୍ୟର ସୁରକ୍ଷା କରିପାରିବେ ସେନେଇ ତାଲିମ ଦିଆଯାଇଥିବା ଦେଖିବାକୁ ମିଳିଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ ଓ ସମସ୍ତ ସହକାରୀ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ନଦି ନାଳ ଘେରା ଓ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ ବିଶେଷ କରି ବାତ୍ୟା ଓ ବନ୍ୟା ପ୍ରଭାବିତ ହୋଇଥିବାରୁ ଏହି ଅଞ୍ଚଳର ଲୋକଙ୍କ ପାଇଁ ନିଜର ଧନ ଜୀବନର ସୁରକ୍ଷା ନିଜେ କରିବାର ସକ୍ଷମ ହେବାପାଇଁ ଏହି ପ୍ରଶିକ୍ଷଣ ଶିବିର ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।

# ବିରି ବୁଣିବାକୁ ଯାଇ ଚାଷୀ ନିଖୋଜ

ପଟ୍ଟାମୁଣ୍ଡାଇ,୧୯।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅଣ୍ଟରା ଗ୍ରାମର ଭେଡାକୁ ବିରି ବୁଣିବାକୁ ଯାଇ ଜଣେ କୃଷକ ନିଖୋଜ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଛି। ନିଖୋଜ ଚାଷୀ ଜଣଙ୍କ ହେଉଛନ୍ତି ଅଣ୍ଟରା ଗାଁର ଗଣେଶ ଚନ୍ଦ୍ର ମଲ୍ଲିକ (୭୨)। ଗୁରୁବାର ସକାଳେ ଅଣ୍ଟରା ଗ୍ରାମର ଚାଷୀ ଗଣେଶ ଗୁଡ଼ିଆ ଯୋର ଆରପାଖରେ ଥିବା ଭେଡାକୁ ବିରି ବୁଣିବାକୁ ଯାଇଥିଲେ। ମଧ୍ୟାହ୍ନ ସୁଦ୍ଧା ଗଣେଶ ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମବାସୀ ଖୋଜିଖୋଜି କରିଥିଲେ ମାତ୍ର ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ପରେ ଗ୍ରାମବାସୀ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ମୋଟର ବୋଟ ସାହାଯ୍ୟରେ ଗୁଡ଼ିଆ ଯୋରରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ଏହି ଅଞ୍ଚଳରେ ଲାମ୍ବା ବେଣାଖରୀ ଜଙ୍ଗଲ ସୃଷ୍ଟି ହୋଇଥିବାରୁ ଚାଷୀ ଗଣେଶଙ୍କୁ ଖୋଜି ପାଇବା କଷ୍ଟକର ହେଉଥିବା ବେଳେ ବିଷଧର ସର୍ପଙ୍କ ପାଦୁର୍ଭାବ ଅଧିକ ଥିବାରୁ ଉଦ୍ଧାର କାର୍ଯ୍ୟରେ ଘୋର ଅସୁବିଧା ଦେଖାଦେଇଛି ବୋଲି ଗ୍ରାମବାସୀ କହିଛନ୍ତି। ସୂଚନା ଯୋଗ୍ୟ ଯେ, ଗୁଡ଼ିଆ ଜୋରରେ ପୋଲ ନ ଥିବାରୁ ଚାଷୀମାନେ ପ୍ରତିଦିନ ବିପଦ ସଙ୍କୁଳ ଅବସ୍ଥାରେ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ ସାହାଯ୍ୟରେ ଚାଷ କାର୍ଯ୍ୟ ପାଇଁ ଯାଇଥାନ୍ତି। ଚାଷୀ ନିଖୋଜ ଘଟଣା ଯୋଗୁ ସମଗ୍ର ଧୋୟାଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଗରଦପୁର ବ୍ଲକର ୧୮୦ଟି ପ୍ରକଳ୍ପ ପାଇଁ ୯ କୋଟି ଟଙ୍କା

ପାଟକୁରା ୧୯।୧୦(ରବୀନ୍ଦ୍ର ନାଥ ବାରିକ )

ଆମ ଓଡ଼ିଶା ନବୀନ ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟରେ ଗରଦପୁର ବ୍ଲକରେ ଶୁଭାରମ୍ଭ କରିଛନ୍ତି। ଗରଦପୁର ବ୍ଲକର ୧୮ଟି ପଞ୍ଚାୟତରେ ସମୁଦାୟ ୧୮୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିରେ ସମୁଦାୟ ୯ କୋଟି ଟଙ୍କା ବିନିଯୋଗ ହେବ। ଏହି କାର୍ଯ୍ୟକ୍ରମ ପାଇଁ ବ୍ଲକ ପରିସରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଜନସାଧାରଣ ଏଠାରେ ବସି ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ଶୁଭାରମ୍ଭ ହେବା ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟିକାଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବିଡିଓ ଧର୍ମରଞ୍ଜନ ପଣ୍ଡା, ଜିଲାପରିଷଦ ସଦସ୍ୟ, ସମସ୍ତ ନର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ। ଗରଦପୁର ବ୍ଲକ ପାଇଁ ୧୮୦ ପ୍ରକଳ୍ପ ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ଧନ୍ୟବାଦ ଜଣାଇଥିଲେ।



ଗରଦପୁରଠାରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ଉଦ୍‌ବୋଧନ ଦେଉଛନ୍ତି।

# ପଟ୍ଟାମୁଣ୍ଡାଇର ୩୧ ପଞ୍ଚାୟତ ୧୫ କୋଟି ୫୦ ଲକ୍ଷ ଅନୁଦାନ

ପଟ୍ଟାମୁଣ୍ଡାଇ ୧୯।୧୦(କଳ୍ପତରୁ ନାୟକ)

ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ବ୍ଲକରେ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ଏମ୍.ଏନ୍. ହାଇସ୍କୁଲ ପଡିଆ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆଭାସୀ ଯୋଗେ ଉଦ୍‌ଘାଟନ କରିବା ସହିତ ବ୍ଲକର ୩୧ଟି ପଞ୍ଚାୟତର ୩୭୬ ପ୍ରକଳ୍ପ ପାଇଁ ୧୫ କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ଭିସି ଯୋଗେ ଏଡିଏମ୍ ନିଲୁ ମହାପାତ୍ର, ବିଡିଓ ଶୁଭ୍ରାଂଶୁ ସାହୁ, ଭାରପ୍ରାପ୍ତ ତହସିଲଦାର ପ୍ରତ୍ୟୁଷା ପ୍ରିୟଦର୍ଶନୀ, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଓ ଜିଲାପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ। ଭର୍ଚୁଆଲ ମୋଡ୍‌ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଞ୍ଚ ପରିଚାଳନା କରିଥିଲେ। ପୌରାଧ୍ୟକ୍ଷ ହେମନ୍ତ ସାହୁ, ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ସରପଞ୍ଚ ସନ୍ତୋଷ ସେଠୀ, ସଂଗ୍ରାମ ବାରିକ, ପ୍ରିୟବ୍ରତ ଓଝା, ବନୋଜ ସେଠୀ, ଦୀପ୍ତିମୟୀ ପରିଡା, ସମିତିସଭ୍ୟ ଅଭୟ ସ୍ୱାଇଁ, ଶଶାଙ୍କଶେଖର ବିଶ୍ୱାଳ, ନିରଞ୍ଜନ ବାରିକ, ମାନସ ମଲ୍ଲିକ ପ୍ରମୁଖ ଭାଷଣ ଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ପର୍କରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ସାମନ୍ତରାୟ, ବାଲିପାଟଣା ସରପଞ୍ଚ ଅଜିତ ନାୟକ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ସହ ମତ ବିନିମୟ କରିଥିଲେ। ବ୍ଲକ ଅଧ୍ୟକ୍ଷ ସାମନ୍ତରାୟ କହିଥିଲେ, ଏହି ଯୋଜନା ଦ୍ୱାରା ବ୍ଲକ ଅଞ୍ଚଳର ବିକାଶ ସମ୍ଭବ ହେବ। ପଟ୍ଟାମୁଣ୍ଡାଇବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହିତ ୫-ଟି ସଚିବ ପାଣ୍ଡିଆନ ପଟ୍ଟାମୁଣ୍ଡାଇ କ୍ୱାଇଁ ହୋଇଥିବାରୁ ଆମ ଅଞ୍ଚଳ ପ୍ରତି ତାଙ୍କର ଅବଦାନ ଏଭଳି ରହୁ ବୋଲି କହି କୃତଜ୍ଞତା ଜ୍ଞାପନ କରିଥିଲେ।



ପଟ୍ଟାମୁଣ୍ଡାଇଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଜେଡି ନେତାମାନେ।

# ରାଜକନିକା ବ୍ଲକର ୨୯ ପଞ୍ଚାୟତକୁ ୧୪.୫୦ ଲକ୍ଷ ମିଳିଲା

**ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଲୋକାର୍ପଣ**

ରାଜକନିକା,୧୯।୧୦(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଲୋକାର୍ପଣ ଉତ୍ସବ ଗୁରୁବାର ରାଜକନିକା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଳି ନିର୍ବାଚନମଣ୍ଡଳୀର ରାଜକନିକା ବ୍ଲକ ପରିସରରେ ଏହାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭିସି ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଲୋକାର୍ପଣ କରିଥିଲେ। ଏହି ଲୋକାର୍ପଣ ଉତ୍ସବ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ସମ୍ପାଦିତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କ୍ରମରେ ଲଘୁ ଉଦ୍ୟୋଗ, ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଉପସ୍ଥିତ ରହିଥିଲେ। ରାଜକନିକା ବ୍ଲକର ୨୯ଟି ପଞ୍ଚାୟତକୁ ୧୪ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ମିଳିଛି ବୋଲି କହିଛନ୍ତି। ଜିଲାପାଳ ଅମୃତ ଋତୁରାଜ ଭିସି ଜରିଆରେ ଅନୁଦାନ ରାଶିର ସ୍ୱଚ୍ଛତା ପୂର୍ବକ ଠିକ୍ ବିନିଯୋଗ ଦିଗରେ ଉନ୍ନତିମୂଳକ କାର୍ଯ୍ୟଗୁଡିକ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜକନିକା ବିଡିଓ ରବିନାରାୟଣ ଆଚାର୍ଯ୍ୟ, କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ଜିଲା ନିଯୁକ୍ତି ଅଧିକାରୀ ଘନଶ୍ୟାମ ସା, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟା ଅମିତା ସାହୁ, ପ୍ରବୀଣା ଦାସ, ଯୁବନେତା ଉମେଶ ବେହୁରା, ମନୋରଞ୍ଜନ ବିହାରୀ, ନିରଞ୍ଜନ ନାୟକ, ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ବିଜୟଲକ୍ଷ୍ମୀ ବେହେରା, ସମିତିସଭ୍ୟ ପ୍ରକାଶ ସେନାପତି ଓ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ରାଜକନିକାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଉପସ୍ଥିତ ଲୋକମାନେ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ପୁସ୍ତକ ସମୀକ୍ଷା :ସ୍ଥାନ–କମାପଲୀ, ସମୟ–ଅପରାହ୍ନ ୪ଟା ୩୦।

## ସଂକ୍ଷେପରେ

### ଦୋଷୀ ସାବ୍ୟସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ବରଖାସ୍ତ ସୁପାରିସ

ବ୍ରହ୍ମପୁର,୧୯।୧୦(ସୁବାସଚନ୍ଦ୍ର ପାଢ଼ୀ)

ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଗଞ୍ଜାମ ଜିଲା ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କନିଷ୍ଠ ଯନ୍ତ୍ରୀ ଏନ୍. ପ୍ରକାଶ ପାତ୍ରଙ୍କୁ ଚାକିରିରୁ ବରଖାସ୍ତ କରିବାକୁ ଚିଠି ହୋଇଛି। ସାଧାରଣ ପ୍ରଶାସନ ବିଭାଗ ଚିଠି ଅନୁସାରେ ତାଙ୍କୁ ବରଖାସ୍ତ କରିବା ପାଇଁ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସୁପାରିଶ କରିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚାଲିଥିଲା। ଗତ ସେପ୍ଟେମ୍ବର ୩୦ତାରିଖରେ କୋର୍ଟ ଏହାର ବିଚାର କରି କନିଷ୍ଠ ଯନ୍ତ୍ରୀ ଓ ତାଙ୍କ ସ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଦୁଇ ବର୍ଷ ଜେଲ୍ ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ କରିଥିଲେ। ସେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ଭିଜିଲାନ୍ସ ବିଭାଗ ସାଧାରଣ ପ୍ରକାଶନ ବିଭାଗକୁ ସୁପାରିଶ କରିଥିଲା। ସାଧାରଣ ପ୍ରଶାସନ ବିଭାଗ ଏବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି କରିଛନ୍ତି। ଭାରତୀୟ ସମ୍ବିଧାନ ଅନୁଛେଦ ୩୧୧ ପ୍ରକାରେ ଜଣେ ସରକାରୀ ଅଧିକାରୀ ଦୋଷୀ ସାବ୍ୟସ୍ତ ହେବା ପରେ ସର୍ବସାଧାରଣ ଅଫିସ ଆସିପାରିବେ ନାହିଁ ଏବଂ ତାଙ୍କୁ ଚାକିରିରୁ ବରଖାସ୍ତ କରିବାର ପ୍ରାବଧାନ ରହିଛି। ସୂଚନାଯୋଗ୍ୟ, ୨୦୦୯ରେ ହଜାରେ ଟଙ୍କା ଲାଞ୍ଚ ନେବା ବେଳେ ଧରାପଡିଥିଲେ ଏନ୍.ପ୍ରକାଶ ପାତ୍ର। ଭିଜିଲାନ୍ସ ତାଙ୍କ ଘର ଓ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରିଥିଲା। ୧୨ଲକ୍ଷରୁ ଊର୍ଦ୍ଧ୍ୱ ଆୟ ବର୍ହିଭୂତ ସମ୍ପତ୍ତି ଧରାପଡିଥିଲା। ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ଅପିଲକୁ ଯାଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଲାଞ୍ଚ ଗ୍ରହଣ ମାମଲାର ବିଚାର ଜାରି ରହିଛି।

### ଜୁଆଆଡ୍ଡାରୁ ୯ ଗିରଫ

ଗୋପାଳପୁର,୧୯।୧୦(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୯ ଜଣ ଜୁଆଡ଼ିଙ୍କୁ କାବୁ କରିଛି। ଏହି ଥାନା ଅଧୀନ ବଡ଼କୁସ୍ଥଳି ଗ୍ରାମରେ ଗତ କିଛି ଦିନ ହେଲା ଜୁଆ ଆଡ୍ଡା ଚାଲିଥିଲା। ଖବର ପାଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଜୁଆ ଆଡ୍ଡା ସ୍ଥାନରେ ଚଢ଼ାଉ କରିଥିଲା। କିଛି ଜୁଆଡ଼ି ଚମ୍ପଟ ମାରିଥିବା ବେଳେ ନଅ ଜଣଙ୍କୁ ପୋଲିସ ଧରିଥିଲା। ସେମାନଙ୍କଠାରୁ ୩୯ ହଜାର ୮ ଶହ ଟଙ୍କା, ୯ ମୋବାଇଲ ଓ ତାସ ଜବତ ହୋଇଛି।

### କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

ଦିଗପହଣ୍ଡି,୧୯।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ମହିଳା କଲେଜ ର କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷା ଡ. ସ୍ୱାଗତିକା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଗତ ମଙ୍ଗଳବାର କଲେଜ ଅଧକ୍ଷା ଡ. ପାତ୍ର ଏହାକୁ ଉଦ୍‌ଘାଟନ କରିବା ପରେ ବହୁସଂଖ୍ୟକ ଛାତ୍ରୀ ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ଅଧାପିକା ଡ.ସୁଜାତା କୁମାରୀ ପାତ୍ର, ପ୍ରମୁଖ ସହଯୋଗ କରିଥିଲେ।

# ବଦଳିଛି ଭିତ୍ତିଭୂମି, ହରାଇନି ପୂର୍ବ ଗରିମା

ଛତ୍ରପୁର ୧୯।୧୦ (ଦିଲୀପ ସାମଲ) :

## ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ଅନସ୍ଲୋ ହାଇସ୍କୁଲ



ଗଞ୍ଜାମ ଜିଲାର ସର୍ବ ପୁରାତନ ବିଦ୍ୟାଳୟ କହିଲେ ଜିଲା ସଦର ମହକୁମା ଛତ୍ରପୁର ସହରରେ ଥିବା ଅନସ୍ଲୋ ହାଇସ୍କୁଲକୁ ବୁଝାଏ। ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ସମସ୍ତ ବିଦ୍ୟାଳୟକୁ ବିଭିନ୍ନ ପର୍ଯ୍ୟାୟରେ ୫–ଟି ରୂପାନ୍ତରିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲାର ସର୍ବ ପୁରାତନ ଅନସ୍ଲୋ ହାଇସ୍କୁଲ ସମେତ ରାଜ୍ୟରେ ଥିବା ବିଭିନ୍ନ ବିଦ୍ୟାଳୟକୁ ରାଜ୍ୟ ସରକାର ରୂପାନ୍ତରିତ କରିଥିଲେ। ଦେଶ ସ୍ୱାଧିନତା ପୂର୍ବରୁ ଗଞ୍ଜାମ ଜିଲା ବ୍ରିଟିଶ ଶାସକ ମାନଙ୍କ ମୁଖ୍ୟ ପେଣ୍ଠସ୍ଥଳୀ ଥିଲା । ବାଣିଜ୍ୟ, ବ୍ୟବସାୟୀ ସହ ପ୍ରଶାସନିକ ପରିଚାଳନା ପାଇଁ ଏହାକୁ ଉପଯୁକ୍ତ ସ୍ଥାନ ଭାବେ ବାଛି ନିଆଯାଇଥିଲା। ଫଳରେ ସଦର ମହକୁମା ଛତ୍ରପୁରଠାରେ ବ୍ରିଟିଶମାନଙ୍କ ଦ୍ୱାରା ଅନେକ କୋଠା ନିର୍ମାଣ ହୋଇଥିଲା, ଯାହାକି ବିଭିନ୍ନ କାର୍ଯ୍ୟାଳୟ ଭାବେ ଆଜି ପର୍ଯ୍ୟନ୍ତ ବ୍ୟବହାର ହୋଇ ଆସୁଛି । ତେବେ ଶିକ୍ଷାର ବିକାଶ ପାଇଁ ୧୮୫୫ ମସିହାରେ ତତ୍କାଳୀନ ଜିଲାପାଳ ସାହେବ ଅର୍ଥର ପୁଲି ଅନସ୍ଲୋ ବିଦ୍ୟାଳୟ ସ୍ଥାପନ କରିଥିଲେ, ଯାହାକି ଅନସ୍ଲୋ ସାହେବଙ୍କ ନାମ ଅନୁଯାୟୀ ନାମିତ ହୋଇଥିଲା । ଓଡିଆ ଓ ତେଲୁଗୁ ଭାଷାରେ ପିଲାମାନେ ଏଠାରେ ଅଧ୍ୟୟନ କରୁଥିଲେ। ୧୯୧୫ରେ ଏହା ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ ହେଲା। ୧୯୨୧ରେ ଗଞ୍ଜାମ ଜିଲ୍ଲା ବୋର୍ଡ ଅଧୀନରେ ରହିବା ପରେ ୧୯୫୮ଠାରୁ ଓଡିଶା ସରକାରଙ୍କ ଦ୍ୱାରା ଏହା ପରିଚାଳିତ ହେଲା। ୧୯୬୧ଠାରୁ ୧୯୬୭ ପର୍ଯ୍ୟନ୍ତ ଏଠାରେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଚାଲିଥିଲା। ପରବର୍ତ୍ତି ସମୟରେ ଏକ ସ୍ୱତନ୍ତ୍ର କୋଠା ନିର୍ମାଣ କରାଯାଇ ବିଜ୍ଞାନ ମହାବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଗଲା। ୧୯୬୭–୬୮ ଶିକ୍ଷା ବର୍ଷ ଠାରୁ ଅନସ୍ଲୋ ଅନୁଷ୍ଠାନ ସରକାରୀ ଉଚ୍ଚ ବିଦ୍ୟାଳୟ ଭାବେ ଶିକ୍ଷାଦାନ କରାଗଲା। ଅନସ୍ଲୋ ଅନୁଷ୍ଠାନର ପ୍ରଥମ ପ୍ରଧାନ ଶିକ୍ଷକ ଭାବେ ମିଷ୍ଟର ଏଚ. ମାର୍ଗେନୌଟ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୬୦ ଜଣ ପ୍ରଧାନ ଶିକ୍ଷକ ଦାୟିତ୍ୱକୁ ନିର୍ବାହ କଲେଣି। ବର୍ତ୍ତମାନ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ସୁଚିତ୍ରା ପାଣିଗ୍ରାହୀ ଦାୟିତ୍ୱ ତୁଲାଇ ଆସୁଛନ୍ତି। ବିଦ୍ୟାର୍ଥୀଙ୍କ ପାଠପଢା କ୍ଷେତ୍ରରେ ବିକାଶ କରିବା ଉଦ୍ଦେଶ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫–ଟି ଅଧୀନରେ ପ୍ରଥମ ପର୍ଯ୍ୟାୟରେ ଏହାକୁ ରୂପାନ୍ତରିତ କରାଯାଇଥିଲ ୨୦୨୨ ଅକ୍ଟୋବର ମାସ ୧୭ରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦଘାଟନ କରିଥିଲେ । ବିଦ୍ୟାଳୟ ଭିତ୍ତିଭୂମି ଠାରୁ ଆରମ୍ଭ କରି ଏହାର ଚଟାଣ, ଲାଇବ୍ରେରୀ, କ୍ଲାସରୁମ୍, ବିଜ୍ଞାନାଗାର, ଆଧୁନିକ ଲାବ୍ରୋଟାରୀ, ଶୌଚାଳୟ ଆଦିକୁ ସ୍ମାର୍ଟ କରାଯିବା ସହିତ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତି କରାଯାଇଛି । ବର୍ତ୍ତମାନ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଥିବା ବେଳେ ୨୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି । ବିଦ୍ୟାଳୟ ଖେଳ ପଡିଆରେ କିଛି ଅନୁସାଙ୍ଗିକ ବ୍ୟବସ୍ଥାର ଅଭାବ ରହିଯାଇଛି। ଯଥା ପିଇବା ପାଣି, ଆଲୋକୀକରଣ ଓ ଶୌଚାଳୟ । ଏଣୁ ସେଗୁଡିକୁ ନିର୍ମାଣ କରିବା ପାଇଁ ସରକାରଙ୍କ ଶୁଭ ଦୃଷ୍ଟିକୁ ପିଲା ଅପେକ୍ଷା କରି ରହିଛନ୍ତି। ସେହିପରି ବିଦ୍ୟାଳୟରେ କୋଠା, ସାଇକେଲ ଷ୍ଟାଣ୍ଡ, ସିସି ଟିଭି କ୍ୟାମେରା ଆଉ ଏମଡିଏମ ରୁମ ନିର୍ମାଣ ହେଲେ ଛାତ୍ରୀଛାତ୍ରଙ୍କ ପାଇଁ ବେଶ ସହାୟକ ହୋଇପାରନ୍ତା ବୋଲି ବିଦ୍ୟାଳୟ କମିଟି ସଭାପତି ଅମୀୟ ଧଳ କହିଛନ୍ତି । ଏହି ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରି ଛତ୍ରପୁରର ଅରୂପ ପଟ୍ଟନାୟକ ଦିଲ୍ଲୀ ପୋଲିସ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ । ସେହିପରି ଭାରତର ପୂର୍ବତନ ରାଷ୍ଟ୍ରପତି କେ. ଆର. ନାରାୟଣଙ୍କ ପ୍ରେସ ସଚିବ ଭାବେ ପୂର୍ବରୁ କାର୍ଯ୍ୟ କରୁଥିବା ଛାତ୍ର ସତ୍ୟ ନାରାୟଣ ସାହୁ , ବର୍ତ୍ତମାନ ପଶ୍ଚିମାଞ୍ଚଳ ଡିଆଇଜି ଭାବେ କାର୍ଯ୍ୟ କରୁଥିବା ଡ. ସାର୍ଥକ ଷଡଙ୍ଗୀ ମଧ ଏହି ଅନୁଷ୍ଠାନର ଛାତ୍ର ଥିଲେ। ପଶ୍ଚିମାଞ୍ଚଳ ଡିଆଇଜି ଷଡଙ୍ଗୀ ଏବେ ଏହି ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏହି ପୁରାତନ ବିଦ୍ୟାଳୟ ଭାରତର ସ୍ୱାଧୀନତା ସଂଗ୍ରାମ ଓ ସ୍ୱାଧୀନତା ପ୍ରାପ୍ତିର ମୂକସାକ୍ଷୀ ଭାବେ ଛିଡା ହୋଇରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଉ ଏଥିପାଇଁ ଏହି ଅନୁଷ୍ଠାନ ମଣିଷ ତିଆରି କାରାଖାନା ଭାବେ ପରିଚିତ ହୋଇଛି। ତେବେ ବିଦ୍ୟାଳୟର ଭିତ୍ତିଭୂମି ବଦଳିଥିଲେ ମଧ ପୂର୍ବର ଗରିମା ଏବେବି ବଜାୟ ରହିଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## କୋଟଗଡ଼ ଅଭୟାରଣ୍ୟରେ ବାଘ ଗଣନା

ବାଲିଗୁଡ଼ା,୧୯।୧୦
(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ବନଖଣ୍ଡ ଅଧୀନରେ ଥିବା କୋଟଗଡ ଅଭୟାରଣ୍ୟରେ ବାଘ ଗଣନା ଆରମ୍ଭ ହୋଇଛି। କୋଟଗଡ ରେଞ୍ଜର ରମାକାନ୍ତ କହଁରଙ୍କ ନେତୃତ୍ୱରେ ଏହି ଗଣନା ଚାଲିଛି। କୋଟଗଡ ସମେତ ଲାସେରି, ସୁବର୍ଣ୍ଣଗିରି, ଶ୍ରୀରାମପୁର ସଂରକ୍ଷିତ ଜଙ୍ଗଲରେ ଥିବା ବିଭିନ୍ନ ସ୍ଥାନରେ ବନ କର୍ମଚାରୀମାନେ ପହଞ୍ଚି ବାଘ ଗଣନା କାର୍ଯ୍ୟକ୍ରମକୁ ତ୍ୱରାନିତ କରୁଛନ୍ତି। ବାଘର ପାଦ ଚିହ୍ନ କୁ ଠାବ କରି ଏହାର ଫୋଟ ଉଠାଇବା ସହ ଲମ୍ବ ପ୍ରସ୍ତ ସବୁ ସର୍ଭେ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ଏହି ଗଣନା କାର୍ଯ୍ୟକ୍ରମରେ ରେଞ୍ଜର କହଁରଙ୍କ ସମେତ ଫରେଷ୍ଟର ଦେବାଶିଷ ଚୌଧୁରୀ ,ଯୋଗେଶ୍ୱର ଧାରୁଆ, ଭୀମରାଜ ବେହେରଦଳାଇ, ବିନୋଦ କୁମାର ସାହୁ, ରାହୁଲ କୁମାର ଦିଗାଲ, ବିଶ୍ୱଜିତ ମିଶ୍ର, ସୌଭାଗ୍ୟ ରଞ୍ଜନ ସାମଲ, ଧର୍ମେନ୍ଦ୍ର ଦିଗାଲ, କିରଣବାଳା ସ୍ୱାଇଁ, ଦୀପକ କୁମାର ଖଣ୍ଡଗିରିଙ୍କ ସମେତ ପ୍ରମୁଖ ଫରେଷ୍ଟ ଗାର୍ଡ ଏଥିରେ ସାମିଲ ହୋଇଛନ୍ତି।

## ସେବା ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ

ବୁଗୁଡା/ବାଲିପଦର,୧୯।୧୦
(ବିଶିକେଶନ ସ୍ୱାଇଁ/କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ଅରଖପୁରରେ ନୂତନ ଭାବେ ସେବା ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଆଖି ଆଗରେ ରଖି ଏହି ସେବା ସମବାୟ ସମିତି ଖୋଲାଯାଇଥିବା ବିଧାୟକ କହିବା ସହ ୪ ଜଣ ଚାଷୀଙ୍କୁ ୧ଲକ୍ଷ ୩୦ ହଜାର ଟଙ୍କା ଋଣ ପ୍ରଦାନ କରିଥିଲେ। ଉକ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଲି.ର ସଭାପତି ମଙ୍ଗୁଲୁ ଧର ସାହୁ, ଏଆର୍‌ସିଏସ୍ ବିଜୟ କୁମାର ସାହୁ, ବୁଗୁଡା ଅଞ୍ଚଳ ନିର୍ଦ୍ଦେଶିକା ନନ୍ଦିନୀ ଭୂୟାଁ, ଏସ୍ଏଆର୍‌ସିଏସ୍ ପ୍ରମୋଦ ପଣ୍ଡା, ବୁଗୁଡ଼ା ଶାଖା ପରିଚାଳକ ଯୋଗେଶ ଚନ୍ଦ୍ର ସାମନ୍ତରାୟ, ସେବା ସମବାୟ ସମିତିର ସଭାପତି ପ୍ରଶାନ୍ତ କୁମାର ପାତ୍ର, ଉପସଭାପତି ଚୋରିଆ ମଳିକ, ସରପଞ୍ଚ ମିନତି ମଳିକ, ସମିତି ସଭ୍ୟା ଶାନ୍ତିଲତା ସ୍ୱାଇଁ, ଜିଲା ପରିଷଦ ସଭ୍ୟା ସମିତା ସ୍ୱାଇଁ ଉପସ୍ଥିତ ଥିଲେ। ଶେଷରେ ସଂପାଦକ ହିମାଂଶୁ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଏଥିରେ ବୁଗୁଡ଼ା ବ୍ଲକର ସମସ୍ତ ସମ୍ପାଦକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବୁଗୁଡ଼ା,୧୯।୧୦(କଳୀଚରଣ ଦାଶ)

ବୁଗୁଡା ସତ୍ୟସାଇ ସଂଗଠନ ପକ୍ଷରୁ ଗତ ୧ତାରିଖରୁ ୧୯ ଦିନ ବ୍ୟାପୀ ଚାଲିଥିବା ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ସଂଗଠନର ଜାତୀୟ ସଭାପତି ତଥା ରାଜ୍ୟ ସଂଗଠନର ନିର୍ଦ୍ଦେଶକ୍ରମେ ବୁଗୁଡ଼ା ସତ୍ୟ ସାଇ ସେବା ସମିତି ପକ୍ଷରୁ ନିକଟସ୍ଥ କୈଳାସ ନଗରସ୍ଥିତ କୁବେରେଶ୍ୱର ମନ୍ଦିରରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସେବା ସାଇ କେନ୍ଦ୍ର ଠାରେ ଶେଷ ହୋଇଥିଲା। ସଂଗଠନର ମହିଳା, ପୁରୁଷ, ଯୁବକ ଓ ବାଳ ବିକାଶ ପିଲାମାନେ ଏହି ଅଖଣ୍ଡ ସେବାରେ ଅଂଶ ଗ୍ରହଣ କରି ଶନି ମନ୍ଦିର, ସୋମନାଥ ମନ୍ଦିର, ବଳଦେବ ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର, ଚୈତନ୍ୟ ମନ୍ଦିର, ରଘୁନାଥ ମନ୍ଦିର, ବୁଢ଼ୀ ଠାକୁରାଣୀ ମନ୍ଦିର, ପାର୍କ, କଲ୍ୟାଣ ମଣ୍ଡପ, ଜରାଶ୍ରମ ଆଦିରେ ଶ୍ରମଦାନ କରିଥିଲେ। ଏଥିସହିତ ୧୦ଟି ପ୍ରେମତରୁ ମଧ ରୋପଣ କରାଯାଇଥିଲା। ସେହିପରି ସମିତି ଅନ୍ତର୍ଗତ ବାଲିପଦର, ଅନ୍ତରପଡା, କରଡାବାଡି, ଆଦିପୁର ଆଦି ଭଜନ ମଣ୍ଡଳୀ ଗୁଡିକରେ ମଧ ଏଭଳି କାର୍ଯ୍ୟକ୍ରମ ହୋଇଥିଲା।

## ସାଂସ୍କୃତିକ, ସାହିତ୍ୟିକ ଉତ୍ସବ



ଭଞ୍ଜନଗର, ୧୯।୧୦(ବାବୁଲା ପ୍ରଧାନ):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଗୁରୁବାର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ ଏବଂ ସାହିତ୍ୟିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ଏହିଭଳି କାର୍ଯ୍ୟକ୍ରମ କଲେଜସ୍ତରରେ ଆୟୋଜନ କରାଯାଇଛି। ଆୟୋଜିତ ଉତ୍ସବରେ ଭଞ୍ଜନଗର ବିଡିଓ ଶଶିଭୂଷଣ ମହାପାତ୍ର, କଲେଜ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଭଲ ମଣିଷଟିଏ ହେବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଆହ୍ୱାନ କରିଥିଲେ। କଲେଜ ଅଧକ୍ଷ ରାଜେନ୍ଦ୍ର ଦାସ ବୈଠକରେ ସଭାପତିତ୍ୱ କରିଥିଲେ। ସାଂସ୍କୃତିକ ପରିଷଦ ଉପସଭାନେତ୍ରୀ ଅଧାପିକା ରାଜଲକ୍ଷ୍ମୀ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ଅମିୟ ରଞ୍ଜନ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଅଧାପିକା ରାଜଶ୍ରୀ ନାୟକ, ବିସ୍ମିତା ଛତର, ଅଧାପକ ବିଜୟ ମଲ୍ଲିକ, ଶରତ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବାଲି ଚାଲାଣ ମାମଲାରେ ୩ ଗିରଫ

## ନକଲି କାଗଜପତ୍ର, ଟଙ୍କା , ମୋବାଇଲ ଫୋନ୍ ଜବତ

କୋଦଳା,୧୯।୧୦
(ଅମିତ କୁମାର ପଟ୍ଟନାୟକ )

ବାଲି ଚୋରା ଚାଲାଣ ମାମଲାରେ କୋଦଳା ଥାନା ପୋଲିସ ଗୁରୁବାର ୩ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମପୁରର କୃପାସିନ୍ଧୁ ମୁଦୁଲି,ରାୟଗଡା ଜିଲା ପଦ୍ମପୁରର ରଘୁନାଥ ପାଢ଼ୀ, ପୁରୁଷୋତ୍ତମପୁର ଥାନା କୁମାରୀ ଗ୍ରାମର ମଙ୍ଗରାଜ ବେହେରା। ସେମାନଙ୍କଠାରୁ ପୋଲିସ ନକଲି କାଗଜପତ୍ର, ଟଙ୍କା ଏବଂ ମୋବାଇଲ ଫୋନ୍ ଜବତ କରିଛି। ଗତ ୧୪ ତାରିଖରେ କୋଦଳା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୫ଟି ଚୋରା ବାଲି ଟ୍ରକ ଜବତ କରିଥିଲା। ଜବତ ପରେ ଚୋରା ବାଲିର କୌଣସି କାଗଜପତ୍ର ନ ଥିବା ଜଣାପଡିଥିଲା। ବିଭିନ୍ନ ନକଲି କାଗଜପତ୍ରକୁ ପୋଲିସ ଜବତ କରିଥିଲା। ଏ ନେଇ ଥାନାରେ ନଂ.୪୯୯/୨୦୨୩ରେ ମାମଲା ରୁଜୁ ହୋଇଥିଲା। ଉକ୍ତ ଘଟଣାରେ କୋଦଳା ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

## ବେଲଗୁଣ୍ଠାରେ ତୃତୀୟ ମାସିକ କ୍ଲଷ୍ଟର୍ ସ୍ତରୀୟ ବୈଠକ

ବେଲଗୁଣ୍ଠା,୧୯।୧୦( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଗୁରୁବାର ବେଲଗୁଣ୍ଠା ବ୍ଲକର ସମସ୍ତ ଏଗାରଟି ଆଞ୍ଚଳିକ ସାଧନ କେନ୍ଦ୍ରରେ ସିଆର୍‌ସିସିମାନଙ୍କ ଅଧକ୍ଷତାରେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଙ୍ଗପୁର ସିଆର୍‌ସିସି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଅଧକ୍ଷତାରେ ଗାଙ୍ଗପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ ଅନୁଷ୍ଠିତ ଦ୍ୱିତୀୟ ମାସିକ ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ନନ୍ଦ, ଶାନ୍ତିଲତା ବେହେରା, ସୁଚରିତା ଗୌଡ଼, ପ୍ରଧାନ ଶିକ୍ଷକ ବାଳକୃଷ୍ଣ ସାବତ, ଶିବରାମ ବେହେରା, ଗଙ୍ଗାଧର ସ୍ୱାଇଁ, ଶିଶିର କୁମାର ସ୍ୱାଇଁ ଏବଂ ଶୀତଳ ପ୍ରସାଦ ଜେନା, ସହକାରୀ ଶିକ୍ଷକ ଦାଶରଥି ସେଠୀ, ଆକୁଳ ସାହୁ, ଅଶୋକ ବେହେରା, ସହକାରୀ ଶିକ୍ଷୟିତ୍ରୀ ଆରତି ପାତ୍ର, ରଶ୍ମିରେଖା ମଲ୍ଲିକ, ମାନସୀ ନାୟକ, କାଜଲ୍ ପ୍ରଧାନ, ସୁଚିତ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବିଦ୍ୟାଳୟ ମନିଟରିଂ, ଗଣିତ କଳିକା କିଟ୍ ଓ ଭାଷା କିଟ୍‌ର ବ୍ୟବହାର,ଏସ୍‌ଇସି ସର୍ଭେ, ୟୁ– ଡାଇସ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

ବାଲିଗୁଡା,୧୯।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବିଇଓ ମହେଶ୍ୱର ମାଝି ଏହାକୁ ଉଦ୍‌ଘାଟନ କରିଥିଲେ। ଏବିଇଓ ବଳରାମ ବେହେରା, ବଂଶୀଧର ସାହୁ, ପ୍ରଭାକର ତ୍ରିପାଠୀ, ନୂଆସାହି ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ବତୀ ସାହାଣୀଙ୍କ ସମେତ ବାଲିଗୁଡ଼ା ବ୍ଲକ୍‌ର ସମସ୍ତ ସିଆର୍‌ସିସି ଓ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଗଣ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବ ବିଇଓଙ୍କ ସଭାପତିତ୍ୱରେ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ଏନ୍ଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ବାଲିଗୁଡ଼ା ଥାନା ସବ ଇନ୍ସପେକ୍ଟର ସସ୍ମିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ବଳରାମ ବେହେରା ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।

## କ୍ରୀଡ଼ା, ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ




ଆସିକା,୧୯।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ବୁଧବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କଲେଜ ପରିଚାଳନା କମିଟିର ଅଧକ୍ଷ ପ୍ରସନ୍ନ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ରୂପେ ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ ଯୋଗ ଦେଇଥିଲେ । ଏତଦ ଅବସରରେ ଅନୁଷ୍ଠିତ ଦୌଡ, ସଟପୁଟ ଥ୍ରୋ, କବାଡି, ଖୋ ଖୋ, ତ୍ରିଭାଷୀ ବକ୍ତୃତା ଓ ନିବନ୍ଧ, ପେନସିଲ ଚିତ୍ର, ଛାତ୍ରୀର ନୃତ୍ୟ ଓ ସଂଗୀତ, ପଥପ୍ରାନ୍ତ ନୃତ୍ୟ ନାଟିକାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା । ଡ. ସ୍ମିତାରାଣୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଚିକା, ସହାୟିକା ସଂଘର ଶୋଭାଯାତ୍ରା

ବାଲିଗୁଡା,୧୯।୧୦(ସଞ୍ଜୟ ପାଣିଗ୍ରାହି)




ନିଖିଳ ଓଡିଶା ମଧାହ୍ନଭୋଜନ ପାଚିକା ସହାୟିକା ସଂଘ ତରଫରୁ କଳାହାଣ୍ଡି ଜିଲା ସଭାପତି ଅକ୍ଷୟ କୁମାର ମେହେରଙ୍କ ନେତୃତ୍ୱରେ ବାଲିଗୁଡାରେ ଏକ ଶୋଭାଯାତ୍ରା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ୧୫ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି । ପାଚିକା ସହାୟିକାଙ୍କୁ ମାସିକ ପାରିଶ୍ରମିକ ୧୦ ହଜାର ଟଙ୍କା ପ୍ରଦାନ, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୨୪ ମାସର ବକେୟା ଦରମା ତୁରନ୍ତ ଦେବା, ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ପାଚିକାମାନଙ୍କୁ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପାରିଶ୍ରମିକ ଦେବା, କାର୍ଯ୍ୟରତ ସମୟରେ ମୃତ୍ୟୁ ହେଲେ ପରିବାରକୁ ଏକକାଳୀନ ୧ଲକ୍ଷ ଟଙ୍କା ପ୍ରଦାନ ସହିତ ପରିବାରର ଜଣଙ୍କୁ ପାଚିକା ଭାବେ ନିଯୁକ୍ତି ଦେବା, ଅବସର ବୟସ ୬୫ ବର୍ଷକୁ ବୃଦ୍ଧି କରିବା ଓ ଅବସର ପରେ ମାସିକ ପେନସନ ଆଦି ଦାବି ଉଲ୍ଲେଖ କରାଯାଇଛି। ବାଲିଗୁଡା ସଂଘର ସଭାପତି ବିକାସିନୀ ପ୍ରଧାନୀ, ସମ୍ପାଦକ ସେବତୀ ମଳିକ, ସତ୍ୟଶିଳା ପ୍ରଧାନୀ, ଚତୁର୍ଥୀ ବେହେରା, ଯଶବନ୍ତି ସାହୁ, ବାସନ୍ତୀ ପାତ୍ରଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

# କନ୍ଧମାଳରେ ଆରାଧ୍ୟା ମା' ବରାଳଦେବୀ

ଖଜୁରିପଡ଼ା,୧୯।୧୦(ବିଦୁର ବେହେରା)




କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଳସକୁମ୍ପା ସ୍ଥିତ ଆରାଧ୍ୟା ଦେବୀ ମା ବରାଳଦେବୀଙ୍କ ଏକ ପ୍ରସିଦ୍ଧ ଶକ୍ତି ପୀଠ। ମା'ଙ୍କ ମହିମା ଯୋଗୁ ଶ୍ରଦ୍ଧାଳୁଙ୍କ ଗହଳି ସବୁବେଳେ ଲାଗିଥାଏ। ମାଙ୍କ ମନ୍ଦିରରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ମହାନବମୀ ପୂଜା ଅନ୍ୟତମ। ପ୍ରତ୍ୟେକ ବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ମା' ବରାଳଦେବୀଙ୍କ ଖଣ୍ଡାବସା ପୂଜା ହୋଇଥାଏ। ନବମୀ ଦିନ ସାହାଣୀ, ସେଠୀ ଓ ବେହେରା ଏବଂ ମୁଖୀଙ୍କ ଦ୍ୱାରା ବାଜା, ଢୋଲ, ମହୁରୀ ଓ ଚାଙ୍ଗୁ ମାଧ୍ୟମରେ ବାଜା ବାଦ୍ୟକରି ମହା ଆଡ଼ମ୍ବରରେ ସାହାଣି ଘରୁ ବାହାରି ମା'ଙ୍କର ତିନି ସେବାୟତ ତଥା ନାୟକ, ବିଷୋୟୀ ଓ ଦଳବେହେରାଙ୍କ ଘରେ ପୂଜାପାଠ କରି ତେଲି ଘରକୁ ଯାଇ ସେଠାରୁ ମଶାଲ ବାହାର କରି ମାଆଙ୍କ ପୂଜକ ଦେହୁରୀ ଘରକୁ ଯାଇ ସେଠାରେ ଦେହୁରୀ ଓ ବାହୁକଙ୍କୁ ବରଣ କରି ମା'ଙ୍କ ପୂଜାରେ ଲାଗୁଥିବା ବିଭିନ୍ନ ପୌରାଣିକ ଅସ୍ତ୍ରଶସ୍ତ୍ର ସହିତ ପୂଜା ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ଧରି ମନ୍ଦିରକୁ ପାଛୋଟି ନିଆଯାଇଥାଏ। ନବମୀ ମଧରାତ୍ରରେ କେବଳ ବର୍ଷକୁ ଗୋଟିଏ ଥର ପୂଜାପାଉଥିବା ମା' ନରଘଣ୍ଟା (ଗ୍ରାମଠାରୁ ଅଧା କିମି ଦୂରରେ ଅବସ୍ଥିତ ଏକ ଶାଳ ଜଙ୍ଗଲ) ମଧ ପୂଜା କରାଯାଇଥାଏ।

ମନ୍ଦିର ପରିଚାଳନା କମିଟିର ସୂଚନା ପ୍ରକାରେ,ଚଳିତ ବର୍ଷ ୧୬ ତାରିଖ ରାତିରେ ଖଣ୍ଡାବସା ପୂଜା ହୋଇଛି। ୨୨ ତାରିଖ ରବିବାର ଆଶ୍ୱିନ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଦେବା ଦେବୀ ବରଣ ବାର କରାଯିବ। ୨୩ ତାରିଖ ଆଶ୍ୱିନ ଶୁକ୍ଳପକ୍ଷ ନବମୀରେ ମା ଙ୍କ ପୀଠରେ ମହାନବମୀ ପୂଜା ହେବ। ୨୪ ତାରିଖ ଆଶ୍ୱିନ ଶୁକ୍ଳ ପକ୍ଷ ଦଶମୀ ତିଥିରେ ସମୟ ସର୍ଯ୍ୟାସ୍ତ ଘ ୫.୨୦ ମିନିଟ ଠାରୁ ରାତ୍ର ଘ ୭.୩୬ ମିନିଟ ମଧେ ଦଶହରା ଏବଂ ଲାଖ ବିନ୍ଧା ପୂଜା କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରକାଶ ପାଇଛି। ସେହିପରି ଛଅ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା ପାଇଁ ଯାତ୍ରା ପରିଚାଳନା କମିଟି ବ୍ୟବସ୍ଥା କରିଛି। ଶାନ୍ତି ଶୃଙ୍ଖଳକୁ ଦୃଷ୍ଟିରେ ରଖି ସୋମବାରରୁ ପୋଲିସ ପ୍ରଶାସନ ମୁତୟନ ଅଛନ୍ତି।

TATA ଉତ୍ପାଦନ



TANISHQ presents

Dharohar

Modern Heirlooms

ଏହି ଦୀପାବଳିରେ, ଆସନ୍ତୁ, ଆଉ ଉତ୍ଫୁଲ୍ଲିତ ହୁଅନ୍ତୁ ଆଭାମୟ ବଂଶଗତ ସମ୍ପଦଙ୍କ ଯୋଗେ, ଯାହା ପ୍ରସ୍ତୁତ ହୋଇଛି ଖାସ୍ ଆପଣଙ୍କ ଲାଗି – ଉତ୍ତରାଧିକାରରେ ପ୍ରାପ୍ତର ତତ୍ତ୍ୱାବଧାରକ ଯେ ଆପଣ।



20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟ ଉପରେ

ପାଆନ୍ତୁ 100%*
ଏକ୍ସଚେଞ୍ଜ ମୂଲ୍ୟ ଯେ କୌଣସି ଦୋକାନ ରୁ କିଣିଥିବା ନିଜର ପୁରୁଣା ସୁନା ଉପରେ

AMERICAN EXPRESS

₹10,000 Additional Discount*
on American Express® Cards.
Offer valid from 20th to 26th October 2023. Valid on Minimum Transaction of ₹1,50,000 on Diamond Jewellery & Solitaire Jewellery. T&Cs apply.

To locate your nearest store and know more on 6366920017. Buy online at tanishq.co.in or Download our App *Conditions apply, For T&C visit our website.

Showrooms at **Jeypore:** Ground Floor, S.R Central Mall, Ph: 06854-233227; **Bhubaneswar:** Master Canteen Square & Chandrashekharpur, **Cuttack:** Cantonment Road, **Rourkela:** Keshar Bhavan at Main Road, **Brahmapur:** City high School Road, **Sambalpur:** Buddharaja Road, **Angul:** Amalapada, **Balasore:** Vivekanand Marg, **Jharsuguda:** Beheremal Chowk, **Puri:** Grand Road, **Jajpur Road:** Chorda Road Bypass, **Bargarh:** Bhatli Chowk Road

LOVED IN 70 COUNTRIES

BAJAJ THE WORLD'S FAVOURITE INDIAN

ଭାରତର ଫେଭରିଟ୍ 150
ଏକ ପୂରା ନୂଆ ଅବତାରରେ

ଆହୁରି ମାନିଆ ପାଇଁ ସଜ ହୋଇଯାଆନ୍ତୁ, ଯେହେତୁ ଭାରତର ଫେଭରିଟ୍ 150 cc ମୋଟରସାଇକଲ ଏବେ 14.5 PS ର ପାୱର୍, ସୁତୀକ୍ଷ୍ଣ LED ହେଡ୍‌ଲ୍ୟାମ୍ପସ, ଆଉ ଏକବାରେ ସଠିକ୍ ମୋନୋଶକ୍ ସସ୍‌ପେନ୍‌ସନ୍ ରେ ସୁସଜ୍ଜ ।



THE ALL-NEW pulsar N150
DEFINITELY MALE

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

14.5 PS ପାୱର୍

LED ପ୍ରୋଜେକ୍ଟର୍ ହେଡ୍‌ଲ୍ୟାମ୍ପସ

ନୂଆ ରିଅର୍ ମୋନୋଶକ୍ ସସ୍‌ପେନ୍‌ସନ୍

O&M ODI

72198 21111 | BAJAJ FINANCE LTD - AF | BAJAJ SECURE - AMC - ROAD SIDE ASSISTANCE

ସର୍ତ୍ତ ଓ ନିୟମାବଳୀ ଲାଗିବ । *ପଲ୍‌ସର୍ N150 ପ୍ରକାର ସକାଶେଏକ୍ସ-ଶୋରୁମ୍ ମୂଲ୍ୟ । ବାସ୍ତବିକ କଲର୍ ଆଉ ସହ-ଉପକରଣଗୁଡ଼ିକ ଅଲଗା ହୋଇପାରେ ଅଥବା ମାନକ ଉପକରଣଙ୍କ ଅଂଶ ହୋଇନପାରେ । ନିର୍ଦ୍ଦିଷ୍ଟ ମଡେଲସବୁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ AMC ଉପଲବ୍ଧ । ଅଧିକ ବିବରଣୀ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Balugaon** BHARAT BAJAJ 7381099441 • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Cuttack: Badambadi SURAJ BAJAJ 8093066603** • **Rahama** MAITREE BAJAJ 9668801781, **Nayagarh MSB BAJAJ 7790048130** • **Rajsunakhala MSB BAJAJ 9668820967** • **Daspalla MSB BAJAJ 7873925390** • **Phulbani MSB BAJAJ 8917341979** • **Keonjhar JR BAJAJ 9937697094 / 9439008692**• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Chandikhole** TARINI BAJAJ 9937310800. **Authorised Service Centre: Balianta 7978570067**, Balipatna 9861061389, **Khurda** 9937785586 **Jatni** 8339062656, **Ersama** 8018800801, **Jagamara 9777042612, Sundarpada 9777042612, Iginia** 7064422415, **Nimapada 9437030368, Charichak 8018881850, Kakatpur 9776125534, Tangi** 8984562569, **Phulnakhara 9437410737, Niali 9437511829, Choudwar 7735864350, Salepur** 9040452661, **Jagatsinghpur** 9437273939, **Balikuda 9777683351, JajpurTown** 9937888777, **Bhuban 9438570111, Rasol 9938656276/9937513419, Kuakhia** 9937312014, **Chhatia** 9040084846, **Kamakhayanagar 9437079287, Barbil** 9437086335, **Jashipur 9437443161/8117041821. Dhenkikote** 9437598479 **Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9178494430, **Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576, Athgarh** 9937289417, **Bidharpur** 7008503281, **Banki 7978336450, Rambha** 7381099445. **Narsinghpur** 7978288573, **Badamba 9937643504 Adaspur** 9439735529, **Pattamundai** 7064987720, **Balikuda** 9861130954, **Kendrapara** 7008576945, **Nischintakoili** 8917622159